

ଅଭିଷେକ ହେଲେ ନମ୍ବର ୧ ଟି-୨୦ ବ୍ୟାଟର
ପୃଷ୍ଠା ୬



# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 130 | ଭାଗ ୩୩ | ସଂଖ୍ୟା ୧୩୦ Bhubaneswar | Thursday 31 July 2025 | Page 8 Rs. 5.00 ● ଭୁବନେଶ୍ୱର ଗୁରୁବାର ୩୧ ଜୁଲାଇ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା





## ଥରିଲା ରୁଷିଆ ଓ ଜାପାନ

### ମାଡ଼ିଆସିଲା ୪ ମିଟର ଉଚ୍ଚର ସୁନାମୀ

**ଟୋକିଓ,୩୦।୭:** ବୁଧବାର ପ୍ରାତଃ ସମୟରେ ରୁଷିଆ ଓ ଜାପାନରେ ବଡ଼ ଧରଣର ଭୂମିକମ୍ପ ଅନୁଭୂତ ହୋଇଛି। ରିକ୍ଟର ସ୍କେଲରେ ଏହି ଭୂମିକମ୍ପର ତୀବ୍ରତା ୮.୭ ବୋଲି ଜଣାଯାଇଛି। ଭୂମିକମ୍ପ ପରେ ଏଠାରେ ବଡ଼ ଧରଣର ସୁନାମି ମଧ୍ୟ ଆସିଛି, ଯାହା ପ୍ରଭାବରେ ପାଖାପାଖି ୧୩ ଫୁଟ ଉଚ୍ଚର ସମୁଦ୍ର ପାଣି ଜନବସତି ଆଡ଼କୁ ମାଡ଼ିଆସିଛି। ରୁଷିଆର କୁରିଲ୍ ଦ୍ୱୀପପୁଞ୍ଜ ଓ ଜାପାନର ବିଶାଳ ଉତ୍ତର ଦ୍ୱୀପ ହୋକାଇଡୋର ଉପକୂଳବର୍ତ୍ତୀ ଅଞ୍ଚଳରେ ଏହି ସୁନାମୀ ଆସିଛି। ଏଥିସହ ଆମେରିକାର କେତେକ ଅଂଶରେ ସୁନାମୀ ନେଇ ମଧ୍ୟ ସତର୍କ ସୂଚନା ଜାରି କରାଯାଇଛି। ଜାପାନ ପାଣିପାଗ ସଂସ୍ଥା ପକ୍ଷରୁ କୁହାଯାଇଛି ଯେ ହୋକାଇଡୋର ପୂର୍ବ ଉପକୂଳରେ ପ୍ରାୟ ୩୦ ସେଣ୍ଟିମିଟର (ପ୍ରାୟ ୧ ଫୁଟ)ର ପ୍ରଥମ ସୁନାମୀ ଲହରୀ ଆସି ନେମୁରୋରେ ପହଞ୍ଚିଥିଲା। ସ୍ଥାନୀୟ ଗଭର୍ଣ୍ଣର ଭାଲେରି ଲିମାରେଙ୍କୋ ଏନେଇ କହିଛନ୍ତି ଯେ ପ୍ରଶାନ୍ତ ମହାସାଗରରେ ରୁଷିଆର କୁରିଲ ଦ୍ୱୀପର ମୁଖ୍ୟ ବସତି ସେଭେରୋ-କୁରିଲସ୍କର ଉପକୂଳବର୍ତ୍ତୀ ଅଞ୍ଚଳରେ ପ୍ରଥମ ସୁନାମୀ ଲହରୀ ପହଞ୍ଚିଥିଲା। କାମଚାକାଠାରେ ୩ରୁ ୪ ମିଟର ଉଚ୍ଚର ସମୁଦ୍ର ଜୁଆର ଆସିଥିବା କୁହାଯାଇଛି। ପୁନର୍ବାର ସୁନାମୀ ଆସିବା ଆଶଙ୍କାରେ ସ୍ଥାନୀୟ ବାସିନ୍ଦାମାନଙ୍କୁ ସୁରକ୍ଷିତ ସ୍ଥାନକୁ ପଠାଇ ଦିଆଯାଇଛି। ରୁଷିଆର ବନ୍ଦର ନଗରୀ ସାଖାଲିନରେ ୨ ହଜାର ଲୋକଙ୍କ ସମେତ ବିଭିନ୍ନ ପ୍ରଭାବିତ ହେବାକୁ ଥିବା ଅଞ୍ଚଳରେ ପ୍ରାୟ ୨୦ ଲକ୍ଷ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି।

**ରିକ୍ଟର ସ୍କେଲରେ ତୀବ୍ରତା ୮.୭**

ସେହିପରି 'ଦି ପ୍ୟାସିଫିକ ସୁନାମୀ ୱାର୍ଣ୍ଣିଂ ସେଣ୍ଟର' ପକ୍ଷରୁ କୁହାଯାଇଛି ଯେ ହାୱାଇ, ଚିଲି, ଜାପାନ ଓ ସୋଲମନ ଦ୍ୱୀପର ଉପକୂଳ ଅଞ୍ଚଳକୁ ସୁନାମୀ ଭୟ ରହିଛି। ଭୂମିକମ୍ପ ଯୋଗୁଁ ସୁନାମୀ ସୃଷ୍ଟି ହୋଇଥିବା ବେଳେ ଏହା ସମସ୍ତ ହାୱାଇ ଦ୍ୱୀପ ଉପକୂଳବର୍ତ୍ତୀ ଅଞ୍ଚଳରେରେ ବ୍ୟାପକ ଘୟକ୍ଷତି ଘଟାଇବାର ଆଶଙ୍କା ➾ପୃଷ୍ଠା-୬

ବନ୍ୟା ସ୍ଥିତି ପରଖିଲେ ମୁଖ୍ୟମନ୍ତ୍ରୀ

# ସପ୍ତାହେ ପାଇଁ ରନ୍ଧାଖାଦ୍ୟ ଦେବାକୁ ନିର୍ଦ୍ଦେଶ



**ଭୁବନେଶ୍ୱର,୩୦।୭(ସଂଚାର ବ୍ୟୁରୋ):** ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆକାଶ ମାର୍ଗରୁ ବନ୍ୟା ପ୍ରଭାବିତ ୩ ଜିଲ୍ଲା ବାଲେଶ୍ୱର, ଭଦ୍ରକ ଓ ଯାଜପୁରର ବନ୍ୟା ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ସ୍ୱତନ୍ତ୍ର ରିଲିଫ କମିଶନର ଦେଓ ରଞ୍ଜନ କୁମାର ସିଂହ ଉପସ୍ଥିତ ଥିଲେ। ପରିସ୍ଥିତି ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଲୋକସେବା ଭବନରେ ବିବୃତି ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ୩ଟି ଜିଲ୍ଲାର ୮ଟି ବ୍ଲକର ୮୧ଟି ଗାଁ ବନ୍ୟାରେ ପ୍ରଭାବିତ ହୋଇଛି। ବାଲେଶ୍ୱରର ୪ଟି ବ୍ଲକ୍ ବସ୍ତା, ବାଲିଆପାଳ, ଭୋଗରାଇ ଓ ଜଳେଶ୍ୱର ଓ ଭଦ୍ରକ ଜିଲ୍ଲାର ଧାମନଗର ଓ ଭଣ୍ଡାରୀପୋଖରୀ ଏବଂ ଯାଜପୁର ଜିଲ୍ଲାର ଯାଜପୁର ଓ ଦଶରଥପୁର ବ୍ଲକ ପ୍ରଭାବିତ ହୋଇଛି। ବନ୍ୟା ଦ୍ୱାରା ପ୍ରାୟ ୩୦ ହଜାର ଲୋକ ପ୍ରଭାବିତ ହୋଇଥିବା ବେଳେ ୫୮୬୯ ଜଣ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ବର୍ତ୍ତମାନ ବିଭିନ୍ନ ନଦୀରେ ଜଳସ୍ତର କମୁଛି।

- ❑ ଜିରୋ କାଜୁଆଲ୍‌ଟିକୁ ଗୁରୁତ୍ୱ
- ❑ ସ୍ଥାନାନ୍ତରିତ ହୋଇଛନ୍ତି ୫୮୬୯
- ❑ ଜଳସ୍ତର କମୁଛି, ପରିସ୍ଥିତି ନିୟନ୍ତ୍ରଣାଧୀନ
- ❑ ୮ ବ୍ଲକ୍, ୮୧ ଗାଁରେ ୩୦ ହଜାର ପ୍ରଭାବିତ
- ❑ କ୍ଷୟକ୍ଷତି ରିପୋର୍ଟ ପରେ ଦିଆଯିବ ସହାୟତା

ବାଲେଶ୍ୱର ଜିଲ୍ଲାର ସୁବର୍ଣ୍ଣରେଖା ଓ ଜଳକା ଆଦି ନଦୀରେ ପାଣି କ୍ରମଶଃ ହ୍ରାସ ପାଉଛି। ବନ୍ୟା ପରିସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ରହିଛି। କେନ୍ଦୁଝର ଓ ଅନ୍ୟ କିଛି ଜିଲ୍ଲାରେ ବନ୍ୟା ହୋଇଥିଲେ ମଧ୍ୟ ଏହାର ବିଶେଷ ପ୍ରଭାବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ବନ୍ୟା ପ୍ରଭାବିତ ଅଞ୍ଚଳର ଲୋକମାନଙ୍କୁ ଶୁଖିଲା ଖାଦ୍ୟ ଓ ଆବଶ୍ୟକ ସ୍ଥଳେ ଗରମ ରନ୍ଧାଖାଦ୍ୟ ପ୍ରଦାନ କରାଯାଉଛି। ଏଥିପାଇଁ ବାଲେଶ୍ୱରରେ ୧୬ଟି, ଭଦ୍ରକରେ ୧୦ଟି ଓ ଯାଜପୁରରେ ୩ଟି ଫ୍ରି-କିଚେନର ବ୍ୟବସ୍ଥା କରାଯାଇଛି। ସମୁଦାୟ ପ୍ରାୟ ୧୦ ହଜାର ପ୍ରଭାବିତ ଲୋକଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଛି ଓ ଆଗାମୀ ୭ ଦିନ ପର୍ଯ୍ୟନ୍ତ ରନ୍ଧାଖାଦ୍ୟ ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ବନ୍ୟା ପରବର୍ତ୍ତୀ ସମୟରେ ଅନେକ ସମସ୍ୟା ଦେଖାଦିଏ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଡାଇରିଆ ରୋଗର ପ୍ରଭାବ ଦେଖାଯିବ, ସେଥିପ୍ରତି ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ଅନେକ ସ୍ଥାନରେ ସାପକାମୁଡ଼ା ପରି ଘଟଣା ଘଟିବାର ଆଶଙ୍କା ଥିବାରୁ ଏଥିପାଇଁ ବ୍ୟାପକ ପରିମାଣରେ ଆଣ୍ଟିଭେନମ୍ ଓ ଅନ୍ୟାନ୍ୟ ଆବଶ୍ୟକ ଔଷଧ ମହଜୁଦ ରଖିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେହିପରି ବନ୍ୟାଞ୍ଚଳ ଲୋକଙ୍କୁ ସହାୟତା ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କ୍ଷୟକ୍ଷତିର




ବିଶେଷକରି ଡାଇରିଆ ଓ ଅନ୍ୟାନ୍ୟ ଜଳବାହିତ ରୋଗର ନିୟନ୍ତ୍ରଣ ପାଇ ଜଳ ଉତ୍ସଗୁଡ଼ିକର ବିଶୁଦ୍ଧକରଣ ଉପରେ ଗୁରୁତ୍ୱ ଦିଆଯାଇଛି। ଏହାକୁ ଜାରି ରଖିବା ପାଇଁ ସ୍ଥାନୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କୌଣସି ପରିସ୍ଥିତିରେ ଯେପରି ତୁରନ୍ତ ଆକଳନ କରି ରିପୋର୍ଟ ଦେବା ପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ରିପୋର୍ଟ ମିଳିବା ପରେ କ୍ଷତିଗ୍ରସ୍ତଙ୍କୁ ଉପଯୁକ୍ତ ସହାୟତା ଯୋଗାଇ ଦିଆଯିବ। ଘରଭଙ୍ଗା ଓ ଗୋ-ସମ୍ପଦର କ୍ଷୟକ୍ଷତି ରିପୋର୍ଟ ମଗାଯିବ। ➾ପୃଷ୍ଠା-୬

ପୁଣି ବଦଳିଲା ବଳଙ୍ଗା ପୀଡ଼ିତାଙ୍କ ବୟାନ

## ତିନି ଦୁର୍ବୃତ୍ତ ଜାଳିବାକୁ ଉଦ୍ୟମ କରିନାହାନ୍ତି !



**ଭୁବନେଶ୍ୱର,୩୦।୭(ସଂଚାର ବ୍ୟୁରୋ):** ପୁଣିଥରେ ବଳଙ୍ଗା ପୀଡ଼ିତାଙ୍କ ବୟାନ ରେକର୍ଡ କରିଛି କ୍ରାଇମ୍ ବ୍ରାଞ୍ଚ୍। ଗତକାଲି ଦିଲ୍ଲୀ ଏମ୍ସରେ ଏକ ଟିମ୍ ଅନ୍ତିମ ଥର ପାଇଁ ବୟାନ ରେକର୍ଡ କରିଛି। ତେବେ ଏଥର ବୟାନରେ ପୁଣିଥରେ ଭିନ୍ନ ତଥ୍ୟ ସାମ୍ନାକୁ ଆସିଛି। ପୂର୍ବରୁ ଭୁବନେଶ୍ୱର ଏମ୍ସରେ ଦେଇଥିବା ବୟାନକୁ ମଧ୍ୟ ସେ ପରିବର୍ତ୍ତନ କରିଥିବାରୁ ପୁନର୍ବାର କ୍ରାଇମ୍‌ବ୍ରାଞ୍ଚ୍ ଦିଲ୍ଲୀ ଯାଇଥିଲା। ତେବେ ସଦ୍ୟ ବୟାନରେ ପୀଡ଼ିତା ଜଣଙ୍କ ଦେଇଥିବା ତଥ୍ୟ ଅନୁସାରେ, ତାଙ୍କୁ ତିନି ଜଣ ଦୁର୍ବୃତ୍ତ କିରାସିନି ଢାଳି ପୋଡ଼ିଦେବାକୁ ଉଦ୍ୟମ କରିଥିବା ନେଇ ଚର୍ଚ୍ଚା ହେଉଥିଲେ ମଧ୍ୟ ଏଥିରେ ସତ୍ୟତା ନାହିଁ। ସେ କଦାପି ତାଙ୍କ ବୟାନରେ ଦୁର୍ବୃତ୍ତମାନେ ତାଙ୍କୁ ଜାଳିଦେବା ସକାଶେ ଉଦ୍ୟମ କରିଥିବା କହିନାହାନ୍ତି। ସେ କେବଳ ପାଣି ଦେବା ସହ ତାଙ୍କୁ ବଞ୍ଚାଇଦେବା ସକାଶେ ନିବେଦନ କରିଥିଲେ ବୋଲି ବୟାନରେ ପୀଡ଼ିତା କହିଛନ୍ତି। ଅର୍ଥାତ୍ ଏହି ଘଟଣାରେ ଯେଉଁ ତିନି ଜଣ ଦୁର୍ବୃତ୍ତଙ୍କୁ ମୁଖ୍ୟ ଅଭିଯୁକ୍ତ ଭାବେ ଧରାଯାଉଥିଲା, ପୀଡ଼ିତା ସେମାନଙ୍କର ଭୂମିକା ଉପରେ ପ୍ରଶ୍ନଚିହ୍ନ ଲଗାଇଛନ୍ତି। ତେବେ ଏନେଇ ଅଧିକ କିଛି ସୂଚନା ମିଳିନଥିବା ବେଳେ ପୀଡ଼ିତାଙ୍କ ସଦ୍ୟ ବୟାନ ମାମଲାକୁ ଗୋଳିଆଘାଣ୍ଟିଆ କରିଦେଇଛି ବୋଲି କହିଲେ ଚଳେ। ଏହି ଘଟଣାକୁ ପାଖାପାଖି ଦୁଇ ସପ୍ତାହ ପୂରିବାକୁ ବସିଥିଲେ ହେଁ ଅଦ୍ୟାବଧି କ୍ରାଇମ୍ ବ୍ରାଞ୍ଚ୍ କୌଣସି ନିଷ୍କର୍ଷରେ ପହଞ୍ଚିପାରିନାହିଁ।

ମାମଲାର ତଦନ୍ତ କରୁଥିବା ଅଧିକାରୀଙ୍କ ସହ ବଳଙ୍ଗା ଥାନାଧିକାରୀ ଓ ଜଣେ ମହିଳା ଡିଏସ୍‌ପି ପୀଡ଼ିତାଙ୍କ ବୟାନ ରେକର୍ଡ କରିଥିଲେ ବୋଲି ପୁରୀ ଏସପି ପିନାକ ➾ପୃଷ୍ଠା-୬

## ଧରାପଡ଼ିଲା ଟ୍ୱିଟ୍ ମାଷ୍ଟରଙ୍କ ଡବଲ ଷ୍ଟାଣ୍ଡାର୍ଡ



**ଭୁବନେଶ୍ୱର,୩୦।୭(ସଂଚାର ବ୍ୟୁରୋ):** ସଂସଦରେ ଚାଲିଥିବା 'ଅପରେସନ ସିନ୍ଦୂର' ସମ୍ପର୍କିତ ସ୍ୱତନ୍ତ୍ର ବିତର୍କ ସମୟରେ ଧରାପଡ଼ିଯାଇଛି ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଡବଲ ଷ୍ଟାଣ୍ଡାର୍ଡ ରାଜନୀତି। ବେଷ୍ଟ

- ଚର୍ଚ୍ଚାରେ ଚଟୁ ଆମିଷ, ବେଷ୍ଟ ନିରାମିଷ ନୀତି
- ଓଡ଼ିଶାରେ ବିରୋଧ, ସଂସଦରେ ସମର୍ଥନ ବର୍ଷା

ଆମିଷ, ଚଟୁ ନିରାମିଷ ନୀତି ଭଳି ରାଜ୍ୟରେ ବିଜେପି ସରକାର ବିରୋଧରେ ପ୍ରତିବାଦ, ସେପଟେ ସଂସଦରେ କିନ୍ତୁ 'ଅପରେସନ ସିନ୍ଦୂର'କୁ ଦଳର ପ୍ରଶଂସା।

ଆଲୋଚନା ପାଇଁ ବିଜେଡି ସାଂସଦଙ୍କୁ ପୂରା ଟ୍ରେନିଂପ୍ରାପ୍ତ ଭାଷଣ ବି ଦିଆଯାଇଛି, ଯେଉଁଥିରେ ବିରୋଧର ଗୋଟିଏ ହେଲେ ଶବ୍ଦ ନାହିଁ। ତେବେ ସାଂସଦ ସସ୍ମିତ ପାତ୍ର ମ୍ୟାନେଜମେଣ୍ଟ ଛାତ୍ର ତ, ସେଥିପାଇଁ କହିବାର ଶୈଳୀ ଶିଖିଛନ୍ତି। ଯେଉଁଥିରେ ସେ କେନ୍ଦ୍ର ସରକାରଙ୍କୁ ଆମେରିକା ରାଷ୍ଟ୍ରପତିଙ୍କ ସମ୍ପର୍କିତ ଏକ ପ୍ରଶ୍ନ କରିଛନ୍ତି। ଅବଶ୍ୟ ଜାଣିଲା ଶୁଣିଲା ଲୋକ ତାଙ୍କ ବାକ୍ୟର ଅର୍ଥ କ'ଣ ଆଉ ଭାବ କ'ଣ ତାହା ଭଲ ଭାବେ ବୁଝୁଛନ୍ତି ବୋଲି ରାଜନୈତିକ ସମୀକ୍ଷକମାନେ କହିଛନ୍ତି। 'ଅପରେସନ ସିନ୍ଦୂର' ଥିଲା ଭାରତର ସାର୍ବଭୌମତ୍ୱ ଓ ସ୍ୱାଭିମାନର ସୁରକ୍ଷାର ପ୍ରତୀକ। ତେଣୁ ଏହାକୁ କେହି ବିରୋଧ କରୁନାହାଁନ୍ତି କି କରିବା ଉଚିତ ମଧ୍ୟ ନୁହେଁ।

କିନ୍ତୁ ବିଜେଡିଠାରୁ ଅନ୍ୟ ବିରୋଧୀ ଦଳ ଭଳି କେନ୍ଦ୍ର ସରକାରଙ୍କୁ କିଛି ପ୍ରଶ୍ନ ଆଶା କରାଯାଉଥିଲା। ଯେମିତିକି ପହଲଗାମ୍‌କୁ ଆତଙ୍କବାଦୀ ଆସିଲେ କେମିତି, ଗୁଇନ୍ଦା ଏହାର ସୁରାକ ପାଇଲାନାହିଁ କାହିଁକି, ଆତଙ୍କବାଦୀ ହମଲା ସମୟରେ ସେଠାରେ କୌଣସି ସୁରକ୍ଷା କର୍ମୀ କାହିଁକି ନଥିଲେ, ଏମିତି କିଛି ପ୍ରଶ୍ନ ବିଜେଡିଠାରୁ ଆଶା କରାଯାଉଥିଲା। କିନ୍ତୁ ସୁବିଧାବାଦୀ ରାଜନୀତିରେ ବିଶ୍ୱାସ କରୁଥିବା ନବୀନ ଏଭଳି ପ୍ରଶ୍ନ ନ କରିବାକୁ ଦଳୀୟ ସାଂସଦମାନଙ୍କୁ ନିର୍ଦ୍ଦେଶ ଦେବା ପଛରେ କି ରହସ୍ୟ ତାହା ରାଜନୈତିକ ପଣ୍ଡିତଙ୍କୁ ଅଛପା ନାହିଁ। ହେଲେ ନବୀନ ନିଜର ସୁରକ୍ଷା ପାଇଁ ପ୍ରତିଦିନ ରାଜ୍ୟବାସୀଙ୍କୁ କାହିଁକି ଧୋକା ଦେଉଛନ୍ତି, ଏହି ପ୍ରଶ୍ନର ଉତ୍ତର ଏବେ ଓଡ଼ିଶାବାସୀ ଜାଣିବାକୁ ଚାହୁଁଛନ୍ତି।

ବିଜେଡି ପ୍ରତିଟି ପ୍ରସଙ୍ଗରେ କେନ୍ଦ୍ରକୁ ସଂସଦରେ ସମର୍ଥନ କରୁଛି। ତେବେ ରାଜ୍ୟରେ ବାଲେଶ୍ୱର ଛାତ୍ରୀ ଆତ୍ମାହୁତି ➾ପୃଷ୍ଠା-୬

ଗଡକରୀଙ୍କୁ ଭେଟିଲେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ

## ବାରିପଦା ସହର ପାଇଁ ଦୁଇଟି ଓଭରବ୍ରିଜ ଦାବି



**ଭୁବନେଶ୍ୱର,୩୦।୭(ସଂଚାର ବ୍ୟୁରୋ):** ବାରିପଦା ସହରର ଟ୍ରାଫିକ ସମସ୍ୟାକୁ ନେଇ କେନ୍ଦ୍ର ସଡକ ପରିବହନ ମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି ରାଜ୍ୟ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର । ଆଗାମୀ ଦିନରେ ବାରିପଦା ସହର ଉତ୍ତର ଓଡିଶାର ଆର୍ଥିକ ଓ ସମାଜିକ ବିକାଶର ପ୍ରମୁଖ ପେଣ୍ଠସ୍ଥଳୀ ହେବାକୁ ଯାଉଛି । କିନ୍ତୁ ବାରିପଦା ସହର ମଧ୍ୟ ଦେଇ ଯାଇଛି ୧୮ ନମ୍ବର ଜାତୀୟ ରାଜପଥ । ଏହାଦ୍ୱାରା ସହରର ଦୁଇଟି ସ୍ଥାନରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି । ଏହାର ସମାଧାନ ପାଇଁ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କେନ୍ଦ୍ର ମନ୍ତ୍ରୀଙ୍କୁ ଏକ ଦାବିପତ୍ର ଦେଇଛନ୍ତି । ପାଲବଣି ବାଇପାସ ଠାରେ ଏକ ଓଭରବ୍ରିଜ ପାଇଁ ଦାବି କରିଛନ୍ତି ନଗର ଉନ୍ନୟନ ମନ୍ତ୍ରୀ। ➾ପୃଷ୍ଠା-୬

- ● ପାଲବଣି ବାଇପାସ ନିକଟରେ ଓଭରବ୍ରିଜ ପ୍ରସ୍ତାବ
- ● ଡାରୋଗାଡାହି ଓ ମୁରଗାବାଡ଼ି ମଧ୍ୟରେ ବିକଳ୍ପ ପ୍ରସ୍ତାବ

## ୨ରେ ଆସିବ ପ୍ରଧାନମନ୍ତ୍ରୀ କିଷାନ କିସ୍ତି



**ନୂଆଦିଲ୍ଲୀ,୩୦।୭:** ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାର ୨୦ତମ କିସ୍ତି ଆସନ୍ତା ୨ ତାରିଖରେ ପ୍ରଦାନ କରାଯିବ। କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନଙ୍କ ଅଧ୍ୟକ୍ଷତାରେ ଆଜି ନୂଆଦିଲ୍ଲୀରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ବୈଠକ ପରେ ଏନେଇ ସୂଚନା ମିଳିଛି। ଉକ୍ତ ବୈଠକରେ କାର୍ଯ୍ୟକ୍ରମର ପ୍ରସ୍ତୁତି ଓ ସର୍ବାଧିକ ସଂଖ୍ୟକ ଚାଷୀଙ୍କ ନିକଟରେ ଏହାର ଲାଭ ପହଞ୍ଚିବା ସୁନିଶ୍ଚିତ କରିବା ପାଇଁ ➾ପୃଷ୍ଠା-୬

## ସରକାରୀ କାର୍ଯ୍ୟାଳୟରେ ଚଳିବନି ପ୍ଲାଷ୍ଟିକ

- ● ନିୟମ ପାଳନ ଲାଗି ସବୁ ବିଭାଗକୁ ଚିଠି
- ● ଚିଠି କଲେ ଅତିରିକ୍ତ ମୁଖ୍ୟ ଶାସନ ସଚିବ



**ଭୁବନେଶ୍ୱର,୩୦।୭(ସଂଚାର ବ୍ୟୁରୋ):** ଏଣିକି ଆଉ ସରକାରୀ କାର୍ଯ୍ୟାଳୟରେ ବ୍ୟବହାର ହୋଇପାରିବନାହିଁ ପ୍ଲାଷ୍ଟିକ ସାମଗ୍ରୀ। ଏହାକୁ କଡ଼ାକଡ଼ି ପାଳନ କରିବା ସକାଶେ ସମସ୍ତ ବିଭାଗୀୟ ମୁଖ୍ୟଙ୍କୁ ଚିଠି କରିଛନ୍ତି ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ। ନିୟମ ଅନୁସାରେ, ଅଫିସରେ ଓ କୌଣସି ବୈଠକରେ ପ୍ଲାଷ୍ଟିକ ପାଣି ବୋତଲ ବାରଣ ବ୍ୟବହାର କରାଯାଇପାରିବ ନାହିଁ। ଏହା ବଦଳରେ ଷ୍ଟିଲ, କପର୍ ଗ୍ଲାସ ବ୍ୟବହାର କରାଯିବ। ଆବଶ୍ୟକ ସ୍ଥଳେ ମାଟି ତିଆରି ପାତ୍ରରେ ପାଣି ରଖାଯିବ। ପ୍ଲାଷ୍ଟିକ୍ ପ୍ଲେଟ କି ଚାମଚରେ ବି ଖାଦ୍ୟ ପରଷାଯିବା ଉପରେ ରୋକ ଲଗାଯାଇଛି। ଏହାଛଡ଼ା ଅଫିସକୁ କେହି ବି ➾ପୃଷ୍ଠା-୬



### କାନ ଡେରିଥା

ବାହାଘର ଯୋଡି ଭାରି ସୁନ୍ଦର
ବିଜେଡି କନିଆ କଂଗ୍ରେସ ବର
କଲ ବଲ ହୁଏ ବିଜେପି ଦଳ
କାଉଣ୍ଟର ପାଇଁ ନାହିଁ ଯେ ବଳ
ଆକ୍ସନ ଶୂନ କଥା ପ୍ରବଳ
ଲୋକେ କହିଲେଣି ଇଏ
ଦୁର୍ବଳ
ପାଣ୍ଡିଆନ ଏବେ ହେଲା
ସବଳ।

■ ଦେବାଶିଷ

# ଖାଦ୍ୟ ସୁରକ୍ଷା ଜଗିଛନ୍ତି ଡେପୁଟେସନ ଅଧିକାରୀ

**ଭୁବନେଶ୍ୱର,୩୦।୭(ସଂଚାର ବ୍ୟୁରୋ):** ରାଜଧାନୀରେ ଖାଦ୍ୟ ସୁରକ୍ଷାକୁ ଜଗିବା ପାଇଁ କେତେକ ଅଧିକାରୀଙ୍କୁ ଡେପୁଟେସନରେ ଅଣାଯାଇଛି। ତେବେ ଯିଏ ଥରେ ଡେପୁଟେସନରେ ଆସୁଛନ୍ତି, ସିଏ ଆଉ ରାଜଧାନୀ ମୋହ ଛାଡ଼ିପାରୁନାହାନ୍ତି। ଏଭଳି ଭାବେ ୧୦ ବର୍ଷ ଧରି କିଛି ଅଧିକାରୀ ରାଜଧାନୀରେ ଖାଦ୍ୟ ଯାଞ୍ଚ କରୁଥିବା ତଥ୍ୟ ଏବେ ପଦାକୁ ଆସିଛି।

- ● ଛାଡୁନି ରାଜଧାନୀ ମୋହ
- ● ବଳ ଦେଉଛନ୍ତି ଏଏସ୍‌ଓ

ମିଳିଥିବା ସୂଚନାନୁଯାୟୀ, ରାଜଧାନୀରେ ଅଧିକ ସଂଖ୍ୟାରେ ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ଆବଶ୍ୟକ ପଡ଼ିବାରୁ ପ୍ରାୟ ୧୦ ବର୍ଷ ତଳେ କଟକରୁ କିଛି ଅଧିକାରୀଙ୍କୁ ଡେପୁଟେସନରେ ଅଣାଯାଇଥିଲା। ହେଲେ ଏହି ଅଧିକାରୀ ଆଉ ନିଜ ମୂଳ ସ୍ଥାନକୁ ଫେରିନଥିଲେ। ରାଜଧାନୀର ମୋହ ନଛାଡ଼ିବାରୁ ସିଏ ଏହିଠାରେ ଗୋଟିଏ ଦଶନ୍ଧି କାଟିସାରିଥିଲେ ମଧ୍ୟ ତାଙ୍କର ଅନ୍ୟତ୍ର ବଦଳି ହେଉନାହିଁ କି ସରକାର ବି ଏଥିପ୍ରତି ନଜର ଦେଉନାହାନ୍ତି।

ତେବେ ସବୁଠାରୁ ବଡ଼ କଥା ହେଉଛି ଯେ




ରାଜଧାନୀରେ ଖାଦ୍ୟ ସୁରକ୍ଷା ଅଧିକାରୀମାନେ କିଭଳି ଖାଦ୍ୟର ମାନ ଯାଞ୍ଚ କରୁଛନ୍ତି, ତାହା ଯେ କେହି ସହଜରେ ଜାଣିପାରିବ। ରାସ୍ତା କଡ଼ରେ ଖୋଲାରେ ଅତ୍ୟନ୍ତ ପୂତିଗନ୍ଧମୟ ପରିବେଶରେ ମାଛ, ମାଂସ, କୁକୁଡ଼ା, ପନିପରିବା, ଫଳ ଆଦି ବିକ୍ରି ହେଉଥିବା ବେଳେ ସହରସାରା ଅପମିଶ୍ରିତ ଓ ନିମ୍ନମାନର ଛେନା, ପନିର, ଘିଅ ହାଉଯାଉ ହେଉଛି। ଫାଷ୍ଟଫୁଡ୍ ଦୋକାନରେ ମିଳୁଥିବା ଟମାଟୋ, ଚିଲି ସସ୍ ଆଦି କଥା ନ କହିଲେ ଭଲ। କିଲୋ ପ୍ରତି ୧୫/୨୦ ଟଙ୍କାରେ ମିଳୁଥିବା ନକଲି ସସ୍‌କୁ ରାଜଧାନୀବାସୀ ଖାଉଛନ୍ତି। ଏହାର ଯାଞ୍ଚ ଦାୟିତ୍ୱରେ ଥିବା ଖାଦ୍ୟ ସୁରକ୍ଷା ଅଧିକାରୀମାନେ ଏଥିପ୍ରତି ଏକପ୍ରକାର ଆଖିବୁଜି ଦେଇଛନ୍ତି ବୋଲି କହିଲେ ଚଳେ।

ନିକଟରେ ରାଜ୍ୟର ବିଭିନ୍ନ ସ୍ଥାନରେ ଝାଡ଼ାବାନ୍ତି ବ୍ୟାପିବା ଓ ଏଥିରେ ସଂଖ୍ୟାଧିକ ଲୋକ ମୃତ୍ୟୁବରଣ କରିବା ପରେ ଖାଦ୍ୟ ସୁରକ୍ଷା ଅଧିକାରୀମାନେ ସକ୍ରିୟ ହୋଇଉଠିଥିଲେ। ବିଭିନ୍ନ ସ୍ଥାନରେ ହୋଟେଲର ଖାଦ୍ୟ ଯାଞ୍ଚ ସହ ପାନୀୟ ଜଳର ଯାଞ୍ଚ ବି କରିଥିଲେ। ହେଲେ ଝାଡ଼ାବାନ୍ତି ମାମଲା ଥଣ୍ଡା ପଡ଼ିବା ପରେ ଏମାନେ ବି କୁମ୍ଭକର୍ଣ୍ଣ ନିଦରେ ଶୋଇପଡ଼ିଥିବା ନେଇ ଆଲୋଚନା ହେଉଛି। ପ୍ରତିଦିନ ସହରସାରା ନିମ୍ନମାନର ଖାଦ୍ୟ ରାସ୍ତାକଡ଼ରେ ବିକ୍ରି ହେଉଥିଲେ ମଧ୍ୟ ଏହାର ଯେଭଳି ଯାଞ୍ଚ ହେବା କଥା, ତାହା ହେଉନାହିଁ।

ହେଉଥିବା ଆଲୋଚନା ଅନୁଯାୟୀ, ଡେପୁଟେସନରେ ଆସି ରାଜଧାନୀରେ ଡେରା ପକାଇଥିବା ଖାଦ୍ୟ ସୁରକ୍ଷା ଅଧିକାରୀଙ୍କୁ ଜଣେ ଏଏସ୍‌ଓ ବଳ ଦେଉଛନ୍ତି। ଏମାନଙ୍କ ମିଳିତ କାରବାର ଯୋଗୁଁ ସହରରେ ଖାଦ୍ୟ ସୁରକ୍ଷା ଅଧିକାରୀଙ୍କୁ ଯେଭଳି ➾ପୃଷ୍ଠା-୬

ସୁଭଦ୍ରା ଯୋଜନା

## ସହାୟତାର ଉପଯୋଗ ଜାଣିବାକୁ ହେବ ସର୍ଭେ




**ଭୁବନେଶ୍ୱର,୩୦।୭(ସଂଚାର ବ୍ୟୁରୋ):** ଆସନ୍ତା ୯ ତାରିଖରେ ସୁଭଦ୍ରା ଯୋଜନାରେ ପରବର୍ତ୍ତୀ କିସ୍ତି ପ୍ରଦାନ କରାଯିବା ସକାଶେ ପୂର୍ବରୁ ସରକାର ଘୋଷଣା କରିସାରିଛନ୍ତି। ଏହି କିସ୍ତି ମିଳିବା ପରେ ଯୋଜନାରେ ନୂଆ ହିତାଧିକାରୀଙ୍କୁ ସାମିଲ୍ କରିବା ସକାଶେ ସୁଭଦ୍ରା ପୋର୍ଟାଲ କାର୍ଯ୍ୟକ୍ଷମ ହେବ। ଏନେଇ ଆଜି ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ୨୧ ବର୍ଷରେ ପହଞ୍ଚିସାରିଥିବା ଯୁବତୀ ଓ ମହିଳାମାନେ ହିତାଧିକାରୀ ଭାବେ ସାମିଲ୍ ହେବା ସକାଶେ ଆବେଦନ କରିପାରିବେ। ଏହାଛଡ଼ା ବିଗତ ଦିନରେ ବାଦ୍ ପଡ଼ିଥିବା ହିତାଧିକାରୀଙ୍କୁ ସାମିଲ୍ କରିବା ସକାଶେ ସର୍ଭେ କରାଯିବ। ଏହା ମାଧ୍ୟମରେ ମଧ୍ୟ ସୁଭଦ୍ରା ଯୋଜନା ବାବଦରେ ମିଳିଥିବା ସହାୟତା ରାଶି ଦୁରୁପଯୋଗ କରିଥିବା ହିତାଧିକାରୀମାନଙ୍କୁ ➾ପୃଷ୍ଠା-୬

# ବର୍ଷାରେ ଭୁଶୁଡ଼ିଲା ଘର, ଅଳ୍ପକେ ବଞ୍ଚିଲେ ପରିବାର



**କେନ୍ଦ୍ରାପଡ଼ା,୩୦।୭(ସଂଚାର ବ୍ୟୁରୋ):** ଡେରାବିଶ ତହସିଲ ଅଧିନସ୍ଥ ବସୂପୁର ପଞ୍ଚାୟତ ଅନ୍ତର୍ଗତ ଭାଣ୍ଡିଲୋ ଗ୍ରାମରେ ଗତ ଦୁଇ ଦିନ ଧରି ଭାରି ମାତ୍ରାରେ ବର୍ଷା ଯୋଗୁଁ ଚାଳ ଛପର ଘରେ ରହୁଥିବା ଏକ ପରିବାରର ମାଟି କାନ୍ଥ ଭୁଶୁଡ଼ି ପଡ଼ିବାରୁ ଘର ଭିତରେ ଥିବା ପରିବାର ଲୋକଙ୍କ ଜୀବନ ଅଳ୍ପକେ ବର୍ତ୍ତି ଯାଇଛି। ସୂଚନା ମୁତାବକ ଭାଣ୍ଡିଲୋ ଗ୍ରାମର ସୁବାସ ଜେନାଙ୍କ ପରିବାରରେ ନିଜେ ସୁବାଷଙ୍କ ସମେତ ସ୍ତ୍ରୀ ଅନ୍ନପୂର୍ଣ୍ଣା ଏବଂ ଦୁଇ ପୁତ୍ର ସହ ଏକ ଚାଳ ଛପର ଘରେ ଦୀର୍ଘ ବର୍ଷ ହେବ ବସ ବାସ କରି ଆସୁଛନ୍ତି। ପୂର୍ବରୁ ସରକାରଙ୍କ କୌଣସି ଆବାସ ଯୋଜନା ସୁବାଷଙ୍କୁ ମିଳିନଥିବା ବେଳେ ସ୍ତ୍ରୀ ଅନ୍ନପୂର୍ଣ୍ଣା ଙ୍କୁ ଚଳିତ ବର୍ଷ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନାରେ ଏକ ନୂତନ ଘର ମିଳିଥିବା ସୂଚନା ମିଳିଛି। କିନ୍ତୁ ଘର ଅଦ୍ୟାବଧି ସମ୍ପୂର୍ଣ୍ଣ ହୋଇ ପାରି ନଥିବାରୁ ସୁବାସ ଏବଂ ପରିବାର ସେହି ପୁରୁଣା ଚାଳ ଛପର ଘରେ ବସ ବାସ କରି ଆସୁଛନ୍ତି। ଦଇବ ଦାଉ ସାଧିଲା ଭଳି ଗତ ଦୁଇ ଦିନ ଧରି ଗ୍ରାମରେ ପ୍ରବଳ ବର୍ଷା ଲାଗି ରହି ଥିବାରୁ ଗତ କାଲି ବିଳମ୍ବିତ ରାତିରେ ଘରର କାନ୍ଥ ଭୁଶୁଡ଼ି ଯିବା ଶବ୍ଦରେ ପରିବାରର ନିଦ ଭାଙ୍ଗି ଯାଇଥିଲା ଏବଂ ସମସ୍ତେ ବାହାରକୁ ଚାଲି ଆସିଥିଲେ ପରେ ସମ୍ପୂର୍ଣ୍ଣ ଘରଟି ତଳକୁ ନଇଁ ପଡ଼ିଥିବା ଦେଖିବାକୁ ମିଳିଛି। ସୁବାସ ଙ୍କ ସ୍ତ୍ରୀ ଅନ୍ନପୂର୍ଣ୍ଣାଙ୍କ କହିବା ମୁତାବକ ଗ୍ରାମରେ ସାହାର୍ଯ୍ୟ ପାଇଁ ଡାକ ପକାଇବାରୁ ପଡୋଶୀ ଆସି ଘରର ଲାଇନ କାଟିବା ସହ ଘରର ରୁଅ ବାଉଁଶ କୁ ଏକ ରଶି ସାହାର୍ଯ୍ୟରେ ପଛରେ ଥିବା ନଡ଼ିଆ ଗଛରେ ବାନ୍ଧିଛନ୍ତି। ଏବେ ପୁରା ପରିବାର ବେସାହାରା ହୋଇ ସେହି ଅଧା ନିର୍ମିତ ଖୋଲା ମେଲା ଆବାସ ଘରେ ଆଶ୍ରୟ ନେଇଛନ୍ତି। ଆଉ କୌଣସି ଉପାୟ ନପାଇ ବର୍ଷା ଦିନେ ଖୋଲା ମେଲା ଘରେ ବାପା, ମା, ଦୁଇ ପୁତ୍ର ସରି ସୂପଙ୍କ ଭୟରେ ଗତ କାଲି ରାତ୍ରି ଠାରୁ ସେଠାରେ ରହୁଛନ୍ତି ବୋଲି ଦୁଃଖର ସହ ପ୍ରକାଶ କରିବା ସହ ସରକାରଙ୍କ କିଛି ଜରୁରୀ କାଳୀନ ସହାୟତା ପାଇଁ ଆଶାବାଦୀ ବୋଲି କହିଛନ୍ତି। ଅନ୍ୟ ପକ୍ଷରେ ଖବର ପାଇ ସ୍ଥାନୀୟ ରତାଦିଆ ଖଣ୍ଡ ସାହିର ରାଜସ୍ୱ ନିରିକ୍ଷକ ଏବଂ ସହ ରାଜସ୍ୱ ନିରିକ୍ଷକ ଗ୍ରାମକୁ ଯାଇ ସୁବାସ ଜେନାଙ୍କ ଭାଙ୍ଗି ଯାଇଥିବା ଘର ନିରୀକ୍ଷଣ କରି ଫେରିଥିବା ସୂଚନା ମିଳିଛି।

## ପ୍ରଧାନମନ୍ତ୍ରୀ ଫସଲ ବୀମା ସମ୍ପର୍କିତ ଆଲୋଚନା



**କେନ୍ଦ୍ରାପଡା,୩୦।୭(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ପ୍ରାଥମିକ କୃଷି ସମବାୟ ସମିତି କର୍ମଚାରୀ ସଂଘ ପକ୍ଷରୁ କୃଷି ସମବାୟ ସମିତିରେ ପଞ୍ଜିକରଣ ହେଉଥିବା ବିଭିନ୍ନ ଯୋଜନା ସଂପର୍କରେ ବିଆରସିଏସ ପ୍ରଭାକର ନାୟକ ଓ ଏଆରସିଏସ୍ ଯୋଗେନ୍ଦ୍ର ବିଶ୍ୱାଳଙ୍କ ସହିତ ଆଲୋଚନା କରାଯାଇଛି। ପ୍ୟାକ୍ସ ସଂଘର ସଭାପତି ବୈରାଗୀ ଚରଣ ସାହୁଙ୍କ ତତ୍ୱାବଧାନରେ ଆୟୋଜିତ ଏହି ଆଲୋଚନା ଚକ୍ରରେ ଚିଦାନନ୍ଦ ଦାସ, ଅସିତ କୁମାର ବେହୁରିଆ, ସୁବୋଧ କୁମାର ଲେଙ୍କା, ଗୌରାଙ୍ଗ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ସଂପାଦକ ମାନଙ୍କର କ୍ୟାଡର ରୁଲ, ଧାନ ପଞ୍ଜିକରଣ ସମସ୍ୟା, ପ୍ରଧାନମନ୍ତ୍ରୀ ଫସଲ ବୀମା ସମସ୍ୟା ଓ ପ୍ୟାକ୍ସର ଅନ୍ୟାନ୍ୟ ଯୋଜନା ଗୁଡିକ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ଏହାକୁ ସମାଧାନ କରିବା ପାଇଁ ଉଦ୍ୟମ କରାଯାଇଛି। ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ପ୍ରଶାନ୍ତ କୁମାର ସ୍ୱାଇଁ, ମନୋରଞ୍ଜନ ସାହୁ, ସୁବ୍ରତ କୁମାର ନାୟକ, ବିଜୟ କୁମାର ବାରିକ, ଶ୍ରୀକାନ୍ତ କୁମାର ସେଠୀ, ଅଜିତ ବନ୍ଧୁ ସାମନ୍ତରାୟ ପମୁଖ ଉପସ୍ଥିତ ଥିଲେ।

## ଅଗ୍ନିବିପନ୍ନ ପରିବାରକୁ ବହୁମୁଖୀ ଯୁବ ସମାଜ ଚାରିଟେବୁଲ ଟ୍ରଷ୍ଟର ସହାୟତା

**କାକଟପୁର/ଅସ୍ତରଙ୍ଗ,୩୦।୭(ସଂଚାର ବ୍ୟୁରୋ):** ଗତ ୨୩ତାରିଖ ରାତିରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ତହସିଲ ଅଧୀନ ଉଦୟକଣି ଗ୍ରାମର କପିଳେନ୍ଦ୍ର କାଣ୍ଡି ଙ୍କ ଘର କୌଣସି କାରଣ ବଶତଃ ଅଗ୍ନିକାଣ୍ଡ ରେ ପୋଡି ପାଉଁଶ ହୋଇଥିଲା ୩ବଖରା ଚାଳ ଘର। ଏହି ଅଗ୍ନିକାଣ୍ଡ ରେ ସମସ୍ତ ଆସବାବପତ୍ର ସମେତ ସ୍କୁଟି, ସାଇକେଲ ଓ ଝିଅ ବାହାଘର ପାଇଁ ରଖିଥିବା ସୁନା ଅଳଙ୍କାର ଜଳି ପାଉଁଶ ହୋଇଗଲା। ସର୍ବସ୍ୱ ହରାଇ ନିଜ ପରିବାର କୁ ନେଇ ଅସହାୟ ଅବସ୍ଥାରେ ଜୀବନ ନିର୍ବାହ କରିଛନ୍ତି କପିଳେନ୍ଦ୍ର। ଏହି ବିପନ୍ନ ପରିବାର କୁ ପୁରୀ ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ବହୁମୁଖୀ ଯୁବ ସମାଜ ଚାରି ଟେବୁଲ ଟ୍ରଷ୍ଟ ତରଫରୁ ପୁରୀ ଜିଲ୍ଲା ସଭାପତି ସୁଶାନ୍ତ ପରିଡା, ଉପସଭାପତି ସୁବାସ ବେହୁରା, ଜିଲ୍ଲା ସମ୍ପାଦକ ବିଶ୍ୱଜିତି ବିଶ୍ୱାଳ, ସହ ସମ୍ପାଦକ ବିଚିତ୍ର ଓଝା, ସୁଭାଶିଷ ମିଶ୍ର ସମେତ ଟ୍ରଷ୍ଟ କର୍ମକର୍ତ୍ତା ପହଂଚି ନିତ୍ୟ ବ୍ୟବହାର୍ଯ୍ୟ ରୋଷେଇ ପାଇଁ ବ୍ୟବହୃତ ସାମଗ୍ରୀ, ଶୁଖିଲା ଖାଦ୍ୟ, ସପ, ବସ୍ତ୍ର ଇତ୍ୟାଦି ପ୍ରଦାନ କରି ଅଗ୍ନି ବିପନ୍ନ ପରିବାର ବର୍ଗକୁ ସମବେଦନା ଜଣାଇଥିଲେ।

### ଢଳେଇ ରାସ୍ତାରେ ପାଣି ଜମିବା ଘଟଣା

## ସ୍ଥିତି ପରଖିଲେ ତହସିଲଦାର, ସମାଧାନ ପାଇଁ କଲେ ଆଲୋଚନା



**ମହାକାଳପଡ଼ା,୩୦।୭(ସଂଚାର ବ୍ୟୁରୋ):** ଢଳେଇ ରାସ୍ତା ଉପରେ ଲହଡ଼ି ମାରୁଛି ନର୍ଦ୍ଦମା ପାଣି। ଜଳନିଷ୍କାସନ ହୋଇ ନପାରିବାରୁ ପାଣି ଜମି ଲୋକେ ହନ୍ତସନ୍ତ ହେଉଥିଲେ। ଏନେଇ ସଂଚାର ରେ ଖବର ପ୍ରକାଶ ପରେ ତତ୍ପରତା ଦେଖାଇଛି ପ୍ରଶାସନ। ଆଜି ମହାକାଳପଡ଼ା ତହସିଲଦାର ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରି ପଦକ୍ଷେପ ପାଇଁ ଆଲୋଚନା କରିଛନ୍ତି। ତୁରନ୍ତ ଏହାର ସମାଧାନ ହେବ। ସୂଚନା ମୁତାବକ ମହାକାଳପଡା ବ୍ଲକ ବାରଡାଙ୍ଗ ପଞ୍ଚାୟତ ଅନ୍ତର୍ଗତ ପାରେଶ୍ୱରପୁର ଗ୍ରାମର ରାସ୍ତା ଉପରେ ନର୍ଦ୍ଦମା ପାଣି ଲହଡ଼ି ମାରୁଛି। ଦୀର୍ଘ ୧୦ ବର୍ଷ ଧରି ଦୁଇ ପଟରେ ଜଳନିଷ୍କାସନ ପଥ ଅବରୋଧ ହୋଇଥିବାରୁ ଜଳ ନିଷ୍କାସନ ହୋଇ ନପାରି ରାସ୍ତା ଉପରେ ଲହଡ଼ି ମାରୁଛି ପାଣି। କୁନି କୁନି ପିଲାମାନେ ଏହି ନର୍ଦ୍ଦମା ପାଣିରେ ପଶି ପାଠ ପଢ଼ିବାକୁ ଯାଉଛନ୍ତି। ଯାହା ସେମାନଙ୍କ ସ୍ୱାସ୍ଥ୍ୟକୁ ନେଇ ଆଶଙ୍କା ସୃଷ୍ଟି ହୋଇଛି। ତୁରନ୍ତ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଜଳନିଷ୍କାସନ ପାଇଁ ବ୍ୟବସ୍ଥା କରିବାକୁ ଗ୍ରାମବାସୀ ଦାବି କରିବା ପରେ ଦୈନିକ ଖବରକାଗଜ ସଂଚାର ରେ ତା ୨୯ ଜୁଲାଇରେ 'ରାସ୍ତାରେ ଲହଡ଼ି ମାରୁଛି ନର୍ଦ୍ଦମା ପାଣି' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶ ପରେ ଆଜି ତହସିଲଦାର ଶିବ ମଲ୍ଲୀକ ସ୍ଥାନୀୟ ସରପଞ୍ଚ ଅରବିନ୍ଦ ରାଉତରାୟ ଙ୍କ ସହିତ ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ରାସ୍ତାର ଉଭୟ ପାର୍ଶ୍ୱରେ ମାଟି ବନ୍ଧ ଥିବାରୁ ପାଣି ନିଷ୍କାସନ ହୋଇ ପାରୁନାହିଁ। ଏନେଇ ତହସିଲଦାର ମହାକାଳପଡ଼ା ବିଡ଼ିଓ ଙ୍କୁ ଜଣାଇବା ସହିତ ଆରଡ଼ି ବିଭାଗର ଯନ୍ତ୍ରୀ ଜ୍ଞାନେନ୍ଦୁ ଦାସ୍ ଙ୍କୁ ଅବଗତ କରାଇଥିଲେ। ପମ୍ପ ଯୋଗେ ପାଣି ନିଷ୍କାସନ କରାଯାଇ ଖାଲୁଆ ଥିବା ରାସ୍ତାକୁ କଂକ୍ରିଟ କରି ଉଚ୍ଚା କରି ତାହାର ସ୍ଥାୟୀ ସମାଧାନ ହେବାକୁ ଯୋଜନା କରାଯିବ। ତତସହିତ ସେଠାରେ କେତେ ଜମି ସରକାରୀ ରାସ୍ତା ଅଧୀନରେ ରହିଛି ତାହାର ମାପ କରିବାକୁ ଆସନ୍ତାକାଲି ଅମିନ ପଠାଇ ମାପ କରାଯିବ। ସରକାରୀ ଜମି ରେ ବନ୍ଧ ଥିଲେ ତାହର ଉଚ୍ଛେଦ ପ୍ରକ୍ରିୟା ପାଇଁ ବ୍ୟବସ୍ଥା କରାଯିବ ବୋଲି ତହସିଲଦାର ଶିବ ମଲ୍ଲିକ ସୂଚନା ଦେଇଛନ୍ତି।

ସଂଚାର ପ୍ରଭାବ

## ଜିଲ୍ଲାପାଳଙ୍କୁ ଭେଟିଲେ ଜିଲ୍ଲାର ବ୍ଲକ ଅଧ୍ୟକ୍ଷ



**କେନ୍ଦ୍ରାପଡା,୩୦।୭ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାର ସମସ୍ତ ବ୍ଲକ ଅଧକ୍ଷ ମାନେ ନୂତନ ଜିଲ୍ଲାପାଳଙ୍କୁ ଭେଟି ସମ୍ବର୍ଦ୍ଧନା ଦେବା ସହ ବ୍ଲକର ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରିଥିଲେ। ଗରଦପୁର ବ୍ଲକ ଅଧକ୍ଷ ଅଭୟ କୁମାର ମହାରାଜଙ୍କ ନେତୃତ୍ୱରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ ଜିଲ୍ଲା ପରିଷଦ ଅଧକ୍ଷା ଲିଳିତା ଦାସ, ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ରଶ୍ମିତ ସେଠୀ, ମଧୁସ୍ମିତା ସାମଲ, ମୀରାରାଣୀ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ବ୍ଲକର ଉନ୍ନୟନ ମୂଳକ କାର୍ଯ୍ୟ ଓ ନୂତନ ଯୋଜନା ସଂପର୍କରେ ଆଲୋଚନା କରିଥିଲେ।

## ସାଧାରଣ ପର୍ଯ୍ୟଟକଙ୍କ ପାଇଁ କାଲିଠୁ ଖୋଲିବ ଭିତରକନିକା ଜାତୀୟ ଉଦ୍ୟାନ




**କେନ୍ଦ୍ରାପଡା,୩୦।୭ (ସଂଚାର ବ୍ୟୁରୋ):** ଭିତରକନିକାର ବିରଳ ବଉଳା କୁମ୍ଭୀରଙ୍କ ପ୍ରଜନନ ପାଇଁ ଗତ ମେ ପହିଲାରୁ ଜୁଲାଇ ୩୧ ତାରିଖ ଯାଏଁ ଭିତରକନିକା ଜାତୀୟ ଉଦ୍ୟାନକୁ ବନ୍ଦ କରାଯାଇଥିଲା। ଏହି ପ୍ରକ୍ରିୟା ସରିବା ପରେ ସାଧାରଣ ପର୍ଯ୍ୟଟକଙ୍କ ପାଇଁ ଜାତୀୟ ଉଦ୍ୟାନ ଖୋଲିବାକୁ ଯାଉଛି। ପୂର୍ବବର୍ଷ ଭଳି ଗୁପ୍ତି, ଖୋଲା ଓ ଡାଙ୍ଗମାଳରୁ ପର୍ଯ୍ୟଟକମାନେ ନୌବିହାର କରିପାରିବା ସହ ରାତ୍ରିଯାପନ କରିପାରିବେ। ଭିତରକନିକାରେ ପର୍ଯ୍ୟଟକଙ୍କ ଭ୍ରମଣଲାଗି ବ୍ୟାପକ ବନ୍ଦୋବସ୍ତ କରାଯାଇଥିବା ନେଇ ରାଜନଗର ବନଖଣ୍ଡ ଅଧିକାରୀ ସୁଦର୍ଶନ ଗୋପୀନାଥ ଯାଦବ ସୂଚନା ଦେଇଛନ୍ତି ।

## ୨ରେ କେନ୍ଦ୍ରାପଡ଼ାର ସମସ୍ତ ଡାକ ଘର ବନ୍ଦ ରହିବ

**କେନ୍ଦ୍ରାପଡ଼ା,୩୦।୭(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ମୁଖ୍ୟ ଡାକ ଘର ସମେତ ଏହାର ଅଧୀନରେ ଥିବା ସମସ୍ତ ଉପ ଡାକଘର ଓ ଶାଖା ଡାକଘର ଆସନ୍ତା ୨ ଅଗଷ୍ଟ ଶନିବାର ଦିନ ସମସ୍ତ ଡାକ ସେବା ବନ୍ଦ ରହିବ। କେନ୍ଦ୍ରାପଡ଼ା ଡାକ ମଣ୍ଡଳର ଡାକ ଅଧିକ୍ଷକ ଦେବ ପ୍ରସାଦ ଶତପଥୀଙ୍କ ସୂଚନା ମୁତାବକ, ପୂର୍ବରୁ ବ୍ୟବହାର କରାଯାଉଥିବା ସାପ ସଫ୍ଟୱେର ବଦଳରେ ଡାକ ବିଭାଗ ନିଜସ୍ୱ ଜ୍ଞାନକୌଶଳରେ ଆଇଟି ୨.୦ ସଫ୍ଟୱେର ପ୍ରଚଳନ କରିବାକୁ ଯାଉଛି। ଆସନ୍ତା ୪ ଅଗଷ୍ଟରେ ଏହି ସଫ୍ଟୱେର କେନ୍ଦ୍ରାପଡ଼ା ମୁଖ୍ୟ ଡାକ ଘର ସମେତ ଏହାର ଅନ୍ତର୍ଗତ ସମସ୍ତ ଉପ ଡାକ ଘର ଏବଂ ଶାଖା ଡାକ ଘରରେ ପ୍ରଚଳିତ କରିବାକୁ ବିଭାଗ ନିର୍ଦ୍ଦେଶନାମା ଜାରୀ କରିଛି। ଏ ନେଇ କେନ୍ଦ୍ରାପଡ଼ା ଡାକ ମଣ୍ଡଳ ପକ୍ଷରୁ ସମସ୍ତ ପ୍ରାକ ପ୍ରସ୍ତୁତି ଶେଷ ହୋଇଛି। ଆସନ୍ତା ୪ ଅଗଷ୍ଟ ରୁ ଆଇଟି ୨.୦ ସଫ୍ଟୱେର କାର୍ଯ୍ୟକ୍ଷମ ହେବ। ଏଣୁ ବିଭାଗର ନିର୍ଦ୍ଦେଶକ୍ରମେ ବୈଷୟିକ କାରଣରୁ ଆସନ୍ତା ୨ ଅଗଷ୍ଟ ଅର୍ଥାତ ଶନିବାର ଦିନ ଡାକ ସେବା ବନ୍ଦ ରହିବ। ଜନସାଧାରଣ ସମେତ ସମସ୍ତ ଗ୍ରାହକ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ଓ ଅନୁଷ୍ଠାନ ସହଯୋଗ କରିବାକୁ କେନ୍ଦ୍ରାପଡ଼ା ଡାକ ମଣ୍ଡଳ ତରଫରୁ ଅନୁରୋଧ କରାଯାଇଛି।




## ଜିଲ୍ଲା ସଡ଼କ ନିରାପତ୍ତା କମିଟି ବୈଠକ ଅନୁଷ୍ଠିତ



**କେନ୍ଦ୍ରାପଡ଼ା,୩୦।୭(ସଂଚାର ବ୍ୟୁରୋ):** ଆଜି ଜିଲ୍ଲା ସ୍ତରୀୟ ସଡ଼କ ନିରାପତ୍ତା ବୈଠକ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଙ୍କ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲିକ ବୈଠକରେ ଅଧକ୍ଷତା କରିଥିଲେ। ଅନ୍ୟ ମାନଙ୍କ ମଧରେ ଆଞ୍ଚଳିକ ପରିବହନ ଅଧିକାରୀ ଧୀରେନ୍ଦ୍ର କୁମାର ନାୟକ, ରାସ୍ତା ଓ କୋଠାବାଡି ବିଭାଗର (୧) ସହକାରୀ ଯନ୍ତ୍ରୀ ସିଦ୍ଧାର୍ଥ ଶଙ୍କର ଜେନା, ଘରୋଇ ବସ ସଂଘର ଆର ଆର ଦାସ, ଓଡିଶା ରାଜ୍ୟ ସଡକ ପରିବହନର ଆସିଷ୍ଟାଣ୍ଟ ମ୍ୟାନେଜର ଶଶୀକାନ୍ତ ସାହୁ, ଡିଏସପିଇ ଡିଆଇବି ଲକ୍ଷ୍ମୀ ନାରାୟଣ ତିୱାରୀ, କେନ୍ଦ୍ରାପଡ଼ା ପୌରପାଳିକାର ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ପ୍ରସାଦ ଗିରି, ଜାତୀୟ ରାଜପଥର ସୁଜିତ କୁମାର ସ୍ୱାଇଁ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ(ପରିବାର କଲ୍ୟାଣ) ଡ.ସଚ୍ଚିଦାନନ୍ଦ ମିଶ୍ର ପ୍ରମୁଖ ଉପସ୍ଥିତ ରହି ବୈଠକରେ ମତ ରଖିଥିଲେ। ବୈଠକରେ ଦ୍ରୁତ ଗାଡି ଚାଳନ, ଓଭର ଲୋଡିଂ, ହେଲମେଟ ଚେକିଂ, ହମ୍ପ ନିର୍ମାଣ, ସାଇନ ବୋର୍ଡ, ଇତ୍ୟାଦି ବିଷୟରେ ଆଲୋଚନା ହେବା ସହିତ ଜନସାଧାରଣ ଭୟ ନ କରି ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କୁ ତୁରନ୍ତ ହସ୍ପିଟାଲରେ ପହଞ୍ଚାଇବାକୁ ଗୁରୁତ୍ୱ ଦିଆଯାଇଛି। ବିଦ୍ୟାଳୟ, ମହାବିଦ୍ୟାଳୟ ବ୍ୟତୀତ ସାଧାରଣ ଜନତାକୁ ସଡକ ସୁରକ୍ଷା ଉପରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବାକୁ ଅତିରିକ୍ତ ଜିଲ୍ଲାପାଳ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାଛଡା ଅମାନିଆ ଗାଡି ଚାଳକଙ୍କ ପ୍ରତି ଦୃଷ୍ଟି ଦେଇ ତାଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ପରିବହନ ବିଭାଗର ସୂଚନା ମୁତାବକ ଚଳିତ ବର୍ଷ ଜାନୁଆରୀ ମାସରୁ ଜୁନ ମାସ ମଧରେ ଦ୍ରୁତ ଗାଡି ଚାଳନା ପାଇଁ ୩୯୭ ଜଣଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯାଇଛି। ସେହିପରି ଓଭର ଲୋଡିଂ ପାଇଁ ୪୪, ମଦ ପିଇ ଗାଡି ଚାଳନା ପାଇଁ ୬୭ ଜଣ, ଗାଡି ଚାଳନା ସମୟରେ ଫୋନର ବ୍ୟବହାର ପାଇଁ ୧୯ ଜଣଙ୍କ, ବିନା ହେଲମେଟ ପାଇଁ ୧୪୩ ଜଣଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯାଇଛି।

## ବିଷ ପିଇ ଜୀବନ ହାରିଲେ ବୃଦ୍ଧ ଦମ୍ପତି



### ହତ୍ୟା ଅଭିଯୋଗ ଆଣିଲା ଝିଅ

**କେନ୍ଦ୍ରାପଡ଼ା, ୩୦।୭ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ଥାନା ବଡ଼କୂଳ ଗାଁରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି। ଏହି ଗାଁରେ ବୃଦ୍ଧ ଦମ୍ପତି ବିଷ ପିଇ ଜୀବନ ହାରିଦେଇଛନ୍ତି। ତେବେ ବୃଦ୍ଧାଙ୍କ ମୃତ୍ୟୁ ଗାଁରେ ହୋଇଥିବାବେଳେ ବୃଦ୍ଧଙ୍କ ମୃତ୍ୟୁ କଟକ ବଡ଼ ମେଡିକାଲରେ ହୋଇଛି। ପାରିବାରିକ କଳହରୁ ବିଷ ପିଇ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଥିବାବେଳେ ପୁଅବୋହୂ ତାଙ୍କୁ ହତ୍ୟା କରିଥିବା ଝିଅ ଅଭିଯୋଗ ଆଣିଛନ୍ତି। ପୋଲିସ ଘଟଣାର ତଦନ୍ତ କରୁଛି।

## ସ୍ୱଚ୍ଛ ପାନୀୟ ଜଳରୁ ବଞ୍ଚିତ ଗ୍ରାମବାସୀ



**ଆଳି,୩୦।୭(ସଂଚାର ବ୍ୟୁରୋ):** ଆଳି ଥାନା ଅନ୍ତର୍ଗତ ନରେନ୍ଦ୍ରପୁର ପଞ୍ଚାୟତର ଗୋପାଳପୁର ଗ୍ରାମରେ ଦୀର୍ଘ ବର୍ଷ ହେଲା ଲାଗି ରହିଛି ପାନୀୟ ଜଳ ଅସୁବିଧା। ଗାଁରେ ଯୋଉ ନଳକୂପରୁ ଗ୍ରାମବାସୀମାନେ ସ୍ୱଚ୍ଛ ପାନୀୟଜଳ ବ୍ୟବହାର କରୁଥିଲେ। ନଳକୂପ ଗୁଡିକ ଅଚଳ ଅବସ୍ଥାରେ ପଡ଼ିରହିଛି ତ କେଉଁଠି ନଳକୂପରୁ ଦୂଷିତ ପାଣି ଲୁହା କଳଙ୍କି ସହ ବାହାରୁଛି। ଯାହା ଫଳରେ ଲୋକମାନେ ସେଇ ଦୂଷିତ ଜଳକୁ ପାନ କରି ବିଭିନ୍ନ ପ୍ରକାର ପେଟ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଗୋପାଳପୁର, ପାତ୍ରପୁର, କଣ୍ଡିଆ, ଦରଗା ଗଳି ଗ୍ରାମରେ ୧୦୦୦ ପାଖାପାଖି ଲୋକ ବସବାସ କରନ୍ତି। ବନ୍ୟା ସମୟରେ ଗାଁ ଗଣ୍ଡା ବନ୍ୟା ଜଳରେ ବୁଡିଯାଏ। ଲୋକମାନେ ଦୂରକୁ ପାନୀୟ ଜଳ ଆଣିବା ପାଇଁ ଅସୁବିଧାର ସମ୍ମୁଖିନ ହୁଅନ୍ତି। ବାଧ ହୋଇ ବ୍ରାହ୍ମଣୀ ନଦୀ ଜଳକୁ ପିଇବା ସହ ନିଜର ନିତ୍ୟବ୍ୟବହାର୍ଯ୍ୟରେ ଲଗାନ୍ତି। ଦୀର୍ଘ ବର୍ଷ ହେଲା ଗୋପାଳପୁରରେ ପାନୀୟ ଜଳ ଉତ୍କଟ ସମସ୍ୟା ଲାଗି ରହିଅଛି । ଅନେକ ଥର ଗ୍ରାମବାସୀ ପ୍ରଶାସନ ପାଖରେ ଅଭିଯୋଗ କରିବା ପରେ ବି ଗାଁ ରେ ସ୍ୱଚ୍ଛ ପାନୀୟ ଜଳର ବ୍ୟବସ୍ଥା କରାଗଲା ନାହିଁ। ବସୁଧା ଯୋଜନା ପାଣି ଆସିବ ବୋଲି ଗାଁ ମାନଙ୍କରେ ଖୁଣ୍ଟ ପୋତା ହୋଇ ସେମିତି ରହିଛି ଏ ପର୍ଯ୍ୟନ୍ତ ସପ୍ଲାଇ ପାଣିର ବ୍ୟବସ୍ଥା ହୋଇ ପାରିଲା ନାହିଁ।ଯଦି ସରକାର ଗୋପାଳପୁର ଗାଁରେ ସ୍ୱଚ୍ଛ ପାନୀୟ ଜଳର ବ୍ୟବସ୍ଥା ନ କରନ୍ତି। ତେବେ ଆଗାମୀ ଦିନକୁ ଗୋପାଳପୁର ଗ୍ରାମବାସୀମାନେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ଆଳିର ୧୦ ପଞ୍ଚାୟତ ବନ୍ୟାଜଳରେ ବନ୍ଦୀ



**କେନ୍ଦ୍ରାପଡ଼ା,୩୦।୭(ସଂଚାର ବ୍ୟୁରୋ):** ଜିଲ୍ଲା ଆଳି ବ୍ଲକରେ ଗୋବିନ୍ଦପୁରରେ ପୁଣି ଦ୍ୱିତୀୟ ପର୍ଯ୍ୟାୟରରେ ବନ୍ୟା ଅଞ୍ଚଳବାସୀଙ୍କୁ ବେହାଲ କରିସାରିଲାଣି। ଲଗାଣ ବର୍ଷା ଯୋଗୁଁ ବ୍ରାହ୍ମଣୀ ଖରସ୍ରୋତା କାଣୀ ନଦୀ ଫୁଲି ରହିଛି। ଧୋଯାଅଞ୍ଚଳର ସବୁ ଗ୍ରାମ ଗୁଡିକ ଜଳମଗ୍ନ ଯୋଗୁଁ ଲୋକମାନେ ଆତଙ୍କିତ ଅବସ୍ଥାରେ ଜୀବନ ଯାପନ କରୁଛନ୍ତି। ଚତୁଃପାର୍ଶ୍ୱରେ ବନ୍ୟା ଜଳମଗ୍ନ ଯୋଗୁଁ ଗୋରୁ ଗାଈ ସେମିତି ଘରେ ପଶି ରହିଛନ୍ତି। ମାନପୁର ଗୋବିନ୍ଦପୁର ମୁଖ୍ୟ ସଡ଼କ ପଥରେ ସାତ,ଆଠ ଫୁଟ ଜଳ ଢେଉ ଖେଳୁଛି। ବିଭିନ୍ନ ପ୍ରକାରର ସରୀସୃପ ଭୟ ତା ସାଙ୍ଗକୁ କୁମ୍ଭୀରର ରାଜୁତ ଲୋକମାନଙ୍କର ଡଙ୍ଗା ଏକମାତ୍ର ଭରଷା ବନ୍ୟା ସମୟରେ,ଡଙ୍ଗା ପାର ହେଲେ ବି ଲୋକମାନଙ୍କୁ ଅଧିକ ମାତ୍ରାରେ ଦେୟ ଦେବାକୁ ପଡୁଛି। ଯାହା ଫଳରେ ଏ ପର୍ଯ୍ୟନ୍ତ ବନ୍ୟା ପ୍ରପୀଡ଼ିତଙ୍କ ପାଖରେ ସରକାରଙ୍କ ତରଫରୁ ରିଲିଫ ପହଞ୍ଚି ପାରିନି। ଗୃହପାଳିତ ପଶୁ ଭୋକରେ ଆଉଟ୍ ପାଉଟ ହେଉଛନ୍ତି ସବୁଆଡେ ପାଣି ଘେରି ରହିଥିବାରୁ।ବନ୍ୟା ସମୀକ୍ଷା କରିବାକୁ ନେତାମାନେ ଆସି ଜଳବନ୍ଦୀ ଅଞ୍ଚଳ ପରିଦର୍ଶନ କରି ଗଲେଣି।ତଥାପି ବନ୍ୟା ପ୍ରପୀଡ଼ିତଙ୍କ ପାଖରେ କୌଣସି ସରକାରୀ ସହାୟତା ପହଞ୍ଚିନି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି।

## ସମ୍ରାଟ ଜେନା ଜାତୀୟ ଯୁବ କଂଗ୍ରେସ ସମ୍ପାଦକ

**ପଟ୍ଟାମୁଣ୍ଡାଇ,୩୦।୭(ସଂଚାର ବ୍ୟୁରୋ):** ରାଜନଗର ନିର୍ବାଚନମଣ୍ଡଳୀର ଟାଣୁଆ ଯୁବନେତା ପଟ୍ଟାମୁଣ୍ଡାଇ ପୌର ପରିଷଦ ୧୫ନଂ ୱାର୍ଡ କାଉନସିଲର ଅଳଭା ଗ୍ରାମର ସମ୍ରାଟ ଜେନାଙ୍କୁ ଅଖିଳ ଭାରତ ଯୁବକଂଗ୍ରେସ ସମ୍ପାଦକ ଭାବେ ଏ ଆଇ ସି ସି ସାଧାରଣ ସମ୍ପାଦକ (ସଂଗଠନ) କେ ସି ବେଣୁଗୋପାଳ ନିଯୁକ୍ତି ଦେଇଛନ୍ତି । ଏଥି ପାଇଁ ପୂର୍ବତନ ବିଧାୟକ ଚିନ୍ମୟ ବେହୁରା, ବରିଷ୍ଠ କଂଗ୍ରେସ ନେତା ରମାକାନ୍ତ ଦାଶ, ପି ସି ସି ସଭ୍ୟ ସଞ୍ଜୟ ରାଉତ, ରାଜନଗର କଂଗ୍ରେସ ପ୍ରାର୍ଥୀ ଅଶୋକ ପଢ଼ିଆରୀ,ଜିଲ୍ଲା ଓ ବି ସି ଅଧକ୍ଷ ମଳୟ ଦାସ, ଦଳିତ ନେତା ସର୍ବେଶ୍ୱର ସେଠୀ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ପ୍ରଭାତ ସେଠୀ, ପୂର୍ବତନ କାଉନସିଲର ଦିଲ୍ଲୀପ ସେଠୀ, ଆଳି ବ୍ଲକ ସଭାପତି ରବୀନ୍ଦ୍ର ବେହେରା ଓ ଯୁବ ନେତା ହେମନ୍ତ ବିଶ୍ୱାଳ ପ୍ରମୁଖ ଲୋକସଭାର ବିରୋଧୀଦଳନେତା ରାହୁଲ ଗାନ୍ଧୀ, ଏ ଆଇ ସି ସି ଅଧକ୍ଷ ଖଡ଼ଗେ, ସାଧାରଣ ସମ୍ପାଦକ କେ ସି ବେଣୁଗୋପାଳ,ଜାତୀୟ ଯୁବ କଂଗ୍ରେସ ସଭାପତି ଉଦୟଭାନୁ ଚେବଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହିତ ବଳିଷ୍ଠ ଯୁବନେତା ଶ୍ରୀଜେନାଙ୍କ ନେତୃତ୍ୱରେ ସାରା ଭାରତ ଓ ଓଡିଶାରେ ଯୁବକଂଗ୍ରେସ ସଂଗଠନ ସୁଦୃଢ ହୋଇପାରିବ ବୋଲି ଆଶା ପ୍ରକାଶ କରିଛନ୍ତି ।

# ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କୁ ମିଳୁନି ପୂର୍ଣ୍ଣାଙ୍ଗ ପେନସନ



ମାର୍ଶାଘାଇ ବ୍ଲକ ଅନ୍ତର୍ଗତ କୁଆଁଳରପାଳ(କ) ପ୍ରାଥମିକ ବିଦ୍ୟାଳୟରୁ ପ୍ରଧାନ ଶିକ୍ଷକ ଭାବେ ଅବସର ନେଇଥିବା ନରେଶ ଚନ୍ଦ୍ର

### ଡିଇଓଙ୍କୁ ଭେଟି କଲେ ଅଭିଯୋଗ

**କେନ୍ଦ୍ରାପଡ଼ା,୩୦।୭(ସଂଚାର ବ୍ୟୁରୋ):** ଦୀର୍ଘ ସମୟ ପିଲାମାନଙ୍କୁ ଶିକ୍ଷା ପ୍ରଦାନ କରିବା ସହ ସରକାରୀ ଚାକିରିରୁ ଅବସର ଗ୍ରହଣ କରିଥିବା ଜଣେ ଶିକ୍ଷକ ଏବେ ନିଜ ପ୍ରାପ୍ୟ ରୁ ବଞ୍ଚିତ ହୋଇଛନ୍ତି । ଏନେଇ ବାରମ୍ବାର ଉପରିସ୍ଥ ଅଧିକାରୀଙ୍କୁ ଅଭିଯୋଗ ସହ ମୁଖ୍ୟମନ୍ତ୍ରୀ ଏବଂ ପ୍ରଧାନମନ୍ତ୍ରୀ ଙ୍କ ନିକଟକୁ ପତ୍ର ମାଧମରେ ଅଭିଯୋଗ ଜଣାଇଥିଲେ । ହେଲେ ମୁଖ୍ୟମନ୍ତ୍ରୀ ଙ୍କ ପ୍ରକଷ୍ଟୋରୁ ଆସିଥିବା ନିର୍ଦ୍ଦେଶ କୁ ଦୀର୍ଘ ଦିନ ବିତିଯାଇଥିଲେ ସୁଦ୍ଧା ତାହାକୁ କାର୍ଯ୍ୟକାରୀ କରାଯାଉନଥିବା ଦେଖାଯାଇଛି । ସବୁଠୁ ବଡ଼ କଥା ହେଉଛି ଉକ୍ତ ଶିକ୍ଷା ବିଭାଗରେ ନିଯୁକ୍ତ ଥିବା ନିର୍ଦ୍ଦିଷ୍ଟ କିଛି ସରକାରୀ କର୍ମଚାରୀ ଏଥିରେ ମାଷ୍ଟର ମାଇଣ୍ଡ ସାଜି କିଭଳି ଜଣେ ଅବସରପ୍ରାପ୍ତ ଶିକ୍ଷକ ନିଜ ପେନସନ ଅର୍ଥରାଶି ରୁ ବଞ୍ଚିତ ହେବ ସେନେଇ ପୁରା ଉଦ୍ୟମ ଲଗାଇଛନ୍ତି! ଯାହାର ଉଦାହରଣ କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ବ୍ଲକ ଅନ୍ତର୍ଗତ କୁଆଁଳରପାଳ(କ) ପ୍ରାଥମିକ ବିଦ୍ୟାଳୟରୁ ପ୍ରଧାନ ଶିକ୍ଷକ ଭାବେ ଅବସର ନେଇଥିବା ନରେଶ ଚନ୍ଦ୍ର ଲେଙ୍କାଙ୍କ କ୍ଷେତ୍ରରେ ଆସିଛି । ତାଙ୍କର ପୂର୍ଣ୍ଣାଙ୍ଗ ପେନସନ ଦୀର୍ଘଦିନ ବିତିଗଲା ଏପର୍ଯ୍ୟନ୍ତ ମିଳୁନାହିଁ । ଏ ନେଇ ଯେଉଁ ସରକାରୀ ପ୍ରକ୍ରିୟା ରହିଛି ତାହାକୁ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର କର୍ମଚାରୀ ମାନେ କରୁନାହାଁନ୍ତି । ପ୍ରଧାନ ଶିକ୍ଷକ ଏ ନେଇ କାର୍ଯ୍ୟାଳୟର କର୍ମଚାରୀଙ୍କୁ କହିଲେ ସେମାନେ କହୁଛନ୍ତି ବ୍ଲକ ଶିକ୍ଷାଧିକାରୀ ପ୍ରଫୁଲ୍ଲ କୁମାର ସ୍ୱାଇଁ ଏଥିରେ ପ୍ରତିବନ୍ଧକ ସୃଷ୍ଟି କରୁଛନ୍ତି । ସେଥିପାଇଁ ଆମେ ଫାଇଲ ପ୍ରୋସେସିଂ କରୁନାହୁଁ । ବ୍ଲକ ଶିକ୍ଷାଧିକାରୀଙ୍କୁ ଶ୍ରୀ ଲେଙ୍କା ଭେଟି କାକୁତି ମିନତି ହୋଇ ଗୁହାରୀ କରିଛନ୍ତି । ହେଲେ ସେ କିଛି ଶୁଣୁ ନାହାଁନ୍ତି । ତେଣୁ ବାଧହୋଇ ସେ ନୂତନ ଜିଲା ଶିକ୍ଷାଧିକାରୀ(ଡିଇଓ) ପବିତ୍ର ମୋହନ ବାରିକଙ୍କୁ ଭେଟି ଗୁହାରୀ କରିଛନ୍ତି । ଶିକ୍ଷକ ଶ୍ରୀ ଲେଙ୍କା କହିଛନ୍ତି ପୂର୍ବରୁ ଥିବା ଜିଲା ଶିକ୍ଷାଧିକାରୀ ବସନ୍ତ କୁମାର ନାୟକ ଓ ବ୍ଲକ ଶିକ୍ଷାଧିକାରୀ ପ୍ରଫୁଲ୍ଲ କୁମାର ସ୍ୱାଇଁ ତାଙ୍କୁ ମାର୍ଶାଘାଇ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଲିଖିତ ପ୍ରତିଶ୍ରୁତି ଦେଇଥିଲେ ଏକ ମାସ ମଧ୍ୟରେ ସେବା ପୁସ୍ତିକାକୁ ଅନଲାଇନ୍ ପୋର୍ଟାଲରେ ଅପଡେଟ କରିବେ । ଯାହା ଫଳରେ ଶ୍ରୀଲେଙ୍କା ତାଙ୍କ ବକେୟା ଥିବା ଦରମା ପାଇ ପାରିବେ । ହେଲେ ଗତ ୧୫ ତାରିଖରେ ଏକ ମାସ ପୁରିଗଲା । କିନ୍ତୁ ପୂର୍ବତନ ଜିଲା ଶିକ୍ଷାଧିକାରୀ ବସନ୍ତ କୁମାର ନାୟକଙ୍କର ଅନ୍ୟତ୍ର ବଦଳି ହୋଇଗଲା । ଏହାଦ୍ୱାରା ଶିକ୍ଷକ ଶ୍ରୀ ଲେଙ୍କାଙ୍କୁ ଦେଇଥିବା ପ୍ରତିଶ୍ରୁତି ପୂରଣ ହୋଇ ପାରିଲା ନାହିଁ । ଯାହା ଫଳରେ ଶ୍ରୀ ଲେଙ୍କା ବାଧହୋଇ ନୂତନ ଭାବେ ଯୋଗ ଦେଇଥିବା ଜିଲା ଶିକ୍ଷାଧିକାରୀ ପବିତ୍ର ମୋହନ ବାରିକଙ୍କୁ ଭେଟି ନିଜର ଗୁହାରୀ କରିଛନ୍ତି । ଯେଉଁଦିନ ସରକାରୀ କର୍ମଚାରୀ ଅବସର ଗ୍ରହଣ କରିବେ ସେହିଦିନ ସେମାନଙ୍କୁ ପୂର୍ଣ୍ଣାଙ୍ଗ ପେନସନ ମିଳିବ ବୋଲି ସରକାରୀ ନିୟମ ରହିଛି । ହେଲେ ସରକାରୀ ନିୟମ ତାଙ୍କ କ୍ଷେତ୍ରରେ ଲାଗୁ କରାଯାଉନାହିଁ ବୋଲି ସେ କ୍ଷୋଭର ସହ କହିଛନ୍ତି । ସେ କହିଛନ୍ତି ସେ ଜଣେ ମଧୁମେହ ରୋଗୀ । ଏବେ ତାଙ୍କ ଶରୀର ଅସୁସ୍ଥ ଅଛି । ଏହି ଅସ୍ତ୍ରୋପଚାର ପାଇଁ ୩ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ଡାକ୍ତର ପରାମର୍ଶ ଦେଇଛନ୍ତି । ହେଲେ ବକେୟା ଅର୍ଥ ଓ ପୂର୍ଣ୍ଣାଙ୍ଗ ପେନସନ ପାଉ ନଥିବାରୁ ତାଙ୍କ ଅସ୍ତ୍ରୋପଚାର ହୋଇପାରୁନାହିଁ ବୋଲି ସେ କହିଛନ୍ତି । ଏ ସଂକ୍ରାନ୍ତରେ ଶ୍ରୀ ବାରିକଙ୍କୁ ପଚାରିବାରୁ ସେ କହିଲେ ଖୁବଶୀଘ୍ର ଏ ଦିଗରେ ପଦକ୍ଷେପ ଗ୍ରହଣ କରିବେ ।

### ନୂଆ ଦିଶା ପାଇଲା ଏଏସ୍ଇପିଡି ବିଭାଗ

# ନିର୍ଦ୍ଦେଶକ ଦାୟିତ୍ୱ ନେଲେ ପାରୁଲ ପଟୱାରି



**ଭୁବନେଶ୍ୱର,୩୦।୭(ସଂଚାର ବ୍ୟୁରୋ):** ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ (ଏସ୍ଏସ୍ଇପିଡି) ନିର୍ଦ୍ଦେଶକ ଭାବେ ଆଜି ଦାୟିତ୍ୱ ଗ୍ରହଣ କରିଛନ୍ତି ଅନୁଭବୀ ଆଇଏଏସ ଅଫିସର ପାରୁଲ ପଟୱାରି। ନିଜର କର୍ତ୍ତବ୍ୟନିଷ୍ଠା ଓ ସାହସିକତା ପାଇଁ ଜଣାଶୁଣା ପାରୁଲଙ୍କ ଦିଗଦର୍ଶନରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ନୂଆ ଦିଶା ପାଇବ ବୋଲି ଆଶା କରାଯାଉଛି।

ଆଜି ଅତିରିକ୍ତ ସଚିବ ସୋନିଆ ବେହେରା, ବିଭାଗର ଆର୍ଥିକ ପରାମର୍ଶଦାତା ଜୟଶ୍ରୀ ତ୍ରିପାଠୀ, ଅତିରିକ୍ତ ସଚିବ ଭାସ୍କର ରାଉତ ଓ ଦୀପକ ରାଉତରାୟ ପ୍ରମୁଖ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଛନ୍ତି। ଦାୟିତ୍ୱ ନେବା ପରେ ସେ ପ୍ରଥମେ ବିଭାଗର ସବୁ ଅଧିକାରୀ ଓ କର୍ମଚାରୀଙ୍କ ସହ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ଦିଗରେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଓ ଏହାର କାର୍ଯ୍ୟକାରିତା ନେଇ ଆଲୋଚନା କରିଛନ୍ତି। ଏଥିସହିତ ଆଗାମୀ ଦିନରେ ସମସ୍ତେ ନିଷ୍ଠା ଓ ଉତ୍ତରଦାୟିତ୍ୱର ସହ କାମ କରିବାକୁ ସେ ପରାମର୍ଶ ଦେଇଛନ୍ତି।

ରାୟଗଡା ଓ ଜଗତସିଂହପୁରର ଜିଲ୍ଲାପାଳ ସହ ସେ କିଛି ଦିନ ପୂର୍ତ୍ତ ବିଭାଗରେ ନିଜର ଦକ୍ଷତା ପ୍ରତିପାଦିତ କରିଛନ୍ତି। ନିର୍ଭୀକତାର ସହ ରାୟଗଡାରେ କାର୍ଯ୍ୟକାରୀ କରିଥିବା କେତେକ ଉନ୍ନୟନମୂଳକ କାମ ପାଇଁ ଆଜି ବି ଆଦିବାସୀ ଅଧ୍ୟୁଷିତ ଏହି ଜିଲ୍ଲାର ଲୋକେ ତାଙ୍କୁ ଝୁରୁଛନ୍ତି। ୨୦୧୫ ବ୍ୟାଚର ଏହି ଆଇଏଏସ ଅଫିସର ତାଙ୍କ କାର୍ଯ୍ୟଦକ୍ଷତା ପାଇଁ ସବୁବେଳେ ପ୍ରଶଂସିତ ହୋଇଛନ୍ତି। ରାୟଗଡା ଓ ଜଗତସିଂହପୁର ଜିଲ୍ଲାପାଳ ସହ ସେ ଚମ୍ପୁଆ ଉପଜିଲ୍ଲାପାଳ, ଗଞ୍ଜମର ସ୍ୱତନ୍ତ୍ର ଏଡିଏମ, ପୂର୍ତ୍ତ ବିଭାଗରେ ଉପସଚିବ, ପାରାଦ୍ୱୀପ ଉନ୍ନୟନ କର୍ତ୍ତୃପକ୍ଷର ଉପାଧ୍ୟକ୍ଷ ଭାବେ ସଫଳତାର ସହ ଦାୟିତ୍ୱ ତୁଲାଇଛନ୍ତି। ଗଞ୍ଜାମର ସ୍ୱତନ୍ତ୍ର ଏଡିଏମ ଥିବା ସମୟରେ କୋଭିଡ ମୁକାବିଲା ପାଇଁ ସେ ରାଜ୍ୟ ସରକାରଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲେ। କୋଭିଡ ମୁକାବିଲାରେ ସେ ଡାକ୍ତରଙ୍କ ସହ ଦିନରାତି ଏକ କରି କାମ କରିଥିଲେ। ସେ ନିୟମିତ ଭାବେ କୋଭିଡ ସଂକ୍ରମିତଙ୍କୁ ଭେଟିବା ସହ ତାଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ପଚାରି ବୁଝୁଥିଲେ। ସେ ହିଁ କୋଭିଡ ବନ୍ଧୁର କନସେପ୍ଟ ଦେଇଥିଲେ, ଯାହାକୁ ପରବର୍ତ୍ତୀ ସମୟରେ ରାଜ୍ୟ ସରକାର ଅନ୍ୟ ଜିଲ୍ଲାରେ କାର୍ଯ୍ୟରେ ଲଗାଇଥିଲେ।

# ଓଟିଇଟି ପ୍ରଶ୍ନପତ୍ର ଲିକ୍ ଘଟଣା : ୬ ଗିରଫ





**କଟକ,୩୦।୭(ବ୍ୟୁରୋ):** ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଘଟଣାରେ ଆଜି ଏକ ର୍ୟାକେଟକୁ ଠାବ କରିଛି କ୍ରାଇମବ୍ରାଞ୍ଚ। ଏହି ଘଟଣାରେ ୬ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ମୁଖ୍ୟ ଅଭିଯୁକ୍ତ ହେଉଛନ୍ତି ଜିତେନ ମହାରଣା। ସେ ଡାଟା ଏଣ୍ଟ୍ରି ଅପରେଟର ଭାବେ ବୋର୍ଡ ଅଫିସରେ କାର୍ଯ୍ୟ କରନ୍ତି। ତାଙ୍କ ମାଧ୍ୟମରେ ଏହି ପ୍ରଶ୍ନପତ୍ର ଲିକ୍ କରାଯାଇଛି। ପ୍ରଶ୍ନପତ୍ର ଲିକ୍ ପଛରେ ପାଖାପାଖି ଅଢ଼େଇ ଲକ୍ଷ ଟଙ୍କାର କାରବାର ହୋଇଥିବା ଆଜି ଏଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ କ୍ରାଇମବ୍ରାଞ୍ଚ ଏଡିଜି ବିନୟତୋଷ ମିଶ୍ର ସୂଚନା ଦେଇଛନ୍ତି।

ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନା ଅଧୀନ କାଚପଡା ଗ୍ରାମର ଜିତେନ ମହାରଣା, ରାୟଗଡ଼ା ଜିଲ୍ଲା କୁନ୍ଦୁରା ଥାନା ଅଧୀନସ୍ଥ କୋମାସାହିର ଶିକ୍ଷକ ତଥା ଏକ୍ସ କ୍ୟାଡର୍ ଶିକ୍ଷକ ସଂଘ ନେତା ବିଜୟ କୁମାର ମିଶ୍ର, କୋରାପୁଟ ଜିଲ୍ଲା ସାଗରଗୁଡା ଗ୍ରାମର ସନାତନ ବିଶୋୟୀ, କଟକ ଜିଲ୍ଲା ବାଦମବାଡ଼ି ଥାନା ଅଧୀନସ୍ଥ ନାରାୟଣ ଲେନ୍ର ରାମଜୀ ପ୍ରସାଦ ଗୁପ୍ତା, ଗଞ୍ଜାମ ଜିଲ୍ଲା ବୈଦନାଥପୁର ଥାନା ଅଧୀନସ୍ଥ ଲିଙ୍ଗିପଲ୍ଲୀ କେଶବନଗରର ଅଜୟ କୁମାର ସାହୁ ଓ ବାଲେଶ୍ୱର ଜିଲ୍ଲା ରୁପସା ଥାନା ଅଧୀନସ୍ଥ ଜୁକାନନ୍ଦି ଗ୍ରାମର ଜୟନ୍ତ କୁମାର। କ୍ରାଇମବ୍ରାଞ୍ଚ ଏଡିଜି ଶ୍ରୀ ମିଶ୍ର କହିଛନ୍ତି ଯେ ପରୀକ୍ଷା ପୂର୍ବରୁ ଜିତେନ ପ୍ରଥମେ ବୋର୍ଡ ଉପସଭାପତିଙ୍କ ଲାପଟପରୁ ପ୍ରଶ୍ନପତ୍ର ପେନ ଡ୍ରାଇଭ୍ରେ ନେଇଯାଇଥିଲେ। ପରେ ସେ ଏହାକୁ ଶିକ୍ଷକ ବିଜୟ ମିଶ୍ର ଓ ସନାତନ ବିଶୋୟୀଙ୍କୁ ଦେଇଥିଲେ। ଏହାକୁ ସେମାନେ ଦଲାଲ ରାମଜୀ ଗୁପ୍ତାଙ୍କ ମାଧ୍ୟମରେ ଅଜୟ ସାହୁ, ଜୟନ୍ତ ରାଉତଙ୍କୁ ବିକ୍ରି କରିଥିଲେ। ଏଥିପାଇଁ ଜିତେନଙ୍କ ବ୍ୟାଙ୍କ ଖାତାକୁ ମୋଟ ଅଢ଼େଇ ଲକ୍ଷ ଟଙ୍କା ଆସିଥିଲା। ଘଟଣାର ଛାନଭିନ କରି କ୍ରାଇମବ୍ରାଞ୍ଚ ୬ଟି ମୋବାଇଲ ମଧ୍ୟ ଜବତ କରିଛି। ଆଗକୁ କ୍ରାଇମବ୍ରାଞ୍ଚକୁ ଏହି ମାମଲାରେ ତଦନ୍ତକୁ ଆହୁରି ଶାଣିତ କରିବ। ଏହି ମାମଲା ସହ ଆଉ କେହି ଜଡ଼ିତ ଥିଲେ, ସେମାନଙ୍କୁ ମଧ୍ୟ ତୁରନ୍ତ ଗିରଫ କରାଯିବ ବୋଲି ଶ୍ରୀ ମିଶ୍ର କହିଛନ୍ତି। ଏହି ଘଟଣାରେ ତଦନ୍ତ ଜାରି ଥିବାରୁ ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ଆଣି ଅଧିକ ତଦନ୍ତ କରାଯିବ ବୋଲି ମଧ୍ୟ ସେ କହିଛନ୍ତି।

ସୂଚନାଯୋଗ୍ୟ ଯେ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକଶିକ୍ଷୟିତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ଶିକ୍ଷକ ଯୋଗ୍ୟତା ପରୀକ୍ଷା (ସ୍ପେସାଲ୍ ଓଟିଇଟି) ଗତ ୨୦ ତାରିଖରେ ଅନୁଷ୍ଠିତ ହେବାର ଥିଲା। କିନ୍ତୁ ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ବିଭିନ୍ନ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ତେଣୁ ଏହାକୁ ଶେଷ ମୁହୂର୍ତ୍ତରେ ବାତିଲ୍ କରିଦିଆଯାଇଥିଲା।

# ସାଇବର ଠକେଇର ଶିକାର ହେଲେ ଛାତ୍ରଙ୍କ ବାପା

**ଉମରକୋଟ,୩୦।୭(ସଂଚାର ବ୍ୟୁରୋ):** ନିଜକୁ କଲେଜ ପ୍ରିନ୍ସପାଲ ପରିଚୟ ଦେଇ ସାଇବର ଠକ ଛାତ୍ରଙ୍କ ବାପାଙ୍କ ଠାରୁ ଠକି ନେଲେ ତେଇଶି ହଜାର ଟଙ୍କା । ଏଭଳି ଠକେଇରେ ଶିକାର ହୋଇଛନ୍ତି ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଖାଣ୍ଡା ପଂଚାୟତର ଲକ୍ଷ୍ମଣ ସାନ୍ତା। ସୂଚନା ଅନୁଯାୟୀ ଲକ୍ଷ୍ମଣ ସାନ୍ତାଙ୍କ ପୁଅ ପିଣ୍ଟୁ ସାନ୍ତା +୨ ଆଡ଼ମିସନ ପାଇଁ ଆବେଦନ କରିଥିଲେ । ଲକ୍ଷ୍ମଣଙ୍କୁ ଗତକାଲି ୪ ଘଟିକା ସମୟରେ ଜଣେ ଅଜଣା ନମ୍ବରରୁ ଫୋନ ଆସିଥିଲା । କହିଥିଲେ ଯେ , ମୁଁ ପେନ୍ଥାଣି କଲେଜରେ ପ୍ରିନ୍ସପାଲ କହୁଛି ତମ ପୁଅର ଆଡ଼ମିସନ କର ଆଜି ଶେଷ ତାରିଖ ଅଛି । ଏହାସହ କ୍ୟୁଆର୍ କୋଡ୍ ପଠେଇ କହିଥିଲେ ଯେ ଏହି କ୍ୟୁଆର୍ କୋଡ୍ରେ ଫୋନ ପେ ମାଧ୍ୟମରେ ଟଙ୍କା ପୈଠ କରନ୍ତୁ। ହେଲେ ତମ ପିଲାର ମୁଁ ଆଡ଼ମିସନ କରେଇଦେବି କହିବାରୁ ଲକ୍ଷ୍ମଣ ପ୍ରଥମେ ୬୫୬୯ ଟଙ୍କା ପଠାଇଥିଲେ । ପରେ ସାଇବର ଠକ ପୁଣି ଥରେ ଫୋନକରି କହିଥିଲେ ଟଙ୍କା ଆସିନି ଆଉ ଥରେ ପଠେଇବାକୁ। ଲକ୍ଷ୍ମଣ ପୁଣିଥରେ ସେହି କ୍ୟୁଆର୍ କୋଡ୍ରେ ୬୫୬୯ ଟଙ୍କା ପଠେଇଥିଲେ । ଏହାସହ ୟୁନିଫର୍ମ ବାବଦକୁ ୫୦୦୦ ଟଙ୍କା ଦେବାକୁ ପଡିବ କହିବାରୁ ଲକ୍ଷ୍ମଣ ଦୁଇ ଥର ୫୦୦୦ ଟଙ୍କା ପଠେଇଥିଲେ ।

### ବିଏମ୍ସି ପାଇଁ ସହାୟତା ଦେବାକୁ ସରକାରଙ୍କୁ ନିବେଦନ କଲେ ମେୟର

# ରାଜଧାନୀର ଆନୁଷ୍ଠାନିକ ପରିବର୍ତ୍ତନ ହେବ: କମିଶନର




**ଭୁବନେଶ୍ୱର,୩୦।୭(ସଂଚାର ବ୍ୟୁରୋ):** ଭୁବନେଶ୍ୱର ମହାନଗର ନିଗମ (ବିଏମ୍ ସି)ର ୩୩ତମ ସାଧାରଣ ପରିଷଦ ବୈଠକ ଆଜି ଅନୁଷ୍ଠିତ ହୋଇଛି। ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଏକାମ୍ର ବିଧାୟକ ବାବୁ ସିଂ, ଡେପୁଟି ମେୟର ମଞ୍ଜୁଲତା କହଁର, ନୂତନ ଭାବେ କମିଶନର୍ ଦାୟିତ୍ୱ ନେଇଥିବା ଚଞ୍ଚଳ ରାଣା, ଅତିରିକ୍ତ କମିଶନର ରତ୍ନାକର ସାହୁ, ସସ୍ମିତା ସାହୁ, କୈଳାସ ଚନ୍ଦ୍ର ଦାସ ପ୍ରମୁଖ ମଞ୍ଚାସୀନ ଥିବା ବେଳେ ବିଧାୟକ ଓ ସାଂସଦଙ୍କ ପ୍ରତିନିଧି, ଷ୍ଟାଣ୍ଡିଂ କମିଟିର ସମସ୍ତ ଅଧ୍ୟକ୍ଷଅଧ୍ୟକ୍ଷା, କର୍ପୋରେଟର, ଲାଇନ ଡିପାର୍ଟମେଣ୍ଟର ଅଧିକାରୀ, ବିଏମ୍ସିର ସମସ୍ତ ଉପବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ନବନିଯୁକ୍ତ କମିଶନର ଶ୍ରୀ ରାଣାଙ୍କୁ ସ୍ୱାଗତ କରାଯାଇଥିଲା। କମିଶନର ଶ୍ରୀ ରାଣା ପ୍ରାରମ୍ଭିକ ଅଭିଭାଷଣରେ କହିଥିଲେ ଯେ ଆଶା ଓ ଭରସା ନେଇ ବିଭିନ୍ନ ଅଞ୍ଚଳରୁ ଲୋକମାନେ ରାଜଧାନୀକୁ ଆସୁଛନ୍ତି। ସେମାନଙ୍କୁ ସହାୟତା ଯୋଗାଇଦେବା ବିଏମ୍ସିର ପ୍ରଥମ ଓ ପ୍ରଧାନ କାମ। ରାଜଧାନୀବାସୀଙ୍କୁ ବୈଷୟିକ ସହାୟତା ପ୍ରଦାନ କରିବା ସହ ଆନୁଷ୍ଠାନିକ ପରିବର୍ତ୍ତନ ପାଇଁ ଉଦ୍ୟମ କରାଯିବ। ଚଳିତ ବର୍ଷ ଭୁବନେଶ୍ୱର ନବମ ସ୍ଥାନ ଅଧିକାର କରିଛି। ଆଗାମୀ ଦିନରେ ଏହାକୁ ଆହୁରି ଉପରକୁ ନେବା ପାଇଁ ସମସ୍ତ ଲାଇନ ଡିପାର୍ଟମେଣ୍ଟ ମିଳିମିଶି କାର୍ଯ୍ୟ କରିବାକୁ ସେ ନିବେଦନ କରିଛନ୍ତି।

ସେହିପରି ମେୟର୍ ଶ୍ରୀମତୀ ଦାସ ଲୋକମାନଙ୍କୁ ଦୁଆରମୁହଁରେ ସେବା ଯୋଗାଇଦେବା ପାଇଁ ବିଏମ୍ସି ପକ୍ଷରୁ ପ୍ରତି ୱାର୍ଡରେ ୱାର୍ଡ ଅଫିସ କାମ ଚାଲିଛି। ଆଉ ୨୧ଟି ୱାର୍ଡରେ ଅର୍ଥାଭାବରୁ ଅଦ୍ୟାବଧି କାର୍ଯ୍ୟ ହୋଇପାରିନାହିଁ। ସେଥିପାଇଁ ସରକାରୀ ସହାୟତା ଯୋଗାଇ ଦେବାକୁ ଶ୍ରୀମତୀ ଦାସ ସରକାରଙ୍କୁ ନିବେଦନ କରିବା ପରେ ଏଦିଗରେ ବିଧାୟକ ଶ୍ରୀ ସିଂ ପ୍ରତିଶ୍ରୁତି ଦେଇଛନ୍ତି। ଏନେଇ ସେ ମୁଖ୍ୟ ଶାସନ ସଚିବ ଓ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇବେ। ବିଏମ୍ସିର ଉନ୍ନତି ପାଇଁ ଅର୍ଥର କୌଣସି ଅଭାବ ରହିବ ନାହିଁ ବୋଲି ସେ କହିଛନ୍ତି। ବିଏମ୍ସିର କଳେବର ବୃଦ୍ଧି ହେବ। ଭୁବନେଶ୍ୱର, କଟକ ଓ ଖୋର୍ଦ୍ଧାକୁ ନେଇ ଏବେଠାରୁ ଏକ ବିରାଟ ସହର ପରିକଳ୍ପନା କରିବା ଦରକାର ବୋଲି ଶ୍ରୀ ସିଂ କହିଛନ୍ତି। ସେହିପରି ମେୟର୍ ଶ୍ରୀମତୀ ଦାସ କମିଶନର ଓ ବିଧାୟକମାନଙ୍କ ସହଯୋଗ କାମନା କରିବା ସହ ବିଏମ୍ସି ରାଜ୍ୟର ସବୁଠାରୁ ବଡ ମହାନଗର ନିଗମ ସହ ରାଜଧାନୀ ହୋଇଥିବାରୁ ସରକାର ଏଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବା ଦରକାର ବୋଲି କହିଛନ୍ତି। ସେ କହିଛନ୍ତି ଯେ ଭୁବନେଶ୍ୱରର ବିକାଶ ପାଇଁ ଅର୍ଥର ଆବଶ୍ୟକତା ରହିଛି। ଏଥିପାଇଁ ରାଜ୍ୟ ସରକାର ଏବେ ବିଭିନ୍ନ ବିକାଶମୂଳକ କାମ ପାଇଁ ୩୨ କୋଟି ଟଙ୍କାର ସହାୟତା ଦେଇଥିବା ବେଳେ ଡ୍ରେନ କାମ ପାଇଁ ୨୦୦ କୋଟି ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏହାଛଡ଼ା ରାସ୍ତାଘାଟର ଉନ୍ନତି ପାଇଁ ରାଜ୍ୟ ସରକାର ଆର୍ଥିକ ସହାୟତା ଯୋଗାଇଦେବାକୁ ଶ୍ରୀମତୀ ଦାସ ନିବେଦନ କରିଛନ୍ତି। ପୂର୍ବରୁ ବିଭିନ୍ନ ଯୋଜନାରେ ହୋଇଥିବା କାର୍ଯ୍ୟଗୁଡିକ ଅର୍ଥାଭାବରୁ ଅଧାପନ୍ତରିଆ ହୋଇପଡ଼ିଛି। ସେଥିପାଇଁ ସରକାରୀ ସହାୟତା ନିହାତି ଦରକାର। ଏଦିଗରେ ଉଭୟ କମିଶନର ଓ ବିଧାୟକମାନେ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିବା ସହ ଆର୍ଥିକ ସହାୟତା ଯୋଗାଇଦେବା ପାଇଁ ଉଦ୍ୟମ କରିବାକୁ ସେ ନିବେଦନ କରିଛନ୍ତି।

# ଓଏସ୍ଏସ୍ଏସ୍ସି ବାତିଲ କଲା ଆର୍ଆଇ, ଅମିନ, ପରୀକ୍ଷା

### ୧୫ ଦିନ ଭିତରେ ସାନି ପ୍ରିଲିମ୍ ପରୀକ୍ଷା




**କଟକ,୩୦।୭(ସଂଚାର ବ୍ୟୁରୋ):** ଓଡ଼ିଶା ସବଅର୍ଡିନେଟ ଷ୍ଟାଫ ସିଲେକ୍ସନ କମିଶନ (ଓଏସ୍ଏସ୍ଏସ୍ସି) ରେଭେନ୍ୟୁ ଇନ୍ସପେକ୍ଟର (ଆରଆଇ), ଆସିଷ୍ଟାଣ୍ଟ ରେଭେନ୍ୟୁ ଇନ୍ସପେକ୍ଟର (ଏଆର୍ଆଇ), ଅମିନ ଏବଂ ଆଇସିଡିଏସ୍ ସୁପରଭାଇଜର ପଦବୀ ପାଇଁ ଆୟୋଜିତ କମ୍ବାଇନ୍ଡ ରିକ୍ରୁଟମେଣ୍ଟ ଏକ୍ସାମିନେସନ (ସିଆର୍ଇ) ୨୦୨୪ର ପ୍ରିଲିମିନାରୀ ପରୀକ୍ଷା ବାତିଲ କରିଛି। ଏନେଇ ଓଡ଼ିଶାର ଆଡ଼ଭୋକେଟ ଜେନେରାଲ (ଏଜି) ପିତାମ୍ବର ଆଚାର୍ଯ୍ୟ ଓଡ଼ିଶା ହାଇକୋର୍ଟଙ୍କୁ ଅବଗତ କରିଛନ୍ତି। ବାତିଲ ପରୀକ୍ଷାର ସ୍ଥାନରେ ୧୫ ଦିନ ଭିତରେ ଏକ ସାନି ପ୍ରିଲିମିନାରୀ ପରୀକ୍ଷା ଆୟୋଜନ କରାଯିବ ବୋଲି OSSSC ଘୋଷଣା କରିଛି। ତେବେ, ଏହି ପରୀକ୍ଷା ପାଇଁ ପ୍ରାର୍ଥୀଙ୍କୁ ପୁନଶ୍ଚ ଆବେଦନ କରିବାକୁ ପଡ଼ିବ ନାହିଁ, ଏବଂ ପୂର୍ବରୁ ଆବେଦନ କରିଥିବା ସମସ୍ତ ପ୍ରାର୍ଥୀଙ୍କୁ ଏହି ପରୀକ୍ଷାରେ ଅଂଶଗ୍ରହଣ କରିବାର ସୁଯୋଗ ମିଳିବ।

ଗତ ବର୍ଷ ସେପ୍ଟେମ୍ବର ୨୦ରୁ ଅକ୍ଟୋବର ୮, ୨୦୨୪ ପର୍ଯ୍ୟନ୍ତ ଅନୁଷ୍ଠିତ ପ୍ରିଲିମିନାରୀ ପରୀକ୍ଷାରେ ଅନିୟମିତତା ଅଭିଯୋଗ ସାମ୍ନାକୁ ଆସିଥିଲା। ଏହାକୁ ନେଇ ପରୀକ୍ଷାର୍ଥୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଫଳସ୍ୱରୂପ, ଓଏସ୍ଏସ୍ଏସ୍ସି ଏକ ଅଭୂତପୂର୍ବ ନିଷ୍ପତ୍ତି ନେଇ ପ୍ରିଲିମ୍ ପରୀକ୍ଷାରେ ଅଂଶଗ୍ରହଣ କରିଥିବା ସମସ୍ତ ପ୍ରାର୍ଥୀଙ୍କୁ ପାସ୍ ଘୋଷଣା କରି ମେନ୍ ପରୀକ୍ଷାରେ ଅଂଶଗ୍ରହଣ କରିବାର ସୁଯୋଗ ଦେଇଥିଲା। ଏହି ନିଷ୍ପତ୍ତି ଅନୁଯାୟୀ, ପ୍ରାୟ ୫ ଲକ୍ଷ ପରୀକ୍ଷାର୍ଥୀ ମେନ୍ ପରୀକ୍ଷା ପାଇଁ ଯୋଗ୍ୟ ହୋଇଥିଲେ। କିନ୍ତୁ, ଓଏସ୍ଏସ୍ଏସ୍ସିର ବିଜ୍ଞପ୍ତି ଅନୁସାରେ, ମେନ୍ ପରୀକ୍ଷା ପାଇଁ ଖାଲି ପଦବୀର ୫ ଗୁଣ ପ୍ରାର୍ଥୀଙ୍କୁ ସର୍ଟଲିଷ୍ଟ କରାଯିବାର ନିୟମ ଥିଲା। ଏହି ନିୟମର ଉଲ୍ଲଂଘନ ହେତୁ କିଛି ପ୍ରାର୍ଥୀ ଓଡ଼ିଶା ହାଇକୋର୍ଟରେ ପିଟିସନ ଦାଖଲ କରିଥିଲେ। ହାଇକୋର୍ଟରେ ଏହି ମାମଲାର ଶୁଣାଣି ବେଳେ ଏଜି ପିତାମ୍ବର ଆଚାର୍ଯ୍ୟ କୋର୍ଟଙ୍କୁ ଜଣାଇଛନ୍ତି ଯେ, ଓଏସ୍ଏସ୍ଏସ୍ସି ପୂର୍ବ ପରୀକ୍ଷା ବାତିଲ କରି ନୂଆ ସାନି ପ୍ରିଲିମ୍ ପରୀକ୍ଷା ଆୟୋଜନ କରିବ।

ଏହି ନିଷ୍ପତ୍ତି ରାଜ୍ୟରେ ୨,୮୯୫ଟି ପଦବୀ ପାଇଁ ନିଯୁକ୍ତି ପ୍ରକ୍ରିୟାକୁ ପ୍ରଭାବିତ କରିଛି। ନୂଆ ପରୀକ୍ଷା ସୁଷ୍ଠୁ ଓ ନିରପେକ୍ଷ ଭାବେ ପରିଚାଳନା କରାଯିବ ବୋଲି ଓଏସ୍ଏସ୍ଏସ୍ସି ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି। ପରୀକ୍ଷାର ସମୟସୂଚୀ ଓ ଅନ୍ୟାନ୍ୟ ସୂଚନା ଶୀଘ୍ର ଓଫିସିଆଲ ୱେବସାଇଟ www.osssc.gov.inରେ ପ୍ରକାଶ କରାଯିବ।

# ୨୨ ଘଣ୍ଟା ପରେ ଉଦ୍ଧାର ହେଲା ନିଖୋଜ ଯୁବକଙ୍କ ମୃତଦେହ



**ବଲାଙ୍ଗିର,୩୦।୭(ସଂଚାର ବ୍ୟୁରୋ):** ୨୨ ଘଣ୍ଟା ପରେ ଉଦ୍ଧାର ହେଲା ନିଖୋଜ ଯୁବକଙ୍କ ମୃତଦେହ। ବଲାଙ୍ଗିର ଜିଲ୍ଲା ଲରମ୍ବା ଥାନା କହ୍ନେଇଟାଲ ଗାଁର ସୁଶୀଲ ବରିହା ଗତକାଲି ଦ୍ୱିପହରରେ ଗାଁ ପୋଖରୀକୁ ଗାଧୋଇବାକୁ ଯାଇ ନିଖୋଜ ହୋଇ ଯାଇଥିଲେ । ପରିବାର ଲୋକ ଲରମ୍ବା ଥାନାରେ ଅଭିଯୋଗ କରିଥିଲେ। ରମ୍ବା ପୋଲିସ ପାଟଣାଗଡ଼ ଅଗ୍ନିଶମ ବାହିନୀ ସହ ଆସି ଦୀର୍ଘ ୪ ଘଣ୍ଟା ଖୋଜାଖୋଜି କରିଥିଲେ କିନ୍ତୁ ତାଙ୍କୁ ପାଇନଥିଲେ। ଆଜି ସକାଳୁ ବଲାଙ୍ଗିର ଓଡ୍ରାଫ ଟିମ ଓ ପାଟଣାଗଡ଼ ଅଗ୍ନିଶମ ବାହିନୀ ପୁଣି ପୋଖରୀରେ ଖୋଜାଖୋଜି କରି ନିଖୋଜର ୨୨ ଘଣ୍ଟା ପରେ ପୋଖରୀରୁ ସୁଶୀଲଙ୍କ ମୃତଦେହ ଉଦ୍ଧାର କରିଛନ୍ତି । ଲରମ୍ବା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇ ଅଧିକ ତଦନ୍ତ ଜାରି ରଖିଛି ।

# ଏଏଲ୍ଓଙ୍କ ତାଲିମ କାର୍ଯ୍ୟକ୍ରମ ଉଦ୍ଘାଟିତ

**ଭୁବନେଶ୍ୱର,୩୦।୭(ସଂଚାର ବ୍ୟୁରୋ):** ରାଜ୍ୟ ଶ୍ରମ ବିଭାଗ ପକ୍ଷରୁ ବିଭିନ୍ନ ଶ୍ରମ ଆଇନ ସଂକ୍ରାନ୍ତରେ ସହକାରୀ ଶ୍ରମ ଅଧିକାରୀ (ଏଏଲ୍ଓ)ମାନଙ୍କ ସକାଶେ ଏକ ତିନିଦିନିଆ ତାଲିମ କାର୍ଯ୍ୟକ୍ରମ ରାଜ୍ୟ ଶ୍ରମ ସଂସ୍ଥାନର ସମ୍ମିଳନୀ କକ୍ଷରେ ଉଦ୍ଘାଟିତ ହୋଇଛି। ଏହି ତାଲିମ କାର୍ଯ୍ୟକ୍ରମକୁ ଶ୍ରମ ଆୟୁକ୍ତ ଇନ୍ଦ୍ରମଣୀ ତ୍ରିପାଠୀ ଉଦଘାଟନ କରିଥିବା ବେଳେ ରାଜ୍ୟ ଶ୍ରମ ସଂସ୍ଥାନର ଅତିରିକ୍ତ ଶାସନ ସଚିବ ତଥା ନିର୍ଦ୍ଦେଶକ ନୀତି ରଞ୍ଜନ ସେନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହାଛଡ଼ା ଅନ୍ୟତମ ଅତିଥି ଭାବେ ପୂର୍ବତନ ଯୁଗ୍ମ ଶ୍ରମିକ ଆୟୁକ୍ତ ନରେଶ ଚନ୍ଦ୍ର ସାହୁ ଯୋଗ ଦେଇଥିଲେ। ପରିଶେଷରେ ଯୁଗ୍ମ ଶ୍ରମ ଆୟୁକ୍ତ ବିଘ୍ନଜିତ ମହନ୍ତ ମହାପାତ୍ର ଧନ୍ୟବାଦ ଦେଇଥିଲେ। ଏହି ତାଲିମ କାର୍ଯ୍ୟକ୍ରମରେ ଶ୍ରମ ନିର୍ଦ୍ଦେଶାଳୟର ୪୦ ଜଣ ସହକାରୀ ଶ୍ରମ ଅଧିକାରୀ ଯୋଗଦାନ କରିଛନ୍ତି। ଆସନ୍ତାକାଲି ଏହି କାର୍ଯ୍ୟକ୍ରମ ଉଦ୍ଯାପିତ ହେବ।

# ଜନ୍ମଦିନରେ କେଶଦାନ କଲେ ସାମ୍ବାଦିକା



**ଭୁବନେଶ୍ୱର,୩୦।୭(ସଂଚାର ବ୍ୟୁରୋ):** ସାମ୍ପ୍ରତିକ ସମୟରେ ନିଜ ଜନ୍ମଦିନକୁ କିଏ କେମିତି ପାଳୁଛି, ତାହା ସମ୍ପୂର୍ଣ୍ଣ ଭାବେ ବ୍ୟକ୍ତିଗତ ନିଷ୍ପତ୍ତି। କିନ୍ତୁ କେତେକ ଜନ୍ମଦିନରେ କେବଳ ନିଜ କଥା ନ ଭାବି ଅନ୍ୟ ବିଷୟରେ ଭାବିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହି କ୍ରମରେ ଆଜି ଜଣେ ଯୁବ ସାମ୍ବାଦିକା ତାଙ୍କ ଜନ୍ମଦିନକୁ ଯେପରି ଢଙ୍ଗରେ ପାଳନ କରିଛନ୍ତି, ତାହା ନିଶ୍ଚିତ ଭାବେ ଯୁବପିଢ଼ିକୁ ପ୍ରେରଣା ଯୋଗାଇବ। କର୍କଟ ରୋଗୀମାନେ ଜୀବନ ସଂଗ୍ରାମରେ ତିଷ୍ଠି ରହିବା ସକାଶେ ବିଭିନ୍ନ ପ୍ରକାର ଶାରୀରିକ ସମସ୍ୟା ଦେଇ ଗତି କରିବା ସହ ଅନେକ ସମୟରେ ଏହା ସେମାନଙ୍କ ସକାଶେ ସାମାଜିକ ସମସ୍ୟା ମଧ୍ୟ ସୃଷ୍ଟି କରିଥାଏ। ବିଶେଷକରି କେମୋ ପ୍ରଭାବରେ ସେମାନଙ୍କ ମୁଣ୍ଡ ଚୁଟି ଉପୁଡ଼ିଯାଉଥିବାରୁ ଲଣ୍ଡାମୁଣ୍ଡ ପାଇଁ ସେମାନଙ୍କୁ ଲଜ୍ଜିତ ଅନୁଭବ ହୋଇଥାଏ। କିନ୍ତୁ ଏହି ସମୟରେ ଯଦି କେହି ସାଙ୍ଗରେ ଲଣ୍ଡାମୁଣ୍ଡରେ ଥାଏ, ତା'ହେଲେ ସେମାନେ ସାମାନ୍ୟ ଆଶ୍ୱସ୍ତି ଅନୁଭବ କରନ୍ତି। କର୍କଟ ପୀଡ଼ିତଙ୍କୁ ଏପରି ଏକ ଭାବନା ଦେବା ସକାଶେ ଆଜି ନିଜ ଜନ୍ମ ଦିନରେ କେଶଦାନ କରିଛନ୍ତି ଯୁବ ସାମ୍ବାଦିକା ପ୍ରାର୍ଥନା ଦାସ। ସାମାଜିକ ଅନୁଷ୍ଠାନ 'ଶୋପଭା ସ୍ୱେଚ୍ଛାସେବୀ ଅନୁଷ୍ଠାନ' ସହଯୋଗରେ 'କେଶ ଥିଲେ ଦିଅନ୍ତୁ, ନ ଥିଲେ ନିଅନ୍ତୁ' ଅଭିଯାନରେ ସାମିଲ ହୋଇ ପ୍ରାର୍ଥନା ନିଜ କେଶଦାନ କରିଛନ୍ତି। ଯାଜପୁର ଜିଲ୍ଲା କୋରାଇ ବ୍ଲକ ଅନ୍ତର୍ଗତ ବନ୍ଦାଳୋ ପଞ୍ଚାୟତ ଚୌଧୁରୀପାଟଣା ଗ୍ରାମର ଅର୍ଜୁନ ଚରଣ ଦାସ୍ ଓ ଦୀପ୍ତିମୟୀ ଦାସଙ୍କ ସାନ ଝିଅ ପ୍ରାର୍ଥନା ନିଜର ଲମ୍ବା କେଶକୁ ଛୋଟ କରି ୧୩ ଇଞ୍ଚ୍ ଲମ୍ବର କେଶଦାନ କରିଛନ୍ତି। ତାଙ୍କର ଏପରି ଏକ ଉଦ୍ୟମକୁ 'ଶୋପଭା' ପକ୍ଷରୁ ପ୍ରଶଂସା କରାଯିବା ସହ ପ୍ରମାଣପତ୍ର ପ୍ରଦାନ କରାଯାଇଛି।

# ଶିଶୁ ଶ୍ରମିକ ଉଦ୍ଧାରରେ ଓଡ଼ିଶା ଦ୍ୱିତୀୟ



**ଭୁବନେଶ୍ୱର,୩୦।୭:** ମାନବ ଚାଲାଣ ଅଭିଯୋଗରେ ସାରା ଦେଶରେ ୧୮ବର୍ଷ ବୟସରୁ କମ୍ ବୟସର ଶିଶୁ ଉଦ୍ଧାର କ୍ଷେତ୍ରରେ ଓଡିଶା ଦ୍ୱିତୀୟ ସ୍ଥାନରେ ରହିଛି। ଉଦ୍ଧାର ଶିଶୁ ଶ୍ରମିକଙ୍କ ସଂକ୍ରାନ୍ତରେ କେନ୍ଦ୍ର ମହିଳା ଓ ଶିଶୁ ବିକାଶ ରାଷ୍ଟ୍ରମନ୍ତ୍ରୀ ସାବିତ୍ରୀ ଠାକୁର ରାଜ୍ୟସଭାରେ ଦେଇଥିବା ସୂଚନାରୁ ଏହା ଜଣାଯାଇଛି।

ମନ୍ତ୍ରୀ ଦେଇଥିବା ଉତ୍ତରରୁ ଜଣାଯାଇଛି ଯେ ୨୦୧୭ ରୁ ୨୦୨୨ ମଧ୍ୟରେ ଦେଶରେ ଯେଉଁସବୁ ରାଜ୍ୟରୁ ସର୍ବାଧିକ ଶିଶୁ ଶ୍ରମିକ ଉଦ୍ଧାର ହୋଇଛନ୍ତି ତାହା ଭିତରେ ଆସାମ, ବିହାର, କେରଳ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଓଡିଶା, ସିକିମ୍, ତେଲେଙ୍ଗାନା ଭଳି ରାଜ୍ୟ ରହିଛନ୍ତି । ଜାତୀୟ ସ୍ତରରେ ଉଦ୍ଧାର ଶିଶୁ ଶ୍ରମିକଙ୍କ ସଂଖ୍ୟା ହ୍ରାସ ପାଉଥିବାବେଳେ ଓଡିଶାରେ କିନ୍ତୁ ଏହା ବୃଦ୍ଧି ପାଉଛି । ଶିଶୁ ଶ୍ରମିକ ଉଦ୍ଧାର କ୍ଷେତ୍ରରେ ସବୁଠାରୁ ଆଗରେ ରହିଛି ବିହାର । ଏହି ରାଜ୍ୟରେ ୨୦୨୨ ମସିହାରେ ମାନବ ଚାଲାଣ ସମୟରେ ୧୮ବର୍ଷ ବୟସରୁ କମ୍ ୬୧୩ ଜଣ ଶିଶୁ ଉଦ୍ଧାର ହୋଇଥିବାବେଳେ ଓଡିଶାରେ ଏହି ସଂଖ୍ୟା ୫୬୪ ରହିଛି । ତେବେ ୨୦୨୦ ରେ ଓଡିଶାରେ ମାତ୍ର ୧୫୯ ଜଣ ଶିଶୁ ଉଦ୍ଧାର ହୋଇଥିବାବେଳେ ୨୦୨୧ ରେ ଏହି ସଂଖ୍ୟା ୩୯୯କୁ ବୃଦ୍ଧି ପାଇଥିଲା । ଏହି ବର୍ଷ କେରଳରୁ ୧୨୮, ଝାଡଖଣ୍ଡରୁ ୧୧୩, ରାଜସ୍ଥାନରୁ ୪୫୩, ଉତ୍ତରପ୍ରଦେଶରୁ ୭୩ଜଣ ଶିଶୁଶ୍ରମିକ ଉଦ୍ଧାର ହୋଇଥିଲେ। ଉଭୟ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ଉଦ୍ଧାର ହୋଇଥିବା ଶିଶୁଶ୍ରମିକଙ୍କ ସଂଖ୍ୟା ଏହିବର୍ଷ ୩୦୯୮ ରହିଥିଲା । ଏତେ ସଂଖ୍ୟାରେ ଶିଶୁ ଶ୍ରମିକ ଉଦ୍ଧାର ହୋଇଥିବାବେଳେ ଚାରିବର୍ଷ ମଧ୍ୟରେ ଗୋଟିଏ ହେଲେ ମାମଲା ରୁଜୁ ହୋଇନଥିଲା । ତେବେ ମାନବ ଚାଲାଣ ଆଇନ୍ ବଳରେ ୨୦୨୧ରେ ୧୩୬ଟି ମାମଲା ରୁଜୁ ହୋଇଥିବାବେଳେ ୨୨୮ଜଣଙ୍କୁ ଗିରଫ କରାଯାଇଥିଲା ଏବଂ ୧୧୨ ଜଣଙ୍କ ବିରୁଦ୍ଧରେ କର୍ତ୍ତୃପକ୍ଷ ଚାର୍ଜସିଟ୍ ଦାଖଲ କରିବାରେ ସକ୍ଷମ ହେଉଥିଲେ ମଧ୍ୟ ୨୦୧୯ ରୁ ୨୦୨୨ ମଧ୍ୟରେ ରାଜ୍ୟରେ ସେଭଳି ମାମଲା ରୁଜୁ ହୋଇନାହିଁ । ୨୦୨୧ ରେ କେବଳ ୬ଟି ମାମଲା ରୁଜୁ ହୋଇଥିଲେ । ସେହିଭଳି ୨୦୨୨ରେ ୧୨୧ଟି ମାମଲା ରୁଜୁ ହୋଇଥିବାବେଳେ ୪୩୩ ଜଣ ଗିରଫ ହୋଇଥିଲେ ଓ ୧୩୮ଜଣଙ୍କ ବିରୁଦ୍ଧରେ ଚାର୍ଜସିଟ୍ ଦାଖଲ କରାଯାଇଥିଲା ।

ତେବେ ମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ଶିଶୁ ଶ୍ରମିକ, ମାନବ ଚାଲାଣକୁ ରୋକିବା ସହିତ ସମ୍ବେଦନଶୀଳ ଶିଶୁମାନେ ଯେଭଳି ଶ୍ରମିକ ନସାଜିବେ କିମ୍ବା ଭିକ୍ଷାବୃତ୍ତି ନକରିବେ ସେଥିପାଇଁ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ମିଶନ ବାତ୍ସଲ୍ୟ ଯୋଜନା କାର୍ଯ୍ୟକାରୀ କରାଯାଉଛି । ଏହି ଯୋଜନାରେ ଚଳିତ ବର୍ଷ ମାର୍ଚ୍ଚ ଶେଷ ସୁଦ୍ଧା ଶିଶୁ ଯତ୍ନ ଅନୁଷ୍ଠାନ ଜରିଆରେ ୭୬ହଜାରରୁ ଅଧିକ ଶିଶୁଙ୍କୁ ଚିହ୍ନଟ ସହିତ ସହାୟତା ଯୋଗାଇ ଦିଆଯାଇଛି ।

କେନ୍ଦ୍ର ଶ୍ରମ ଏବଂ ନିଯୁକ୍ତି ମନ୍ତ୍ରଣାଳୟ ପକ୍ଷରୁ ଶିଶୁ ଶ୍ରମିକ ନିରାକରଣ ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି । ଏଥି ମଧ୍ୟରେ ଥଇଥାନ ରଣନୀତି, ମାଗଣା ଶିକ୍ଷାଦାନ ଏବଂ ସାମାଜିକ-ଆର୍ଥିକ ବିକାଶ ଆଦି ଯୋଜନା ରହିଛନ୍ତି । (ତଥ୍ୟ)

### ● ରାଜ୍ୟରେ ଛାତ୍ରୀ ଓ ମହିଳା ସୁରକ୍ଷା ପ୍ରସଙ୍ଗରେ ବିଜେଡିର ଅଭିଯୋଗ

# ସରକାରଙ୍କୁ ଭରସିପାରୁନାହାନ୍ତି ବିଜେପି ଯୁବ ଓ ମହିଳା ମୋର୍ଚ୍ଚା



**ଭୁବନେଶ୍ୱର,୩୦।୭(ସଂଚାର ବ୍ୟୁରୋ):** ରାଜ୍ୟ ବିଜେପି ମହିଳା ଶାଖା ପକ୍ଷରୁ ଗତକାଲି ରାଜରାସ୍ତାରେ କରାଯାଇଥିବା ପ୍ରତିବାଦ କାର୍ଯ୍ୟକ୍ରମକୁ ବିଜେଡି ସମାଲୋଚନା କରିବା ସହ ରାଜ୍ୟ ସରକାରଙ୍କ ଉପରେ ଦଳର ମହିଳା ଓ ଯୁବ ମୋର୍ଚ୍ଚ ଭରସା ହରାଇଛି ବୋଲି କୁହାଯାଇଛି। ଆଜି ଶଙ୍ଖ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ଇପ୍ସିତା ସାହୁ କହିଛନ୍ତି ଯେ ବିଜେପିର ଯୁବ ଓ ମହିଳା ଶାଖା ରାଜରାସ୍ତାକୁ ଓହ୍ଲାଇ ବିରୋଧୀ ଦଳକୁ ଟାର୍ଗେଟ୍ ପାଇଁ ଉଦ୍ୟମ କରିଥିଲେ ହେଁ ଯେତେବେଳେ ଦଳର କର୍ମକର୍ତ୍ତାମାନେ ଦୁଷ୍କର୍ମ ଅଭିଯୋଗରେ ଜେଲ୍ ଯାଉଛନ୍ତି, ସେତେବେଳେ ଶାଖା ଚୁପ୍ କାହିଁକି ରହିବା ନିଶ୍ଚିତ ଭାବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହିପରି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବୟସକୁ ନେଇ ଯୁବମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡା ଯେଉଁ ମନ୍ତବ୍ୟ ଦେଇଛନ୍ତି, ତାକୁ ବିଜେଡି ନିନ୍ଦା କରୁଛି। ବିଜେପି ସଭାପତିଙ୍କୁ ୨୦୦୮ରେ ଓଡ଼ିଶା ନିବାସରେ ଅଟକାଯାଇଥିବାରୁ ଉକ୍ତ ଦଳର ଯୁବ ସଭାପତି ଏପରି ମନ୍ତବ୍ୟ ଦେବା ଆଦୌ ଯୁକ୍ତିଯୁକ୍ତ ନୁହେଁ। ଶ୍ରୀ ପଣ୍ଡା ଶାଳୀନତା ଭୁଲି ଅନ୍ୟ ଛାତ୍ର ସଂଗଠନକୁ କ୍ୟାମ୍ପସ ଯିବାକୁ ବାରଣ କରିବା ସମୟରେ ରାଜ୍ୟର ସର୍ବାଧିକ କଲେଜ କ୍ୟାମ୍ପସର ନିର୍ବାଚିତ କର୍ମକର୍ତ୍ତା ବିଜୁ ଛାତ୍ର ଜନତା ଦଳ ସହ ସମ୍ପୃକ୍ତ ବୋଲି ଭୁଲିଯାଉଥିବା ଇପ୍ସିତା କହିଛନ୍ତି।

ସେହିପରି ବାଲେଶ୍ୱର ପୀଡ଼ିତାଙ୍କ ସମ୍ପର୍କରେ ସେ କହିଛନ୍ତି ଯେ ବିଜେପିର ଛାତ୍ର ସଂଗଠନ ଏବିଭିପିର ସଦସ୍ୟା ଥିବା ଜଣେ ଛାତ୍ରୀଙ୍କୁ ନ୍ୟାୟ ଦେଇପାରିପାରିନଥିବାରୁ ବିଜେପି ଅନ୍ୟକୁ ଅଙ୍ଗୁଳି ଦେଖାଇବାର ଅଧିକାର ହରାଇଛି। ଏହାଛଡା ଗତ ୧୩ ମାସରେ ରାଜ୍ୟରେ ୧୮ ହଜାରରୁ ଉର୍ଦ୍ଧ୍ୱ ମହିଳାବିରୋଧୀ ଅପରାଧ ମାମଲା ରୁଜୁ ହୋଇଛି। ରାଜ୍ୟରେ ପ୍ରତିଦିନ ପ୍ରାୟ ୧୫ଟି ଦୁଷ୍କର୍ମ ହେଉଥିବା ନେଇ ରିପୋର୍ଟ ପ୍ରକାଶ ପାଇଛି। ରାଜ୍ୟରେ ମହିଳାଙ୍କ ପ୍ରତି ଅପରାଧ ଘଟଣା ବଢୁଥିବା ବେଳେ ରାଜରାସ୍ତାରେ ଚିତ୍କାର କରୁଥିବା ବିଜେପି ନେତାମାନେ ମୁହଁରେ ତୁଣ୍ଡି ବାନ୍ଧି ବସି ରହୁଛନ୍ତି କାହିଁକି ବୋଲି ଶ୍ରୀମତୀ ସାହୁ ପ୍ରଶ୍ନ କରିଛନ୍ତି।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆଉ ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆଉ ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର




# ଅପରିଣାମଦର୍ଶୀ ନିଷ୍ପତ୍ତି

ଜଣେ ବିଚାରଶକ୍ତିହୀନ ଶାସକଙ୍କ ଅପରିଣାମଦର୍ଶୀ ନିଷ୍ପତ୍ତି ଫଳରେ ସାରା ବିଶ୍ୱ ଏବଂ ମାନବ ସମାଜକୁ କିପରି କ୍ଷତିଗ୍ରସ୍ତ ହେବାକୁ ପଡ଼ିଥାଏ, କିପରି ସମଗ୍ର ବିଶ୍ୱ ଏହା ଦ୍ୱାରା ପ୍ରଭାବିତ ହୋଇଥାଏ ତାହାର ନିଛକ ଉଦାହରଣ ହେଲା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଏକାଧିକ ବିବାଦୀୟ ନିଷ୍ପତ୍ତି। ତାଙ୍କ ଅହଂକାର, ହାମବଡ଼ା ନୀତି ଯୋଗୁ ଆଜି ସାରା ବିଶ୍ୱରେ ହାହାକାର ପଡ଼ିଯାଇଛି। ରାଷ୍ଟ୍ରପତି ଭାବେ ଡୋନାଲ୍ଡ ଟ୍ରମ୍ପ ଦ୍ୱିତୀୟ ଥର ପାଇଁ ଦାୟିତ୍ୱଗ୍ରହଣ କରିବା ପରେ ବିଶ୍ୱ ଅର୍ଥନୀତି, କୂଟନୀତିରେ ବଡ଼ ପରିବର୍ତ୍ତନ ଲକ୍ଷ୍ୟ କରାଯାଉଛି। ଟ୍ରମ୍ପଙ୍କ ଏକଚାଟିଆ କାରବାର ଆଗରେ ସାରା ବିଶ୍ୱ ହତଚକିତ ହୋଇଛି। ଜଣେ ବିଶ୍ୱନେତା ଭାବେ ନୁହେଁ, ଜଣେ ଅହଂକାରୀ, ଏକଛତ୍ରବାଦୀ ଶାସକ ଏବଂ ବେପାରୀ ଭଳି ସେ ଆଚରଣ ପ୍ରଦର୍ଶନ କରୁଛନ୍ତି। ତାଙ୍କର ଆମେରିକା ପ୍ରଥମେ ନୀତି ସାରା ବିଶ୍ୱପାଇଁ ମହଙ୍ଗା ପଡ଼ୁଛି। ଆମେରିକା ରାଷ୍ଟ୍ରପତି ଭାବେ ନିଜ ଦେଶର ସ୍ୱାର୍ଥ ରକ୍ଷା ଦାୟିତ୍ୱ ତାଙ୍କର। ସେଥିରେ କାହାର କିଛି ଆପତ୍ତି ନାହିଁ। ଏହା ତାଙ୍କର ଦାୟିତ୍ୱ ଏବଂ ନିଜସ୍ୱ ଅଧିକାର। କିନ୍ତୁ ଅନ୍ୟକୁ ଆଘାତ ଦେବାର ଅଧିକାର ତାଙ୍କର ନାହିଁ। ରାଷ୍ଟ୍ରପତି ଦାୟିତ୍ୱ ଗ୍ରହଣ କରିବା ଟ୍ରମ୍ପ ପ୍ୟାରିସ ଜଳବାୟୁ ଚୁକ୍ତିରୁ ଆମେରିକା ଓହରିଯିବା ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ସଦସ୍ୟତାକୁ ବାତିଲ କରିବା ନିମନ୍ତେ ଦୁଇଟି ନିଷ୍ପତ୍ତି ନେଲେ। ଏବେ ଆମେରିକା ଜାତିସଂଘ. ବିଶ୍ୱବ୍ୟାଙ୍କ, ଆନ୍ତର୍ଜାତିକ ମୁଦ୍ରା ପାଣ୍ଠିରୁ ଆମେରିକା ଓହରିଯିବାକୁ ଚିନ୍ତା କରୁଥିବା ସଙ୍କେତ ମିଳିଛି। ଟ୍ରମ୍ପଙ୍କ ପ୍ରମୁଖ ପରାମର୍ଶଦାତା ଭାବେ ପରିଚିତ ଏଲନ ମସ୍କ ଏବଂ ଅନ୍ୟ କେତେକ ବେପାରୀ ତାଙ୍କୁ ଏଭଳି ଦୁର୍ବୁଦ୍ଧି ଦେଉଛନ୍ତି। ଇଶ୍ୱର କରନ୍ତୁ ଟ୍ରମ୍ପଙ୍କ ସଦବୁଦ୍ଧି ଉଦୟ ହେଉ ଏବଂ ସେ ଏଭଳି ଅପ୍ରୀତିକର ନିଷ୍ପତ୍ତିରୁ ଓହରି ଯାଆନ୍ତୁ। ଟ୍ରମ୍ପ କ୍ଷମତାସୀନ ହେବା ପରେ ଆମେରିକା ସହ ଏହାର ବନ୍ଧୁ ରାଷ୍ଟ୍ର/ରମାନଙ୍କ ସମ୍ପର୍କ ତିକ୍ତ ହୋଇଛି। ଏବେ ଆମେରିକା ନାଟୋରୁ ଓହରିଯିବାକୁ ଚିନ୍ତା କରୁଛି। ଆମେରିକାର ବନ୍ଧୁ ରାଷ୍ଟ୍ର ଇଂଲଣ୍ଡ, ଫ୍ରାନ୍ସ ଆଦି ରାଷ୍ଟ୍ରଙ୍କ ପ୍ରତି ଟ୍ରମ୍ପଙ୍କ ବ୍ୟବହାର, କଳୁଷ୍ଟ ଏବଂ ଛଳନାତ୍ମକ ଆଚରଣ ଅସହ୍ୟ ଏବଂ ଏହାକୁ ଅପ୍ରତ୍ୟାଶିତ ବୋଲି କୁହାଯାଇପାରେ। ଦୀର୍ଘ ବର୍ଷ ହେବ ଆମେରିକା ଯେଉଁ ରାସ୍ତାରେ ଯାଉଥିଲା, ବିଶ୍ୱ ନେତାଭାବେ ଦାୟିତ୍ୱ ବହନ କରି ଆସୁଥିଲା, ତାହା ଏବେ ବ୍ୟାହତ ହେବା ଏଥିରେ ଆମେରିକାର ନେତୃତ୍ୱକୁ କିଏ କାହିଁକି ଗ୍ରହଣ କରିବ? ଆମେରିକା ବିଶ୍ୱର ଅନ୍ୟ ଶକ୍ତିଶାଳୀ ଏବଂ ଶକ୍ତିଶାଳୀ ରାଷ୍ଟ୍ର ହୋଇପାରେ। କିନ୍ତୁ ବିଶ୍ୱର ଅନ୍ୟ ଦେଶମାନଙ୍କୁ ଉପେକ୍ଷା କରି, ସେମାନଙ୍କୁ ଅଣଦେଖା କରି ଆମେରିକା ନିଜର ପ୍ରଭୁତ୍ୱ ସାବ୍ୟସ୍ତ କରିପାରିବ ନାହିଁ। ଟ୍ରମ୍ପ ଇତିମଧ୍ୟରେ ବିଭିନ୍ନ ଦେଶରୁ ଆମଦାନୀ ହେଉଥିବା ସାମଗ୍ରୀ ଉପରେ ଟାରିଫ ବୃଦ୍ଧି କରିଛନ୍ତି। ସବୁଠାରୁ ଅଧିକ ଟାରିଫ ବଢ଼ିଛି ଚୀନରୁ ଆମଦାନୀ ହେଉଥିବା ସାମଗ୍ରୀ ଉପରେ। ଭାରତ ମଧ୍ୟ ଏଥିରେ ପ୍ରଭାବିତ ହେବାକୁ ଯାଉଛି। ଟ୍ରମ୍ପଙ୍କ ବ୍ଲାକମେଲିଂ ଆଗରେ ଅନେକ ମୁଣ୍ଡ ନୁଆଁଇବାକୁ ବାଧ୍ୟ ହୋଇପାରନ୍ତି। କିନ୍ତୁ ତାହା ଦୀର୍ଘସ୍ଥାୟୀ ହେବ ନାହିଁ। ଏମିତି ସମୟ ଆସିବ ଆମେରିକା ବିଶ୍ୱରେ ଏକଘରିକିଆ ହୋଇଯିବ। ଟ୍ରମ୍ପ ଗୋଟିଏ ପଟେ ଚୀନ ସହ ଶତ୍ରୁତା କରୁଥିବା ବେଳେ ଋଷିଆ ସହ ହାତ ମିଳାଉଛନ୍ତି। ୟୁକ୍ରେନ ଉପରେ ଋଷିଆ ଆକ୍ରମଣକୁ ତିନି ବର୍ଷ ତଳେ ଆମେରିକା ନିନ୍ଦା କରୁଥିଲା ଏବଂ ୟୁକ୍ରେନକୁ ସାମରିକ ତଥା ଆର୍ଥିକ ସହାୟତା ପ୍ରଦାନ କରୁଥିଲା। ଏବେ ଟ୍ରମ୍ପ ପ୍ରକ୍ରିୟାରେ ପୁଟିନଙ୍କ ସହ ହାତ ମିଳାଇ ୟୁକ୍ରେନ ପ୍ରତି କ୍ରୁର ଆଚରଣ ପ୍ରଦର୍ଶନ କରୁଛନ୍ତି। ଋଷିଆ ନିକଟରେ ଆତ୍ମସମର୍ପଣ କରିବାକୁ ସେ ୟୁକ୍ରେନକୁ ବାଧ୍ୟ କରୁଛନ୍ତି। ଏହା ସହିତ ୟୁକ୍ରେନକୁ ସମସ୍ତ ପ୍ରକାର ସାମରିକ ସହାୟତାକୁ ଟ୍ରମ୍ପ ବନ୍ଦ କରି ଦେଇଛନ୍ତି। ୟୁକ୍ରେନ ରାଷ୍ଟ୍ରପତି ଜେଲେନସ୍କିଙ୍କୁ ଧନ୍ୟବାଦ ଦେବାକୁ ପଡ଼ିବ, ତାଙ୍କ ସାହାସିକ ପ୍ରଶଂସା କରିବାକୁ ପଡ଼ିବ। ସେ ଟ୍ରମ୍ପଙ୍କ ନାଲି ଆଖିକୁ ଖାତିର ନକରି ଆମେରିକା ଛାଡ଼ି ଚାଲିଆସିଲେ। ନିଜ ଘରକୁ ଆସିଥିବା ଜଣେ ଅତିଥିଙ୍କ ପ୍ରତି ଟ୍ରମ୍ପ ଯେପରି ଆଚରଣ ପ୍ରଦର୍ଶନ କଲେ ତାହା ଅତି ଅସଭ୍ୟ ଏବଂ ଅଭଦ୍ରୋଚିତ। ଏହାକୁ ଯେତେ ନିନ୍ଦା କଲେ ବି କମ ହେବ। ଏବେ ଆମେରିକାର ବିଶ୍ୱସନୀୟତା ହ୍ରାସ ପାଉଛି। ଏହାର ସୁଯୋଗ ନେବ ଚୀନ। ଆମେରିକାକୁ ପଛରେ ପକାଇ ଚୀନ ବିଶ୍ୱ ନେତା ହେବାକୁ ବେଶୀ ଡେରି ଲାଗିବ ନାହିଁ। ଟ୍ରମ୍ପ ମନେ ରଖିବା ଉଚିତ ଯେ ସେ ସବୁଦିନ କ୍ଷମତାରେ ରହିବେ ନାହିଁ। କିନ୍ତୁ ସେ ନିଜ ଦେଶର ଯେଉଁ କ୍ଷତିସାଧନ କରି ଚାଲିଛନ୍ତି, ତାହା ଭବିଷ୍ୟତରେ ଦେଶ ପାଇଁ ମହଙ୍ଗା ସାବ୍ୟସ୍ତ ହେବ। ଭାରତ ମଧ୍ୟ ଏବେ ସତର୍କ ରହିବାର ସମୟ। ଆମେରିକାର ଶକ୍ତି ହେଲା ହାର ଡଲାର। ଯେଉଁଦିନ ବିଶ୍ୱବାସୀ ଆମେରିକୀୟ ଡଲାରକୁ ପ୍ରତ୍ୟାଖ୍ୟାନ କରିବେ, ସେହିଦିନ ଆମେରିକା ଶକ୍ତିହୀନ ହୋଇଯିବ।

ଇତିମଧ୍ୟରେ ୟୁକ୍ରେନ ଉପରେ ଋଷିଆର ଆକ୍ରମଣକୁ ୩ ବର୍ଷ ଅତିକ୍ରାନ୍ତ ହୋଇଛି। ଯୁଦ୍ଧ ଆରମ୍ଭରେ କେହି କଳ୍ପନା କରିନଥିଲେ ଯେ, ଏହା ଏତେ ଦିନ ଚାଲିବ। ୟୁକ୍ରେନ ତୁଳନାରେ ଋଷିଆର ସାମରିକ ଶକ୍ତି ବହୁ ଅଧିକ। ତେଣୁ ଯୁଦ୍ଧ ୧୫ ଦିନରେ ସରିଯିବ ଏବଂ ୟୁକ୍ରେନ ଋଷିଆ ନିକଟରେ ମୁଣ୍ଡ ନୁଆଁଇବ ବୋଲି ଅନେକ ବିଚାର କରିଥିଲେ। କିନ୍ତୁ ୩ ବର୍ଷ ପରେ ମଧ୍ୟ ୟୁକ୍ରେନ ଆତ୍ମସମର୍ପଣ କରିନାହିଁ। ଯଦିଓ ଋଷିଆ ଯୁଦ୍ଧରେ ଏହାର ଶତ ପ୍ରତିଶତ ଶକ୍ତି ବିନିଯୋଗ କରିନାହିଁ, କିନ୍ତୁ ତଥାପି ଋଷିଆ ଆକ୍ରମଣକୁ ୟୁକ୍ରେନ ଆଜି ପର୍ଯ୍ୟନ୍ତ ପ୍ରତିହତ କରିବା ଏକ ବଡ଼ କଥା। ଏଥିପାଇଁ ୟୁକ୍ରେନବାସୀଙ୍କ ସାହସ ପ୍ରଶଂସନୀୟ। ୟୁକ୍ରେନ ରାଷ୍ଟ୍ରପତି ଜେଲେନସ୍କି ଏହି ଯୁଦ୍ଧରେ ଧୈର୍ଯ୍ୟ ଓ ସାହସର ପ୍ରମାଣ ଦେଇଛନ୍ତି। ଯୁଦ୍ଧରେ ଋଷିଆର ମୁକାବିଲା ନିମନ୍ତେ ସେ ପାଶ୍ଚାତ୍ୟ ରାଷ୍ଟ୍ରରୁ ସହାୟତା ପାଉଛନ୍ତି। ତିନି ବର୍ଷ କାଳ ଯୁଦ୍ଧ ଲାଗିବା ସତ୍ତ୍ୱେ ୟୁକ୍ରେନର ଅର୍ଥନୀତି ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିନି। ଋଷିଆ ସହ ସାଲିସ କରିବା ଏବଂ ଯୁଦ୍ଧ ବିରତି ଲାଗି ତାଙ୍କ ଉପରେ ବିଭିନ୍ନ ଦିଗରୁ ଚାପ ପଡ଼ିଛି। ଏହାକୁ ସେ ଦୃଢ଼ତାର ସହ ଏଡ଼ାଇ ଚାଲିଛନ୍ତି। ଆମେରିକାରେ ଡୋନାଲ୍ଡ ଟ୍ରମ୍ପ ରାଷ୍ଟ୍ରପତି ହେବା ପରେ ଆଶା କରାଯାଉଥିଲା ଯେ, ଏଥର ଋଷିଆ-ୟୁକ୍ରେନ ଯୁଦ୍ଧର ପରିସମାପ୍ତି ହେବ। ଋଷିଆ ରାଷ୍ଟ୍ରପତି ପୁଟିନଙ୍କ ସହ ଟ୍ରମ୍ପ ଆଲୋଚନା କରିବା ପରେ ଯୁଦ୍ଧର ପରିସମାପ୍ତି ହେବ ବୋଲି ଆଶା କରାଯାଉଥିଲା। କିନ୍ତୁ ଆଲୋଚନାରେ ୟୁକ୍ରେନ ରାଷ୍ଟ୍ରପତି ଜେଲେନସ୍କିଙ୍କୁ ଆଶ୍ଚର୍ଯ୍ୟଜନକ ଭାବେ ବାଦ ଦିଆଗଲା। ଏହା ୟୁକ୍ରେନ ପାଇଁ ନିହାତି ଅପମାନଜନକ। ୟୁକ୍ରେନକୁ ଆଲୋଚନା ପ୍ରକ୍ରିୟାରେ ସାମିଲ ନକରି ଋଷିଆ ପ୍ରସ୍ତାବ ଅସମ୍ଭବ ଏବଂ ଏକପାକ୍ଷିକ ଭାବେ କୋଣସି ନିଷ୍ପତ୍ତିକୁ ୟୁକ୍ରେନ ଗ୍ରହଣ କରିବ ନାହିଁ ବୋଲି ଜେଲେନସ୍କି ସ୍ପଷ୍ଟ କରି ଦେଇଛନ୍ତି। ଇତିମଧ୍ୟରେ ୱାଶିଂଟନ ଗସ୍ତରେ ଯାଇ ଜେଲେନସ୍କି ହ୍ୱାଇଟ ହାଉସରେ ରାଷ୍ଟ୍ରପତି ଟ୍ରମ୍ପଙ୍କ ସହ ଆଲୋଚନା କରିଛନ୍ତି। ଆଲୋଚନା ବେଳେ ଜେଲେନସ୍କି ଓ ଟ୍ରମ୍ପଙ୍କ ମଧ୍ୟରେ ଉତ୍ତପ୍ତ ଏବଂ କଥା କଟାକଟି ହୋଇଥିଲା। ଋଷିଆ ରାଷ୍ଟ୍ରପତି ପୁଟିନଙ୍କୁ ଜେଲେନସ୍କି ଜଣେ ହତ୍ୟାକାରୀ ଭାବେ ବର୍ଣ୍ଣନା କରି ତାଙ୍କ ସହ କୋଣସି ପ୍ରକାର ସାଲିସ କରାଯାଇପାରିବ ନାହିଁ ବୋଲି କହିଛନ୍ତି। ଟ୍ରମ୍ପଙ୍କ ଧମକ ଆଗରେ ସେ ମୁଣ୍ଡ ନୁଆଁଇବାକୁ ସ୍ପଷ୍ଟ ମନା କରି ଦେଇଛନ୍ତି। ଆଲୋଚନା ବେଳେ ଟ୍ରମ୍ପ କହିଥିଲେ ଯେ, ଯଦି ତାଙ୍କ ପ୍ରସ୍ତାବକୁ ଜେଲେନସ୍କି ଗ୍ରହଣ କରୁ ନାହାନ୍ତି ତେବେ ସେ ଆଲୋଚନା ପ୍ରକ୍ରିୟାରୁ ଓହରିଯାଉଛନ୍ତି। ଟ୍ରମ୍ପଙ୍କ ନାଲିଆଖିକୁ ଜେଲେନସ୍କି ଖାତିର ନକରି ହ୍ୱାଇଟ ହାଉସରୁ ବାହାରି ଆସିଥିଲେ। ହ୍ୱାଇଟ ହାଉସରେ ଆମେରିକା ରାଷ୍ଟ୍ରପତିଙ୍କ ସହ ଯୁକ୍ତି ତର୍କ କରିବା ଏବଂ ଆମେରିକା ରାଷ୍ଟ୍ରପତିଙ୍କ ନାଲିଆଖିକୁ ଖାତିର ନକରିବା ଜେଲେନସ୍କିଙ୍କ ସ୍ୱାଭିମାନ ଏବଂ ସାହସକୁ ପ୍ରମାଣିତ କରୁଛି। ନିଜ ଦେଶର ସମ୍ମାନ ଏବଂ ସାର୍ବଭୌମତ୍ୱ ସହ ସେ ସାଲିସ କରିନାହାନ୍ତି। ସେଥିପାଇଁ ସେ ୟୁକ୍ରେନର ରାଷ୍ଟ୍ରପତି ହେବାକୁ ଯୋଗ୍ୟ। ଉଭୟ ଆମେରିକା ଏବଂ ଋଷିଆ ଭଳି ବିଶ୍ୱର ଦୁଇ ମହାଶକ୍ତିଙ୍କ ମୁକାବିଲା କରିବା ସହଜ ନୁହେଁ। ଅନ୍ୟ ପକ୍ଷରେ ରାଷ୍ଟ୍ରପତି ଟ୍ରମ୍ପଙ୍କ ହାମ ବଡ଼ା ନୀତି ଏବେ ସମଗ୍ର ବିଶ୍ୱ ପାଇଁ ଚିନ୍ତାର କାରଣ ହୋଇଛି। ନିଜ ଦେଶରେ ବସବାସ କରୁଥିବା ବେଆଇନ ପ୍ରବାସୀ ବା ଅନୁପ୍ରବେଶକାରୀଙ୍କୁ ବିଦା କରିବାର ଅଧିକାର ତାଙ୍କର ରହିଛି। କିନ୍ତୁ ଟ୍ରମ୍ପ ଯେପରି ଭାବେ ବିଭିନ୍ନ ଦେଶର ସାମଗ୍ରୀ ଆମଦାନୀ ଉପରେ ଟାରିଫ ବୃଦ୍ଧି କରିଛନ୍ତି ତାହା ସମଗ୍ର ବିଶ୍ୱ ଅର୍ଥନୀତି ଉପରେ ଗଭୀର ପ୍ରଭାବ ପକାଇଛି। ସେୟାର ବଜାର ଭୁଶୁଡ଼ିଛି। ନିବେଶକ ମାନେ ବିପୁଳ କ୍ଷତି ସହିଛନ୍ତି। ଟ୍ରମ୍ପଙ୍କ ପାଗଳାମି ସମସ୍ତଙ୍କ ପାଇଁ ମହଙ୍ଗା ପଡ଼ିଛି। ତାଙ୍କର ଆମେରିକା ପ୍ରଥମେ ନୀତିକୁ କେହି ବିରୋଧ କରୁନାହାନ୍ତି। କିନ୍ତୁ ସେ ଯେପରି ଭାବେ ଅନ୍ୟ ଦେଶକୁ ଅଣଦେଖା କରୁଛନ୍ତି ଏବଂ ହେୟଜ୍ଞାନ କରୁଛନ୍ତି ତାହା ନିଶ୍ଚିତ ଭାବେ ନିନ୍ଦନୀୟ।

# ରୁଷ୍ ଭୂମିକମ୍ପ ବିଶ୍ୱର ବହୁ ଦେଶକୁ ସୁନାମୀ ସତର୍କ ଘଣ୍ଟି




ଡକ୍ଟର ଅମୂଲ୍ୟ କୁମାର ପଣ୍ଡା


ଋଷର ପୂର୍ବ କୈମଚଟକା ଅଞ୍ଚଳରେ ସକାଳୁ ସକାଳୁ ବଡ଼ ଧରଣର ଭୂମିକମ୍ପ ହୋଇଛି। ରିକ୍ଟର ସ୍କେଲରେ ଏହାର ତୀବ୍ରତା ୮.୭ ରହିଛି। ୟୁଏସ୍ ଜିଓ୍ୱୋଲୋଜିକାଲ ସର୍ଭେର ସୂଚନା ମୁତାବକ, ଭୂମିକମ୍ପର କେନ୍ଦ୍ରସ୍ଥଳ ସମୁଦ୍ର ଗର୍ଭରେ ସୃଷ୍ଟି ହୋଇଛି। ଫଳରେ ଜାପାନ ଓ ଆମେରିକାର ଏଜେନ୍ସି ସୁନାମୀର ଆଲର୍ଟ ଜାରି କରିଛନ୍ତି। ଋଷ ସହ ଜାପାନ ଓ ଆମେରିକାର କାଲିଫର୍ଣ୍ଣିଆରେ ମଧ ସୁନାମୀ ଆଲର୍ଟ ଜାରି କାରାଯାଇଛି। ସମୁଦ୍ରରେ ବଡ଼ ଲହଡ଼ି ଆସିବା ସହ ଆଖପାଖ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହେବ ବୋଲି ଆଲର୍ଟ କରାଯାଇଛି। ୟୁଏସ୍ ଜିଓ୍ୱୋଲୋଜିକାଲ ସର୍ଭେ ମୁତାବକ, ଭୂମିକମ୍ପର କେନ୍ଦ୍ରସ୍ଥଳୀ ସମୁଦ୍ରର ଗର୍ଭର ମାତ୍ର ୧୯ କିଲୋମିଟର ତଳେ ହୋଇଛି। ଏହି ଭୂକମ୍ପରେ ଋଷ ସହ ଜାପାନର ହୋକାଇଦୋ, କାଣ୍ଟୋସ୍ ଇଜୁ ଓ ଓଗାସାବନା ଦ୍ୱୀପ ଗୁଡ଼ିକରେ ସୁନାମୀ ଆଲର୍ଟ ଜାରି କରାଯାଇଛି। ଏସବୁ ଅଞ୍ଚଳରେ ଲୋକଙ୍କୁ ଉଚ୍ଚ ଓ ସୁରକ୍ଷିତ ସ୍ଥାନକୁ ପଳାଇଯିବାକୁ କୁହାଯାଇଛି।

ସୁନାମି ନାମ କରଣ ଜାପାନିଜ ରୁ ଆସିଛି। ଏହାର ଅର୍ଥ - "ପୋତାଶ୍ରୟରେ ଉଠୁଥିବା ଢେଉ ଯାହାକୁ ଇଂରାଜୀରେ HARBOR WAVE ବୋଲି କୁହଯାଏ ଆଉ ଏହା ହେଉଛି କ୍ରମାନ୍ୱୟରେ ଆସୁଥିବା ଜଳ-ତରଙ୍ଗ, ଯାହାକି ମୁଖ୍ୟତଃ ସମୁଦ୍ରରେ ବିଶାଳ ଜଳରାଶିର ସ୍ଥାନାନ୍ତରଣ ଯୋଗୁଁ ହୋଇଥାଏ। ଭୂମିକମ୍ପ, ଅଗ୍ନି ଉଦ୍‌ଗିରଣ, ଓ ପାଣି ଭିତରେ ହେଉଥିବା ଅନ୍ୟ ବିସ୍ଫୋରଣ, ଭୂ-ସ୍ଖଳନ, ଉଲକାପାତ ଏବଂ ଜଳସ୍ତର ତଳେ କିମ୍ବା ଉପରେ ହେଉଥିବା ଯେକୌଣସି ଅସ୍ଥିରତା ଯୋଗୁଁ ହିଁ ସୁନାମି ସୃଷ୍ଟି ହୋଇଥାଏ। ପ୍ରକୃତରେ ବହୁତ କମ୍ ଭାଷା ଅଛି ଯେଉଁଥିରେ "ସୁନାମି" ପାଇଁ କିଛି ନିଜସ୍ୱ ଶବ୍ଦ ରହିଛି। ଆସେନୀୟ ଭାଷାରେ ଏହାକୁ ଇଏ ବେଉନା କିମ୍ବା ଆଲୋନ ବୁଲୁଏକ୍ କୁହାଯାଏ। ତାମିଲ ଭାଷାରେ ଏହା ହେଉଛି ଆଜାଇ ପେରାଲାଇ। ସୁମାତ୍ରାର ପଶ୍ଚିମ ତଟରେ ଥିବା ସିମେଉଲୁ ଦ୍ୱୀପରେ ଦେବ୍ୟାନ ଭାଷାରେ ଏହା ସ୍ମୋଙ୍ଗ ଓ ସିଗୁଲାଇ ଭାଷାରେ ଏହା ଏମୋଙ୍ଗ କୁହଯାଏ। ଆସେଃ ରାଜ୍ୟର ସିଙ୍ଗକିଲ୍‌ରେ ସୁନାମିକୁ ସ୍ଥାନୀୟ ଲୋକ ଗ୍ଲୋରୋ କହନ୍ତି। ସୁନାମିକୁ ବେଳେବେଳେ ଜୁଆରିଆ ଲହଡି ଯାହାକୁ ଇଂରାଜୀରେ TIDAL WAVE କୁହାଯାଇଥାଏ। କିଛି ବର୍ଷ ହେବ ଏହି ଶବ୍ଦର ବ୍ୟବହାର ବନ୍ଦ ହୋଇଯାଇଛି, ମୁଖ୍ୟତଃ ବୈଜ୍ଞାନିକ ଗୋଷ୍ଠୀ ଭିତରେ, କାରଣ ସୁନାମି ସହ ଜୁଆରର କୌଣସି ସମ୍ପର୍କ ନଥାଏ। ଦିନେ ଏତେ ଲୋକପ୍ରିୟ ଥିବା ନାଁଟି ପ୍ରକୃତରେ ସେମାନଙ୍କର ଏକା ପ୍ରକାରର ଦୃଶ୍ୟପଟ ଯୋଗୁଁ ହୋଇଥିଲା। ସୁନାମି ଓ ଜୁଆର ଉଭୟ ଜଳ ଲହଡି ସୃଷ୍ଟି କରନ୍ତି ଯାହାକି ଭୁପୃଷ୍ଠ ଭିତରକୁ ମାଡି ଆସେ, କିନ୍ତୁ ସୁନାମି କ୍ଷେତ୍ରରେ ଏହା ବହୁତ ବିଶାଳ ହୋଇଥାଏ ଓ ଅଧିକ ଦିନ ପର୍ଯ୍ୟନ୍ତ ରହେ, ଏହାକୁ ଉଚ୍ଚ ଜୁଆର ବା HIGH TIDES କୁହାଯାଏ। ସୁନାମି ସାଧାରଣ ସାମୁଦ୍ରିକ ଢେଉ ନୁହେଁ, କାରଣ ଏହାର "ତରଙ୍ଗ ଦୈର୍ଘ୍ୟ" ବହୁତ ଲମ୍ବା ହୋଇଥାଏ। ଏହା ସାଧାରଣ ଢେଉ ଭାଙ୍ଗିବା ପରି ଦେଖା ନ ଯାଇ ବରଂ କ୍ଷୀପ୍ର ଗତିରେ ଉଠୁଥିବା ଜୁଆର ପରି ଦେଖାଯାଏ, ଏଣୁ ଏହାକୁ ଇଂରାଜୀରେ TIDAL WAVES କହନ୍ତି। ସୁନାମି ସାଧାରଣତଃ ତରଙ୍ଗ ଶୃଙ୍ଖଳକୁ ନେଇ ତିଆରି ହୋଇଥାଏ ଓ ଏହାର ଆବର୍ତ୍ତିକାଳ ଗୋଟିଏ ମିନିଟରୁ ଗୋଟିଏ ଘଣ୍ଟା ପର୍ଯ୍ୟନ୍ତ ହୋଇପାରେ ଯାହାକୁ ଇଂରାଜୀରେ WAVE TRAIN ବୋଲି କୁହାଯାଏ। ସୁନାମିର ପ୍ରଭାବ ଉପକୂଳବର୍ତ୍ତୀ ଅଞ୍ଚଳଗୁଡ଼ିକ ମଧ୍ୟରେ ସୀମିତ ଥିଲେ ହେଁ ସେମାନଙ୍କର ଧ୍ୱଂସକାରୀ ଶକ୍ତି ବହୁତ ଅଧିକ ହୋଇଥାଏ ଓ ଏହା ସଂପୂର୍ଣ୍ଣ ମହାସାଗର ତଳକୁ ପ୍ରଭାବିତ କରିପାରେ। ସମୁଦ୍ରରେ ଏକକାଳୀନ ବହୁତ ପରିମାଣରେ ଜଳ ସ୍ଥାନାନ୍ତରିତ ହେବା ହିଁ ସୁନାମି ଉତ୍ପନ୍ନ ହେବାର ଏକ ମୁଖ୍ୟ କାରଣ ଅଟେ। ଜଳ ଭାଗରେ ଏପରି ବିଶାଳ ବିସ୍ଥାପନ ସାଧାରଣତଃ ଭୂମିକମ୍ପ, ଭୂ-ସ୍ଖଳନ, ଆଗ୍ନେୟ ଗିରି ଉଦ୍‌ଗିରଣ, ଗ୍ଲେସିଅର୍ କିମ୍ବା ବେଳେବେଳେ ଉଲ୍‌କାପାତ ଯୋଗୁଁ ହୋଇଥାଏ। ଏହି ଭଳି ସୃଷ୍ଟି ହୋଇଥିବା ତରଙ୍ଗ, ମାଧାକର୍ଷଣ ଯୋଗୁଁ ଶକ୍ତିଶାଳୀ ହୋଇଥାଏ। ସୁନାମୀ ସୃଷ୍ଟିରେ ଜୁଆରର କୌଣସି ଭୂମିକା ନଥାଏ। ୨୦୦୪ ଭାରତ ମହାସାଗରରେ ହୋଇଥିବା ସୁନାମି, ମାନବ ଇତିହାସରେ ସବୁଠାରୁ ଧ୍ୱଂସକାରୀ ପ୍ରକୃତିକ ବିପର୍ଜୟ ଥିଲା। ଏଥିରେ ଭାରତ ମହାସାଗରରେ ଥିବା ୧୪ଟି ଦେଶରେ ୨୩୦,୦୦୦ରୁ ଉର୍ଦ୍ଧ୍ୱ ଲୋକଙ୍କର ପ୍ରାଣହାନୀ ହୋଇଥିଲା।



ଏହି ଭୂମିକମ୍ପ ଓ ସୁନାମି ଆଶଙ୍କା ମନେ ପକେଇ ଦେଇଛି ପୂର୍ବରୁ ଘଟିଥିବା ବିଭିନ୍ନ ବଡ଼ଧରଣର ଭୂମିକମ୍ପ ଓ ସୁନାମି ରେ ଲୋକଙ୍କ ଆର୍ତ୍ତ ଚିତ୍କାର। ଆଉ ସେ ଅଶୁଭ ଦିନର କାହାଣୀ। ଆସନ୍ତୁ ଜାଣିବା ଏପରି ବିଶ୍ୱରେ ଚହଳ ଖେଳାଇଥିବା କିଛି ବଡ଼ ଧରଣର ଭୂମିକମ୍ପ ସମ୍ପର୍କରେ। ୧୯୫୨ ରୁଷିଆ ଭୂମିକମ୍ପଃ ରୁଷିଆର କାମଚଟକା ନିକଟରେ ୧୯୫୨ ମସିହାରେ ୯.୦ ତୀବ୍ରତାର ଏକ ଭୂମିକମ୍ପ ହୋଇଥିଲା। ଏଥିରେ ୨୦୦୦ ଲୋକଙ୍କର ମୃତ୍ୟୁ ହୋଇଥିଲା ଏବଂ ବଡ଼ ଧରଣର ସୁନାମି ସୃଷ୍ଟି ହୋଇଥିଲା। ୧୯୬୦ ଚିଲି ଭୂମିକମ୍ପ : ୧୯୬୦ ମସିହା ମେ ମାସରେ ଚିଲିର ବାୟୋ-ବାୟୋ ଠାରେ ଏକ ବଡ଼ ଧରଣର ଭୂମିକମ୍ପ ହୋଇଥିଲା। ଦୁଇଥର ହୋଇଥିବା ଏହି ଭୂମିକମ୍ପର ତୀବ୍ରତା ଯଥାକ୍ରମେ ୯.୪ ଏବଂ ୯.୬ ରହିଥିଲା। ପ୍ରାୟ ୧୦ ମିନିଟ ଧରି ଭୂମି ଥରିଥିଲା। ଏହି ପ୍ରାକୃତିକ ବିପର୍ଯ୍ୟୟରେ ୬୦୦୦ ପର୍ଯ୍ୟନ୍ତ ଲୋକଙ୍କ ମୃତ୍ୟୁ ହୋଇଥିଲା। ଆଜି ପର୍ଯ୍ୟନ୍ତ ରେକର୍ଡ ହୋଇଥିବା ଭୂମିକମ୍ପ ମଧ୍ୟରେ ଏହାର ମାତ୍ରା ସବୁଠୁ ଅଧିକ ବୋଲି କୁହାଯାଇଥାଏ। ୧୯୬୪ ଆଲାସ୍କା ଭୂମିକମ୍ପଃ ୧୯୬୪ ମସିହାର ଗୁଡ୍ ଫ୍ରାଇଡେ ଦିନ ଏକ ଶକ୍ତିଶାଳୀ ଭୂମିକମ୍ପ ଆଲାସ୍କା ଅଞ୍ଚଳରେ ହୋଇଥିଲା। ଏହାର ତୀବ୍ରତା ୯.୨ ରହିଥିଲା। ୫ ମିନିଟରୁ କମ୍ ସମୟ ପାଇଁ ହୋଇଥିଲେ ମଧ ଉତ୍ତର ଆମେରିକାରେ ଆଜି ପର୍ଯ୍ୟନ୍ତ ହୋଇଥିବା ଭୂମିକମ୍ପ ମଧ୍ୟରେ ଏହା ସବୁଠୁ ଶକ୍ତିଶାଳୀ। ଭୂମିକମ୍ପରେ ଏହି ଅଞ୍ଚଳରେ କେବଳ ୯ ଜଣଙ୍କର ମୃତ୍ୟୁ ହୋଇଥିଲେ ମଧ ବିଶ୍ୱର ବିଭିନ୍ନ ସ୍ଥାନରେ ସୁନାମି ଯୋଗୁ ୧୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିଲା। ୨୦୦୧ ଭୁଜ୍ ଭୂମିକମ୍ପଃ ୨୦୦୧ ମସିହାରେ ଗୁଜରାଟର ଭୁଜ୍‌ରେ ହୋଇଥିବା ଭୂମିକମ୍ପ ବିଶ୍ୱର ତୃତୀୟ ବୃହତ୍ ଏବଂ ୨୦୦ ବର୍ଷ ମଧ୍ୟରେ ଭାରତର ଦ୍ୱିତୀୟ ବିଧ୍ୱଂସକାରୀ। ଏଥିରେ ୨୦ ହଜାରରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିବାବେଳେ ହଜାର ଲକ୍ଷ ଲକ୍ଷ ଲୋକ ଗୃହଶୂନ୍ୟ ହୋଇଥିଲେ। ୨୦୦୪ ସୁମାତ୍ରା ଭୂମିକମ୍ପ ଓ ସୁନାମିଃ ୨୦୦୪ ମସିହାରେ ସୁମାତ୍ରାରେ ହୋଇଥିବା ୯.୧ ତୀବ୍ରତା ବିଶିଷ୍ଟ ଭୂମିକମ୍ପ ଦକ୍ଷିଣ ଏସିଆର ଏକ ବଡ଼ ବିପର୍ଯ୍ୟୟ ଭାବେ ବିବେଚନା କରାଯାଏ। ଏହାଫଳରେ ଭାରତ ସମେତ ଅନେକ ଦେଶରେ ୧୦୦ ଫୁଟ ପର୍ଯ୍ୟନ୍ତ ସୁନାମି ଦେଖିବାକୁ ମିଳିଥିଲା। ୧୪ଟି ଦେଶରେ ପ୍ରାୟ ୨,୨୭,୦୦୦ ଲୋକଙ୍କର ଏହି ସୁନାମି ଫଳରେ ମୃତ୍ୟୁ ହୋଇଥିଲା। ଭାରତରେ ପ୍ରାୟ ୪୨ ହଜାର ଲୋକଙ୍କର ମୃତ୍ୟୁ ହୋଇଥିଲା। ୨୦୧୧ ଜାପାନ ଭୂମିକମ୍ପଃ ୨୦୧୧ ମାର୍ଚ୍ଚ ୧୧ରେ ଜାପାନରେ ହୋଇଥିବା ଭୂମିକମ୍ପ ଏବଂ ସୁନାମି ଫଳରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ଏହାର ତୀବ୍ରତା ୯.୦ ରହିଥିଲା। ୧,୨୦,୦୦୦ କୋଠା ଭାଙ୍ଗିଥିଲା।୨୦୧୫ ନେପାଳ ଭୂମିକମ୍ପଃ ୨୦୧୫ ମସିହାରେ ନେପାଳରେ ଏକ ଶକ୍ତିଶାଳୀ ଭୂମିକମ୍ପ ହୋଇଥିଲା। ଏହାର ପ୍ରଭାବ ଭାରତ ସମେତ ଚୀନ, ପାକିସ୍ତାନ ଓ ବାଂଲାଦେଶରେ ଅନୁଭୂତ ହୋଇଥିଲା। ୮୦୦୦ରୁ ଅଧିକ ଲୋକଙ୍କର ମୃତ୍ୟୁ ଏଥିରେ ହୋଇଥିଲା। ଏହା ପୂର୍ବରୁ ନେପାଳରେ ୧୯୩୪ରେ ଏକ ବଡ଼ ଧରଣର ଭୂମିକମ୍ପ ହୋଇ ୧୭ ହଜାର ଲୋକଙ୍କର ମୃତ୍ୟୁ ହୋଇଥିଲା।

ଆଜିର ଦିନରେ ଭାରତର ମହାକାଶ ଗବେଷଣା ସଂସ୍ଥା 'ଇସ୍ରୋ' ଓ ଭାରତୀୟ ବିମାନବନ୍ଦର ପ୍ରାଧିକରଣ 'ଏ.ଏ.ଆଇ.' ଏହି ସୁନାମି ଓ ଭୂମିକମ୍ପ ଦିଗରେ ଜନସାଧାରଣଙ୍କୁ ସହାୟତା କରିବା ପାଇଁ ଯଥେଷ୍ଟ ସାହାଯ୍ୟ କରୁଛି। ଉପଗ୍ରହ ଯୋଗାଯୋଗ ବ୍ୟବସ୍ଥା 'ନାବିକ୍' ଦ୍ୱାରା ଭାରତ ମହାସାଗରର ଉତ୍ତରାଞ୍ଚଳରେ ରହିଥିବା ମତ୍ସ୍ୟଜୀବୀ ଓ ଅନ୍ୟାନ୍ୟ ସଂସ୍ଥାକୁ ସୁନାମି ସମ୍ପର୍କିତ ଆଗୁଆ ମୋବାଇଲ-ସନ୍ଦେଶ ଦିଆଯାଇ ପାରୁଛି। ସବୁଠାରୁ ବଡ କଥା ହେଉଛି ଆମ ମାନଙ୍କର ସଚେତନତା। ଜାତୀୟ ରାଜପଥରେ ଯିବା ସମୟରେ ଅନେକ ସଙ୍କେତ ଯଥା ଚିହ୍ନ ଆମ ଆଖିରେ ପଡେ। ସେଇ ସଙ୍କେତରେ ହେଲମେଟ୍ ଓ ସିଟ୍ ବେଲ୍ଟ୍ ପିନ୍ଧିବାଠାରୁ ଆରମ୍ଭ କରି ଗାଡ଼ିର ବେଗ ଓ ବୁଲାଣିଆ ସଡକ ଇତ୍ୟାଦି ବିଷୟରେ ସମସ୍ତ ସୂଚନା ରହିଥାଏ। ହେଲେ ଆମକୁ ସବୁ ସଙ୍କେତର ଅର୍ଥ ଜଣା ନ ଥାଏ। ଯଦିଓ କିଛି ସଙ୍କେତ ବୁଝାପଡେ, ତାହାକୁ ଆମେ ଗୁରୁତ୍ୱ ଦେଉ ନାହିଁ। ସଙ୍କେତଗୁଡିକ ପ୍ରତି ଅବମାନନା ପ୍ରଦର୍ଶନ ହିଁ ସଡକ ଦୁର୍ଘଟଣାର ମୁଖ୍ୟ କାରଣ। ଠିକ୍ ସେହିପରି ସୁନାମି ପ୍ରବଣ ଉପକୂଳ ଅଞ୍ଚଳରେ ସୁନାମି ସମ୍ପର୍କିତ କେତେକ ସଙ୍କେତ ରହିଛି। ସାଧାରଣ ଲୋକ କିନ୍ତୁ ସେସବୁ ବୁଝିବା ପାଇଁ ଆଗ୍ରହ ପ୍ରକାଶ କରନ୍ତି ନାହିଁ। ତେଣୁ ପ୍ରକୃତ ସୁନାମି ଆସିଲେ ସେମାନେ ନିଜର ଧନଜୀବନ ହରାଇ ବସନ୍ତି। ତେଣୁ ଜନସାଧାରଣ ସମସ୍ତ ସୁନାମି ସତର୍କତା ସଙ୍କେତ ବିଷୟରେ ଜାଣିବା ନିହାତି ଜରୁରୀ। ନଚେତ୍ କୌଣସି ସୂଚନା ବ୍ୟବସ୍ଥା ସେମାନଙ୍କର ଧନଜୀବନକୁ ସୁରକ୍ଷା ପ୍ରଦାନ କରିପାରିବ ନାହିଁ।


**ଅରଙ୍ଗାବାଦ, ବରୀ, ଯାଜପୁର**
**ମୋବାଇଲଃ ୮୨୪୯୫୦୨୭୭୬**


# ଜଳବାୟୁ ପରିବର୍ତ୍ତନ ସଂକଟ




ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା)


ନିକଟରେ ବିଶ୍ୱ ଅର୍ଥନୈତିକ ଫୋରମର ରିସ୍କ ରିପୋର୍ଟରେ ବିଶ୍ୱ ଜଳବାୟୁ ପରିବର୍ତ୍ତନ ଏବଂ ଏହାର ଭୟଙ୍କର ପ୍ରଭାବ ନେଇ ଯେଉଁ ତଥ୍ୟ ପ୍ରକାଶ ପାଇଛି, ତାହା ଅତ୍ୟନ୍ତ ଚିନ୍ତାଜନକ। ରିପୋର୍ଟରେ କୁହାଯାଇଛି ଯେ, ସଶସ୍ତ୍ର ଲଢେଇ ଏବଂ ଯୁଦ୍ଧ ପରେ ବିଶ୍ୱରେ ଦ୍ୱିତୀୟ ସର୍ବାଧିକ ମୃତ୍ୟୁ କେବଳ ଜଳବାୟୁ ପରିବର୍ତ୍ତନ ପ୍ରଭାବରୁ ହୋଇଛି। ଗଲା ତିନି ଦଶନ୍ଧି ମଧ୍ୟରେ ଅର୍ଥାତ ୧୯୯୩ ରୁ ୨୦୨୨ ଭିତରେ ବିଶ୍ୱରେ ୯, ୪୦୦୦ଟି ଜଳବାୟୁ ପରିବର୍ତ୍ତନ ଜନିତ ଭୟଙ୍କର ଘଟଣାରେ ଘଟିଥିବାବେଳେ ୭ଲକ୍ଷ ୬୫ହଜାରରୁ ଅଧିକ ଲୋକଙ୍କର ମୃତ୍ୟୁ ଘଟିଛି। ବିଶ୍ୱ ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ବିଶ୍ୱରେ ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ, ଅଂଶୁଘାତ, ଅତ୍ୟଧିକ ବର୍ଷା, ଜଳ ପ୍ରଳୟ, ବନ୍ୟା, ସାମୁଦ୍ରିକ ବାତ୍ୟା, ମରୁଡ଼ି ଆଦି ମାନବ ସମାଜ ପାଇଁ ସବୁଠାରୁ ବଡ କ୍ଷତିକାରକ ଭାବେ ଉଭା ହୋଇଛି। ଏହି ଅବଧି ମଧ୍ୟରେ ଚାରି ଟ୍ରିଲିଅନ ଡଲାରର କ୍ଷୟକ୍ଷତି ଘଟିଥିବା କୁହଯାଏ। ସେହିପରି ଜର୍ମାନୱାଚ ଗ୍ଲୋବାଲ କ୍ଲାଇମେଟ ରିସ୍କ ଇଣ୍ଡେକ୍ସର ରିପୋର୍ଟରେ ତଥ୍ୟ ଅନୁଯାୟୀ ଏହି ସମୟ ଅର୍ଥାତ ୧୯୯୩ରୁ ୨୦୨୨ ମଧ୍ୟରେ ଭାରତ ୬ଟି ବଡ ଧରଣର ଜଳବାୟୁ ପରିବର୍ତ୍ତନ ଜନିତ ପ୍ରାକୃତିକ ବିପର୍ଯ୍ୟାୟର ସମ୍ମୁଖୀନ ହୋଇଥିଲା। ଯାହାର ପ୍ରଭାବରେ ଭାରତରେ ୮୦ହଜାରରୁ ଅଧିକ ଲୋକଙ୍କର ମୃତ୍ୟୁ ଘଟିଥିବାବେଳେ ୧୮୦ବିଲିଅନ ଡଲାରର ସମ୍ପତି କ୍ଷୟକ୍ଷତି ହୋଇଥିବା କୁହାଯାଇଛି। ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ବିଶ୍ୱର ସର୍ବାଧିକ କ୍ଷତିଗ୍ରସ୍ତ ରାଷ୍ଟ୍ରଙ୍କ ତାଲିକାରେ ଭାରତ ଷଷ୍ଠ ସ୍ଥାନରେ ରହିଛି। କେବଳ ଏତିକି ନୁହେଁ, ଏହି ଅବଧି ମଧ୍ୟରେ ଭାରତରେ ମୋଟ ମୃତ୍ୟୁ ସଂଖ୍ୟାର ପ୍ରତି ୧୦ଜଣରେ ଜଣେ ପ୍ରାକୃତିକ ବିପର୍ଯ୍ୟାୟରେ ଜୀବନ ହରାଇଥିବା କୁହାଯାଏ। ଭାରତରେ ଦୃତ ସହରାଚଂଳ ବିକାଶ, ଶିଳ୍ପ ବିକାଶ ପରିପ୍ରେକ୍ଷୀରେ ଦୃତ ଜଳବାୟ ପରିବର୍ତ୍ତନର ପ୍ରଭାବ ଏବେ ଭାରତୀୟ ଲୋକଙ୍କର ସ୍ୱାସ୍ଥ୍ୟ ଉପରେ ପଡ଼ିଛି। ବନ୍ୟା, ବାତ୍ୟା, ଗ୍ରୀଷ୍ମପ୍ରବାହ, ଅତ୍ୟଧିକ ଥଣ୍ଡା ପ୍ରବାହ ଜନିତ ମୃତ୍ୟୁ ବ୍ୟତୀତ ଦେଶରେ ଶ୍ୱାସକ୍ରୀୟାରେ ଏବଂ ହୃଦରୋଗ ଜନିତ ମୃତ୍ୟୁ ସଂଖ୍ୟା ବୃଦ୍ଧି ଏବେ ଉଦ୍‌ବେଗର କାରଣ ହୋଇଛି। ସେହିପରି ମାନସିକ ବିକୃତ ରୋଗୀଙ୍କ ସଂଖ୍ୟା ମଧ ବଢ଼ିବାରେ ଲାଗିଥିବା ଲାନସେଟ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ଦର୍ଶାଯାଇଛି। ଲାନ୍‌ସେଟ୍‌ରେ ଆହୁରି କୁହାଯାଇଛି ଯେ, ମନ ଓ ଶରୀର ପୃଥକ ନୁହେଁ। ଗୋଟିଏ ପ୍ରଭାବିତ ହେଲେ ଅନ୍ୟଟି ପ୍ରଭାବିତ ହେବା ନିଶ୍ଚିତ। ଅସହ୍ୟ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଗୁଳୁଗୁଳି ଜନଜୀବନକୁ ପ୍ରଭାବିତ କରୁଥିବାବେଳେ ଏହାର ପ୍ରଭାବ ସାଙ୍ଗକୁ ଗୁଳୁଗୁଳି ଜନଜୀବନକୁ ପ୍ରଭାବିତ କରୁଥିବାବେଳେ ଏହାର ପ୍ରଭାବ ସିଧାସଳଖ ମାନସିକ ସ୍ୱାସ୍ଥ୍ୟ ଉପରେ ପଡୁଛି। ମାନସିକ ସ୍ୱାସ୍ଥ୍ୟ ଚିକିତ୍ସା ସରକାରୀ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ବିଶେଷ ଗୁରୁତ୍ୱ ପାଇନଥିବାବେଳେ ଏଥିଲାଗି ବଜେଟ ବ୍ୟୟ ଅଟକଳ ମାତ୍ର ୧ ପ୍ରତିଶତ ରହିଛି। ଯାହାକି ସମୁଦ୍ରକୁ ଶଙ୍ଖେ ସଦୃଶ ହୋଇଛି। କିନ୍ତୁ ଏହା ନିସନ୍ଦେହ ଯେ, ଦୃତ ଜଳବାୟୁ ପରିବର୍ତ୍ତନ ପ୍ରଭାବ ଯେପରି ମଣିଷର ମାନସିକ ସ୍ୱାସ୍ଥ୍ୟ ଉପରେ ବୃଦ୍ଧି ପାଇଛି, ଏହାର ପ୍ରତିକାର କରାନଗଲେ, ଭବିଷ୍ୟତ ପିଢ଼ିଙ୍କୁ ଏହା ନଷ୍ଟ ଭ୍ରଷ୍ଟ କରିଦେବାର ଆଶଙ୍କା ରହିଛି। ସେହିପରି ବିଶ୍ୱବ୍ୟାଙ୍କ ଏବଂ କେନ୍ଦ୍ର ସହର ବିକାଶ ଓ ଗୃହ ନିର୍ମାଣ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ଏକ ମିଳିତ ସର୍ଭେ ରିପୋର୍ଟରେ କୁହାଯାଇଛି ଯେ, ଜଳବାୟୁ ପରିବର୍ତ୍ତନର ପ୍ରଭାବ ଏବେ ଭାରତୀୟ ସହରଗୁଡିକ ଉପରେ ସିଧାସଳଖ ପଡ଼ିଛି। ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ଦେଶର ୧୦ଟି ବଡ ବଡ ସହର ଅସହ୍ୟ ଗ୍ରୀଷ୍ମ ପ୍ରବାହ ଏବଂ ଅତିଶୟ ବର୍ଷାରେ ପ୍ରଭାବିତ ହୋଇଥିବା କୁହାଯାଏ। ୧୯୮୩ ରୁ ୧୯୯୦ ଏବଂ ୨୦୧୦ ରୁ ୨୦୧୬ ମଧ୍ୟରେ ଗଲା ୨୫ବର୍ଷ ମଧ୍ୟରେ ଏହି ସହରଗୁଡିକରେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ବର୍ଷା ୭୧ ପ୍ରତିଶତରୁ ଶତ ପ୍ରତିଶତକୁ ବୃଦ୍ଧି ପାଇଛି। ଏହି ସହରଗୁଡିକ ଅଂଶୁଘାତ ଓ ଗ୍ରୀଷ୍ମ ପ୍ରବାହ ଜନିତ ମୃତ୍ୟୁ ସଂଖ୍ୟା ଦ୍ୱିଗୁଣିତ ବୃଦ୍ଧି ପାଇଛି। ଜାତୀୟ ରାଜଧାନୀ ଦିଲ୍ଲୀ ହେଉଛି ଏହାର ଜ୍ୱଳନ୍ତ ଉଦାହରଣ। ଭାରତ ସମେତ ସମଗ୍ର ବିଶ୍ୱ ଏବେ ଏକ ଅଦ୍‌ଭୂତପୂର୍ବ ପର୍ଯ୍ୟାୟ ଜଳବାୟୁ ପରିବର୍ତ୍ତନରେ ପ୍ରବେଶ କରିଥିବା ନେଇ ସ୍ପଷ୍ଟ ସଂକେତ ମିଳେ। ଗତ ଜାନୁୟାରୀ ମାସ ଆନ୍ତର୍ଜାତିକ ସ୍ତରରେ ସବୁଠାରୁ ଉଷ୍ମ ମାସ ଥିବା ରେକର୍ଡ କରାଯାଇଛି। ଭୂଭାଗର ହାରାହାରି ତାପମାତ୍ରା ୧୩.୨୩ ଡିଗ୍ରୀ ସେଲସିୟସ ଥିଲା, ଯାହା ପ୍ରି-ଇଣ୍ଡଷ୍ଟ୍ରିଆଲ ତାପମାତ୍ରା ଠାରୁ ୧.୭୫ ଡିଗ୍ରୀ ସେଲସିୟସ ଥିଲା। ଭାରତ ଓ ପାକିସ୍ଥାନରେ ସର୍ବାଧିକ ହିଟୱେଭ୍ ପ୍ରବଣ ଦେଶଗୁଡ଼ିକ ମଧ୍ୟରେ ନବମ ସ୍ଥାନରେ ରହିଥିବାବେଳେ ଏହାର ମୁକାବିଲା ପାଇଁ ବେଳହୁଁ ସଜାଗ, ସତର୍କ ନହେଲେ ଦକ୍ଷିଣ ଏସୀଆର ଦୁଇ ପଡୋଶୀ ରାଷ୍ଟ୍ରରେ ହିଟୱେଭ୍ ୩୦ଗୁଣ ବୃଦ୍ଧି ପାଇବା ସମ୍ଭାବନାକୁ ଏଡାଇ ଦିଆଯାଇନପାରେ।


ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ଼, -୭୫୧୦୦୨
ମୋବାଇଲ ନଂ-୭୯୭୮୬୬୬୪୦୩




# ମନ୍‌ସୁନ୍ ହୋମ କେୟାର




ଇତିଶ୍ରୀ ଅଲିଭା ଦୀପ୍ତିମୟୀ ରାଉତ


ରାଜ୍ୟର ପ୍ରାୟ ସବୁଆଡ଼େ ଏବେ ମୌସୁମୀର ଆଗମନ ହୋଇସାରିଲାଣି। ଖରାର ପ୍ରାଦୁର୍ଭାବରୁ ମୌସୁମୀ ଜନିତ ବର୍ଷା ଅନେକାଂଶରେ ବଞ୍ଚାଇଛି। ହେଲେ ଏହା ସତ କଥା ଯେ ବର୍ଷା ଆମ ଘରର ଏକ ଭଲ ବନ୍ଧୁ ନୁହେଁ। କାରଣ ବର୍ଷା ସହିତ ଘରେ ଉଇ ଲାଗିବା ଆରମ୍ଭ ହୋଇଯାଆନ୍ତି। ସେହିପରି ବର୍ଷା ଯୋଗୁଁ ଲୁଗା ଶୁଖାଇବା, ଘରର ଆଖପାଖରେ ପାଣି ଜମିଯିବା ଏବଂ ଚଲାବୁଲା ଦ୍ୱାରା ଘର ଭିତରକୁ କାଦୁଅ ଆସି ଘରକୁ ଅପରିଷ୍କାର କରିବା ଭଳି ସମସ୍ୟାମାନ ସୃଷ୍ଟି ହୋଇଥାଏ। ତେଣୁ ବର୍ଷା ଆରମ୍ଭ ସହିତ ହିଁ ଘରକୁ ସଫାସୁତୁରା ଏବଂ ଶୁଖିଲା ରଖିବା ଜନିତ ସମସ୍ୟା ମୁଣ୍ଡ ଟେକିଥାଏ। ତେବେ କିଛି ଛୋଟ ଛୋଟ କଥା ପ୍ରତି ଧ୍ୟାନ ଦେଲେ ଏହି ସମସ୍ୟା ଆଉ ମୁଣ୍ଡବିନ୍ଧାର କାରଣ ହୋଇ ରହିବ ନାହିଁ।

**ଆର୍ଦ୍ରତାକୁ ବାହାରକୁ ଯିବାକୁ ଦିଅନ୍ତୁ:** ବର୍ଷା ସମୟରେ ଅନେକେ ନିଜ ନିଜ ଘରର ଝରକା ସବୁକୁ ବନ୍ଦ କରି ଦିଅନ୍ତି। ଏହା ଭଲ କଥା। ଏହାଦ୍ୱାରା ବର୍ଷାପାଣି ଘର ଭିତରକୁ ଆସିବ ନାହିଁ ହେଲେ ବର୍ଷା ଛାଡ଼ିଯିବା ପରେ ବି ଘରର ଝରକା ଏବଂ କବାଟ ସବୁକୁ ବନ୍ଦ କରି ରଖିବା ଠିକ୍ ନୁହେଁ। ଏହାଦ୍ୱାରା ଘର ମଧ୍ୟକୁ ପଶି ଆସିଥିବା ଛୋଟ ଛୋଟ ଜଳକଣା ସବୁ ବାହାରକୁ ଯାଇ ନପାରି ଘରକୁ ସନ୍ତସନ୍ତିଆ କରିଦିଅନ୍ତି। ଘରର ଜିନିଷପତ୍ର ତଥା ଲୁଗାପଟା ଓଦାଳିଆ ଲାଗେ। ତେଣୁ ବର୍ଷା ଛାଡ଼ିଯିବା ମାତ୍ରେ ଘରର ଝରକା ସବୁକୁ ଖୋଲି ଦେବା ଉଚିତ। ଏହାଦ୍ୱାରା ଘରର ଆର୍ଦ୍ରତା ବାହାରକୁ ଚାଲିଯିବ। ନୂଆ ଥର୍ମୋଫ୍ଲାକ୍ସ କିମ୍ବା ୱାଟର୍ ଫିଲ୍‌ଟର କିଣିଲାବେଳେ ଦେଖିଥିବେ ଏହା ଭିତରେ ଛୋଟ ଛୋଟ ପ୍ୟାକେଟ୍ ରହିଥାଏ ଏହା ହେଉଛି ସିଲିକା ଜେଲ୍ ପ୍ୟାକେଟ୍। ବଜାରରୁ ଏଥିରୁ କିଛି ପ୍ୟାକେଟ୍ କିଣି ଆଣି ନିଜ କପଡ଼ା ଆଲମାରିରେ ରଖି ଦିଅନ୍ତୁ। ଏହା ଆର୍ଦ୍ରତାକୁ ଶୋଷି ନେଇଥାଏ। ଏହାକୁ ଆପଣ ନିଜ ଜୋତା ତଥା ବ୍ୟାଗ୍ ଭିତରେ ବି ରଖିପାରିବେ।

**ଡୋ଼ର୍ ମ୍ୟାଟ୍:** ବର୍ଷାଦିନେ ଜୋତା ଏବଂ ଚପଲ ସହିତ ଆସୁଥିବା କାଦୁଅ ଦ୍ୱାରା ଘର ମଇଳା ହୋଇଯାଇଥାଏ। ତେଣୁ ଘର ଭିତରେ ଏବଂ ଖଟ ତଳେ ପକାଉଥିବା ଛୋଟ ମ୍ୟାଟ୍ ପରି ଏକ ମ୍ୟାଟ୍ ଘର ବାହାରେ ବି ରଖି ଦିଅନ୍ତୁ। ବେଶି ଦାମୀ ନ ହେଲେ ବି ନଡ଼ିଆକତାରେ ପ୍ରସ୍ତୁତ ଏକ ସାଧାରଣ ଡୋର୍ ମ୍ୟାଟ୍ ଘର ବାହାରେ ରଖି ଦିଅନ୍ତୁ। ଜୋତା ଏବଂ ଚପଲରେ ଲାଗିଥିବା କାଦୁଅ ଏଥିରେ ପୋଛି ଘରକୁ ଆସିବା ପାଇଁ ସୁବିଧା ହେବ। ଏହାଛଡ଼ା ଘର ଅଗଣାରେ ପାଣିର ସୁବିଧା କରନ୍ତୁ। ବାଲଟିଏ ପାଣି ସବୁବେଳେ ବାହାରେ ରଖନ୍ତୁ। ଘରକୁ ଆସୁଥିବା ଲୋକଙ୍କୁ ଗୋଡ଼ ଧୋଇ ହୋଇ ଭିତରକୁ ଆସିବାକୁ କୁହନ୍ତୁ। ଘର ବାହାରେ ଯଦି ସେପରି କିଛି ସୁବିଧା ନାହିଁ ତେବେ ଏକ ଖାଲି ବାଲଟି ବାହାରେ ରଖନ୍ତୁ ଯେଉଁଥିରେ କି ଓଦା ଛତା, ରେନ୍‌କୋଟ୍ ଇତ୍ୟାଦି ରଖିହେବ।

**କାର୍ପେଟ୍ ବାହାର କରନ୍ତୁ:** ଦାମୀ କାର୍ପେଟ ସବୁକୁ ପକାଇ ରଖିବା ପାଇଁ ବର୍ଷାଋତୁ ଉପଯୁକ୍ତ ସମୟ ନୁହେଁ। କାରଣ ଏହି ଦିନେ କାର୍ପେଟ ମଇଳା ହେଲେ ସଫା କରିବା ସହଜ ହୋଇନଥାଏ। ଏହାଛଡ଼ା ଆର୍ଦ୍ରତା ଯୋଗୁଁ କାର୍ପେଟ୍ ଖରାପ ହେବାର ବି ସମ୍ଭାବନା ଥାଏ। ତେଣୁ ବର୍ଷା ଆରମ୍ଭ ହେବାମାତ୍ରେ କାର୍ପେଟ ସବୁକୁ ଗୁଡ଼ାଇ ରଖି ଦିଅନ୍ତୁ। ଅତି କମ୍‌ରେ ଦଶହରା ପର୍ଯ୍ୟନ୍ତ ସେଗୁଡ଼ିକୁ ବାହାର କରିବା ବିଷୟରେ ଭୁଲିଯାଆନ୍ତୁ।

**ଘରକୁ ଆଲୋକିତ କରନ୍ତୁ:** ବର୍ଷା ଦିନର ଅନ୍ୟତମ ସମସ୍ୟା ହେଲା ଅନ୍ଧାରିଆ ଦେଖାଯିବା। ବର୍ଷା ହେଉଥିବା ସମୟରେ ଦିନରେ ମଧ ଆଲୋକ କମିଯାଇଥାଏ। ଦିନରେ ବି ଘର ଭିତରେ ଅନ୍ଧାରିଆ ଦେଖାଯାଇଥାଏ। ଏହାଛଡ଼ା ବାହାରର ଅନ୍ଧାର ଯୋଗୁଁ ଘର ଭିତରେ ବି ମାନ୍ଦା ଲାଗିଥାଏ, ଅଳସୁଆ ଲାଗେ। ତେଣୁ ଘରେ ଉପଯୁକ୍ତ ଆଲୋକ ବ୍ୟବସ୍ଥା କରନ୍ତୁ। ଏହାଦ୍ୱାରା ବାହାରେ ମାନ୍ଦାଳିଆ ପାଗ ହୋଇଥିଲେ ସୁଦ୍ଧା ଘର ଭିତରେ ଆପଣଙ୍କୁ ସତେଜ ଲାଗିବ।

**ଭାରି ପରଦା ହଟାନ୍ତୁ:** ଘର ଝରକାରେ ମୋଟା କପଡ଼ାର ପରଦା ଲଗାଇଥିଲେ ବର୍ଷାଦିନେ ଏହାକୁ ହଟାଇ ଦିଅନ୍ତୁ। କାରଣ ବର୍ଷା ପାଣି ବାଜିଲେ ଏହା ଶୀଘ୍ର ଶୁଖିବ ନାହିଁ। ଏହାଛଡ଼ା ଦୀର୍ଘ ସମୟ ଧରି ଓଦା ରହିବା ଦ୍ୱାରା ଏହା ନଷ୍ଟ ହେବାର ଆଶଙ୍କା ବି ରହିଛି। ମୋଟା କପଡ଼ାର ପରଦା ଲାଗି ରହିବା ଦ୍ୱାରା ଘରର ଆର୍ଦ୍ରତା ବି ବାହାରକୁ ଯିବାରେ ସମସ୍ୟା ହେବ। ତେଣୁ ବର୍ଷାଦିନେ ମୋଟା ଏବଂ ଭାରି ପରଦା ସବୁକୁ ହଟାଇ ପତଳା ପରଦା ଟାଙ୍ଗନ୍ତୁ। କଟନ୍ ନଚେତ୍ ମିକ୍‌ସଡ୍ କପଡ଼ାର ପତଳା ପରଦା ଟାଙ୍ଗିଲେ ବର୍ଷାରେ ଭିଜିଲେ ବି ଏହା ଜଲ୍‌ଦି ଶୁଖିଯାଇ ପାରିବ। ପରଦା ଭଳି ଯଦି ଖଟ ଏବଂ ସୋଫା ଆଦିରେ ବି ମୋଟା କପଡ଼ାର କଭର୍ ପକାନ୍ତୁ। କାରଣ ବର୍ଷା ଦିନେ ମୋଟା କପଡ଼ା ସଫା କଲେ ଶୁଖାଇବା ପାଇଁ ମଧ ସମସ୍ୟା ହୋଇଥାଏ।

**ବିଦ୍ୟୁତ୍ ତାର ପ୍ରତି ଧ୍ୟାନ ଦିଅନ୍ତୁ:** ବର୍ଷାଦିନେ ଖୋଲା ବିଦ୍ୟୁତ୍ ତାର ଗମ୍ଭୀର ସମସ୍ୟା ସୃଷ୍ଟି କରିପାରେ। ଓଦା ହାତରେ ଏହାକୁ ଛୁଇଁଲେ ସକ୍ ମାରିବାର ଯଥେଷ୍ଟ ସମ୍ଭାବନା ରହିଛି। ସେହିପରି ଖୋଲା ତାର ପାଣି ସଂସ୍ପର୍ଶରେ ଆସିଲେ ଚାର୍ଜ ହୋଇଯିବାର ଡର ବି ରହିଥାଏ। ଅଜାଣତରେ ହାତ ବାଜିଗଲେ ବଡ଼ ଦୁର୍ଘଟନାର ଆଶଙ୍କାଙ୍କୁ ଏଡ଼ାଇ ଦିଆଯାଇ ନପାରେ। ଏହାଛଡ଼ା ଘର ବାହାରେ ଥିବା କଲିଂବେଲ୍, ଲାଇଟ୍ ଆଦିର ସୁଇଚ୍ ମଧ ବର୍ଷାଦିନେ ପାଣି ସଂସ୍ପର୍ଶରେ ଆସି ଚାର୍ଜ ହୋଇଯାଇଥାଏ। ତେଣୁ ଘରେ ଏପରି କୌଣସି ଖୋଲା ତାର କିମ୍ବା ସୁଇଚ୍ ଆଦିରୁ ସକ୍ ମାରୁଥିଲେ ଇଲେକ୍ଟ୍ରିସିଆନ୍‌କୁ ଡାକି ଯଥାଶୀଘ୍ର ସଜାଡ଼ି ଦିଅନ୍ତୁ।

**କୁଣ୍ଡକୁ ବାହାରକୁ ଆଣିବାର ବେଳ:** ଘର ଭିତର ସଜାଇବା ପାଇଁ ଫୁଲକୁଣ୍ଡ ଆଦି ରଖିଥିଲେ ବର୍ଷା ଦିନେ ଏସବୁକୁ ବାହାରକୁ ନେଇଆସନ୍ତୁ। ଅନ୍ୟାନ୍ୟ ସମୟରେ ପାଣି ଦେଇ ଘରେ ରଖିଥିଲେ ବି ବର୍ଷା ଦିନେ ଏହି ଗଛ ଗୁଡ଼ିକୁ ବାହାରର ବାତାବରଣରେ ରଖିବା ଉଚିତ। ଏହାଦ୍ୱାରା ସବୁବେଳେ ଘର ଭିତରେ ରହୁଥିବା ଏକ ଗଛଗୁଡ଼ିକ ବର୍ଷାଦିନେ ବାହାରର ପ୍ରାକୃତିକ ପାଣିପବନ ପାଇପାରିବେ ଏବଂ ଭଲରେ ବଢ଼ିପାରିବେ। ବର୍ଷାଦିନେ ସରିବା ପରେ ପୁଣି ଥରେ ଏହାକୁ ଭଲରେ ଟ୍ରିମ୍ କରି ଆପଣ ଘରେ ସଜାଇ ରଖିପାରିବେ।

**କାଠ ସାମଗ୍ରୀର ଯତ୍ନ:** ବର୍ଷାଦିନେ କାଠ ସାମଗ୍ରୀ ପାଇଁ ବିଲ୍‌କୁଲ୍ ଉପଯୁକ୍ତ ସମୟ ନୁହେଁ। ଏହି ଦିନେ କାଠରେ ଉଇ ଲାଗିଯିବା ସହ ଏହା ଫୁଲି ଯାଇଥାଏ। ଫଳରେ ଘରର କବାଟ, ଝରକା ଆଦି ଭଲରେ ବନ୍ଦ କରିହୁଏ ନାହିଁ। ବର୍ଷା ଦିନ ଆସିଲା କ୍ଷଣି ନିଜର କାଠ ସାମଗ୍ରୀଗୁଡ଼ିକୁ ଝରକା ପାଖରୁ ଘୁଞ୍ଚାଇ ଦେବା ଉଚିତ ଯେପରି ଏଥିରେ ପାଣି ପଡ଼ିବ ନାହିଁ। ସେହିପରି କବାଟ, ଝରକା ଆଦି ଫୁଲିଯାଇ ବନ୍ଦ ହେଉ ନଥିଲେ ବାଲି କାଗଜ ପ୍ରୟୋଗ କରିପାରିବେ। ଝରକା କବାଟ ଆଦି ଯେଉଁଠାରେ ଲାଖିଯାଉଛି ସେଠାରେ ବାଲି କାଗଜ ଘଷିଦେଲେ ଏହି ସମସ୍ୟା ଆଉ ରହିବ ନାହିଁ। ସେହିପରି ଉଇ ଜନିତ ସମସ୍ୟାରୁ ନିସ୍ତାର ପାଇବାକୁ ଚାହୁଁଥିଲେ କବାଟ ଏବଂ ଝରକାର କାଠ ବନ୍ଧଗୁଡ଼ିକ ଉପରେ କିରୋସିନ୍ ସ୍ପ୍ରେ କରି ଦିଅନ୍ତୁ।


**ସେକ୍ଟର-୬, ସିଡିଏ, କଟକ**

# ଲଞ୍ଚ ହେଲା ବିଶ୍ୱର ମହଙ୍ଗା ସାଟେଲାଇଟ୍ 'ନିସାର'

## ଏବେ ଭୂକମ୍ପ ଏବଂ ସୁନାମୀ ହେବା ପୂର୍ବରୁ ମିଳିବ ସୂଚନା



**ଶ୍ରୀହରିକୋଟା,୩୦।୭:** ଭାରତୀୟ ଅନ୍ତରୀକ୍ଷ ଗବେଷଣା ସଂସ୍ଥା (ଇସ୍ରୋ) ତା'ର ସବୁଠାରୁ ମହଙ୍ଗା ଅନ୍ତରୀକ୍ଷ ମିଶନ 'ନିସାର' (ନାସା-ଇସ୍ରୋ ସିନ୍ଥେଟିକ୍ ଆପେରଚର ରାଡାର) ଲଞ୍ଚ କରିଛି। ବୁଧବାର ଅନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ ଅନ୍ତରୀକ୍ଷ କେନ୍ଦ୍ରରୁ ସା ୫ଟା ୪୦ ମିନିଟରେ ଏହାକୁ ଲଞ୍ଚ କରାଯାଇଛି। ଏହି ସାଟେଲାଇଟ ଇସ୍ରୋ ଏବଂ ଆମେରିକୀୟ ଅନ୍ତରୀକ୍ଷ ସଂସ୍ଥା ନାସାର ମିଳିତ ଉଦ୍ୟମରେ ପ୍ରସ୍ତୁତ ହୋଇଛି। ଏହାକୁ ସୂର୍ଯ୍ୟ ସମକାଳୀନ ଧ୍ରୁବୀୟ କକ୍ଷରେ ସ୍ଥାପନ କରାଯିବ, ଯେଉଁଠାରୁ ଏହା ସମଗ୍ର ପୃଥିବୀ ଉପରେ ନଜର ରଖିବ। ଏହି ମିଶନର ମୋଟ ଖର୍ଚ୍ଚ ପ୍ରାୟ ୧.୫ ବିଲିୟନ ଆମେରିକୀୟ ଡଲାର, ଅର୍ଥାତ ପ୍ରାୟ ୧୩,୧୨୦ କୋଟି ଟଙ୍କା। ନିସାର ମିଶନ ହେଉଛି ଇସ୍ରୋ ଓ ନାସାର ଏକ ମିଳିତ ପ୍ରୟାସ, ଯାହାକୁ ଉଭୟ ସଂସ୍ଥା ବର୍ଷ ବର୍ଷ ଧରି କଠିନ ପରିଶ୍ରମ ପରେ ସଫଳ କରିଛନ୍ତି। ଇସ୍ରୋ ଏହାକୁ ଭାରତର ବାହୁବଳୀ ରକେଟ ଜିଏସ୍ଏଲ୍ଭି-ଏଫ୍୧୬ ମାଧ୍ୟମରେ ଲଞ୍ଚ କରିଛି। ଏହା ଏକ ଏକ୍ସପେଣ୍ଡେବଲ ନନ-ରିୟୁଜେବଲ ତିନି-ପର୍ଯ୍ୟାୟ ଲଞ୍ଚ ଭେଇକିଲ। ପୂର୍ବରୁ ଇସ୍ରୋ ରିସୋର୍ସ ସାଟ୍ ଓ ରିସାଟ୍ ଭଳି ପୃଥିବୀ ନିରୀକ୍ଷଣ ସାଟେଲାଇଟ ଲଞ୍ଚ କରିଥିଲା, କିନ୍ତୁ ସେଗୁଡ଼ିକ କେବଳ ଭାରତୀୟ ଅଞ୍ଚଳ ପର୍ଯ୍ୟନ୍ତ ସୀମିତ ଥିଲା। ନିସାର ହେଉଛି ନାସା ଓ ଇସ୍ରୋର ସିନ୍ଥେଟିକ ଆପାର୍ଚର ରାଡାର ସାଟେଲାଇଟ, ଯାହା ଅନ୍ତରୀକ୍ଷରୁ ପୃଥିବୀକୁ ମ୍ୟାପିଂ କରିବାରେ ପ୍ରଥମ ରାଡାର ସାଟେଲାଇଟ। ଏହା ବିଭିନ୍ନ ପରିବେଶଗତ ଏବଂ ଭୂ-ବୈଜ୍ଞାନିକ ପରିବର୍ତ୍ତନର ନିରୀକ୍ଷଣ କରିବ। ପ୍ରାରମ୍ଭରେ ଏହାକୁ ଲୋ ଆର୍ଥ ଅର୍ବିଟରେ ରଖାଯାଇଛି, ଯେଉଁଠାରେ ଏହା ଲଗାତାର ତିନି ବର୍ଷ ଧରି ନିରୀକ୍ଷଣ କରିବ। ଏହି ସାଟେଲାଇଟ ପୃଥିବୀ ଭିତର ପର୍ଯ୍ୟନ୍ତ ମ୍ୟାପ ତିଆରି କରିପାରିବ, ବରଫାଚ୍ଛାଦିତ ପର୍ବତ ଓ ଜଙ୍ଗଲ ବିଷୟରେ ସୂଚନା ଦେଇପାରିବ। ଏହା ବରଫ ଭାଙ୍ଗିଥିବା ପାହାଡ଼ର ସଠିକ ଅଧ୍ୟୟନ, ଭୂମି ଧସିବା, ଆଗ୍ନେୟଗିରି ଓ ଭୂମିକମ୍ପ ମାମଲାରେ ସହାୟକ ହେବ। ଏହା ସହ ନିସାର କୃଷି, ମାଟିର ଆର୍ଦ୍ରତା ଏବଂ ଅବକ୍ଷୟ ଉପରେ ମଧ୍ୟ ନଜର ରଖିବ। ନିସାର ସାଟେଲାଇଟର ଓଜନ ୨.୫ ଟନ ଏବଂ ଏହାକୁ ପୃଥିବୀଠାରୁ ୭୪୮ କିଲୋମିଟର ଉଚ୍ଚତାରେ ପ୍ରକ୍ଷେପଣ କରାଯାଇଛି। ଲୋ ଆର୍ଥ ଅର୍ବିଟରୁ ଏହା ପୃଥିବୀର ଏକ ଚକ୍କର ୧୨ ଦିନରେ ସମ୍ପୂର୍ଣ୍ଣ କରିବ। ଅର୍ଥାତ ଏହା ୨୪୦ କିଲୋମିଟର ଅଞ୍ଚଳକୁ କଭର କରିବ ଏବଂ କରିବ। ଇସ୍ରୋ ବୈଜ୍ଞାନିକଙ୍କ ମତରେ, ଏହି ସାଟେଲାଇଟ ପ୍ରତିଦିନ ୮୦ ଟେରାବାଇଟ ଡାଟା ଉପଲବ୍ଧ କରାଇବ। ନିସାରରେ ବ୍ୟବହୃତ ସିନ୍ଥେଟିକ ଆପାର୍ଚର ରାଡାର ପ୍ରଯୁକ୍ତି ମେଘ ପାର କରି ମଧ୍ୟ ନିରୀକ୍ଷଣ କରିପାରିବ। ଏହା ଉଚ୍ଚ ରିଜୋଲ୍ୟୁସନର ଚିତ୍ର ନେବାରେ ସକ୍ଷମ ଏବଂ ଏହାକୁ ଆଲୋକର ଆବଶ୍ୟକତା ନାହିଁ। ଅନ୍ଧାରରେ ମଧ୍ୟ ଏହା ଡାଟା ସଂଗ୍ରହ କରିପାରିବ। ଅର୍ଥାତ ଏହା ଏପରି ଏକ ସାଟେଲାଇଟ ଯାହା ପୃଥିବୀ ଉପରେ ୨୪ ଘଣ୍ଟା ନଜର ରଖିପାରିବ।

## ଗୌହାଟୀ ହିଟ୍-ଆଣ୍ଡ-ରନ୍ ମାମଲା

# ନନ୍ଦିନୀ କଶ୍ୟପ ଗିରଫ

**ଗୌହାଟି,୩୦।୭:** ଅସମୀୟ ଅଭିନେତ୍ରୀ ନନ୍ଦିନୀ କଶ୍ୟପଙ୍କୁ ଗୌହାଟୀ ପୋଲିସ ଏକ ହିଟ୍-ଆଣ୍ଡ-ରନ ମାମଲାରେ ଗିରଫ କରିଛି। ଯେଉଁଥିରେ ଜଣେ ୨୧ ବର୍ଷୀୟ ନଲବାରୀ ପଲିଟେକନିକ ଛାତ୍ର ସାମିଉଲ ହକଙ୍କ ମୃତ୍ୟୁ ହୋଇଥିବା ଜଣା ପଡ଼ିଛି। ଏହି ଘଟଣା ଜୁଲାଇ ୨୫ ତାରିଖ ରାତି ପ୍ରାୟ ୩ଟା ସମୟରେ ଗୌହାଟୀର ଡାଖିଙ୍ଗାଓଁ ଅଞ୍ଚଳରେ ଘଟିଥିଲା। ସାମିଉଲ ଗୌହାଟୀ ମ୍ୟୁନିସିପାଲ କର୍ପୋରେସନ (ଜିଏମସି) ସହ ଅସ୍ଥାୟୀ କର୍ମଚାରୀ ଭାବେ କାମ କରୁଥିଲେ ଏବଂ ସେହି ରାତିରେ ରାସ୍ତାରେ ଷ୍ଟ୍ରିଟଲାଇଟ ମରାମତି କାର୍ଯ୍ୟରେ ନିୟୋଜିତ ଥିଲେ। ପୋଲିସ ସୂଚନା ଅନୁସାରେ, ନନ୍ଦିନୀ କଶ୍ୟପ ଏକ ମହିନ୍ଦ୍ରା ସ୍କର୍ପିଓ ଏସୟୁଭି ଗାଡ଼ିକୁ ଦ୍ରୁତ ବେଗରେ ଚଳାଉଥିବା ବେଳେ ରାସ୍ତାରେ ଯାଉଥିବା ସାମିଉଲଙ୍କୁ ଧକ୍କା ଦେଇଥିଲେ। ସାକ୍ଷୀମାନେ ଦାବି କରିଛନ୍ତି ଯେ ଅଭିନେତ୍ରୀ ଘଟଣା ପରେ ଗାଡ଼ି ନ ଅଟକାଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ସିସିଟିଭି ଫୁଟେଜରେ ଏହା ମଧ୍ୟ ଦେଖାଯାଇଛି ଯେ ସାମିଉଲ ଘରକୁ ଫେରୁଥିବା ବେଳେ ଏକ ଦ୍ରୁତଗାମୀ ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ସାମିଉଲଙ୍କୁ ତୁରନ୍ତ ଗୌହାଟୀ ମେଡିକାଲ କଲେଜ ଓ ହସ୍ପିଟାଲ (ଜିଏମସିଏଚ)ରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ତାଙ୍କ ଅବସ୍ଥା ଗୁରୁତର ହେବାରୁ ଚାରି ଦିନ ପରେ ଅପୋଲୋ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ମଙ୍ଗଳବାର ରାତିରେ ସେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିଲେ। ନନ୍ଦିନୀଙ୍କୁ ମଙ୍ଗଳବାର ରାତିରେ ଉତ୍ତର ଗୌହାଟୀର ରାଜଧାନୀ ଥିଏଟରରେ ରିହର୍ସାଲ ସ୍ଥାନରୁ ଦିସପୁର ପୋଲିସ ଗିରଫ କରିଥିଲା ଏବଂ ପରେ ପାନବଜାର ଅଲ ଓ୍ୱିମେନ ପୋଲିସ ଷ୍ଟେସନକୁ ସ୍ଥାନାନ୍ତର କରାଯାଇଥିଲା। ବୁଧବାର ପ୍ରାତଃ ୧ଟା ୩୦ ସମୟରେ ତାଙ୍କୁ ଔପଚାରିକ ଭାବେ ଗିରଫ କରାଯାଇଥିଲା। ଡିସିପି (ପୂର୍ବ) ଜୟନ୍ତ ସାରଥି ବୋରାଙ୍କ କହିବା ଅନୁସାରେ, ପ୍ରାରମ୍ଭରେ ଏହି ମାମଲା ଜାମିନଯୋଗ୍ୟ ଧାରାରେ ରୁଜୁ ହୋଇଥିଲା। କିନ୍ତୁ ସାମିଉଲଙ୍କ ମୃତ୍ୟୁ ପରେ ଭାରତୀୟ ନ୍ୟାୟ ସଂହିତା (ବିଏନଏସ) ଧାରା ୧୦୫ ଏବଂ ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନଏସଏସ) ଧାରା ୧୨୫(ହିଟ୍-ଆଣ୍ଡ-ରନ ଯୋଗୁଁ ମୃତ୍ୟୁ) ଅନୁଯାୟୀ ଜାମିନ ଅଯୋଗ୍ୟ ଧାରା ଯୋଡ଼ାଯାଇଛି। ନନ୍ଦିନୀଙ୍କୁ ବୁଧବାର ଏକ ସ୍ଥାନୀୟ ଅଦାଲତରେ ହାଜର କରାଯିବ। ସାମିଉଲଙ୍କ ପରିବାର ଅଭିଯୋଗ କରିଛନ୍ତି ଯେ ନନ୍ଦିନୀ ପ୍ରାରମ୍ଭରେ ଚିକିତ୍ସା ଖର୍ଚ୍ଚ ବହନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ପରେ କୌଣସି ସାହାଯ୍ୟ କରି ନ ଥିଲେ। ସାମିଉଲଙ୍କ ମାଆ ସାମ୍ବାଦିକଙ୍କୁ କାନ୍ଦି କାନ୍ଦି କହିଛନ୍ତି, "ଆମେ ନ୍ୟାୟ ଚାହୁଁ। ସେ (ନନ୍ଦିନୀ) ଗୋଟେ ଥର ମଧ୍ୟ ଆମ ପୁଅକୁ ଦେଖିବାକୁ ଆସି ନ ଥିଲେ।



## ସୁନାମି ପରେ ଖାଲି ହେଲା ଜାପାନର ନ୍ୟୁକ୍ଲିୟର ପାୱାର ପ୍ଲାଣ୍ଟ

**ଟୋକିଓ,୩୦।୭:** ସକାଳେ ରୁଷିଆର କାମଚାଟକା ଉପଦ୍ୱୀପରେ ୮.୭ ତୀବ୍ରତାର ଭୂମିକମ୍ପ ହେବା ପରେ ଚାଇନା, ପେରୁ ଏବଂ ଇକ୍ୱେଡର ସମେତ ପ୍ରଶାନ୍ତ ମହାସାଗରର ଅନେକ ଦେଶର ଉପକୂଳବର୍ତ୍ତୀ ଅଞ୍ଚଳ ପାଇଁ ସୁନାମି ସତର୍କତା ଜାରି କରାଯାଇଛି। ଏହା ସମଗ୍ର ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଥିବା ଦେଶ ଗୁଡ଼ିକୁ ଚିନ୍ତାରେ ପକାଇ ଦେଇଛି।ଏହି ଶକ୍ତିଶାଳୀ ଭୂମିକମ୍ପର କେନ୍ଦ୍ରସ୍ଥଳ ପ୍ରାୟ ୧.୮ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ରୁଷିଆର ପେଟ୍ରୋପାଭଲୋଭସ୍କ-କାମଚାଟସ୍କି ସହରଠାରୁ ପ୍ରାୟ ୧୧୯ କିଲୋମିଟର ଦୂରରେ ଥିଲା। ଏହି ଭୂମିକମ୍ପ ପରେ ରୁଷିଆ, ଜାପାନ, ଆମେରିକା, ହାୱାଇ, କାଲିଫର୍ନିଆ, ଆଲାସ୍କା, ସୋଲୋମନ ଦ୍ୱୀପପୁଞ୍ଜ, ଚିଲି, ଇକ୍ୱେଡର, ପେରୁ, ଫିଲିପାଇନ୍ସ, ଗୁଆମ ଏବଂ ଉତ୍ତର ମାରିଆନା ଦ୍ୱୀପପୁଞ୍ଜ ଏବଂ ନ୍ୟୁଜିଲ୍ୟାଣ୍ଡ ଅନ୍ତର୍ଭୁକ୍ତ। ରୁଷିଆର କାମଚାଟକାରେ ୮.୭ ତୀବ୍ରତାର ଭୂମିକମ୍ପ ପରେ, ସୁନାମିର ଆଶଙ୍କାକୁ ଦୃଷ୍ଟିରେ ରଖି ଜାପାନର ପରମାଣୁ ପ୍ଲାଣ୍ଟ କେନ୍ଦ୍ରକୁ



ଖାଲି କରାଯାଇଥିଲା। ସୁନାମି କେତେ ବିପଦପୂର୍ଣ୍ଣ ତାହା ଅନୁମାନ କରାଯାଇପାରେ ଯେ ୬୦ ସେମି ଉଚ୍ଚ ସୁନାମି ଲହରୀ ଉପକୂଳରେ ଆଘାତ କରୁଛି। କିଛି ସ୍ଥାନରେ ଏହାର ଉଚ୍ଚତା ୧୫ ଫୁଟ ହୋଇଥିବା ଦେଖାଯାଇଛି। ଆମେରିକାର କାଲିଫର୍ନିଆରେ ମଧ୍ୟ ବଡ଼ ବଡ଼ ଲହଡ଼ି ଆସୁଛି। ଏହା ବ୍ୟତୀତ ହାୱାଇରେ ଉପକୂଳ ନିକଟରେ ରହୁଥିବା ଲୋକମାନଙ୍କୁ ମଧ୍ୟ ସୁରକ୍ଷିତ ସ୍ଥାନକୁ ଯିବାକୁ ପରାମର୍ଶ ଦିଆଯାଇଛି। ହାୱାଇରେ ବିମାନବନ୍ଦର ବନ୍ଦ କରିବାକୁ ନିର୍ଦ୍ଦେଶ ଜାରି କରାଯାଇଛି। ସେହି ସମୟରେ, ଚାଇନାର ସାଂଘାଇରେ ପ୍ରାୟ ୨ ଲକ୍ଷ ୮୦ ହଜାର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଯଦିଓ ଏପର୍ଯ୍ୟନ୍ତ ନ୍ୟୁଜିଲ୍ୟାଣ୍ଡ ଏବଂ ଅଷ୍ଟ୍ରେଲିଆରେ କୌଣସି ସୁନାମି ଲହରି ରେକର୍ଡ କରାଯାଇ ନାହିଁ, ପ୍ରଶାସନ ଲୋକମାନଙ୍କୁ ସମୁଦ୍ର କୂଳକୁ ନ ଯିବା, ସମୁଦ୍ର ଦିଗରେ କୌଣସି କାର୍ଯ୍ୟକଳାପ ନକରିବା ଏବଂ ରେଡିଓ ଏବଂ ସତର୍କତା ବ୍ୟବସ୍ଥା ଉପରେ ନଜର ରଖିବାକୁ କହିଛି। ୨୦୧୧ ଖ୍ରୀଷ୍ଟଚର୍ଚ୍ଚ ଭୂମିକମ୍ପ ପରଠାରୁ ନ୍ୟୁଜିଲ୍ୟାଣ୍ଡ ବିପର୍ଯ୍ୟୟ ବ୍ୟବସ୍ଥାକୁ ସୁଦୃଢ଼ କରିଛି ଏବଂ ଏବେ ପ୍ରଥମେ ସତର୍କତା, ପରେ ସଙ୍କଟ ନୀତି ଉପରେ କାମ କରାଯାଉଛି।

# ଏଟିଏସ୍ ହାତରେ ମହିଳା ଆତଙ୍କୀ

## ଅନଲାଇନରେ ଦେଶ ବିରୋଧୀ ଘୃଣା ପ୍ରଚାର କରୁଥିଲେ

**ବେଙ୍ଗାଲୁରୁ,୩୦।୭:** ଆତଙ୍କବାଦୀ ସଂଗଠନ ଅଲ-କାଏଦାର ଭାରତୀୟ ଶାଖା ସହ ଜଡ଼ିତ ଏକ ବଡ଼ ଗ୍ୟାଙ୍ଗର ପର୍ଦାଫାଶ କରିଛି ଗୁଜରାଟ ଆଣ୍ଟି-ଟେରରିଷ୍ଟ ସ୍କ୍ୱାଡ୍ (ଏଟିଏସ୍)। ଏହାର ମାଷ୍ଟରମାଇଣ୍ଡଙ୍କୁ ଗିରଫ କରିଛି। ଏହି କାର୍ଯ୍ୟାନୁଷ୍ଠାନ ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ବୋଲି ବିବେଚନା କରାଯାଉଛି।

ଏଟିଏସ୍ ଜୁଲାଇ ୩୦ରେ ବେଙ୍ଗାଲୁରୁରୁ ସମା ପରବୀନ (୩୦) ନାମକ ଜଣେ ମହିଳାଙ୍କୁ ବେଙ୍ଗାଲୁରୁରୁ ଗିରଫ କରିଛି, ଯିଏ ଆଲ-କାଏଦା ସହ ଜଡ଼ିତ ଥିଲେ ଏବଂ ଅନଲାଇନରେ ଦେଶ ବିରୋଧୀ ଘୃଣା ପ୍ରଚାର କରୁଥିଲେ। ଏହା ପୂର୍ବରୁ ଏଟିଏସ୍ ଚାରି ଜଣ ଅନ୍ୟ ଆତଙ୍କବାଦୀ - ମହମ୍ମଦ ଫୈକ, ମହମ୍ମଦ ଫରଦୀନ, ସୈଫୁଲ୍ଲାହ କୁରେଶୀ, ଏବଂ ଜୀଶାନ ଅଲୀଙ୍କୁ ଦିଲ୍ଲୀ, ନୋଏଡା, ଏବଂ ଗୁଜରାଟର ବିଭିନ୍ନ ଅଞ୍ଚଳରୁ ଗିରଫ କରିଥିଲା। ଏମାନଙ୍କ ବୟସ ୨୦ରୁ ୨୫ ବର୍ଷ ମଧ୍ୟରେ ହେବ। ଏମାନେ ସୋସିଆଲ ମିଡିଆ ଆପ୍ ମାଧ୍ୟମରେ ପରସ୍ପର ସହିତ ଯୋଗାଯୋଗରେ ଥିଲେ। ଗୁଜରାଟ ଏଟିଏସ୍ର ଡେପୁଟି SP ହର୍ଷ



ଉପାଧ୍ୟାୟଙ୍କୁ ଜୁନ ୧୦ ତାରିଖରେ ଗୁପ୍ତ ସୂଚନା ମିଳିଥିଲା ଯେ କିଛି ଇନଷ୍ଟାଗ୍ରାମ ଆକାଉଣ୍ଟ ମାଧ୍ୟମରେ ଦେଶ ବିରୋଧୀ ଏବଂ ଉତ୍ତେଜନାମୂଳକ ସାମଗ୍ରୀ ପ୍ରଚାର କରାଯାଉଛି। ଏହି ଆକାଉଣ୍ଟଗୁଡ଼ିକରେ ଆଲ-କାଏଦାର ଆତଙ୍କବାଦୀ କଣ୍ଟେଣ୍ଟ, ଜିହାଦୀ ଭିଡିଓ, ଏବଂ ହିଂସାକୁ ପ୍ରୋତ୍ସାହିତ କରୁଥିବା ତଥ୍ୟ ସେୟାର କରାଯାଉଥିଲା, ଯାହାର ଉଦ୍ଦେଶ୍ୟ ଥିଲା ଭାରତର ଯୁବକମାନଙ୍କୁ ଆତଙ୍କବାଦର ପଥରେ ନେବା।

ଗୁପ୍ତ ସୂଚନା ଆଧାରରେ ଏଟିଏସ୍ ଦିଲ୍ଲୀ, ନୋଏଡା, ମୋଡାସା, ଏବଂ ଅହମଦାବାଦରେ ଚାରୋଟି ଟିମ ଗଠନ ହୋଇଥିଲା। ଦିଲ୍ଲୀ ସ୍ପେଶାଲ ସେଲ, ଉତ୍ତରପ୍ରଦେଶ ଏଟିଏସ୍, ଏବଂ ସ୍ଥାନୀୟ ପୁଲିସର ସହାୟତାରେ ଜୁଲାଇ ୨୧ ଓ ୨୨ ତାରିଖରେ ଚାରି ଅଭିଯୁକ୍ତଙ୍କୁ ହେପାଜତରେ ନିଆଯାଇଥିଲା। ତଦନ୍ତ ସମୟରେ ଫରଦୀନ ଶେଖଙ୍କ ନିକଟରୁ ଏକ ଖଣ୍ଡା ଏବଂ ଆଲ-କାଏଦାର ଜିହାଦୀ ସାହିତ୍ୟ ପୁସ୍ତକ ଜବତ ହୋଇଥିଲା।

ଏଟିଏସ୍ ଅନୁଯାୟୀ, ଗିରଫ ହୋଇଥିବା ଆତଙ୍କବାଦୀମାନେ ସୋସିଆଲ ମିଡିଆ ଏବଂ ଅଟୋ-ଡିଲିଟ ଆପ୍ସ ବ୍ୟବହାର କରି ନିଜର କାର୍ଯ୍ୟକଳାପକୁ ଲୁଚାଇବାକୁ ଚେଷ୍ଟା କରୁଥିଲେ। ଏମାନେ ଇନଷ୍ଟାଗ୍ରାମ ମାଧ୍ୟମରେ ଆଲ-କାଏଦାର ବିଚାରଧାରାକୁ ପ୍ରୋତ୍ସାହିତ କରୁଥିଲେ, ଯେଉଁଥିରେ ଶରିଆ ପ୍ରତିଷ୍ଠା କରିବା ଏବଂ ଭାରତରେ ଲୋକତନ୍ତ୍ରକୁ ଉଚ୍ଛେଦ କରିବା ମଧ୍ୟ ଅନ୍ତର୍ଭୁକ୍ତ ଥିଲା।

କର୍ତ୍ତୃପକ୍ଷ ଦାବି କରିଛନ୍ତି ଯେ ଏହି ଗୋଷ୍ଠୀର ସୀମାପାର ଆତଙ୍କବାଦୀଙ୍କ ସହ ସମ୍ପର୍କ ଥିଲା ଏବଂ ସେମାନେ ପ୍ରମୁଖ ସ୍ଥାନରେ ସମନ୍ୱିତ ଆକ୍ରମଣ ମରିବା ପାଇଁ ଯୋଜନା କରୁଥିଲେ।

## ନିମିଷା ମୃତ୍ୟୁଦଣ୍ଡ ଏବେ ବି ବଳବତ୍ତର ରହିଛି




**ନୂଆଦିଲ୍ଲୀ,୩୦।୭:** ନିମିଷାଙ୍କୁ ମିଳିଲାନି ଆଶ୍ୱସ୍ତି । ଫାଶୀ ଦଣ୍ଡାଦେଶ ଏବେ ବି ବଳବତ୍ତର । ନିମିଷା ପ୍ରିୟାଙ୍କ ଫାଶୀ ରଦ୍ଦ ଦାବିକୁ ଖଣ୍ଡନ କଲେ ଭାରତ ସରକାର । କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତି ଭୁଲ ସୂଚନା ସେୟାର କରୁଥିବା ସ୍ପଷ୍ଟ କରିଛି ବୈଦେଶିକ ମନ୍ତ୍ରଣାଳୟ। ଏପର୍ଯ୍ୟନ୍ତ ୟେମେନ ସରକାରଙ୍କ ପକ୍ଷରୁ ଏନେଇ କୌଣସି ବିଦ୍ଧିବଧ ଘୋଷଣା ହୋଇନି । କିଛି ସମୟ ପୂର୍ବରୁ ନିମିଷା ପ୍ରିୟାଙ୍କ ମୃତ୍ୟୁଦଣ୍ଡ ସମ୍ପୂର୍ଣ୍ଣ ରଦ୍ଦ ହୋଇଥିବା ଗ୍ରାଣ୍ଡ ମୁଫ୍ତିଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଥିଲା। ୟେମେନର ରାଜଧାନୀ ସାନାରେ ଏକ ହାଇ ଲେଭଲ ମିଟିଂ ପରେ ଏହି ନିଷ୍ପତ୍ତି ନିଆଯାଇଥିବା କୁହାଯାଇଥିଲା। ଯାହାକୁ ନେଇ ସ୍ପଷ୍ଟୀକରଣ ରଖିଛି ଭାରତ ବୈଦେଶିକ ମନ୍ତ୍ରଣାଳୟ । କେରଳର ନର୍ସ ନିମିଷା ପ୍ରିୟାଙ୍କ ମୃତ୍ୟୁଦଣ୍ଡ ବାତିଲ ହୋଇଥିବା ଦାବିକୁ ମଙ୍ଗଳବାର ବୈଦେଶିକ ମନ୍ତ୍ରଣାଳୟ ଖାରଜ କରିଦେଇଛି ।

# ମଥୁରା-କୋଟା ସେକ୍ସନ ମଧ୍ୟରେ କବଚ ୪.୦ ସ୍ଥାପିତ

**ନୂଆଦିଲ୍ଲୀ,୩୦।୭:** ଭାରତୀୟ ରେଳବାଇ ପକ୍ଷରୁ ଉଚ୍ଚ ଘନତା ବିଶିଷ୍ଟ ଦିଲ୍ଲୀ-ମୁମ୍ବାଇ ରୁଟର ମଥୁରା-କୋଟା ସେକ୍ସନରେ ସ୍ୱଦେଶୀ ରେଳ ସୁରକ୍ଷା ପ୍ରଣାଳୀ କବଚ ୪.୦ ସ୍ଥାପନ କରାଯାଇଛି। ଦେଶରେ ରେଳ ସୁରକ୍ଷା ବ୍ୟବସ୍ଥାର ଆଧୁନିକୀକରଣ ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏ ସଂକ୍ରାନ୍ତରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ଆତ୍ମନିର୍ଭର ଭାରତ'ରେ ଅନୁପ୍ରାଣିତ ହୋଇ ରେଳବାଇ ସ୍ୱଦେଶୀ ଭାବେ କବଚ ସ୍ୱୟଂଚାଳିତ ଟ୍ରେନ୍ ସୁରକ୍ଷା ପ୍ରଣାଳୀ ଡିଜାଇନ୍, ବିକଶିତ ଓ ନିର୍ମାଣ କରିଛି। କବଚ ୪.୦ ଏକ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ପ୍ରଣାଳୀ ଓ ଏହାକୁ ଗତ ବର୍ଷ ଜୁଲାଇରେ ଗବେଷଣା ଡିଜାଇନ୍ ଓ ମାନକ ସଂଗଠନ (ଆରଡିଏସ୍ଓ) ଦ୍ୱାରା ଅନୁମୋଦନ କରାଯାଇଥିଲା। ଏପରି ଟ୍ରେନ ସୁରକ୍ଷା ପ୍ରଣାଳୀ ବିକଶିତ ଓ ସ୍ଥାପନ ପାଇଁ ବିକଶିତ ଦେଶଗୁଡ଼ିକୁ ପାଖାପାଖି ୩୦ ବର୍ଷ ସମୟ ଲାଗିଥାଏ। କୋଟା-ମଥୁରା ରେଳ ସେକ୍ସନରେ କବଚ ୪.୦ ବହୁତ କମ ସମୟ ମଧ୍ୟରେ ସ୍ଥାପନ କରାଯାଇଛି, ଯାହା ଏକ ପ୍ରମୁଖ ଉପଲବ୍ଧି।



ସ୍ୱାଧୀନତାର ୬୦ ବର୍ଷ ପରେ ମଧ୍ୟ ଦେଶରେ ଅନ୍ତର୍ଜାତୀୟ ମାନର ଉନ୍ନତ ଟ୍ରେନ୍ ସୁରକ୍ଷା ବ୍ୟବସ୍ଥା ସ୍ଥାପନ କରାଯାଇ ନଥିଲା। ଟ୍ରେନ ଏବଂ ଯାତ୍ରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ବର୍ତ୍ତମାନ କଭଚ ସିଷ୍ଟମ ପ୍ରଚଳନ କରାଯାଇଛି। ଭାରତୀୟ ରେଳବାଇ ଆଗାମୀ ୬ ବର୍ଷ ମଧ୍ୟରେ ଦେଶର ବିଭିନ୍ନ ରେଳ ରୁଟରେ କବଚ ୪.୦ ସ୍ଥାପନ କରିବାକୁ ପ୍ରସ୍ତୁତ ହେଉଛି। ଏପର୍ଯ୍ୟନ୍ତ କବଚ ସିଷ୍ଟମରେ ୩୦ ହଜାରରୁ ଅଧିକ ଲୋକଙ୍କୁ ତାଲିମ ଦିଆଯାଇଛି। ଆଇଆର୍ଆଇଏସ୍ଇଟି (ଇଣ୍ଡିଆନ ରେଲୱେ ଇନଷ୍ଟିଚ୍ୟୁଟ୍ ଅଫ୍ ସିଗନାଲ ଇଞ୍ଜିନିୟରିଂ ଆଣ୍ଡ ଟେଲିକମ୍ୟୁନିକେସନ୍) ୧୭ଟି ଏଆଇସିଟିଇ ସ୍ୱୀକୃତିପ୍ରାପ୍ତ ଇଞ୍ଜିନିୟରିଂ କଲେଜ, ପ୍ରତିଷ୍ଠାନ ଓ ବିଶ୍ୱବିଦ୍ୟାଳୟ ସହ ଚୁକ୍ତି କରିଛି, ଯାହାଦ୍ୱାରା ଏହାକୁ ବି.ଟେକ୍ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯାଇପାରିବ। ଏହି ପ୍ରଣାଳୀ ଲୋକୋ ପାଇଲଟମାନଙ୍କୁ ପ୍ରଭାବଶାଳୀ ଭାବେ ବ୍ରେକ ଲଗାଇବା ଓ କୁହୁଡ଼ି ଭଳି କମ୍ ଦୃଶ୍ୟମାନତା ପରିସ୍ଥିତିରେ ସିଗ୍ନାଲ ଜାଣିବା ପାଇଁ ବାହାରକୁ ଦେଖିବାର ଆବଶ୍ୟକତା ଦୂର ଦିଗରେ ସହାୟତା କରିବ। ସେମାନେ କ୍ୟାବିନ ଭିତରେ ଥିବା ଡ୍ୟାସବୋର୍ଡରେ ସମସ୍ତ ସୂଚନା ଦେଖିପାରିବେ ବୋଲି ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି।

# ଆଶା-ମମତା କର୍ମୀଙ୍କୁ ଉପହାର, ୩ ଗୁଣ ବଢ଼ିଲା ଦରମା

**ପାଟଣା,୩୦।୭:** ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ରାଜ୍ୟର ସ୍ୱାସ୍ଥ୍ୟ ସେବାକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ଆଶା ଏବଂ ମମତା କର୍ମୀଙ୍କ ପ୍ରୋତ୍ସାହନକୁ ଯଥେଷ୍ଟ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛନ୍ତି, ଯାହା ଗ୍ରାମୀଣ ସ୍ୱାସ୍ଥ୍ୟ ସେବାକୁ ଆହୁରି ପ୍ରୋତ୍ସାହନ ଦେବ ବୋଲି ଆଶା କରାଯାଉଛି। ମୁଖ୍ୟମନ୍ତ୍ରୀ ତାଙ୍କ ସରକାରୀ ଟୁଇଟର ମାଧ୍ୟମରେ ଏହି ଘୋଷଣା କରିଛନ୍ତି। ସେ ସ୍ୱାସ୍ଥ୍ୟ ସେବାକୁ ସୁଦୃଢ଼ କରିବାରେ ଆଶା



ଏବଂ ମମତା କର୍ମୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ପ୍ରଶଂସା କରିଛନ୍ତି, ବିଶେଷକରି ଗ୍ରାମାଞ୍ଚଳରେ। ଘୋଷଣା ଅନୁଯାୟୀ, ଆଶା କର୍ମୀମାନଙ୍କୁ ଏବେ ମାସିକ ୧୦୦୦ ପରିବର୍ତ୍ତେ ୩୦୦୦ ପ୍ରୋତ୍ସାହନ ପ୍ରଦାନ କରାଯିବ। ଏହା ଏକ ଗୁରୁତ୍ୱପୂର୍ଣ୍ଣ ବୃଦ୍ଧି ଯାହା ସେମାନଙ୍କର ସେବାକୁ ସ୍ୱୀକୃତି ଦିଏ ଏବଂ ସେମାନଙ୍କୁ ଭଲ ଭାବରେ କାମ କରିବାକୁ ପ୍ରେରଣା ଦେବ। ସେହିପରି, ପ୍ରତି ପ୍ରସବ ପାଇଁ ମମତା କର୍ମୀମାନଙ୍କୁ ଦିଆଯାଉଥିବା ପ୍ରୋତ୍ସାହନ ୩୦୦ରୁ ୬୦୦କୁ ବୃଦ୍ଧି କରାଯାଇଛି।

## ସେନା ଗାଡ଼ି ଉପରେ ଖସିଲା ପଥର

# ୩ ଯବାନ ସହିଦ, ୩ ଗୁରୁତର

**ଲଦାଖ,୩୦।୭ :** ଲଦାଖରେ ଭାରତୀୟ ସେନାର ଗାଡ଼ି ଉପରେ ପଡ଼ିଲା ପଥର । ଘଟଣାରେ ଜଣେ ଅଧିକାରୀଙ୍କ ସହିତ ୨ ଜଣ ଯବାନ ସହିଦ ହୋଇଥିବା ବେଳେ ଅନ୍ୟ ୩ ଜଣ ଗୁରୁତର ଆହତ ହୋଇଛନ୍ତି । ଖବର ମୁତାବକ, ଲଦାଖର ଦୁରବୁକରେ ଭାରତୀୟ ସେନାର ଏକ ଗାଡ଼ି ଉପରେ ପଥର ଖସିପଡିଥିଲା । ଫଳରେ ଏଥିରେ ଥିବା ଜଣେ ଅଧିକାରୀଙ୍କ ସହିତ ୨ ଜଣ ଯବାନଙ୍କ ଜୀବନ ଚାଲିଯାଇଥିବା ବେଳେ ଅନ୍ୟ ୩ ଜଣ ଗୁରୁତର ରହିଛନ୍ତି । ଘଟଣାଟି ସକାଳ ୧୧.୩୦ ମିନିଟରେ ଘଟିଛି । ଘଟଣା ସ୍ଥଳରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ଲଦାଖରେ ଗତ କିଛିଦିନରେ ପ୍ରବଳ ବର୍ଷା ଲାଗିରହିଛି । ଏହି କାରଣରୁ ସଡ଼କ ଦୁର୍ଘଟଣା ବୃଦ୍ଧି ପାଇଛି ।



# ନଦୀକୁ ଖସିଲା ସୁରକ୍ଷା କର୍ମୀଙ୍କ ବସ୍

**ଶ୍ରୀନଗର,୩୦।୭:** ଜମ୍ମୁ ଓ କଶ୍ମୀରର ଗାଣ୍ଡେରବଲ ଜିଲାରେ ସୁରକ୍ଷା କର୍ମୀଙ୍କୁ ନେଇ ଯାଉଥିବା ଏକ ବସ ନଦୀକୁ ଖସିପଡ଼ିଛି। ଅଧିକାରୀମାନେ ସୂଚନା ଦେଇଛନ୍ତି ଯେ, ପ୍ରବଳ ବର୍ଷା ମଧ୍ୟରେ ଗାଣ୍ଡେରବଲ ଜିଲାର କୁଲାନରେ ଇଣ୍ଡୋ-ତିବ୍ବତୀୟ ସୀମା ପୋଲିସ (ଆଇଟିବିପି) କର୍ମଚାରୀଙ୍କୁ ନେଇ ଯାଉଥିବା ଏକ ବସ ସିନ୍ଧ ନଦୀକୁ ଖସିପଡ଼ିଛି। ବସ୍‌ରେ ଥିବା ସୈନିକଙ୍କ ପାଇଁ ସନ୍ଧାନ ଏବଂ ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଛି, କିନ୍ତୁ ଏପର୍ଯ୍ୟନ୍ତ କୌଣସି ବ୍ୟକ୍ତି ମିଳିପାରିନାହାନ୍ତି।



# ରେଳଯାତ୍ରୀ ସାବଧାନ: କମ୍ବଳ, ତକିଆ ଓ ଚାଦର ଘରକୁ ନେଲେ ହେବ ଜରିମାନା ସହ ଜେଲଦଣ୍ଡ

**ନୂଆଦିଲ୍ଲୀ, ୩୦।୭:** ଯାତ୍ରା ସମୟରେ ଆମେ ରେଳବାଇର ଅନେକ ସୁବିଧାର ଫାଇଦା ଉଠାଇଥାଉ। ସେହିପରି ଗୋଟିଏ ସୁବିଧା ହେଉଛି ଟ୍ରେନ୍‌ର ଏସି କ୍ଲାସ୍ (ଥାର୍ଡ ଏସି, ସେକେଣ୍ଡ ଏସି, ଫାର୍ଷ୍ଟ ଏସି) କୋଚ୍‌ରେ ମିଳୁଥିବା ବେଡ୍ ରୋଲ୍। କମ୍ବଳ, ଚାଦର, ତକିଆ ଓ ଟାୱେଲ ଥାଏ ଏହି ସୁବିଧାରେ । ଏସବୁ ପାଇଁ ଟଙ୍କା ଦେବାକୁ ପଡ଼ିଥାଏ । ଚିନ୍ତା କରନ୍ତୁ, ଯଦି ଆପଣ ଏହାକୁ ନେଇ ଘରକୁ ଚାଲିଗଲେ, ତେବେ କ'ଣ ହେବ ? ଜରିମାନା ନା ଜେଲ । RCTC (ଇଣ୍ଡିଆନ୍ ରେଲୱେ କ୍ୟାଟେରିଂ ଆଣ୍ଡ ଟୁରିଜିମ୍ କର୍ପୋରେସନ୍) ତରଫରୁ ଯାତ୍ରୀମାନଙ୍କୁ କମ୍ବଳ, ଚାଦର, ତକିଆ ଓ ଟାୱେଲ ସୁବିଧା ଦିଆଯାଇଥାଏ। ପୂର୍ବରୁ ଏଥିପାଇଁ କୌଣସି ଅତିରିକ୍ତ ଟଙ୍କା ଲାଗୁନଥିଲା, କିନ୍ତୁ ଏବେ ଲାଗୁଛି। ଏହାର ଚାର୍ଜ ଟିକେଟ୍ ସହିତ ଯୋଡ଼ା ହୋଇଥାଏ। କିନ୍ତୁ ଏହାର ଅର୍ଥ ଏହା ନୁହେଁ ଯେ ଏହା ଯାତ୍ରୀର ସମ୍ପତ୍ତି ହୋଇଗଲା। ବେଡ୍ ରୋଲ୍‌କୁ ଯାତ୍ରା ଶେଷ ହେବା ପରେ ରେଳବାଇକୁ ଫେରାଇବାକୁ ପଡ଼ିଥାଏ। ଏସବୁ ରେଳବାଇର ସମ୍ପତ୍ତି। ଏହାକୁ ଫେରାଇବା ଏକ ପ୍ରକାର ନୈତିକ ଦାୟିତ୍ୱ ମଧ୍ୟ।

କିନ୍ତୁ ଯଦି ଆପଣ ଏହାକୁ ନେଇ ଚାଲିଗଲେ,



ଜାଣିଶୁଣି ହେଉ କିମ୍ବା ଅଜାଣତରେ ତେବେ କଣ ହେବ । ଯଦି ଆପଣ ଏହା ସହିତ ଧରାପଡ଼ିଗଲେ, ତେବେ ୧୦୦୦ ଟଙ୍କା ଜରିମାନା ଦେବାକୁ ପଡ଼ିବ। ଯଦି ଆପଣ ୧୦୦୦ ଟଙ୍କା ଦେବାରେ ଅସମର୍ଥ, ତେବେ ୧ ବର୍ଷ ଜେଲ୍ ଦଣ୍ଡର ବ୍ୟବସ୍ଥା ରହିଛି।

ଭାରତୀୟ ରେଳବାଇରେ କମ୍ବଳ, ଚାଦର, ତକିଆ ଆଦି ରେଳବାଇର ସମ୍ପତ୍ତି ବୋଲି ଗଣାଯାଇଥାଏ। ଏହାକୁ ଚୋରି କଲେ ରେଳବାଇ ସମ୍ପତ୍ତି ଆଇନ, ୧୯୬୬ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ହୋଇପାରେ। ପ୍ରଥମ ଥର ଧରାପଡ଼ିଲେ ୧ ବର୍ଷ ପର୍ଯ୍ୟନ୍ତ ଜେଲ୍ କିମ୍ବା ୧୦୦୦ ଟଙ୍କା ପର୍ଯ୍ୟନ୍ତ ଜରିମାନା ହୋଇପାରେ। ଗୁରୁତର ମାମଲାରେ ଅର୍ଥାତ୍ ଏହି ଅପରାଧକୁ ଏକାଧିକ ଥର କଲେ ୫ ବର୍ଷ ପର୍ଯ୍ୟନ୍ତ ଜେଲ୍ ଓ ଜରିମାନା ଉଭୟ ହୋଇପାରେ।

# ଅଭିଷେକ ନମ୍ବର ୧ ଟି-୨୦ ବ୍ୟାଟର

**ନୂଆଦିଲ୍ଲୀ,୩୦।୭:** ଆଇସିସି ପକ୍ଷରୁ ତାଜା ରାଙ୍କିଙ୍ଗ ଜାରି ହୋଇଛି। ଭାରତର ଷ୍ଟାର ଓପନର ଅଭିଷେକ ଶର୍ମା ଟ୍ରାଭିସ୍ ହେଡଙ୍କୁ ପଛରେ ପକାଇ ଟି-୨୦ରେ ନମ୍ବର ୱାନ୍ ବ୍ୟାଟର ହୋଇଛନ୍ତି। ହେଡ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଟି-୨୦ ସିରିଜ୍ ନ ଖେଳିବା ଯୋଗୁଁ ତାଙ୍କ ରାଙ୍କିଙ୍ଗରେ କ୍ଷତି ହୋଇଛି। ସେ ଗୋଟିଏ ସ୍ଥାନ ଖସି ଦ୍ୱିତୀୟ ସ୍ଥାନକୁ ଖସି ଯାଇଛନ୍ତି। ଏହା ଅଭିଷେକଙ୍କ

## ହେଡ୍‌ଙ୍କୁ ପଛରେ ପକାଇଲେ

କ୍ୟାରିୟରର ସର୍ବୋତ୍ତମ ରାଙ୍କିଙ୍ଗ। କେବଳ ସେତିକି ନୁହେଁ ଟେଷ୍ଟ ଓ୍ୱାନଡେ ଓ ଟି-୨୦ ତିନୋଟି ଫର୍ମାଟର ତିନୋଟି ଶ୍ରେଣୀ(ବ୍ୟାଟର, ବୋଲର ଓ ଅଲରାଉଣ୍ଡର)ଙ୍କୁ ମିଶାଇ ମୋଟ ୯ଟି ରାଙ୍କିଙ୍ଗରୁ ୫ଟିରେ ଭାରତୀୟ ଖେଳାଳିଙ୍କ ଦବଦବା ରହିଛି। ଅଭିଷେକଙ୍କ ବ୍ୟତୀତ ଶୁଭମନ ଗିଲ୍ ଓ୍ୱାନଡେ୍‌ର ଏକ ନମ୍ବର ବ୍ୟାଟର ହୋଇଛନ୍ତି। ସେଭଳି ଜସପ୍ରୀତ ବୁମରାହ ଟେଷ୍ଟ ବୋଲରଙ୍କ ଭିତରେ ନମ୍ବର ଏକ ସ୍ଥାନରେ ଅଛନ୍ତି। ଏହାଛଡା ଟିମ୍ ରାଙ୍କିଙ୍ଗରେ ଭାରତ ଓ୍ୱାନଡେ ଓ ଟି-୨୦ରେ ଶୀର୍ଷ ସ୍ଥାନରେ ରହିଛି। ଟେଷ୍ଟରେ ଅଷ୍ଟ୍ରେଲିଆ ଏକ ନମ୍ବର ରହିଛି।

ବାମହାତୀ ବ୍ୟାଟର ଅଭିଷେକ ଏବେ ୮୨୯ ରେଟିଂ ପଏଣ୍ଟରେ ଅଛନ୍ତି। ସେଭଳି ହେଡ୍ ୮୧୪ ରେଟିଂ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ଅଭିଷେକ ଏପର୍ଯ୍ୟନ୍ତ ଭାରତ ପାଇଁ ୧୭ଟି ଟି୨୦ ମ୍ୟାଚ୍‌ରେ ୩୩.୪ ଆଭରେଜ୍ ଓ ୧୯୩.୮୫ ଷ୍ଟ୍ରାଇକ୍ ରେଟ୍‌ରୁ ୫୩୫ ରନ୍ କରିଛନ୍ତି। ତା ଭିତରେ ଦୁଇଟି ଶତକ ଓ ଦୁଇଟି ଅର୍ଦ୍ଧଶତକ ରହିଛି। ଏହାଛଡା ସେ ୬ ଓ୍ୱିକେଟ ମଧ ନେଇସାରିଛନ୍ତି। ଅଭିଷେକଙ୍କୁ




ଆଗାମୀ ସମୟରେ ଷ୍ଟାର ବୋଲି ମନେକରାଯାଉଛି। ଏହି ବିସ୍ଫୋରକ ଓପନରଙ୍କ ପାଖରେ ସବୁ ପ୍ରକାର ସଟସ୍ ରହିଛି। ବର୍ତ୍ତମାନ ଟି-୨୦ ରେ ଭାରତର ସଫଳତା ପଛରେ ତାଙ୍କର ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ ରହିଛି। ସେହି ସମୟରେ, ଜାଡେଜା ICC ଟେଷ୍ଟ ଅଲରାଉଣ୍ଡର ରାଙ୍କିଙ୍ଗରେ ଦ୍ୱିତୀୟ ସ୍ଥାନରେ ଥିବା ବାଂଲାଦେଶର ମେହେଦି ହାସନ ମିରାଜଙ୍କଠାରୁ ୧୧୭ ରେଟିଂ ପଏଣ୍ଟର ଆଗୁଆ ହୋଇଛନ୍ତି। ICC ଏହାର ୱେବସାଇଟରେ ଜାରି ଏକ ବିବୃତ୍ତିରେ କହିଛି, 'ଜାଡେଜା ଅପରାଜିତ ୧୦୭ ରନ ଏବଂ ଚାରିଟି ୱିକେଟ ନେଇ ଅଲରାଉଣ୍ଡର ରାଙ୍କିଙ୍ଗରେ ଆଗୁଆ ଅଛନ୍ତି। ସେ ୧୩ ରେଟିଂ ପଏଣ୍ଟ ହାସଲ କରିଛନ୍ତି ଏବଂ ମୋଟ ୪୨୨ ପଏଣ୍ଟ ସହିତ, ସେ ବାଂଲାଦେଶର ମେହେଦି ହାସନ ମିରାଜଙ୍କଠାରୁ ୧୧୭ ପଏଣ୍ଟ ଆଗରେ ଅଛନ୍ତି।' ବ୍ୟାଟରଙ୍କ ରାଙ୍କିଙ୍ଗରେ ଜାଡେଜା ପାଞ୍ଚଟି ସ୍ଥାନ ଉପରକୁ ଉଠି ୨୯ତମ ସ୍ଥାନରେ ଏବଂ ବୋଲରଙ୍କ ମଧ୍ୟରେ ଗୋଟିଏ ସ୍ଥାନ ଆଗକୁ ଯାଇ ୧୪ ତମ ସ୍ଥାନରେ ପହଞ୍ଚିଛନ୍ତି। ୱାଶିଂଟନ ସୁନ୍ଦର ଟେଷ୍ଟ ବ୍ୟାଟସମ୍ୟାନଙ୍କ ମଧ୍ୟରେ ଆଠଟି ସ୍ଥାନ ଉପରକୁ ଉଠି ୬୫ତମ ସ୍ଥାନରେ ପହଞ୍ଚିଛନ୍ତି। ସେ ମାଞ୍ଚେଷ୍ଟରରେ ଇଂଲଣ୍ଡ ବିପକ୍ଷରେ ଚତୁର୍ଥ ଟେଷ୍ଟରେ ଜାଡେଜାଙ୍କ ସହିତ ପଞ୍ଚମ ୱିକେଟ ପାଇଁ ୨୦୩ ରନର ପାର୍ଟନରସିପ୍ କରିଥିଲେ ଏବଂ ଟେଷ୍ଟ ଡ୍ର ରଖିଥିଲେ। ICC କହିଛି, 'ସୁନ୍ଦର ଅଲରାଉଣ୍ଡରଙ୍କ ତାଲିକାରେ ଆଠଟି ସ୍ଥାନ ଉପରକୁ ଉଠି ୧୩ ତମ ସ୍ଥାନରେ ପହଞ୍ଚିଛନ୍ତି। ସେ ମ୍ୟାଚ୍ ରେ ଦୁଇଟି ୱିକେଟ ମଧ ନେଇଥିଲେ।'

ଟେଷ୍ଟ କ୍ରିକେଟରେ ଜୋ ରୁଟ୍ ଶୀର୍ଷ ବ୍ୟାଟର ଅଛନ୍ତି। ସେଭଳି ନ୍ୟୁଜିଲ୍ୟାଣ୍ଡର କେନ୍ ୱିଲିୟମ୍ସନ୍ ଦ୍ୱିତୀୟ ଏବଂ ଇଂଲଣ୍ଡର ହ୍ୟାରି ବ୍ରୁକ୍ ତୃତୀୟ ସ୍ଥାନରେ ଅଛନ୍ତି। ଇଂଲଣ୍ଡର ବେନ୍ ଡକେଟ ମଧ ତାଙ୍କ ରାଙ୍କିଙ୍ଗରୁ ଉନ୍ନୀତ ହୋଇ ଦଶମ ସ୍ଥାନରେ ପହଞ୍ଚିଛନ୍ତି। ସେଭଳି ଜ୍ୟାକ୍ କ୍ରାଉଲି ୪୩ତମ ସ୍ଥାନରେ ପହଞ୍ଚିଛନ୍ତି। ରୁଟ୍ ଟେଷ୍ଟ ରାଙ୍କିଂରେ ଦ୍ୱିତୀୟ ସ୍ଥାନରେ ଥିବା ୱିଲିୟମ୍ସନ୍ ଠାରୁ ୩୭ ରେଟିଂ ପଏଣ୍ଟର ଅଗ୍ରଣୀ ହାସଲ କରିଛନ୍ତି। ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସ ଟେଷ୍ଟ ଅଲରାଉଣ୍ଡରଙ୍କ ତାଲିକାରେ ତିନି ସ୍ଥାନ ଉପରକୁ ଉଠି ତୃତୀୟ ସ୍ଥାନରେ ପହଞ୍ଚିଛନ୍ତି, ଯାହା ଡିସେମ୍ବର ୨୦୨୨ ପରଠାରୁ ତାଙ୍କର ସର୍ବୋଚ୍ଚ ରାଙ୍କିଙ୍ଗ ବୋଲି କୁହାଯାଉଛି। ମାଞ୍ଚେଷ୍ଟରରେ ଇଂଲଣ୍ଡର ଏକମାତ୍ର ଇନିଂସରେ ରୁଟ୍ ୧୫୦ ରନର ଚମତ୍କାର ଇନିଂସ ଖେଳିଥିଲେ। ସେଭଳି ଷ୍ଟୋକ୍ସ ପାଞ୍ଚଟି ୱିକେଟ ନେବା ସହିତ ୧୪୧ ରନର ଗୁରୁତ୍ୱପୂର୍ଣ୍ଣ ଇନିଂସ ଖେଳିଥିଲେ। ବୋଲରମାନଙ୍କ ମଧ୍ୟରେ ଚାରି ବର୍ଷ ପରେ ଟେଷ୍ଟ ଦଳକୁ ଫେରିଥିବା ଜୋଫ୍ରା ଆର୍ଚରଙ୍କ ୩୮ ସ୍ଥାନ ଉପରକୁ ଉଠି ୬୩ତମ ରାଙ୍କିଙ୍ଗରେ ପହଞ୍ଚିଛନ୍ତି। କ୍ରିସ୍ ୱୋକ୍ସ ଗୋଟିଏ ସ୍ଥାନ ଉପରକୁ ଉଠି ୨୩ତମ ରାଙ୍କିଙ୍ଗରେ ପହଞ୍ଚିଛନ୍ତି।

# ଜାଡ଼େଜା-ସୁନ୍ଦରଙ୍କୁ ବୟକଟ୍‌ଙ୍କ ସମର୍ଥନ




**ମାଞ୍ଚେଷ୍ଟର୍, ୩୦।୭:** ଓଲ୍ଡ ଟ୍ରାଫୋର୍ଡ ଟେଷ୍ଟରେ ପରାଜୟ ମୁହଁରୁ ଫେରି ଭାରତ ଲଢୁଆ ଡ୍ର' କରିବା ପରେ ଇଂଲଣ୍ଡର ଏକ ହୀନ ଆଭିମୁଖ୍ୟ ବିତର୍କରେ ରହିଛି। ଭାରତ ସୁରକ୍ଷିତ ହେବା ଦିଗରେ ଅଗ୍ରସର ହେବା ଦେଖି ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସ ରବିବାର ଭାରତକୁ ଆଗୁଆ ଡ୍ର' ଅଫର୍ ଦେଇଥିଲେ। ଯାହାକୁ ରବୀନ୍ଦ୍ର ଜାଡ଼େଜା ରୋକ୍‌ଠୋକ୍ ମନା କରି ଦେଇଥିଲେ। ପଡ଼ିଆ ଭିତରେ ଏଭଳି ଆଚରଣ ଅନେକଙ୍କୁ ଚକିତ କରିଥିଲା। ପୂର୍ବତନ ଇଂଲଣ୍ଡ ବ୍ୟାଟ୍‌ସମ୍ୟାନ୍ ଜିଓଫ ବୟକଟ୍ ଭାରତୀୟଙ୍କୁ ସମର୍ଥନ କରିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହୋଇଛି। ରବୀନ୍ଦ୍ର ଜାଡ଼େଜା ଓ ୱାସିଂଟନ୍ ସୁନ୍ଦର ଯାହା କଲେ ମୁଁ ବ୍ୟାଟିଂ କରୁଥିଲେ ବି ସେଇଆ କରିଥାନ୍ତି ବୋଲି ବୟକଟ୍ ସ୍ପଷ୍ଟ ଭାବେ କହିଛନ୍ତି। ଇଂଲଣ୍ଡ ଏହି ପ୍ରସଙ୍ଗରେ ଭାରତକୁ ଦାୟୀ କରିବାର କିଛି କାରଣ ନାହିଁ। ଏତେ ପରିଶ୍ରମ କରି ଦଳକୁ ବଞ୍ଚାଇବା ପରେ ଶତକ ସୁଯୋଗ ଛାଡ଼ି ଚାଲିଯିବାକୁ କହିବା ଉଚିତ ନଥିଲା। ଇଂଲଣ୍ଡ ନିଜକୁ ସୁହାଉ ନାହିଁ ବୋଲି ଡ୍ର' ଅଫର୍ ଦେଇ ଖେଳ ବନ୍ଦ କରିବାକୁ କହିବା ଗ୍ରହଣୀୟ ନଥିଲା।

## ସାମ୍‌ସୀଙ୍କୁ ଷ୍ଟେନ୍‌ଙ୍କ ବିରୋଧ

ଜାଡ଼େଜା ଓ ସୁନ୍ଦରଙ୍କୁ କେବଳ ବେନ୍ ଷ୍ଟୋକ୍ସ ନୁହେଁ ହ୍ୟାରି ବ୍ରୁକ୍, ବେନ୍ ଡକେଟ୍, ଜ୍ୟାକ୍ କ୍ରଲି, ଜୋଫ୍ରା ଆର୍ଚର ପ୍ରମୁଖ ନିରୁତ୍ସାହିତ କରୁଥିବା ଷ୍ଟମ୍ପ୍ ମାଇକ୍ରୋଫୋନ୍‌ରୁ ଜଣାପଡୁଥିଲା। ଆଧୁନିକ କ୍ରିକେଟ୍‌ରଙ୍କ ଏଭଳି କୁହାଳିଆ ପଣକୁ ସେ ନାପସନ୍ଦ କରିଛନ୍ତି। ମୁଁ ନିଶ୍ଚିତ ନୁହେଁ ଏହା କ'ଣ। ମୁଁ ଖେଳୁଥିବା ବେଳେ କିନ୍ତୁ ଏଭଳି ହେଉ ନଥିଲା। ଭାରତ ନିଶ୍ଚିତ ଓଲ୍ଡ ଟ୍ରାଫୋର୍ଡ 'ଡ୍ର'କୁ ବିଜୟ ବିବେଚନା କରି ଓଭାଲ୍‌ରେ ଖେଳିବ ବୋଲି ବୟକଟ୍ ପ୍ରକାଶ କରିଛନ୍ତି। ବିଜୟରୁ ନୁହେଁ, ପରାଜୟରୁ ଅଧିକ କିଛି ଶିଖି ହୁଏ। ଇଂଲଣ୍ଡ ଭୁଲିଯିବା ଉଚିତ ନୁହେଁ ଯେ ବୋଲିଂ ଦୁର୍ବଳତା ପାଇଁ ସେମାନେ ଭାରତକୁ ଦ୍ୱିତୀୟ ପାଳିରେ ଅଲ୍‌ଆଉଟ୍ କରିପାରିଲେ ନାହିଁ। ସୂଚନାଯୋଗ୍ୟ, ରବିବାର ଭାରତକୁ ସୁରକ୍ଷିତ ସ୍ଥିତିରେ ଦେଖି ବେନ୍ ଷ୍ଟୋକ୍ସ ଡ୍ର' ଅଫର ଦେଇଥିଲେ। ଯାହାକୁ ଜାଡ଼େଜା ରୋକଠୋକ୍ ମନା କରିଦେଇଥିଲେ। 'ମୁଁ କିଛି କରିପାରିବି ନାହିଁ' ବୋଲି କହିଥିଲେ। ସେତେବେଳକୁ ଜାଡ଼େଜା ୮୯* ଏବଂ ୱାସିଂଟନ୍ ସୁନ୍ଦର ୮୦* ରନ୍‌ରେ ବ୍ୟାଟିଂ କରୁଥିଲେ। ଉଭୟ ଜାଡ଼େଜା ଓ ସୁନ୍ଦର କୌଣସି ବ୍ୟସ୍ତତା ନ ଦେଖାଇ ନିଜ ନିଜ ଶତକ ହାସଲ ପରେ ହିଁ ଡ୍ର' ପାଇଁ ରାଜି ହୋଇଥିଲେ।

ବେନ୍ ଷ୍ଟୋକ୍ସଙ୍କ ଆଗୁଆ ଡ୍ର' ପ୍ରସ୍ତାବକୁ ଗ୍ରହଣ କରି ନଥିବାରୁ ଦୁଇ ଦକ୍ଷିଣ ଆଫ୍ରିକା କ୍ରିକେଟର୍ ତାବ୍ରାଇଜ୍ ସାମ୍‌ସୀ ଓ ଡେଲ୍ ଷ୍ଟେନ୍ ଭିନ୍ନ ବିଚାରରେ ଦେଖିଛନ୍ତି। ଏକ୍ସ ପୃଷ୍ଠାରେ ତାବ୍ରାଇଜ୍ ସାମ୍‌ସୀ ଲେଖିଛନ୍ତି 'ଇଂଲଣ୍ଡର ପ୍ରସ୍ତାବକୁ ଗ୍ରହଣ କରି ତୁରନ୍ତ ଡ୍ର' ପାଇଁ ଭାରତୀୟ ଖେଳାଳି ରାଜି ନ ହେବା କିଛି ବଡ଼ ପ୍ରସଙ୍ଗ ନୁହେଁ। ପ୍ରସ୍ତାବ ଆସିଲା, ପ୍ରତ୍ୟାଖ୍ୟାନ ହେଲା, ଏଭଳି ନିଷ୍ପତ୍ତି ପାଇଁ ସେମାନେ ସମ୍ପୂର୍ଣ୍ଣ ହକ୍‌ଦାର। କଠିନ ପରିଶ୍ରମ କରିଥିବାରୁ ୧୦୦ ପୂର୍ଣ୍ଣ କଲେ, ଖେଳ ବି ସରିଗଲା। ଏହା ନିୟମ ଭିତରେ ଘଟିଲା'। ଷ୍ଟେନ୍ କିନ୍ତୁ ନାପସନ୍ଦ କରିଛନ୍ତି। 'ଥରେ ମ୍ୟାଚ୍ ଡ୍ର' ହେବା ନିଶ୍ଚିତ ହୋଇଯିବା ପରେ ବ୍ୟକ୍ତିଗତ ମାଇଲ୍‌ଖୁଣ୍ଟ ଦ୍ୱିତୀୟ ଅଗ୍ରାଧିକାର କଥା। ଖେଳ ଭାବନା ଦୃଷ୍ଟିରୁ ଏହା ଠିକ୍ ନୁହେଁ। କେହି ଏହା ଅନୁଭବ କରୁନାହାନ୍ତି। ବ୍ୟାଟର୍ ମାନେ ୧୦୦ ପାଇଁ ଖେଳୁ ନଥିଲେ, ଡ୍ର' ପାଇଁ ଖେଳୁଥିଲେ। ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପରେ ଖେଳିବାର କିଛି ମାନେ ନାହିଁ' ବୋଲି ଷ୍ଟେନ୍ ଉଲ୍ଲେଖ କରିଛନ୍ତି।

### ଆଇସିସି ମହିଳା ଦିନିକିଆ ମାନ୍ୟତା ତାଲିକା

## ମନ୍ଧନାଙ୍କୁ ହଟାଇ ଶୀର୍ଷରେ ସ୍କିଭର-ବ୍ରଣ୍ଟ୍




ଦୁବାଇ,୩୦।୭: ଆଇସିସି ପକ୍ଷରୁ ମହିଳା ଦିନିକିଆ ବ୍ୟାଟିଂ ମାନ୍ୟତା ଘୋଷିଣା ହୋଇଛି। ଏହି ତାଲିକାରେ ଭାରତର ସ୍ମୃତି ମନ୍ଧନାଙ୍କୁ ପଛରେ ପକାଇ ଇଂଲଣ୍ଡ ଅଧିନାୟିକା ନାତାଲି ସ୍କିଭର-ବ୍ରଣ୍ଟ୍ ଶୀର୍ଷ ସ୍ଥାନ ଦଖଲ କରିଛନ୍ତି। ପୂର୍ବରୁ ଏହି ସ୍ଥାନରେ ଥିବା ମନ୍ଧନା ଦ୍ୱିତୀୟକୁ ଏବଂ ଦକ୍ଷିଣ ଆଫ୍ରିକାର ଲୌରା ଉଲ୍‌ଭାର୍ଟ ତୃତୀୟକୁ ଖସିଛନ୍ତି। ମାତ୍ର ଏହି ୩ ଖେଳାଳିଙ୍କ ରେଟିଂ ପଏଣ୍ଟ ମଧ୍ୟରେ କମ୍ ବ୍ୟବଧାନ ରହିଛି। ସ୍କିଭର ବ୍ରଣ୍ଟ ରେଟିଂ ପଏଣ୍ଟ ୭୩୧ ରହିଛି। ମନ୍ଧନା (୭୨୮) ତାଙ୍କଠୁ ମାତ୍ର ୩ପଏଣ୍ଟ ଏବଂ ଉଲଭାର୍ଟ (୭୨୫) ୬ପଏଣ୍ଟ ପଛରେ ରହିଛନ୍ତି। ଘରୋଇ ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜରେ ମନ୍ଧନା ୧୧୫ରନ୍ କରିଥିଲେ। ସ୍କିଭର-ବ୍ରଣ୍ଟ୍ ସର୍ବାଧିକ ୧୬୦ରନ୍ ସଂଗ୍ରହ କରିଥିଲେ। ଏହି ପ୍ରଦର୍ଶନ ତାଙ୍କୁ ଶୀର୍ଷ ମାନ୍ୟତା ପ୍ରଦାନ କରିଛି। ଅନ୍ୟ ପଟରେ ଭାରତୀୟ ଅଧିନାୟିକା ହର୍ମନପ୍ରୀତ କୌର ୧୦ଟି ସ୍ଥାନ ଉନ୍ନତି ଘଟାଇ ୧୧ତମ, ଜେମିମା ରୋଡ୍ରିଗ୍ସ ୨ଟି ସ୍ଥାନ ଉଠି ୧୩ତମ ସ୍ଥାନରେ ରହିଛନ୍ତି। ଗତ ସିରିଜରେ ହର୍ମନପ୍ରୀତ ୧୨୬ ଓ ରୋଡ୍ରିଗ୍ସ ୧୦୧ରନ୍ କରିଥିଲେ। ବୋଲିଂ ତାଲିକାରେ ଭାରତର ଦୀପ୍ତି ଶର୍ମା ଚତୁର୍ଥ ସ୍ଥାନ ବଜାୟ ରଖିଥିବାବେଳେ କ୍ରାନ୍ତି କୌଡ଼ ୫୮ଟି ସ୍ଥାନ ଉଠି ୬୨ତମ ସ୍ଥାନରେ ପହଞ୍ଚିଛନ୍ତି। ଅଲରାଉଣ୍ଡର ତାଲିକାରେ ଦୀପ୍ତିଙ୍କ ଚତୁର୍ଥ ସ୍ଥାନ ଅପରିବର୍ତ୍ତିତ ରହିଛି।

# ବିସିସିଆଇ ଅଫିସରୁ ୬ ଲକ୍ଷ ଟଙ୍କାର ଆଇପିଏଲ ଜର୍ସି ଚୋରି

**ଅଭିଯୁକ୍ତ ସିକ୍ୟୁରିଟି ଗାର୍ଡ ଗିରଫ**

ମୁମ୍ବାଇ,୩୦।୭: ମୁମ୍ବାଇର ଓ୍ୱାଙ୍ଖେଡେ ଷ୍ଟାଡିୟମ କ୍ୟାମ୍ପସରେ ଦୁନିଆର ସବୁଠାରୁ ଧନୀ କ୍ରିକେଟ ବୋର୍ଡ ଅର୍ଥାତ ବିସିସିଆଇର ଅଫିସ ରହିଛି। ଏବେ ସେଠାରେ ଲକ୍ଷାଧିକ ଟଙ୍କାର ଜିନିଷ ଚୋରି ହୋଇଥିବାର ଜଣାପଡିଛି। ଏହି ମାମଲରେ ବିସିସିଆଇର ଜଣେ ସିକ୍ୟୁରିଟି ମ୍ୟାନେଜରଙ୍କୁ ଗିରଫ କରାଯାଇଛି। ଯାଙ୍କ ଉପରେ ଅଭିଯୋଗ ରହିଛି ଯେ, ଆଇପିଏଲ ୨୦୨୫ର ୨୬୧ଟି ଜର୍ସିକୁ ଚୋରି କରିଛନ୍ତି। ଯାହାର ମୂଲ୍ୟ ପ୍ରାୟ ୬.୫୨ ଲକ୍ଷ ଟଙ୍କା। ଇଣ୍ଟରନାଲ ଅଡିଟ୍ ସମୟରେ ବୋର୍ଡକୁ ଏହି ଚୋରି ବିଷୟରେ ଜଣାପଡିଥିଲା। ଅଭିଯୁକ୍ତ ସିକ୍ୟୁରିଟି ମ୍ୟାନେଜରର ନାଁ ହେଉଛି ଅସଲମ ଖାନ୍। ଚର୍ଚଗେଟ୍ ନିକଟରେ ଥିବା ଓ୍ୱାଙ୍ଖେଡେ ଷ୍ଟାଡିମ୍‌ରେ ରହିଛି ବିସିସିଆଇ ଅଫିସ। ଅସଲମ୍ ଷ୍ଟୋର ରୁମ୍‌ରୁ ଜର୍ସିର ଏକ ପୁରା କାର୍ଟନ ଚୋରାଇ ନେଇଥିଲା। ପୋଲିସର କହିବା ଅନୁସାରେ, ପ୍ରତ୍ୟେକ ଜର୍ସିର ଦାମ୍ ପ୍ରାୟ ଅଢେଇ ହଜାର ଟଙ୍କା ଥିଲା। ତେବେ ଚୋରି ହୋଇଥିବା ଜିନିଷର ମୋଟ ଜର୍ସିର ଦାମ୍ ସାଢେ ୬ ଲକ୍ଷ ଟଙ୍କା ଆଖପାଖର ରହିଛି। ଚଳିତ ମାସ ବିସିସିଆଇ ଅଧିକାରୀଙ୍କ ଦ୍ୱାରା କରାଯାଇଥିବା ଅଡିଟ୍‌ରେ ଏହା ଜଣାପଡିଥିଲା। ସିସିଟିଭି ଫୁଟେଜ ଚେକ୍ କରିବା ପରେ ଜଣାପଡିଥିଲା ଆଇପିଏଲ ୨୦୨୫ ଶେଷ ପରେ ୧୩ ଜୁନ୍‌ରେ ଫାରୁକ୍ ଅସଲମ ଖାନ୍‌କୁ ଷ୍ଟୋର ରୁମ୍‌ରୁ ଏକ ବଡ କାର୍ଡବୋର୍ଡ ବାକ୍ସ ନେଇଯାଉଥିବାର ଦେଖିବାକୁ ମିଳିଥିଲା। ଏହାପରେ ୧୭ ଜୁଲାଇରେ ମରିନ ଡ୍ରାଇଭ୍ ପୋଲିସ ଷ୍ଟେସନ୍‌ରେ ଅସଲମ ଖାନ୍ ନାଁରେ ଅଭିଯୋଗ ଦାଖଲ କରାଯାଇଥିଲା।

ତଦନ୍ତ ବେଳେ ଜଣାପଡିଛି ଯେ, ଫାରୁକ୍ ଅସଲମ ଖାନ୍ ଚୋରି ହୋଇଥିବା ଜର୍ସି ହରିୟାଣାରେ ଏକ ଅନଲାଇନ୍ ଡିଲରକୁ ବିକ୍ରି କରିଦେଇଥିଲା। ଯାହାଙ୍କୁ ସେ ସୋସିଆଲ ମିଡିଆ ଜରିଆରେ ଯୋଗାଯୋଗ କରିଥିଲା। ଏହି ବ୍ୟକ୍ତି ଡିଲରକୁ କହିଥିଲା ବିସିସିଆଇ କାର୍ଯ୍ୟାଳୟର ରିନୋଭେସନ୍ କାମ ଚାଲିଛି । ତେଣୁ 'ଷ୍ଟକ କ୍ଲିୟରାନ୍ସ ସେଲ୍' ଜରିଆରେ ଜର୍ସି ବିକ୍ରି କରାଯାଉଛି। ଏବେ ଡିଲର ଜଣ କହିଛନ୍ତି ତାଙ୍କୁ ଜଣାନଥିଲା ଏହା ଚୋରି ହୋଇଥିବା ଜର୍ସି। ଏପର୍ଯ୍ୟନ୍ତ ୨୬୧ଟିରୁ କେବଳ ମାତ୍ର ୫୦ଟି ଜର୍ସି ଜବତ କରାଯାଇଛି। ପଚରା ଉଚରା ବେଳେ ଅସଲମ ଖାନ୍ ବିକ୍ରିରୁ ମିଳିଥିବା ଟଙ୍କାରେ ଅନଲାଇନ୍ ଜୁଆ ଖେଳିଥିଲା। ତେବେ ଏହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରିନି, ଚୋରି ହୋଇଥିବା ଜର୍ସି, ଯାହାକି ବହୁ ଟିମ୍‌ର ଥିଲା। ତାହା ଖେଳାଳି ଓ ଅଧିକାରୀଙ୍କ ବ୍ୟବହାର ପାଇଁ ଥିଲା ନାଁ ପବ୍ଲିକ ମର୍ଚେଣ୍ଡାଇଜ୍‌ର ଥିଲା ସ୍ପଷ୍ଟ ହୋଇନି। ପୋଲିସ ହରିୟାଣା ସ୍ଥିତି ଡିଲକୁ ଆଗକୁ ପଚରା ଉଚରା ପାଇଁ ଡକାଇଛି। ମାମଲର ଯାଞ୍ଚ ମଧ ଜାରି ରହିଛି। କିଛି ଦିନ ତଳେ ଚୋରି ଓ ଅପରାଧିକ ବିଶ୍ୱାସଘାତ ଅଭିଯୋଗରେ ସମ୍ପର୍କିତ ଧାରା ଅନୁସାରେ, ଅସଲମ ଖାନ୍‌କୁ ଗିରଫ କରାଯାଇଥିଲା, କିନ୍ତୁ ସେ ବର୍ତ୍ତମାନ ଜାମିନରେ ଅଛି। ବିସିସିଆଇ ଏନେଇ କୌଣସି ପ୍ରତିକ୍ରିୟା ଦେଇ ନାହିଁ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ସପ୍ତାହେ...



ସହ ଯେଉଁ ଗାଁଗୁଡ଼ିକରେ ରାସ୍ତା ଖରାପ ହୋଇଯାଇଛି, ସେଗୁଡ଼ିକ ତୁରନ୍ତ ମରାମତି କରି ଯୋଗାଯୋଗ ବ୍ୟବସ୍ଥା ପୁନସ୍ଥାପିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରଭାବିତ ଅଞ୍ଚଳରେ ପର୍ଯ୍ୟାପ୍ତ ପରିମାଣରେ ପଶୁଖାଦ୍ୟ ଯୋଗାଇଦେବାକୁ ବି ପରାମର୍ଶ ଦିଆଯାଇଛି। ଜିରୋ କାଜୁଆଲିଟି ଉପରେ ଗୁରୁତ୍ୱ ଦେଇ ରାଜ୍ୟ ସରକାରଙ୍କ ପକ୍ଷରୁ ବାଲେଶ୍ୱର ଜିଲ୍ଲାରେ ୧୭ଟି ଓଡ୍ରାଫ୍ ଓ ୧୩ଟି ଅଗ୍ନିଶମ ସେବା ଟିମ୍, ଭଦ୍ରକ ଜିଲ୍ଲାରେ ଗୋଟିଏ ଏନ୍‌ଡିଆର୍‌ଏଫ୍, ଗୋଟିଏ ଓଡ୍ରାଫ୍ ଓ ୧୩ଟି ଅଗ୍ନିଶମ ସେବା ଟିମ୍ ଏବଂ ଯାଜପୁର ଜିଲ୍ଲାରେ ଗୋଟିଏ ଓଡ୍ରାଫ୍ ଓ ୧୪ଟି ଅଗ୍ନିଶମ ସେବା ଟିମ୍ ମୁତୟନ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।

## ସହାୟତାର...

ଚିହ୍ନଟ କରାଯାଇ ବାଦ୍ ଦିଆଯିବ ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି।

ତାଙ୍କ କହିବାନୁସାରେ, ପ୍ରଥମ କିସ୍ତି ପାଇବା ପରେ କେତେକ ହିତାଧିକାରୀ ଆଇଟି ରିଟର୍ଣ୍ଣ ଭରିଛନ୍ତି। ଆହୁରି କେତେକ ଗାଡ଼ି କିଣିଥିବା ଜଣାପଡିଛି। ତେଣୁ ସହାୟତା ରାଶିର ସଠିକ୍ ଉପଯୋଗ ହୋଇଛି କି ନାହିଁ, ତା' ସର୍ଭେ ମାଧ୍ୟମରେ ସ୍ପଷ୍ଟ କରାଯିବ। ଏପରି କୌଣସି ତଥ୍ୟ ମିଳିଲେ, ସେମାନଙ୍କୁ ଆଉ ସୁଭଦ୍ରା ଟଙ୍କା ମିଳିବ ନାହିଁ। ସେହିପରି ପ୍ରଥମ କିସ୍ତି ପାଇବା ପରେ ପାଖାପାଖି ୯୩ ହଜାର ମହିଳା ୬୦ ବର୍ଷରେ ପହଞ୍ଚିସାରିଥିବାରୁ ସେମାନଙ୍କୁ ସୁଭଦ୍ରା ଟଙ୍କା ତ ମିଳିବ ନାହିଁ। କିନ୍ତୁ ସେମାନେ ସିଧାସଳଖ ଏସ୍‌ଏସ୍‌ପିଡି ଜରିଆରେ ଭତ୍ତା ପାଇବାକୁ ବିବେଚିତ ହୋଇଛନ୍ତି ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି।

ଅନ୍ୟପକ୍ଷରେ ଆସନ୍ତା ୯ରେ ଖାତାକୁ ଆସିବ ସୁଭଦ୍ରା ଯୋଜନାର ୩ୟ କିସ୍ତି ଟଙ୍କା। ରାଜ୍ୟର କୋଟିଏରୁ ଅଧିକ ମହିଳାଙ୍କ ଖାତାକୁ ଏହି ଟଙ୍କା ଆସିବ। ପୂର୍ବରୁ ଦୁଇଟି କିସ୍ତିରେ ମୋଟ ୧୦ ହଜାର ଟଙ୍କା ପାଇସାରିଛନ୍ତି ପାଖାପାଖି ୧ କୋଟି ହିତାଧିକାରୀ। ସମସ୍ତ ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ଯେଭଳି ଭାବେ ସୁଭଦ୍ରା ପହଞ୍ଚିବ, ସେ ଦିଗରେ ସରକାର ପ୍ରଯତ୍ନ ହୋଇଆସିଛନ୍ତି।

## ଥରିଲା ...

ରହିଛି। ତେବେ ଏହି ଭୂମିକମ୍ପ କିମ୍ବା ତତ୍ ପରବର୍ତ୍ତୀ ସୁନାମୀରେ ବିଶେଷ କୌଣସି କ୍ଷୟକ୍ଷତି ଘଟିଥିବା ନେଇ ସୂଚନା ମିଳିପାରିନାହିଁ। ସେହିପରି ଧନଜୀବନ ସୁରକ୍ଷା ପାଇଁ ତୁରନ୍ତ ପଦକ୍ଷେପ ନେବା ସକାଶେ ସେଣ୍ଟର୍ ପକ୍ଷରୁ ସତର୍କ କରାଇ ଦିଆଯାଇଛି। ଜାପାନ ଓ ଆମେରିକୀୟ ଭୂମିକମ୍ପ ବିଜ୍ଞାନୀଙ୍କ କହିବାନୁଯାୟୀ, ପ୍ରାତଃ ପ୍ରାୟ ସାଢ଼େ ୮ଟା ସମୟରେ ଅନୁଭୂତ ଭୂମିକମ୍ପର ପ୍ରାରମ୍ଭିକ ତୀବ୍ରତା ୮.୦ ଥିଲା। ଜାପାନ ଓ ଆମେରିକୀୟ ଭୂତାତ୍ତ୍ୱିକ ସର୍ବେକ୍ଷଣ ପରେ ଏହାର ତୀବ୍ରତା ୮.୭ ଥିବା କୁହାଯାଇଛି। ସେହିପରି ଇକ୍ୱେଡର, ଚିଲି, ପେରୁ, କୋଷ୍ଟାରିକା ଓ କେତେକ ପ୍ରଶାନ୍ତ ସାଗରୀୟ ଦ୍ୱୀପପୁଞ୍ଜକୁ ବି ସୁନାମୀ ପ୍ରଭାବିତ କରିପାରେ ବୋଲି ଆଶଙ୍କା କରାଯାଉଛି।

## ବାରିପଦା ...

ପାଲବାଣୀଠାରେ ଉଭୟ ଜାତୀୟ ରାଜପଥ ଓ ସହର ଟ୍ରାଫିକ ମିଶୁଛି। ଯେଉଁଥିପାଇଁ ସହର ମଧ୍ୟରେ ଏହି ସ୍ଥାନଟି ଏକ ବିପଦଶଙ୍କୁଳ ସ୍ଥାନ ହୋଇଯାଇଛି। ଏଥିସହ ବାଇପାସ ନିକଟରେ ବାରିପଦା ଟାଉନ ବସଷ୍ଟାଣ୍ଡ ନିର୍ମାଣ କରିବାକୁ ଯୋଜନା କରାଯାଇଛି।ଏହିସ୍ଥାନ ଠାରୁ ରେଲଷ୍ଟେସନର ଦୂରତା ମାତ୍ର ଏକ କିମି। ଏହି ଦୃଷ୍ଟିକୋଣରୁ ପାଲବଣି ବାଇପାସ ଅଞ୍ଚଳର ଟ୍ରାଫିକ ସମସ୍ୟା ଆଗକୁ ଆହୁରି ଜଟିଳ ହେବାକୁ ଯାଉଛି। ଏହାର ସମାଧାନ ପାଇଁ ସେଠାରେ ଏକ ଓଭରବ୍ରିଜ ନିର୍ମାଣ କରିବାକୁ ସେ ପ୍ରସ୍ତାବ ଦେଇଛନ୍ତି।

ଏଥିସହ ଡାରୋଗାଡାହି ଓ ମୁରଗାବାଡି ମଧ୍ୟରେ ମଧ୍ୟ ଏକ ବାଇପାସ କରିବାକୁ ପ୍ରସ୍ତାବ ଦେଇଛନ୍ତି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ। ଏହି ଅଞ୍ଚଳରେ ସ୍କୁଲ ଜୋନ ସାଙ୍ଗକୁ ଆବାସିକ କଲୋନି ଓ ବଜାର ଅଞ୍ଚଳ ଯୋଗୁଁ ସବୁ ବେଳେ ଟ୍ରାଫିକ ସମସ୍ୟା ରହୁଛି। ଆଗାମୀ ଦିନରେ ଜିଲ୍ଲା କୋର୍ଟ ଏବଂ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ସରକାରୀ ଅଫିସକୁ ଏହି ଅଞ୍ଚଳକୁ ସ୍ଥାନାନ୍ତର କରିବାର ଯୋଜନା ରହିଛି। ଏହାଦ୍ୱାରା ଏହି ଅଞ୍ଚଳରେ ଟ୍ରାଫିକ ଆଗାମୀ ଦିନରେ ଆହୁରି ଜଟିଳ ହେବାକୁ ଯାଉଛି। ତେଣୁ ବାରିପଦାବାସୀଙ୍କ ପାଇଁ କେନ୍ଦ୍ର ସରକାର ତୁରନ୍ତ ଏହି ଦୁଇଟି ଓଭରବ୍ରିଜ ପ୍ରସ୍ତାବ ଉପରେ ସର୍ଭେ କରି ବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରିବା ସହ ପ୍ରକଳ୍ପ ଦୁଇଟିକୁ ମଞ୍ଜୁରୀ ଦେବାକୁ ସେ କେନ୍ଦ୍ର ସଡକ ପରିବହନ ମନ୍ତ୍ରୀଙ୍କୁ ଦାବି କରିଛନ୍ତି ।

## ଧରାପଡ଼ିଲା...

ଘଟଣା ହେଉ କି ବଳଙ୍ଗା ପୀଡ଼ିତା ପ୍ରସଙ୍ଗରେ ହେଉ, ସବୁ ଘଟଣାରେ କାହିଁକି ରାଜନୀତି କରୁଛି? କେଉଁ ସ୍ୱାର୍ଥରେ ଗତ ଦୁଇ ସପ୍ତାହ ଧରି ଦଳ ରାଜ୍ୟର ବିଜେପି ସରକାର ବିରୋଧରେ ଆନ୍ଦୋଳନ କରୁଛି, ଦୈନିକ ସାମ୍ବାଦିକ ସମ୍ମିଳନୀ କରି ବିଜେଡି ନେତାମାନେ ବର୍ଷୁଛନ୍ତି? ବିଜେଡି ଏମିତି ବି ପୂର୍ବରୁ ଏନଡିଏର ଅଂଶୀଦାର ଥିଲା। ଏବେ ବି ଏନଡିଏରେ ସାମିଲ ହେବାରେ କିଛି ଅସୁବିଧା ନାହିଁ। କିନ୍ତୁ ଧର୍ମନିରପେକ୍ଷତାର ମିଛ ଢାଲ ପିନ୍ଧି ଦୋମୁହାଁ ନୀତି ଅବଲମ୍ବନ କରି ନବୀନ ରାଜ୍ୟବାସୀଙ୍କୁ ପ୍ରତାରିତ କରୁଥିବାରୁ ବିଜେଡି ନେତା ଓ କର୍ମୀମାନେ ବି ହାତ ଟେକିଦେଲେଣି। ସେମାନେ ଆଉ କୋଉ ମୁହଁରେ ଲୋକଙ୍କୁ ସାମ୍ନା କରିବେ ବୋଲି ପ୍ରଶ୍ନ କରୁଛନ୍ତି।

## ତିନି...

ମିଶ୍ର କହିଛନ୍ତି। ଦିଲ୍ଲୀର ସ୍ଥାନୀୟ ସଫଦରଜଙ୍ଗ କୋର୍ଟଙ୍କ ନିର୍ଦ୍ଦେଶରେ ଜଣେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ବୟାନ ରେକର୍ଡ କରାଯାଇଛି। ଏହାପରେ ସମଗ୍ର ଘଟଣା ପଛର କାରଣ ସମ୍ପର୍କରେ ପୁଲିସ ସାର୍ବଜନୀନ କରିବ ବୋଲି ସେ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ମାମଲାର ତଦନ୍ତ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ସମସ୍ତ ଆଇନଗତ ଦିଗକୁ ଦୃଷ୍ଟିରେ ରଖାଯାଇ ତଦନ୍ତ ଆଗକୁ ବଢୁଛି। ପୀଡ଼ିତାଙ୍କ ଚିକିତ୍ସା ଜାରି ରହିଥିବାରୁ ପୁଲିସ ପକ୍ଷରୁ ବେଶ୍ ସତର୍କତାର ସହିତ ତଦନ୍ତ ପ୍ରକ୍ରିୟା ଚାଲିଥିବା ଏସପି ଶ୍ରୀ ମିଶ୍ର କହିଛନ୍ତି।

ସୂଚନାଯୋଗ୍ୟ ଯେ ଗତ ୧୯ ତାରିଖରେ ପୁରୀ ଜିଲ୍ଲା ବଳଙ୍ଗା ଥାନା ନୂଆ ଗୋପାଳପୁର ଗାଁରେ ଘଟିଥିବା ଏହି ଘଟଣା ରାଜ୍ୟରେ ଚହଳ ସୃଷ୍ଟି କରିଥିଲା। ପ୍ରଥମେ ଭୁବନେଶ୍ୱର ଏମ୍ସ ଓ ପରବର୍ତ୍ତୀ ସମୟରେ ପୀଡ଼ିତାଙ୍କୁ ଦିଲ୍ଲୀ ଏମ୍ସକୁ ଏୟାରଲିଫ୍ଟ କରାଯାଇଥିଲା। ଭୁବନେଶ୍ୱର ଏମ୍ସରେ ଥରେ ଓ ଦିଲ୍ଲୀ ଏମ୍ସରେ ପୀଡିତାଙ୍କର ଇତିମଧ୍ୟରେ ୨ ଥର ବୟାନ ରେକର୍ଡ ହୋଇସାରିଛି।

## ସରକାରୀ...

ପ୍ଲାଷ୍ଟିକ୍ ବ୍ୟାଗ୍ ମଧ୍ୟ ଆଣିପାରିବେ ନାହିଁ। ଏହା ବଦଳରେ ସରକାରୀ ଅଫିସରେ କାଗଜ ବ୍ୟାଗ, ଝୋଟ କିମ୍ବା କପଡ଼ା ବ୍ୟାଗ ବ୍ୟବହାର କରାଯିବ। ସେହିପରି କର୍ମଚାରୀରଙ୍କୁ ଚା' କିମ୍ବା କଫି ମଧ୍ୟ ପ୍ଲାଷ୍ଟିକ କପରେ ଦିଆଯିବନାହିଁ। ଏପରିକି ପଲିଥିନରେ ବି ଚା' ଆସିପାରିବ ନାହିଁ ବୋଲି ଉକ୍ତ ଚିଠିରେ ତାଗିଦ୍ କରାଯାଇଛି। ଏହାଛଡ଼ା ଷ୍ଟିଲ, କପର୍ ଗ୍ଲାସରେ ଚା' କିମ୍ବା କଫି ଦିଆଯିବ। ସରକାରୀ ଅଫିସକୁ ଆସୁଥିବା ଫୁଲତୋଡ଼ା କି ମେମେଣ୍ଟୋରେ ବି ପ୍ଲାଷ୍ଟିକ ଗୁଡ଼ାଯିବନାହିଁ। ଏହାର ବିକଳ୍ପ ଭାବେ ପେପର ରାପର ବ୍ୟବହାର କରିବା ସକାଶେ ଉକ୍ତ ଚିଠିରେ ଶ୍ରୀ ସାହୁ ଦର୍ଶାଇଛନ୍ତି।

## ୨ରେ ...

ସମୀକ୍ଷା କରାଯାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଉତ୍ତରପ୍ରଦେଶର ବାରାଣସୀରେ ଏହି କାର୍ଯ୍ୟକ୍ରମ ହେବ। ଗତ ଫେବୃଆରୀ ୨୪ ତାରିଖରେ ସରକାର ଯୋଜନାର ୧୯ତମ କିସ୍ତି ଜାରି କରିଥିଲେ। ଆସନ୍ତା ୨ ତାରିଖରେ ମିଳିବାକୁ ଥିବା କିସ୍ତିରେ ପ୍ରାୟ ୧୦ କୋଟି ଚାଷୀଙ୍କୁ ଲାଭ ପାଇବେ। ଏଥିସହ ଏହି ଟଙ୍କା ପାଇବା ସକାଶେ ଚାଷୀମାନଙ୍କ ମଧ୍ୟରେ ଇ-କେଓ୍ୱାଇସି କରିବା ପାଇଁ ଦୌଡ଼ ଆରମ୍ଭ ହୋଇଛି।

ଇ-କେଓ୍ୱାଇସି କରିବା ମାତ୍ରେ ପୂର୍ବରୁ ପଡ଼ିରହିଥିବା କିସ୍ତି ମଧ୍ୟ ଆକାଉଣ୍ଟକୁ ଆସିବ। ଏହି ଯୋଜନା ଅଧୀନରେ ଚାଷୀମାନଙ୍କୁ ୩ଟି କିସ୍ତିରେ ୬ ହଜାର ଟଙ୍କା ହସ୍ତାନ୍ତର କରାଯାଉଛି। ବୈଠକରେ ଦେଶର ୭୩୧ଟି କୃଷି ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶକ, ଉପକୁଳପତି ଏବଂ ଭାରତୀୟ କୃଷି ଗବେଷଣା ପରିଷଦ ଓ କୃଷି ବିଶ୍ୱବିଦ୍ୟାଳୟଗୁଡ଼ିକର ମୁଖ୍ୟମାନେ ଯୋଗ ଦେଇଥିଲେ।

## ଖାଦ୍ୟ ସୁରକ୍ଷା ...

ଭୟ ରହିବା କଥା, ତାହା ରହୁନାହିଁ। ସମ୍ପୃକ୍ତ ଏଏସ୍‌ଓ ବିଭିନ୍ନ ସ୍ତରରେ ଲବି ଚଳାଇ ରାଜଧାନୀରୁ ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ବଦଳିକୁ ରୋକିବା ସହ ଡେପୁଟେସନରେ ଆସିଥିବା ଅଧିକାରୀଙ୍କୁ ବି ଏଠାରୁ ଛାଡୁନାହାନ୍ତି।

ଖାଦ୍ୟ ସୁରକ୍ଷା ବିଭାଗର ଏଭଳି ଅସୁରକ୍ଷିତ କାର୍ଯ୍ୟ ପାଇଁ ରାଜଧାନୀ ଲୋକେ ପ୍ରତିଦିନ ଖାଦ୍ୟ ନାଁରେ ଅଖାଦ୍ୟ ଓ ବିଷ ଖାଇବାରେ ଲାଗିଛନ୍ତି। ତେଣୁ କ୍ରମବର୍ଦ୍ଧିଷ୍ଣୁ ସହରର ଆବଶ୍ୟକତା ଅନୁଯାୟୀ ଅଧିକ ସଂଖ୍ୟକ ଖାଦ୍ୟ ସୁରକ୍ଷା ଅଧିକାରୀଙ୍କୁ ନିଯୁକ୍ତ କରିବା ସହ ବର୍ଷ ବର୍ଷ ଏଠାରେ ଗାଦିମାଡ଼ି ବସିଥିବା ଖାଦ୍ୟ ସୁରକ୍ଷା ଅଧିକାରୀଙ୍କୁ ଅନ୍ୟତ୍ର ପଠାଇବାକୁ ମତ ପ୍ରକାଶ ପାଉଛି। କେବଳ ଖାଦ୍ୟ ସୁରକ୍ଷା ଅଧିକାରୀ ନୁହଁନ୍ତି, ସେମାନଙ୍କ ପୃଷ୍ଠପୋଷକ ସାଜିଥିବା ଉକ୍ତ ଏଏସ୍‌ଓ ଓ ଆଉ କେତେକ ସରକାରୀ ବାବୁଙ୍କୁ ମଧ୍ୟ ରାଜଧାନୀରୁ ବିଦା କରିବାକୁ ସାଧାରଣ ଲୋକେ ମତ ଦେଉଛନ୍ତି।

# ନାବାଳକର ଝୁଲନ୍ତା ମୃତଦେହ ଉଦ୍ଧାର ଘଟଣାରେ ଦମ୍ପତି ସମେତ ୩ ଅଭିଯୁକ୍ତକୁ କୋର୍ଟଚାଲାଣ




**କଳାହାଣ୍ଡି,୩୦।୭(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ଥାନା ଅନ୍ତର୍ଗତ ବିରିକୋଟ ଗ୍ରାମରେ ଜଣେ ନାବାଳକକୁ ହତ୍ୟା ଅଭିଯୋଗରେ ପୁଲିସ ତିନିଜଣଙ୍କୁ କୋର୍ଟଚାଲାଣ କରିଛି। ପ୍ରକାଶ ଯେ, ବିରିକୋଟ ଗ୍ରାମର ନାବାଳକ ନରେଶ ସାହୁ (୧୫) ଗତ ୨୩ ତାରିଖ ଜଣେ ନାବାଳିକା ସହ କଥାବାର୍ତ୍ତା ହେଉଥିଲେ। ଏତିକିବେଳେ ନାବାଳିକା ମାଆ ପହଞ୍ଚି ନରେଶକୁ ଗାଲିଗୁଲଜ କରିବା ସହ ମାଡ଼ ମାରିଥିଲେ। ସେହିଦିନ ଦିନଠାରୁ ନରେଶ ନିଖୋଜ ଥିଲେ । ପରବର୍ତ୍ତୀ ସମୟରେ ଜଙ୍ଗଲରୁ ନରେଶର ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଥିଲା। ଏହାପରେ ପରିବାର ଲୋକେ ନାବାଳିକାର ପରିବାର ନରେଶକୁ ହତ୍ୟାକରି ଆତ୍ମହତ୍ୟା ରୂପ ଦେଇଥିବା ନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁକରି ତେନ୍ତୁଳିପଡା ଗ୍ରାମର ଲମ୍ବୁ ରାଉତ, ସ୍ତ୍ରୀ ଭଜତି ରାଉତ(୩୫) ଓ ତାଙ୍କ ଶଳା ଶଙ୍କର ଗଉଡ଼ (୧୯) କୁ ଗିରଫକରି କୋର୍ଟଚାଲାଣ କରିଛି। ପ୍ରକାଶ ଥାଉକି, ମୃତ ନାବାଳକ ନରେଶ ସାହୁର ମୁଣ୍ଡ, ମୁହଁ, ହାତ ଓ ଯୌନାଙ୍ଗରେ ମାଡ଼ ହୋଇଥିବା ଦେଖଣାହାରୀ ମାନେ କହୁଥିବା ବେଳେ ପୁଲିସ କିଭଳି ହତ୍ୟା ଦଫା ନଲଗାଇ ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇ ଭଳି ଦଫା ଲଗାଇଲା ବୋଲି ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି। ମୃତ ନରେଶ ଭଳି ଅନେକ ଘଟଣା ଘଟୁଥିଲେ ସୁଦ୍ଧା ଥୁଆମୂଳ ରାମପୁର ପୁଲିସ ଲୋକଙ୍କୁ ଉଚିତ ନ୍ୟାୟ ଦେବାରେ ବିଫଳ ହେଉଥିବାରୁ ପୁଲିସ ପ୍ରତି ଲୋକଙ୍କ ଆସ୍ଥା ଓ ବିଶ୍ୱାସ ତୁଟିବାରେ ଲାଗିଥିବା ଅଭିଯୋଗ ହେଉଛି। ତେଣୁ କଳାହାଣ୍ଡି ଏସପି ଏଥିରେ ହସ୍ତକ୍ଷେପ କରି ଥୁଆମୂଳ ରାମପୁରବାସୀଙ୍କ ପାଇଁ ସ୍ୱତନ୍ତ୍ର ଧ୍ୟାନଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଯୁକ୍ତ ୨ ନବାଗତ ଛାତ୍ର, ଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**● ସମୟାନୁବର୍ତ୍ତିତା ଓ ଶୃଙ୍ଖଳିତ ଭାବେ ଶିକ୍ଷା ଅଧ୍ୟୟନ ପାଇଁ ପରାମର୍ଶ**

**କାକଟପୁର/ଅସ୍ତରଙ୍ଗ,୩୦।୭(ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅସ୍ତରଙ୍ଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରେ ପ୍ରବେଶ ଉତ୍ସବ ସହିତ ନବାଗତ ଛାତ୍ର, ଛାତ୍ରୀ ମାନଙ୍କ ପାଇଁ ସ୍ୱାଗତ ସମାରୋହ ଉତ୍ସବ ଆୟୋଜିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ଆୟୋଜିତ ପ୍ରବେଶ ଉତ୍ସବ ସମାରୋହ ରେ ଅଧକ୍ଷ ହରିଶ ଚନ୍ଦ୍ର ସ୍ୱାଇଁ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଥିବା ବେଳେ ଅଧକ୍ଷ ଯୋଗଦେଇ ନୂତନ ଭାବରେ ନାମ ଲେଖାଇଥିବା ଛାତ୍ର, ଛାତ୍ରୀ ଙ୍କୁ ସ୍ୱାଗତ ଜଣାଇବା ସହ ବିଦ୍ୟାଳୟର ଗୌରବମୟ ଐତିହ୍ୟ ସହ ପରିଚୟ କରାଇଥିଲେ। ଅଧ୍ୟାପକ ବିଜୟ କୁମାର ଦାଶ ବିଦ୍ୟାଳୟର ଅନୁଶାସନ ବ୍ୟବସ୍ଥା ଓ ସରକାର ଙ୍କ ପ୍ରଦତ୍ତ ସୁବିଧା ସୁଯୋଗ ସମ୍ପର୍କରେ ନବାଗତ ଛାତ୍ର, ଛାତ୍ରୀ ଓ ଅଭିଭାବକ ମାନଙ୍କୁ ଅବଗତ କରାଇଥିଲେ। ଅଧ୍ୟାପକ ସୁନୀଲ ରାଉତ, ଅଜିତ ବିଶ୍ୱାଳ, ଲକ୍ଷ୍ମୀଧର ପ୍ରଧାନ, ଅଧ୍ୟାପିକା ରାଜଲକ୍ଷ୍ମୀ କର, ରଶ୍ମିରେଖା ସାହୁ, ଜୟନ୍ତୀ ଦାଶ, ଅନୁରାଧା ସାହୁ ପ୍ରମୁଖ ଛାତ୍ର, ଛାତ୍ରୀ ଙ୍କୁ କ୍ୟାମ୍ପସ ରେ ସୁରକ୍ଷା ନେଇ ଅନୁଷ୍ଠାନର ଗଠନ କରାଯାଇଥିବା କମିଟି ଓ ବ୍ୟବସ୍ଥା ସମ୍ପର୍କରେ ବୁଝାଇଥିଲେ। କାର୍ଯ୍ୟକ୍ରମ କୁ ଅଧ୍ୟାପକ ଲକ୍ଷ୍ମୀଧର ପ୍ରଧାନ ପରିଚାଳନା କରିଥିଲେ। ଏହି ଅବସରରେ ଅତିଥି ମାନେ ବିଦ୍ୟାଳୟ ସହିତ ଛାତ୍ର, ଛାତ୍ରୀ ମାନଙ୍କର ଉଜ୍ଜ୍ୱଳମୟ ଭବିଷ୍ୟତ କାମନା କରି ଅନୁଷ୍ଠାନ ପ୍ରବେଶ କୁ ସ୍ୱାଗତ କରିଥିଲେ। ଏଥସହିତ ଅନୁଷ୍ଠାନ ସମସ୍ତ ନୀତି ନିୟମ କୁ ମାନି ସମୟାନୁବର୍ତ୍ତିତା ସହିତ ଶୃଙ୍ଖଳିତ ଭାବେ ଶିକ୍ଷା ଅଧ୍ୟୟନ କରିବା ସହିତ ସମସ୍ତ ଛାତ୍ର, ଛାତ୍ରୀ ଏବଂ ଅଭିଭାବକ ମାନେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ନୂତନ କରି ପିଜିଟି ଅଧ୍ୟାପକ, ଅଧ୍ୟାପିକା ଯୋଗଦେଇଥିବା ମୋନାଲିଶା ସାହୁ, ମନୋରମା ସାହୁ, ଦୟାସାଗର ପ୍ରଧାନ, ଲିଟନ ପ୍ରସାଦ ଜାଲ୍ଲୀ ଓ ସୋମନାଥ ମହାରଣା ଙ୍କୁ ଉପସ୍ଥିତ ଅତିଥି ମାନେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା।

# ଟ୍ରକ୍‌କୁ ଧକ୍କା ଦେଇ ବାଇକ ଚାଳକ ମୃତ

**ବ୍ରହ୍ମପୁର,୩୦।୭ (ସଂଚାର ବ୍ୟୁରୋ):** ସଦର ଥାନା ଅନ୍ତର୍ଗତ ବାଇଗଣବାଡ଼ି ଛକ ଓ ବାଲିପଡ଼ାଛକ ମଝି ରାସ୍ତାରେ ମଙ୍ଗଳବାର ରାତ୍ର ସମୟରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ଦିଗପହଣ୍ଡି ବ୍ଲକ ଅଧିନସ୍ଥ ସିଦ୍ଧେଶ୍ୱର ଗ୍ରାମର ସନ୍ତୋଷ ବାଡତ୍ୟା ଓରଫ ବୁଡୁ (୩୭)। ସନ୍ତୋଷ ବ୍ରହ୍ମପୁରରୁ ଦିଗପହଣ୍ଡି ଯିବା ସମୟରେ ଉପରୋକ୍ତ ଛକ ଦେଇ ଏକ ଟ୍ରକ ଯାଉଥିଲା। ଟ୍ରକକୁ ଓଭର ଟେକ କରି ଯିବାକୁ ଉଦ୍ୟମ କରିବା ବେଳେ ଭାରସାମ୍ୟ ହରାଇ ଟ୍ରକର ପଛପଟକୁ ଧକ୍କା ଦେଇ ରାସ୍ତାରେ କଚାଡି ହୋଇ ପଡ଼ିଯାଇଥିଲେ। ଖବର ପାଇ ଘଟଣା ସ୍ଥଳରେ ସଦର ପୁଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରି ମେଡ଼ିକାଲ ପଠାଇଥିଲା। ମେଡ଼ିକାଲରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେପଟେ ଘଟଣା ସ୍ଥଳରୁ ସମ୍ପୃକ୍ତ ଟ୍ରକ୍ ଓ ବାଇକ୍ କୁ ଜବତ୍ କରାଯାଇ ତଦନ୍ତ କରାଯାଉଥିବା ଜଣାପଡ଼ିଛି। ଏ ନେଇ ସଦର ଥାନାରେ ଅଭିଯୋଗ ହେବା ପରେ ପୁଲିସ ଏକ ମାମଲା ରୁଜୁ କରିଥିଲା। ମେଡ଼ିକାଲରେ ଶବ ବ୍ୟବଚ୍ଛେଦ ପରେ ମୃତଙ୍କ ପରିବାର ଲୋକକୁ ହସ୍ତାନ୍ତର କରାଯାଇଥିବା ଥାନା ଅଧିକାରୀ ରାମ ସୁବ୍ରମଣ୍ୟମ ପ୍ରଧାନ ସୂଚନା ଦେଇଛନ୍ତି।

# ଧର୍ମପ୍ରାୟଣାଙ୍କ ବିୟୋଗରେ ଶୋକସଭା



**ଗୋପ,୩୦।୭(ସଂଚାର ବ୍ୟୁରୋ):** ଗୋପ ବ୍ଲକ କୁସୁପର ଗ୍ରାମର ସ୍ୱର୍ଗତଃ ଗଙ୍ଗାଧର ରାଉତଙ୍କ ଧର୍ମପତ୍ନୀ ଗୋଲାପ ରାଉତ ଜଣେ ସମାଜ ସେବୀ ଏବଂ ଧର୍ମପରାୟଣ ମହିଳାଥିଲେ। ୫୨ବର୍ଷ ବୟସରେ ଗୋଲାପଙ୍କ ହଟାତ ହୃଦଘାତରେ ଆକସ୍ମିକ ମୃତ୍ୟ ଘଟିଥିବାରୁ କୁସୁପୁର ଅଞ୍ଚଳରେ ଶୋକରସାୟା ଖେଳି ଯାଇଛି। ସ୍ୱର୍ଗତଃ ଗୋଲାପ ଜଣେ ଜଣେ ସୁ ସଂଗଠିକା, ନାରୀ ନେତ୍ରୀ, ବିଭିନ୍ନ ସାମାଜିକ ସଂଗଠନ ସହ ଜଡିତ ଜଣେ ମିଷ୍ଟଭାସି ଏବଂ ଜଣେ ଦରଦୀ ସରଳ ମଣିଷ ଟିଏ ଥିଲେ। ତାଙ୍କ ଆବର୍ତ୍ତମାନରେ ଗ୍ରାମ ତଥା ଆଖପାଖ ଅଞ୍ଚଳରେ ଦୁଃଖରେ ଛାୟା ଖେଳିଯାଇଛି। ଅଙ୍ଗନବାଡି କର୍ମୀ ମାନସୀ ପ୍ରଧାନଙ୍କ ଆହ୍ୱାନ କ୍ରମେ ଗାୟତ୍ରୀ ଆଞ୍ଚଳିକ ମଞ୍ଚର ସମସ୍ତ ସଦସ୍ୟା ଏବଂ ଗ୍ରାମର ସମସ୍ତ ମହିଳା, ଯୁବତୀ ମାନଙ୍କୁ ନେଇ ଏକ ଶୋକସଭା ମଠସାହି କୋଠାଘର ଠାରେ ହୋଇଯାଇଛି। ସି ଆ ର ପି ନିରୁପମା ସ୍ୱାଇଁ, ଆଶାକର୍ମୀ ଜୟନ୍ତୀବାଳା ବାରିକ ସୁଷମା ଓଝା, ବିନୋଦିନୀ ସ୍ୱାଇଁ କୁନିମଣି ଜେନା ଇତ୍ୟାଦି ସ୍ୱର୍ଗତଃ ଗୋଲାପ ରାଉତଙ୍କ ଅମର ଆତ୍ମାର ପାଇଁ ସଦଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା।

# ପୀଡ଼ିତାଙ୍କୁ ଭେଟିଲା ମୟୂରଭଞ୍ଜ କଂଗ୍ରେସ ଟିମ୍



**ବୈଶିଙ୍ଗା,୩୦।୭(ସଂଚାର ବ୍ୟୁରୋ):** ଦୀର୍ଘ ଦିନ ଧରି ଜନୈକା ମହିଳା ନିଜର ହକ୍ ପାଇବା ପାଇଁ ପୋଲିସ ବିଭାଗର ବୈଶିଙ୍ଗା ଥାନା, ବେତନଟୀ ଏସଡିପିଓ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଏବଂ ବାଲେଶ୍ୱର ଡିଆଇଜି ଙ୍କ ନିକଟରେ ବାରମ୍ବାର ଗୁହାରୀ କରିବା ପରେ ମଧ କୌଣସି ସୁଫଳ ନ ମିଳିବା ଯୋଗୁଁ ମଙ୍ଗଳବାର ବାରିପଦା ଆରକ୍ଷୀ ଅଧିକ୍ଷକଙ୍କୁ ଦ୍ୱିତୀୟ ବାର ସାକ୍ଷାତ କରି ୧୫ ଦିନ ମଧରେ ନ୍ୟାୟ ନ ମିଳିଲେ କାର୍ଯ୍ୟାଳୟ ଆଗରେ ଆତ୍ମାହୁତୀ ଦେବେ ବୋଲି ଚେତାବନୀ ଦେବା ପରେ ପ୍ରଶାସନ ଚଳଚଞ୍ଚଳ ହେବା ସହିତ ରାଜନୈତିକ ଦଳ ମାନେ ମଧ ଜାଗି ଉଠିଛନ୍ତି।ଏହାର ପ୍ରମୂଖ କାରଣ ହେଲା ମହିଳା ଜଣଙ୍କ ନିଜ ଅଭିଯୋଗରେ ବିଧାୟକ ସନାତନ ବିଜୁଳିଙ୍କ ନାମ ଜଡିତ ଥିବା ପ୍ରକାଶ କରିଥିରେ। ବିଭିନ୍ନ ଜିଲ୍ଲା ଗଣମାଧମ ଏବଂ ସୋସିଆଲ ମିଡ଼ିଆରେ ଏହି ଖବର ପ୍ରସାରିତ ହେବା ପରେ ଜିଲ୍ଲା କଂଗ୍ରେସ ତରଫରୁ ପୀଡିତା ମହିଳା ଙ୍କ ଘର କଳମା ରେ ପହଞ୍ଚି ଥିବା ଜଣାଯାଇଛି।କଂଗ୍ରେସ ର ଜିଲ୍ଲା ସଂଯଯାକ ଅରବିନ୍ଦ ଦାସ, ମହିଳା ସଭାପରି ସସ୍ମିତା ଗୋସ୍ୱାଲ, ରାଜ୍ୟ ଛାତ୍ର ସାଧାରଣ ସମ୍ପାଦକ ମୋତି ପ୍ରକାଶ ଦାଶ, ବେତନଟୀ ବ୍ଲକ ସଭାପତି କୁଶ ଧର ବେହେରା ଜିଲ୍ଲା ଓବିସି ସଭାପତି ଦିଲ୍ଲୀପ ନାୟକ ପ୍ରମୂଖ ପୀଡିତା ମହିଳା ଅନୁସୂୟା ଜେନା ଙ୍କ ଘରେ ପହଞ୍ଚି ପ୍ରକୃତ ଘଟଣା ସମ୍ବନ୍ଧରେ ପଚାରି ବୁଝିଥିଲେ।ମହିଳା ଜଣଙ୍କ ତାଙ୍କ ବକ୍ତବ୍ୟ ରେ କହିଲେ ଘରୋଇ କଳିକୁ ନେଇ ଅପରପକ୍ଷ ଏତାଲା କ୍ରମେ ବୈଶିଙ୍ଗା ଆଇଆଇସି ବାରିଣୀ ଦାସ ତାଙ୍କୁ ଜେଲ ପଠାଇଥିବା ବେଳେ ତାଙ୍କର କେସ ୧୫୫ /୨୫ କୁ ବିଚାରକୁ ନ ନେଇ ବିଧାୟକ ଙ୍କ ଚାପରେ କୌଣସି କାର୍ଯ୍ୟନୁଷ୍ଠାନ ନେଇ ନ ଥିବା ଦର୍ଶାଇଥିଲେ। କଂଗ୍ରେସ ଟିମ୍ ଏହି ଘଟଣାକୁ ନେଇ ବୈଶିଙ୍ଗା ଥାନାରେ ପହଞ୍ଚି ଆନାଧିକାରୀ ଙ୍କୁ ଭେଟି ଫେରି ଯାଇଥିବା ଜଣାପଡ଼ିଛି।

# ପଦ୍ମରେ କମୁଛି କି ପ୍ରଦୀପଙ୍କ ପତିଆରା ?

- ଦିଲ୍ଲୀ ଚାପରେ ତୁଣ୍ଡ ଫିଟୁନି !
- ବ୍ରହ୍ମପୁରରେ ଦେଖିବାକୁ ବିରଳ



**ବ୍ରହ୍ମପୁର,୩୦।୭(ସଂଚାର ବ୍ୟୁରୋ):** ରାଜ୍ୟରେ ସତ୍ତା ପରିବର୍ତ୍ତନକୁ ଏକ ବର୍ଷରୁ ଉର୍ଦ୍ଧ୍ୱ ସମୟ ବିତିଲାଣି। ଗତ ସାଧାରଣ ନିର୍ବାଚନରେ ଅନେକ ବିଜେଡି ନେତା ବିଜେପି ଆସି ନିଜ ରାଜନୈତିକ କ୍ୟାରିଅରକୁ ପୁଣି ସଜାଡିବାରେ ସଫଳ ହୋଇଛନ୍ତି। ଏହି ତାଲିକାର ଟପ୍ ରେ ତତ୍କାଳୀନ ବିଜେଡି ହେବିୱେଟ୍ ତଥା ବର୍ତ୍ତମାନର ବ୍ରହ୍ମପୁର ବିଜେପି ସାଂସଦ ଡ. ପ୍ରଦୀପ ପାଣିଗ୍ରାହୀ ରହିଛନ୍ତି କହିଲେ କିଛି ଭୁଲ୍ ହେବନି। ଶଙ୍ଖ ଦଳ ଛାଡି ସେ ପଦ୍ମ ଧରିବା ପରେ ଓଡ଼ିଶାରେ ଏକ ଭିନ୍ନ ଚର୍ଚ୍ଚା ଆରମ୍ଭ ହୋଇଥିଲା। ତାଙ୍କର ଲୋକପ୍ରିୟ ଡାଏଲଗ ଏବଂ ବିଜେଡିକୁ ଶାଣିତ ସ୍ୱରରେ ଟାର୍ଗେଟ୍ ପାଇଁ ସେ ଆଲୋଚନାର ପରିସରକୁ ଆସିଥିଲେ। କୁହାଯାଉଥିଲା ରାଜ୍ୟରେ ପଦ୍ମ ଫୁଟିବା ପଛରେ ତାଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ବିଶେଷ କରି ଗଞ୍ଜାମର ରାଜନୀତିକୁ ଦୀର୍ଘ ବର୍ଷ ଧରି ନିୟନ୍ତ୍ରଣ କରି ଆସୁଥିବା ପ୍ରଦୀପ ୨୦୨୪ ନିର୍ବାଚନରେ ଜିଲ୍ଲାରେ ବିଜେପିକୁ କୁଆଡେ ସଫଳତା ଦେଇଛନ୍ତି। ସମ୍ପ୍ରତି ଜିଲ୍ଲାର ୧୩ ବିଧାନସଭାରୁ ୧୧ ଓ ଦୁଇଟି ଲୋକସଭା ଆସନ ବିଜେପି ଦଖଲରେ ରହିଛି। ପ୍ରଦୀପ ନିଜେ ବ୍ରହ୍ମପୁର ଲୋକସଭା ଆସନରୁ ସାଂସଦ ଭାବେ ବିଜୟୀ ହୋଇଛନ୍ତି। ରାଜ୍ୟରେ ସରକାର ଗଢ଼ିବାରେ ବି ଏହା ବେଶ ସହାୟକ ହୋଇଛି। ଆଉ ଏହା ପଛରେ ତାଙ୍କ ରୋକଠୋକ୍ କଥା ଓ ଦମଦାର ଭାଷଣ ହିଁ କମାଲ୍ କରିଥିବା କୁହାଯାଉଛି। କିନ୍ତୁ ନିର୍ବାଚନ ପରେ ସେ ବିଶେଷ ଆକ୍ଟିଭ୍ ନଥିବା ଆଲୋଚନା ହେଲାଣି। ଚର୍ଚ୍ଚା ପ୍ରକାରେ, ବିଜେପିରେ ସାଂସଦ ପ୍ରଦୀପ କୋଣଠେସା ହୋଇ ରହିଛନ୍ତି। ସରକାର ବଦଳିବା ପରେ ତାଙ୍କ ଢାଞ୍ଚା ଓ ଠାଣି ବି ବଦଳିଛି। ତାଙ୍କ ଅମାନିଆ ତୁଣ୍ଡର ଗର୍ଜନ ଉପରେ ଦଳ ବ୍ରେକ୍ ଲଗାଇଛି। ବିଜେଡି ସମୟରେ ଯେଉଁ କାଟତି ଥିଲା ତାହା ଆଉ ନାହିଁ। ସେହିପରି ବ୍ରହ୍ମପୁରକୁ ଆଖିଦୃଷ୍ଟିଆ ଗସ୍ତ ନକରିବା ଫଳରେ ସାଧାରଣରେ ନାନା ଆଲୋଚନା ବଢ଼ିଲାଣି।ସାଧାରଣ ଲୋକେ ମଧ ତାଙ୍କର କାଁ ଭାଁ ଗସ୍ତକୁ ସହଜରେ ଗ୍ରହଣ କରିପାରୁନାହାନ୍ତି। କିଛି ସରକାରୀ ଏବଂ ସ୍ୱଳ୍ପ ଦଳୀୟ କାର୍ଯ୍ୟକ୍ରମରେ ତାଙ୍କୁ ଦେଖିବାକୁ ମିଳୁଛି। ଏହା ପଛରେ ସ୍ଥାନୀୟ ଦଳୀୟ ବିବାଦ ଏକ ପ୍ରମୁଖ ସମସ୍ୟା ବୋଲି ଆଲୋଚନା ହେଉଛି। ଅସଲ ବନାମ୍ ଆମଦାନୀଙ୍କ ମଧରେ ଲଢେଇ ହିଁ ଏହାର ମୁଖ୍ୟ କାରଣ ବୋଲି କୁହାଯାଉଛି। ନିର୍ବାଚନ ପୂର୍ବରୁ ଜିଲ୍ଲାରେ ସେ ଯେଉଁ ପ୍ରସଙ୍ଗକୁ ମୂଳମୁଦ୍ଦା କରିଥିଲେ ସେନେଇ ମଧ ଆଉ କୌଣସି ବିବୃତି ରଖୁନାହାଁନ୍ତି। ଗତ କିଛି ମାସ ପୂର୍ବରୁ ଗଣମାଧମରେ ବିଜେଡିର ପାଞ୍ଜି ଖୋଲିବା କଥା କହିଥିଲେ। ହେଲେ ମାସ ପରେ ମାସ ଗଡ଼ି ଚାଲିଥିଲେ ବି ସେହି ପ୍ରସଙ୍ଗର ସ୍ୱର କି ଶବ୍ଦ ନାହିଁ। କୁହାଯାଉଛି, ଦଳର ଅଦୃଶ୍ୟ ଶକ୍ତିର ଚାପରେ ସେ ଚେପା ହୋଇ ରହିଛନ୍ତି। ନିଜ ଇଚ୍ଛା ମୁତାବକ ମନ୍ତବ୍ୟରୁ ତାଙ୍କୁ କ୍ଷାନ୍ତ ରହିବାକୁ ନିର୍ଦ୍ଦେଶ ଦିଆଯାଇଥିବା ଶୁଣିବାକୁ ମିଳୁଛି। ଯଦିଓ ଦଳ ବଦଳାଇ ବିଜେଡି ବିରୋଧରେ ପ୍ରତିଶୋଧ ନେଇଛନ୍ତି, ତଥାପି ଗେରୁଆ ଦଳରେ ଥିବା ନୀତି ନିୟମର ଛାଟ ତାଙ୍କୁ କୁଆଡେ ସଠିକ୍ ରାସ୍ତାକୁ ଆଣିଦେଇଛି। ୨୦୨୦ରେ ଜନ ବିରୋଧୀ ନେତାର ଆଖ୍ୟା ପାଇ ବିଜେଡିରୁ ତଡ଼ା ଖାଇବା ପରେ ତାଙ୍କୁ ନେଇ ଚର୍ଚ୍ଚା ବଢ଼ିଥିଲା। ଅନେକ ବାଦ ବିବାଦ ଭିତରେ ୨୦୨୪ ଫେବୃଆରୀ ୨୧ରେ ସେ ପଦ୍ମ ଶିବିରରେ ଏଣ୍ଟ୍ରି ମାରିଥିଲେ। ସାଧାରଣ ନିର୍ବାଚନରେ ଦଳର ଅନ୍ୟ ଏକ ପ୍ରମୁଖ ଚେହେରା ବି ଥିଲେ। ଅନେକ ପ୍ରସଙ୍ଗରେ ଅନର୍ଗଳ କହିଥିଲେ। କିନ୍ତୁ ସମୟ କ୍ରମେ ସ୍ୱର ଦବିବା ସହ ଏବେ ଦଳରେ ତାଙ୍କ ପତିଆରା ଧୀରେ ଧୀରେ ହ୍ରାସ ପାଉଥିବା ରାଜନୈତିକ ପଣ୍ଡିତ ମାନେ ଆକଳନ କରୁଛନ୍ତି।

## ଇଟାଭାଟି ଅଞ୍ଚଳ ଦେଶୀ ମଦ ବେପାରୀଙ୍କ ଭୂସ୍ୱର୍ଗ ପାଲଟିଛି

**ବାଲିଅନ୍ତା,୩୦।୭(ସଂଚାର ବ୍ୟୁରୋ):** ବାଲିଅନ୍ତା ଥାନା ଅଧୀନ ଭୁବନପୁର ଇଟାଭାଟି ଅଫିସ ଏବେ ଚୋରା ଦେଶୀ ମଦ ବେବାରୀଙ୍କ ଭୂସ୍ୱର୍ଗ ପାଲଟିଛି। ସନ୍ଧ୍ୟା ହେଲେ ନିଶାଡିମାନଙ୍କର ଦେଶୀ ମଦ ଦୋକାନ ନିକଟରେ ଭିଡ଼ ଜମୁଛି। ବିଶେଷ କରି ଦିନ ମଜୁରିଆ ଇଟାଭାଟି ଶ୍ରମିକମାନଙ୍କର ବହୁ ସଂଖ୍ୟାରେ ଭିଡ଼ ଜମାଉଛନ୍ତି। ଯୁବକ ମହିଳାଙ୍କ ଠାରୁ ଆରମ୍ଭ କରି ଛୋଟ ପିଲା ନିଶାର ଶିକାର ହୋଇ ସର୍ବଶାନ୍ତ ହେଉଛନ୍ତି। ନିଶା ଯୋଗୁଁ ଏଅଞ୍ଚଳରେ, ଚୋରି ଡକାୟତି ଏବଂ ଛିନତାଇ ବୃଦ୍ଧି ପାଉଛି। ଜଣେ ଅସାମାଜିକ ବ୍ୟକ୍ତି ଇଟଭାଟି ଅଫିସ ଘର ଭଡାକୁ ନେଇ ବେଧଡ଼କ କାରବାର ଚଳାଇଛନ୍ତି। ବିରୋଧ କରୁଥିବା ସ୍ଥାନୀୟ ଲୋକେ ତାଙ୍କ ଆକ୍ରୋଶର ଶିକାର ହେଉଛନ୍ତି। ଏମିତିକି ହତ୍ୟା ଧମକ ମିଳୁଥିବା ଅଭିଯୋଗ ହେଉଛି। ବଡ଼ କଥା ହେଉଛି ସନ୍ଧ୍ୟା ହେଲେ ନିଶାଡିମାନେ ଭୁବନପୁର ଇଟା ଭାଟି, କେନାଲ ରାସ୍ତା ଏବଂ ଆଖପାଖ ଅଞ୍ଚଳରେ ଆତଙ୍କ ଖେଳାଉଛନ୍ତି। ହେଲେ ଅବକାରୀ ବିଭାଗ କିମ୍ବା ସ୍ଥାନୀୟ ପୁଲିସ ନିଶା ବେପାରୀ ବିରୋଧରେ କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବା ଅଭିଯୋଗ ହେଉଛି। ଭୁବନପୁର ଗାଁ ଏବଂ କୁଶଗାଡ଼ିଆ ପଛ ପାର୍ଶ୍ୱ ଅଞ୍ଚଳରେ ଖୋଲାଖୋଲି ଚୋରା ମଦ ବେପାର ଚାଲିଛି। ପଦସ୍ଥ କର୍ତ୍ତୃପକ୍ଷ ନିଶା ବେପାରୀଙ୍କ ବିରୋଧରେ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି ।

## ନାନ୍ଦୋଳ ପଞ୍ଚାୟତରେ ଗାଁକୁ ଚାଲ ଅଭିଯାନ

**ସାଲେପୁର,୩୦।୭(ସଂଚାର ବ୍ୟୁରୋ):** ନାନ୍ଦୋଳ ପଞ୍ଚାୟତରେ ଗାଁକୁ ଚାଲ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଜେପି ନେତା ହିମାଂଶୁ ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇ ମହିଳା ମାନଙ୍କ ମଧରେ ମିଶନ୍ ଶକ୍ତି ଓ ସୁଭଦ୍ରା ଭଳି ବିଭିନ୍ନ ଜନହିତକାରୀ ଯୋଜନା ବିଷୟରେ ଆଲୋଚନା କରିଥିଲେ। ସେହିପରି ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ମହିଳାମାନଙ୍କୁ ଅର୍ଥିକ ଓ ସାମାଜିକ ସ୍ତରରେ ସଶକ୍ତ କରିବା ପ୍ରଧାନ ଯୋଜନା ଗୁଡିକ ବିଷୟରେ ଅବଗତ କରାଇଥିଲେ। ମହିଳାମୋର୍ଚ୍ଚା ନେତ୍ରୀ ରେଣୁବାଳା ରାଉତ ଓ ତୁଳସୀ ରାଣୀ ଦାସଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ବ୍ୟକ୍ତିମାନେ ଯୋଗ ଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଯୋଜନା ଗୁଡିକ ଠିକ୍ ଭାବେ ମହିଳାମାନଙ୍କ ନିକଟରେ ପହଞ୍ଚିଲେ ଗ୍ରାମାଞ୍ଚଳ ସ୍ତରରେ ସଫଳ ହେବ ଏବଂ ଟାଙ୍ଗୀ-ସାଲେପୁର ନିର୍ବାଚନ ମଣ୍ଡଳୀରେ ଏକ ବୃହତ୍ ପରିବର୍ତ୍ତନ ଆସିବ ବୋଲି ସେ ପ୍ରକାଶ କରିଥିଲେ।

## ଗୋରୁପଲକୁ ରକ୍ଷା କରିବାକୁ ଯାଇ ୧୦୮ ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ




**ବାରିପଦା,୩୦।୭(ସଂଚାର ବ୍ୟୁରୋ):** ମୟୁରଭଞ୍ଜ ଜିଲ୍ଲା ରାଇରଙ୍ଗପୁର - ଯଶିପୁର ଜାତୀୟ ରାଜପଥ ୨୨୦ ନମ୍ବର ରେ ଆଜି ସକାଳ ସମୟରେ ୧୦୮ ଆମ୍ବୁଲାନ୍ସ ଯାଉଥିବା ସମୟରେ ହଠାତ୍ ଗୋରୁ ପଲକୁ ରକ୍ଷା କରିବାକୁ ଯାଇ ଦୁର୍ଘଟଣାଗ୍ରସ୍ତ ହୋଇଅଛି।ସୂଚନାଯୋଗ୍ୟ ଆଜି ସକାଳୁ ବାଦାମ ପାହାଡ଼ରୁ ରୋଗୀ ଏବଂ ସମ୍ପର୍କୀୟ ଙ୍କୁ ଧରି ୧୦୮ ଆମ୍ବୁଲାନ୍ସ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟ ଅଭିମୁଖେ ଆସୁଥିବାବେଳେ ନାଉଯୋଡା ପାଖରେ ଏକ ଗୋରୁ ପଲ ରାସ୍ତା ପାର ହେବାପାଇଁ ଦୌଡା ଦୌଡ଼ି କରି ଯାଉଥିଲେ। ଗୋରୁପଲକୁ ରକ୍ଷା କରିବାକୁ ଯାଇ ଆମ୍ବୁଲାନ୍ସଟି ଭାରସାମ୍ୟ ହରାଇ ରାସ୍ତାରେ ଠିଆ ହୋଇଥିବା ଟ୍ରକକୁ ପିଟିଥିଲା। ଫଳରେ ଆମ୍ବୁଲାନ୍ସ ଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରୁ ଅଳ୍ପକେ ବର୍ତ୍ତିଲେ ଆମ୍ବୁଲାନ୍ସ ଚାଳକ ଓ କର୍ମଚାରୀ ଙ୍କ ସମେତ ରୋଗୀ ଓ ପରିବାରର ଲୋକେ।

## ସଂଘବଦ୍ଧ ଆକ୍ରମଣ ଘଟଣା, ୪ ଗିରଫ

**ବ୍ରହ୍ମପୁର,୩୦।୭(ସଂଚାର ବ୍ୟୁରୋ):** ଗୋଳନ୍ଥରା ଥାନା ଅନ୍ତର୍ଗତ ଭୈରବୀ ରାସ୍ତାରେ ଏକାଧିକ ଯୁବକ ଓ ତାଙ୍କ ପରିବାର ଲୋକଙ୍କୁ ସଂଘବଧ ଆକ୍ରମଣ ଅଭିଯୋଗରେ ପୁଲିସ ୪ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଚଟି ଭୈରବୀ ରୋଡ଼ର ଅଜିତ କୁମାର କର(୩୨), ଗୋଳନ୍ଥରାର ଶଙ୍କର ଗୌଡ଼(୨୬), ହେମନ୍ତ ଜେନା(୨୯) ଓ ପପୁନ ପ୍ରଧାନ (୨୩)। ପୁଲିସ ଘଟଣା ସ୍ଥଳରୁ କାର୍ ଜବତ କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ, ମଙ୍ଗଳବାର ଅପରାହ୍ନରେ ବ୍ରହ୍ମପୁର ସହରର ତୁଳସୀ ନଗରର ପି ଭାନୁମୂର୍ତ୍ତିଙ୍କ ପରିବାର ଓ ତାଙ୍କ ସମ୍ପର୍କୀୟ ଗୋଟିଏ କାର୍ ଓ ଅନ୍ୟ ଏକ ଗାଡ଼ିରେ ଭୈରବୀ ଦର୍ଶନ କରି ଏକ ଶିଶୁର ମୁଣ୍ଡନ କାର୍ଯ୍ୟ ସାରି ଘରକୁ ଫେରୁଥିଲେ। ଏହି ସମୟରେ ଭୈରବୀ ଛକଠାରେ ଥିବା ଅଜିତ କରଙ୍କ ଗ୍ରୋସରୀ ଦୋକାନ ସମ୍ମୁଖରେ କିଛି ସିମେଣ୍ଟ ପ୍ଲେଟ ରଖା ଯାଇଥିଲା। କାର୍‌ଟି ଗୋଟିଏ ସିମେଣ୍ଟ ପ୍ଲେଟ ଉପରେ ଚଢ଼ିଯାଇଥିଲା। ଦୋକାନୀ ଅଜିତ ଏହା ଦେଖି ଉତ୍ୟକ୍ତ ହୋଇ ନିକଟରେ ଥିବା ପଥରରେ କାର୍‌ର କାଚ ଭାଙ୍ଗି ଦେଇଥିଲେ। ପରେ ଉଭୟଙ୍କ ମଧରେ ଝଗଡ଼ା ହୋଇଥିଲା। ଅଜିତ ନିଜର ଏକାଧିକ ବନ୍ଧୁଙ୍କୁ ଡାକିଥିଲା। ଘଟଣା ସ୍ଥଳରେ ଅଜିତଙ୍କ ସାଙ୍ଗମାନେ ପହଞ୍ଚି ପି ଭାନୁମୂର୍ତ୍ତି(୩୨)ଙ୍କୁ ଓ ତାଙ୍କ ପରିବାର ଓ ସମ୍ପର୍କୀୟଙ୍କୁ ଆକ୍ରମଣ କରିଥିଲେ। ଏହି ସମୟରେ ଆହତ ଭାନୁମୂର୍ତ୍ତି ଘଟଣାସ୍ଥଳରୁ ଦୌଡି ଚାଲିଯାଇ ଉକ୍ତ ରାସ୍ତା ଦେଇ ଯାଉଥିବା ଏକ ଘରୋଇ ଶିକ୍ଷାନୁଷ୍ଠାନ ବସ୍‌ରେ ଚାଲି ଯାଉଥିବା ବେଳେ ଗୋଳନ୍ଥରା ଠାରେ ଭାନୁ ମୂର୍ତ୍ତିକୁ ବସ୍‌ରୁ ଓହ୍ଲାଇ ଛୁରୀ ଦ୍ୱାରା ସଂଘବଦ୍ଧ ଆକ୍ରମଣ କରିଥିଲେ। ସେ ବ୍ରହ୍ମପୁର ଏମକେସିଜି ମେଡ଼ିକାଲରେ ଚିକିତ୍ସା ନିମନ୍ତେ ଭର୍ତ୍ତି ହୋଇଥିଲେ। ଘଟଣାକୁ ନେଇ ଥାନାରେ ଅଭିଯୋଗ ହେବା ପରେ ପୁଲିସ ଏକ ମାମଲା ରୁଜୁ କରିଥିଲା। ଏସଆଇ ଗଗନ କୁମାର ବେହେରା ଉକ୍ତ ମାମଲାର ପୁଙ୍ଖାନୁପୁଙ୍ଖ ଭାବେ ତଦନ୍ତ କରି ଉପରୋକ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଘଟଣାରେ ବ୍ୟବହାର ହୋଇଥିବା ଗାଡିକୁ ଜବତ କରାଯାଇଥିବା ସେ କହିଛନ୍ତି।

## ପିକଅପ୍ ଭ୍ୟାନ ଧକ୍କାରେ ଜଣେ ମୃତ, ପୁଲିସର ତଦନ୍ତ ଆରମ୍ଭ




**ସୋରଡା,୩୦।୭ (ସଂଚାର ବ୍ୟୁରୋ):** ପିକପ୍ ଭ୍ୟାନ ଧକ୍କାରେ ଜଣେ ମୃତ । ଏଭଳି ଘଟଣା ଗଞ୍ଜାମ ଜିଲ୍ଲା ସୋରଡ଼ା ଥାନା ଅନ୍ତର୍ଗତ ଗୋପାଳପୁର ଶାସନ ନିକଟ କାଜୁ ଫ୍ୟାକ୍ଟ୍ରି ଠାରେ ଦେଖିବାକୁ ମିଳିଛି। ଦୁର୍ଘଟଣାରେ ମୃତକ ଜଣକ ହେଲେ କରଡାବାଡି ଗାଁର ଅର୍ଜୁନ ମଲ୍ଲିକଙ୍କ ପୁଅ ବିଶୁ ମଲ୍ଲିକ (୩୫) । ସୂଚନା ମୁତାବକ ବିଶୁ ଭଞ୍ଜନଗରରୁ ସୋରଡ଼ା ଅଭିମୁଖେ ଯାଉଥିଲେ। ସେହି ସମୟରେ ବିପରୀତ ଦିଗରୁ ଆସୁଥିବା ପିକପଭ୍ୟାନ ସହ ଧକ୍କା ହୋଇଥିଲା । ଯାହା ଫଳରେ ବିଶୁ ସେଠାର ଗୁରୁତର ଅବସ୍ଥାରେ ପଡ଼ିଥିବା ବେଳେ କିଛି ସ୍ଥାନୀୟ ଲୋକେ ଦେଖିଥିଲେ । ସେମାନେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ସୋରଡା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ହେଲେ ସେଠାର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି । ତେବେ ଘଟଣା ସ୍ଥଳରେ ସୋରଡ଼ା ପୋଲିସ ପହଞ୍ଚି ଗାଡ଼ିକୁ ଜବତ କରିବା ସହ ଅଧିକ ତଦନ୍ତ କରୁଛି ।

## ମାନବ ଚାଲାଣ ମୁକ୍ତ ସମାଜ ଗଠନକୁ ଆହ୍ୱାନ




**ବ୍ରହ୍ମପୁର,୩୦।୭ (ସଂଚାର ବ୍ୟୁରୋ):** ଆଇଏସଆରଡି, ଶକ୍ତିସଦନ ଓ ୱାନ ଷ୍ଟପ ସେଣ୍ଟର ଗଞ୍ଜାମ ତରଫରୁ ବିଶ୍ୱ ମାନବ ଚାଲାଣ ପ୍ରତିରୋଧ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ମାନବ ଶୃଙ୍ଖଳ ଓ ପଦଯାତ୍ରାକୁ ଆନୁଷ୍ଠାନିକ ଭାବେ ବ୍ରହ୍ମପୁର ରେଳ ଷ୍ଟେସନ ମ୍ୟାନେଜର ଦୂର୍ଗା ପ୍ରସାଦ ବ୍ରହ୍ମା ଉଦଘାଟନ କରି ମାନବ ଚାଲାଣ ସଙ୍ଗଠିତ ଅପରାଧିମାନଙ୍କୁ ସମାପ୍ତ କରିବା ପାଇଁ ଆଇନ ପ୍ରବର୍ତ୍ତନକାରୀଙ୍କ ଦ୍ୱାରା କଠୋର ଆଇନ କାର୍ଯ୍ୟାନୁଷ୍ଠାନ କରିବା ଓ ସକ୍ରିୟ ତଦନ୍ତ କରିବା ସହ ଦଲାଲ/ଅପରାଧୀଙ୍କ କାର୍ଯ୍ୟଶୈଳି ପ୍ରତି ଦୃଷ୍ଟି ରଖି ଚାଲାଣ କରୁଥିବା ସଂଗଠିତ ଓ ବ୍ୟକ୍ତି ବିଶେଷ କୁ ଚିହ୍ନଟ କରିବା ଆମ ସମସ୍ତଙ୍କର ଦାୟୀତ୍ୱ ବୋଲି କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ଜିଲ୍ଲା ଶିଶୁ ସୁରକ୍ଷ୍ୟା ଅଧିକାରିଣୀ ସୁଶ୍ରୀ ରାଜଶ୍ରୀ ଦାସ, ମୁଖ୍ୟ ଟିଟି ରଶ୍ମି ରଞ୍ଜନ ବେହେରା, ସ୍ୱାସ୍ଥ୍ୟ ଅଧକାରୀ ଡି. ବିଷ୍ଣୁ, ରେଳ ସୁରକ୍ଷା ବାହିନୀ ଏଏସଆଇ ସଦାନନ୍ଦ ଦାସ, ସରକାରୀ ରେଳ ପୋଲିସ ଅଧିକାରୀ ବିଶ୍ୱନାଥ ମଲ୍ଲିକ ପ୍ରମୁଖ ଯୋଗଦେଇ ମାନବ ଚାଲାଣର ବାସ୍ତବତା, ଏହାର ବିଭିନ୍ନ ରୂପ ଏବଂ ବ୍ୟକ୍ତି ଓ ସମ୍ପ୍ରଦାୟ ଉପରେ ଏହାର ବିନାଶକାରୀ ପ୍ରଭାବ ବିଷୟରେ ଜନସାଧାରଣଙ୍କୁ ସୂଚନା ଦେବା ସହ ପୀଡିତାଙ୍କୁ ସୁରକ୍ଷା ଦେବା ତଥା ନ୍ୟାୟ, ଚିକିତ୍ସା ସେବା ଏବଂ ମାନସିକ ସମର୍ଥନ ପାଇବା ସମେତ ଚାଲାଣ ପୀଡିତାଙ୍କ ସୁରକ୍ଷା, ସମର୍ଥନ ସୁନିଶ୍ଚିତ କରିବା, ମାନବ ଚାଲାଣ ରୋକିବା ତଥା ସୁରକ୍ଷାକୁ ସୁଦୃଢ଼ କରିବା, ଆଇନ ପ୍ରବର୍ତ୍ତନ ପ୍ରୟାସକୁ ବୃଦ୍ଧି କରିବା ସହ ମାନବ ଚାଲାଣର ମୂଳ କାରଣ ଗୁଡ଼ିକୁ ଖୋଜି ସମାଧାନ କରିବା ଭଳି ପ୍ରତିରୋଧକ ପଦକ୍ଷେପ ଉପରେ ଧ୍ୟାନ ଦେବା ଆବଶ୍ୟକତା ବୋଲି ଉଦବୋଧନ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଆଇଏସଆରଡ଼ି ନିର୍ଦ୍ଦେଶକ ସୁଧୀର ସାବତ ସଞ୍ଚାଳନା କରିବା ସହ କହିଥିଲେ କି, ମାନବ ଚାଲାଣ ନେଟୱାର୍କ ଗୁଡ଼ିକୁ ଚିହ୍ନଟ ଏବଂ ଭାଙ୍ଗିବା ପାଇଁ ପ୍ରଯୁକ୍ତିବିଦ୍ୟାକୁ ବ୍ୟବହାର କରିବା ଆବଶ୍ୟକତା ଓ ୧୫ ବର୍ଷ ଠାରୁ ୨୫ ବର୍ଷର ମହିଳା ଓ ଶିଶୁ ମାନଙ୍କୁ ନ୍ୟାୟ ସୁନିଶ୍ଚିତ କରିବା ପାଇଁ ସରକାର ସମସ୍ତ ପ୍ରକାର ପଦକ୍ଷେପ ନେଇଥିଲେ ସୁଧା ଗ୍ରାମ୍ୟ ସ୍ତରରୁ ଶିଶୁ ଓ ମହିଳା ଦାଦନ, ଚାକିରୀ କରିବା, ବିଭିନ୍ନ ପ୍ରକାର ରୋଜଗାର ନାମରେ ବାହାରକୁ ଯାଉଥିବା କୌଣସି ଖବର ପଞ୍ଚାୟତରେ ରହୁନାହିଁ। ଦଲାଲମାନେ ପୀଡିତା ମାନଙ୍କୁ ନିଯୁକ୍ତି ଏବଂ ଗ୍ରାହକମାନଙ୍କୁ ଆକର୍ଷିତ କରିବା ପାଇଁ ସୋସିଆଲ ମିଡିଆ ଚ୍ୟାନେଲ, ଅନଲାଇନ୍ ମାର୍କେଟପ୍ଲେସ୍ ସାଇଟ୍ ଏବଂ ଫ୍ରି-ଷ୍ଟାଣ୍ଡିଂ ୱେବପେଜ୍ ସମେତ ଇଣ୍ଟରନେଟ୍ ପ୍ଲାଟଫର୍ମ ବ୍ୟବହାର କରିବାରେ ଦକ୍ଷ ହୋଇସାରିଛନ୍ତି।

# ବାଟିକାରେ ଶିଶୁ ଭବିଷ୍ୟତ ବାଟବଣା



**କାକଟପୁର/ଅସ୍ତରଙ୍ଗ,୩୦।୭ (ସଂଚାର ବ୍ୟୁରୋ):** ସ୍କୁଲରେ ଖୋଲିଛି ବାଟିକା। ଶିଶୁ ବାଟିକାରେ ୫ବର୍ଷର ଶିଶୁଙ୍କ ନାମ ଲେଖାଯାଉଛି। ଅଙ୍ଗନବାଡିରୁ ୫ବର୍ଷ ପୁରିଥିବା ଶିଶୁ ମାନେ ପ୍ରାଥମିକ ସ୍କୁଲ ଯିବେ। ନିଜ ନାମ ଲେଖାଇବେ। ଯାହାକୁ ଜାତୀୟ ଶିକ୍ଷାନୀତି -୨୦୨୦ନୀତି ଅନୁଯାୟୀ ଏମାନଙ୍କୁ ଏବେ ସ୍କୁଲରେ ଏକ ବର୍ଷ ରହିବା ପରେ ପ୍ରଥମ ଶ୍ରେଣୀରେ ନାମ ଲେଖାଇବେ। ଏଭଳି ନିଷ୍ପତି ପରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଅଧିକାରୀ କାର୍ଯ୍ୟାଳୟ ଅଧୀନ ରେ ୨୪୨ଜଣ ଛାତ୍ର, ଛାତ୍ରୀ ଶିଶୁ ବାଟିକାରେ ନାମ ଲେଖାଇଛନ୍ତି। ଏବେ ଏମାନେ ବସିବାକୁ ଶ୍ରେଣୀଗୃହ ଅଭାବ ଦେଖାଦେଇଛି। ପଢାଇବାକୁ କେହି ନାହିଁ। ସ୍କୁଲରେ ଶିକ୍ଷକ, ଶିକ୍ଷୟତ୍ରୀ ଏହି ବାଟିକା ଶିଶୁଙ୍କୁ ନେଇ ଚାପରେ ରହୁଛନ୍ତି। ଅସ୍ତରଙ୍ଗ ବ୍ଲକ ଅଞ୍ଚଳ ରେ ନାମ ଲେଖାଇଥିବା ପିଲା ସ୍କୁଲ ଯାଉଛନ୍ତି। ସ୍ଥାନ ଅଭାବ ହେତୁ ପ୍ରଥମ ଶ୍ରେଣୀ ପିଲାଙ୍କ ସହ ଅଧିକାଂଶ ସ୍କୁଲରେ ବସୁଛନ୍ତି। ଏକାଠି ଶିଶୁ ବାଟିକା ଓ ପ୍ରଥମ ଶ୍ରେଣୀ ପିଲା ବସି ରହିବା ଯୋଗୁଁ ପାଠ ପଢାରେ ସମସ୍ୟା ଦେଖାଦେଉଛି। ଦୀର୍ଘ ୪ମାସ ହେଲା ଏହି ସମସ୍ୟା ଲାଗି ରହିଛି। ବାଟିକାରେ ସେବିକା ନିଯୁକ୍ତି ନେଇ ସ୍ପଷ୍ଟ ଚିତ୍ର ଆସି ନଥିବାରୁ ଏଭଳି ଅଚଳାବସ୍ଥା ଦେଖା ଦେଇଛି।ଶିଶୁ ବାଟିକାରେ ସେବିକା ନିଯୁକ୍ତି ଦାୟିତ୍ୱକୁ ସ୍କୁଲ ପରିଚାଳନା କମିଟି ହାତକୁ ଟେକି ଦେଇଛନ୍ତି ସରକାର। ଯାହାକୁ ନେଇ ଏବେ ପ୍ରତି ପ୍ରାଥମିକ ସ୍କୁଲରେ ଛକାପଂଜା ଆରମ୍ଭ ହୋଇଛି। ନିଜ ସମର୍ଥକଙ୍କୁ ରଖିବାକୁ ଏକ ରକମର ଲବି ଚାଲିଛି। ସେବିକା ନିଯୁକ୍ତି ଦାୟିତ୍ୱ ସ୍କୁଲ ପରିଚାଳନା କମିଟି ହାତକୁ ଦେଇ ସରକାର ଯେଉଁ କ୍ଷମତା ଦେଇଥିଲେ ସେଥିରେ କେଁ ପଶିଛି। ନୂଆ ନିୟମ ଅନୁଯାୟୀ, ସ୍କୁଲ ପରିଚାଳନା କମିଟିର ମୁଖ୍ୟ ଭାବେ ପ୍ରଧାନଶିକ୍ଷକ ରହିବେ। ଅଗଷ୍ଟ ମାସ ସୁଦ୍ଧା ଏହି ପ୍ରକ୍ରିୟା ଶେଷ ହେବାକୁ ଥିବା ବେଳେ କମିଟି ନିଷ୍ପତି ପରେ ନିଯୁକ୍ତିର ରାସ୍ତା ଫିଟିବ। ଜାତୀୟ ଶିକ୍ଷା ନୀତି ଅନୁଯାୟୀ, ୫ବର୍ଷର ପିଲାଙ୍କ ଶିଶୁ ବାଟିକାରେ ଆଡ଼ ମିଶନ କରାଯିବ। ଖେଳ କୁଦ ସମେତ ସେମାନଙ୍କ ବୌଦ୍ଧିକ ବିକାଶ ହେବା ନେଇ ପ୍ରଶିକ୍ଷଣ ଦିଆଯିବ। ଏମାନଙ୍କ ତତ୍ତ୍ୱାବଧାରକ ଭାବେ ସେବିକା ନିଯୁକ୍ତି ଦିଆଯିବ। ଯେଉଁ ମାନେ ବାଟିକାର ଶିଶୁ ଙ୍କ ସେବା ଯତ୍ନକରିବା ସହ ନାଚ ଗୀତ ଆଦି ଶିଖାଇବେ। ଏହି ସେବିକା ନିଯୁକ୍ତି ନେଇ ଏବେ ଅନେକ ବିଦ୍ୟାଳୟ ରେ ରାଜନୀତି ଆରମ୍ଭ ହୋଇଛି। ଯେହେତୁ ପ୍ରଧାନ ଶିକ୍ଷକ ସ୍କୁଲ ଅଧକ୍ଷ ଦାୟିତ୍ୱ ରେ ରହୁଛନ୍ତି, ଏଣୁ ସେମାନଙ୍କ ପ୍ରତି ଚାପ ବଢ଼ିଛି। ଅନେକ ବିଦ୍ୟାଳୟ ରେ ଅଧିକ ଶ୍ରେଣୀ କୁ କମ ଶିକ୍ଷକ ରହିଛନ୍ତି, ଏଭଳି ସମୟରେ ପୁଣି ବାଟିକା ପିଲା ଆସିବା ଦ୍ୱାରା ଆହୁରି ଟେନ୍ସନ ବଢ଼ିଛି। ତୁରନ୍ତ ବାଟିକାରେ ସେବିକା ନିଯୁକ୍ତି କରିବାକୁ ଶିକ୍ଷକ ଓ ଅଭିଭାବକ ମହଲ ରୁ ଦାବୀ ହୋଇଛି।

## ଶୋଇବା ଘରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ବୈଶିଙ୍ଗା,୩୦।୭ (ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅର୍ନ୍ତଗତ ମେର୍ଦା ପଞ୍ଚାୟତର ଦୁର୍ଗାପୁର ଗ୍ରାମରେ ବୁଧବାର ଜନୈକ ଯୁବକଙ୍କ ଝୁଲନ୍ତା ମୃତଦେହ ତାଙ୍କ ଶୋଇବା ଘର ଭିତରୁ ଉଦ୍ଧାର କରାଯାଇଛି। ମିଳିଥିବା ସୂଚନା ମୁତାବକ ସ୍ୱର୍ଗତ କଟି ଦେହୁରୀଙ୍କ ୩୭ ବର୍ଷିୟ ପୁଅ ରାଜେନ୍ଦ୍ର ଙ୍କ ପାରିବାରିକ ଅଶାନ୍ତି ଯୋଗୁଁ ତାଙ୍କ ସ୍ତ୍ରୀ, ଗୋଟିଏ ପୁଅ ଓ ଗୋଟିଏ ଝିଅଙ୍କୁ ନେଇ ଦୀର୍ଘଦିନ ଧରି ନିଜ ବାପଘରେ ରୁହନ୍ତି। ଫଳରେ ରାଜେନ୍ଦ୍ର ମାନସିକ ଭାରସାମ୍ୟ ହରାଇ ଅସ୍ୱାଭାବିକ ଆଚରଣ କରିଆସୁଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି। ତେବେ ଆଜି ସକାଳେ ତାଙ୍କ ଶୋଇବା ଘରେ ଏକ ଗାମୁଛାକୁ ବେକରେ ଗୁଡାଇ ଛପରରେ ଝୁଲି ହୋଇ ରହିଥିଲେ। ଘଟଣା ସମ୍ପର୍କରେ ଖବର ପାଇ ବୈଶିଙ୍ଗା ପୋଲିସ ଅଧିକାରୀ ଦେବାଶିଷ ମଣ୍ଡଳ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ।

## ଭଦ୍ରକ ଜିଲ୍ଲା ଓ ଚାନ୍ଦବାଲି ବ୍ଲକର ବିଭିନ୍ନ ଅଞ୍ଚଳରେ ବର୍ଷା ଜାରି, ଜନଜୀବନ ଅସ୍ତବ୍ୟସ୍ତ



**ଭଦ୍ରକ,୩୦।୭ (ସଂଚାର ବ୍ୟୁରୋ):** ଭଦ୍ରକରେ ଅବିଶ୍ରାନ୍ତ ଭାବେ ବର୍ଷା ଲାଗି ରହିଛି । ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି । ପ୍ରବଳ ବର୍ଷା ଯୋଗୁଁ ଭଦ୍ରକ ସହର ବିଭିନ୍ନ ମୁଖ୍ୟ ରାସ୍ତାଠାରୁ ଆରମ୍ଭ କରି ବିଭିନ୍ନ କଲୋନୀ ରାସ୍ତାରେ ପାଣି ଜମି ରହିଛି। ବିଶେଷ କରି ଆରଡ଼ି ଛକ, ଟ୍ରେଜେରି ଅଫିସ ପଛ ପଟ, ଧରିତ୍ରୀ ନଗର, ମହତାବ ନଗର ଅଞ୍ଚଳ ସହ ତଳିଆ ଅଞ୍ଚଳରେ ଜଳ ନିଷ୍କାସନ ସମସ୍ୟା ଦେଖାଦେଇଛି । ରାସ୍ତା ଉପରେ ଦୁଇ ଫୁଟ ଉଚ୍ଚରେ ବର୍ଷା ଜଳ ଲହଡି ମାରୁଛି । ଗାଡି ଚଳାଚଳ ଓ ଯିବା ଆସିବାରେ ସମସ୍ୟା ସୃଷ୍ଟି କରିଛି । ସେହିପରି କେତେକ ଡ୍ରେନ ଗୁଡିକ ସଫା ନ ହେବାରୁ ଡ୍ରେନରେ ବର୍ଷା ଜଳ ନିଷ୍କାସନ ନ ହୋଇ ବିଭିନ୍ନ କଲୋନୀର ଲୋକଙ୍କ ଘରେ ପ୍ରବେଶ କରିଛି। କେତେକ ସ୍ଥାନରେ ଲୋକ ମାନେ ମୋଟର ପମ୍ପ ପକାଇ ଜଳ ନିଷ୍କାସନ କରୁଥିବା ବେଳେ ଅନ୍ୟ କେତେକ ସ୍ଥାନରେ ପୌରପାଳିକା ପକ୍ଷରୁ ମୋଟର ପମ୍ପ ପକାଇ ବର୍ଷା ଜଳକୁ ନିଷ୍କାସନ କରାଯାଉଛି । ସେହିପରି ଦୁଇ ଦିନ ହେଲାଣି ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକର ବିଭିନ୍ନ ଅଂଚଳରେ ବର୍ଷା ଜାରି ରହିଛି । ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି । ବିଶେଷକରି ବ୍ଲକର ତଳିଆ ଅଞ୍ଚଳ ଆରଡ଼ି, ନାନ୍ଦପୁର, ସୁନ୍ଦରପୁର ଓ ଓଲଗ ପଂଚାୟତରେ ଚାଷ ଜମିରେ ବନ୍ୟା ପାଣି ଜମି ରହିଛି । ବନ୍ୟା ପାଣିରୁ ମୁକୁଳି ପାରିନଥିବା ଲୋକଙ୍କ ଉପରେ ଲଗାଣ ବର୍ଷା ଦାଉ ସାଜିଛି ।

ସଂଚାର THE SANCHAR


### ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ ଦକ୍ଷତା ବିକାଶ କର୍ମଶାଳା ଅନୁଷ୍ଠିତ

# ଅଗଷ୍ଟ ୧ରୁ 'ଆସ ଯିବା ଅଙ୍ଗନବାଡ଼ି' ଅଭିଯାନ

**ଭୁବନେଶ୍ୱର,୩୦।୭(ସଂଚାର ବ୍ୟୁରୋ):** ତୃଣମୂଳ ସ୍ତରରେ ସିଡିପିଓମାନଙ୍କ ଦକ୍ଷତା ହିଁ ଆମର ଶକ୍ତି। ବିକଶିତ ଓଡ଼ିଶା-୨୦୩୬ରେ ଓଡ଼ିଶାକୁ ଏକ ଅପପୁଷ୍ଟିମୁକ୍ତ ରାଜ୍ୟରେ ପରିଣିତ କରିବା ଆମର ଲକ୍ଷ୍ୟ ହୋଇଥିବା ବେଳେ ଏହା ପୂରଣ ଦିଗରେ ଶିଶୁ ପ୍ରକଳ୍ପ ଅଧିକାରୀମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ଆଜି ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ (ସିଡିପିଓ)ମାନଙ୍କ ଏକ ଦିନିକିଆ ଦକ୍ଷତା ବିକାଶ କର୍ମଶାଳା ଅନୁଷ୍ଠିତ ହୋଇଥିବା ବେଳେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀମାନଙ୍କୁ ସୁଭଦ୍ରା ସଫଳତାର ଶ୍ରେୟ ଦେବା ସହ ରାଜ୍ୟରେ ମହିଳା ନେତୃତ୍ୱାଧୀନ ବିକାଶକୁ ତ୍ୱରାନ୍ୱିତ କରିବା ସକାଶେ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ସେ ଅଙ୍ଗନବାଡ଼ିର ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ନିର୍ମାଣ କାର୍ଯ୍ୟ ତଦାରଖ ପାଇଁ ଇନଫ୍ରା ଆପ 'ୱସମ' (ଅଙ୍ଗନବାଡି ୱେଲଫେୟର ଆଣ୍ଡ ସର୍ଭିସ ଓଭରସାଇଟ ମନିଟରିଂ ଏଭରିହ୍ୱେୟାର)ର ମଧ୍ୟ ଲୋକାର୍ପଣ କରିଛନ୍ତି। ଅଙ୍ଗନବାଡ଼ି ପରିସରରେ ସ୍ୱଚ୍ଛତା ଓ ପରିଷ୍କାର ପରିଚ୍ଛନ୍ନତାକୁ ଗୁରୁତ୍ୱ ଦେବାକୁ ସେ ପରାମର୍ଶ ଦେବା ସହ ଆସନ୍ତା ୧ରୁ ଆରମ୍ଭ ହେବାକୁ ଥିବା ବିଶ୍ୱ ସ୍ତନ୍ୟପାନ ସପ୍ତାହ ଅବସରରେ 'ଆସ ଯିବା ଅଙ୍ଗନବାଡି ଅଭିଯାନ' ଆରମ୍ଭ ହେବ ବୋଲି ଶ୍ରୀମତୀ ପରିଡ଼ା ସୂଚନା ଦେଇଛନ୍ତି। ଏହି ଅଭିଯାନରେ ରାଜ୍ୟବାସୀ ଅଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ କରି ଏହାର ଭିତ୍ତିଭୂମି, ସ୍ୱଚ୍ଛତା ଓ କାର୍ଯ୍ୟଶୈଳୀ ଉପରେ ସେମାନଙ୍କ ମତାମତ ରଖିବେ। ଉକ୍ତ ମତାମତ ଆଧାରରେ ଅଙ୍ଗନବାଡ଼ିର କାର୍ଯ୍ୟାନ୍ୱୟନ ନିର୍ଦ୍ଧାରିତ କରାଯିବ ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି।



### ଅଙ୍ଗନବାଡ଼ି ଭିତ୍ତିଭୂମି ବିକାଶ ପାଇଁ 'ୱସମ' ଆପ୍ ଲୋକାର୍ପିତ

କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଓ ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ବିଭାଗୀୟ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସମସ୍ତ ଜିଲ୍ଲାରୁ ଆସିଥିବା ୪୦୦ରୁ ଅଧିକ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଓ ପ୍ରକଳ୍ପ ଅଧିକାରୀ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମଧ୍ୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶ୍ରୀ ଆହୁଜା ଉପସ୍ଥିତ ରହି ସିଡିପିଓମାନଙ୍କୁ ଜନକୈନ୍ଦ୍ରିକ ଆଭିମୁଖ୍ୟ ନେଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି। ସେହିପରି ଭିଜନ ଓଡ଼ିଶା ଦସ୍ତାବିଜରେ ମହିଳା ଓ ଶିଶୁମାନଙ୍କ ପୋଷଣ, ସ୍ୱାସ୍ଥ୍ୟ ଓ ଶିଶୁମାନଙ୍କ ପ୍ରାରମ୍ଭିକ ଶିକ୍ଷାର ଏକ ପ୍ରମୁଖ ଭୂମିକା ରହିଛି ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ତାଙ୍କ ସ୍ୱାଗତ ଅଭିଭାଷଣରେ ପ୍ରଶିକ୍ଷଣର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ।

ସେହିପରି କାର୍ଯ୍ୟକ୍ରମରେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟକର୍ତ୍ତାଙ୍କ ତାଲିମ ବ୍ୟବସ୍ଥାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟ ନେଇ ମହିଳା ଓ ଶିଶୁ ବିକାଶ ବିଭାଗ, ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ ପବ୍ଲିକ କୋପରେସନ ଆଣ୍ଡ ଚାଇଲ୍ଡ ଡେଭଲପମେଣ୍ଟ (ଏନଆଇପିସିସିଡି) ମଧ୍ୟରେ ଏକ ବୁଝାମଣାପତ୍ର ମଧ୍ୟ ସ୍ୱାକ୍ଷରିତ ହୋଇଛି। ଏହି ବୁଝାମଣା ଓଡ଼ିଶାରେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଓ କର୍ମଚାରୀଙ୍କ ନିୟମିତ ତାଲିମ, ଦକ୍ଷତା ଓ ଜ୍ଞାନ ବୃଦ୍ଧି କରିବାରେ ସହାୟକ ହେବ ବୋଲି ଏନଆଇପିସିସିଡିର ଅତିରିକ୍ତ ନିର୍ଦ୍ଦେଶିକା ସଂଘମିତ୍ରା ବାରିକ ମତ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ପ୍ରଥମ ଅଧିବେଶନରେ ବିତ୍ତ ପରାମର୍ଶଦାତା ଓ ସ୍ୱତନ୍ତ୍ର ସଚିବ ଏଲୋରା ମହାନ୍ତି ସିଡିପିଓମାନଙ୍କ ଭୂମିକା ଓ ଡିଡିଓ ହିସାବରେ ସେମାନଙ୍କ ଦାୟିତ୍ୱ ଓ ପ୍ରତିଷ୍ଠାନର କାର୍ଯ୍ୟଶୈଳୀ ସହ ଦ୍ୱିତୀୟ ଅଧିବେଶନରେ ଇତିଶ୍ରୀ ଦାସ ପେନସନ ରୁଲ, ଲିଭ୍ ରୁଲ, ପରଫର୍ମାନ୍ସ ଆପ୍ରାଇଜାଲ ରିପୋର୍ଟ (ପାର), ଟିଏ ରୁଲ ଓ ଅନ୍ୟାନ୍ୟ ପ୍ରଶାସନିକ କାର୍ଯ୍ୟଶୈଳୀ ବିଷୟରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ସେହିପରି ତୃତୀୟ ଅଧିବେଶନରେ ଅତିରିକ୍ତ ସଚିବ ଜ୍ୟୋତିଶଙ୍କର ମହାପାତ୍ର ପୋଶ ଆଇନ ସମ୍ବନ୍ଧରେ ସୂଚନା ଦେଇଥିଲେ।

# ରାହୁଲ ଓ ନବୀନଙ୍କ କୁଶପୁତ୍ତଳିକା ଦାହକଲା ବିଜେପି

**ବ୍ରହ୍ମପୁର,୩୦।୭(ସଂଚାର ବ୍ୟୁରୋ):** ନାରୀ ନିର୍ଯ୍ୟାତନା ବିରୋଧରେ ଗତ କିଛି ଦିନ ଧରି ଗର୍ଜୁଥିବା କଂଗ୍ରେସ ଓ ବିଜେଡି ନୀତି ପ୍ରତିବାଦରେ ଆଜି ବିଜେପି ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ କଂଗ୍ରେସର ବରିଷ୍ଠ ନେତା ରାହୁଲ୍ ଗାନ୍ଧିଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଗଞ୍ଜାମ ବିଜେପି ପକ୍ଷରୁ ସ୍ଥାନୀୟ ପୁରୁଣା ବସଷ୍ଟାଣ୍ଡଠାରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ଅବସରରେ ଉଭୟ ନେତାଙ୍କୁ କଡ଼ା ସମାଲୋଚନା କରାଯାଇଛି। ଓଡ଼ିଶା ବନ୍ଦ, ଘେରାଉ, କ୍ୟାଣ୍ଡେଲ ଶୋଭାଯାତ୍ରା ଆଦି ଜରିଆରେ ଉଭୟ ବିରୋଧୀ ଦଳ କେବଳ ନାରୀଙ୍କୁ ସମ୍ମାନ ଦେବା ସକାଶେ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ବରଂ ମହିଳା ଦୁଷ୍କର୍ମରେ ଛାତ୍ର କଂଗ୍ରେସ ସଭାପତି ଉଦିତ୍ ପ୍ରଧାନ ଓ ବିଜେଡି କର୍ପୋରେଟର ଅମରେଶ ଜେନାଙ୍କ ପ୍ରସଙ୍ଗରେ ଉଭୟ ଦଳର ମୁଖିଆଙ୍କ ମୁହଁରେ ତୁଣ୍ଡି ବନ୍ଧାହୋଇଛି। ଏହା ଉଭୟ ଦଳର ମହିଳା ସୁରକ୍ଷା ପ୍ରସଙ୍ଗରେ ଦୋମୁହାଁ ନୀତିକୁ ପଦାରେ ପକାଇଛି। ନିଜ ଶାସନ କାଳର ଅପକର୍ମ ଓ କୁକର୍ମକୁ ଜନମାନସରୁ ଦୂରେଇ ରଖିବା ପାଇଁ ଦୁଇ ଦଳ ଅପପ୍ରୟାସ ଆରମ୍ଭ କରିଦେଇଛନ୍ତି, ଯାହାକି ଅତ୍ୟନ୍ତ ଲଜ୍ଜାଜନକ ଘଟଣା ବୋଲି କହିଛନ୍ତି ବିଜେପି ଜିଲ୍ଲା ସଭାପତି ସରୋଜ ସାବତ। ଏହି ବିକ୍ଷୋଭରେ ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଭାତ ଷଡ଼ଙ୍ଗୀ, ବରିଷ୍ଠ ନେତା ସୁନୀଲ କୁମାର ସାହୁ , ଏସ. ରାଣୀ, ଯୁବମୋର୍ଚ୍ଚା ରାଜ୍ୟ ସମ୍ପାଦକ ତୁତୁନ ପାତ୍ର, ଜିଲ୍ଲା ସଭାପତି ଶିବଶଙ୍କର ନାୟକ, ସୋମନାଥ ପାତ୍ର, କମଲ ପାତ୍ର, କିଶୋର ସାହୁ, ମଣ୍ଡଳ ସଭାପତି ଶକ୍ତି ପଟ୍ଟନାୟକ, ଅଖିଳ ବେହେରା, ଶିରିଡ଼ି ବିକ୍ରମ, କୃଷ୍ଣ ପୋଲାଇ, ଶୀତଲ ଜେନା, ଦେବୁନ ପଟ୍ଟନାୟକ, ଅମର ସାହୁ, ସୁମିତ ପାତ୍ର, ଡ. ସୁରେଶ ରେଡ୍ଡୀ, ବିଶାଲ ସାହୁ, ଅର୍ଜୁନ ଦାସ, ଅଜୟ ବେହେରା, ଶୁଭମ୍ ବିଷୋୟୀ, ନୀଳକଣ୍ଠ ବେହେରା, ଜଗନ୍ନାଥ ମହାପାତ୍ର, ଆକାଶ ସାହୁ, ଏ ସୁନିଲ, ଯୋଗେଶ୍ୱର ଗଉଡ଼, ପ୍ରିୟଙ୍କର, ଲିପୁନ୍ ପଟ୍ଟନାୟକ, ସନ୍ତୋଷ ଦାଶ, ଲକ୍ଷ୍ମୀକାନ୍ତ ମହାନ୍ତି, ରାକେଶ ସାବତ, ସନାତନ ବେହେରା, ସନ୍ତୋଷ ମହାରଣା, ଭାସ୍କର ଦୋରା, ଦୀପକ ରାଉତ, ପ୍ରଥମ ବିଷୋୟୀ, ବାଦଲ ମହାପାତ୍ର, ସୁମନ୍ତ ରାଉତଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଭାଗ ନେଇଥିଲେ।

### ଉଭୟ ଦଳର ଦୋମୁହାଁ ନୀତି ପଦାରେ ପଡ଼ିଛି




# ୨ ଆଇପିଏସ୍ କେନ୍ଦ୍ରୀୟ ନିଯୁକ୍ତି ପାଇଁ ମନୋନୀତ



**ଭୁବନେଶ୍ୱର,୩୦।୭(ସଂଚାର ବ୍ୟୁରୋ):** ଓଡ଼ିଶା କ୍ୟାଡରର ଦୁଇ ବରିଷ୍ଠ ଆଇପିଏସ ଅଧିକାରୀ କେନ୍ଦ୍ରୀୟ ପ୍ରତିନିଯୁକ୍ତି ପାଇଁ ମନୋନୀତ ହୋଇଛନ୍ତି। କେନ୍ଦ୍ର କ୍ୟାବିନେଟର ନିଯୁକ୍ତି କମିଟି ବିଭିନ୍ନ ରାଜ୍ୟ କ୍ୟାଡରରୁ ମୋଟ ୩୫ ଜଣ ଭାରତୀୟ ପୋଲିସ ସେବା (ଆଇପିଏସ) ଅଧିକାରୀଙ୍କୁ କେନ୍ଦ୍ରୀୟ ପଦବୀ ପାଇଁ ମନୋନୀତ କରିଛି, ଯେଉଁଥିରେ ଓଡ଼ିଶାର ଦୁଇ ଅଧିକାରୀ ମଧ୍ୟ ସାମିଲ ଅଛନ୍ତି। ଓଡ଼ିଶା କ୍ୟାଡରର ବରିଷ୍ଠ ଆଇପିଏସ ଅଧିକାରୀ ଆର.ପି. କୋଚେ (୧୯୯୩ ବ୍ୟାଚ) ଏବଂ ଯଶୱନ୍ତ କୁମାର ଜେଠୱା (୧୯୯୪ ବ୍ୟାଚ) କେନ୍ଦ୍ରରେ ପଦବୀ ଗ୍ରହଣ ପାଇଁ ମନୋନୀତ ହୋଇଛନ୍ତି। ଉଭୟ କୋଚେ ଓ ଜେଠୱା କେନ୍ଦ୍ରରେ ମହାନିର୍ଦ୍ଦେଶକ (ଡିଜି) କିମ୍ବା ତତସମାନ ପଦବୀ ପାଇଁ ମନୋନୀତ ହୋଇଛନ୍ତି। ବର୍ତ୍ତମାନ ଆର.ପି. କୋଚେ ଓଡ଼ିଶାରେ ଗୁଇନ୍ଦା ନିର୍ଦ୍ଦେଶକ ଭାବେ ଏବଂ ଯଶୱନ୍ତ ଜେଠୱା ଭିଜିଲାନ୍ସ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି। ଏହି ମନୋନୟନ ଓଡ଼ିଶା କ୍ୟାଡର ଅଧିକାରୀଙ୍କ ଅଭିଜ୍ଞତା ଏବଂ ନେତୃତ୍ୱ ଦକ୍ଷତାକୁ ଜାତୀୟ ସ୍ତରରେ କେନ୍ଦ୍ର ସରକାରଙ୍କ ଦ୍ୱାରା ସ୍ୱୀକୃତି ମିଳିଥିବାର ପ୍ରମାଣ ଦେଉଛି। ସୂଚନାନୁଯାୟୀ, ଏହି ମନୋନୟନ ଓଡ଼ିଶାରୁ କେନ୍ଦ୍ରୀୟ ପ୍ରଶାସନରେ ଅଧିକାରୀଙ୍କ ସଂଖ୍ୟା ବୃଦ୍ଧି କରିବ ଏବଂ ରାଜ୍ୟର ପ୍ରତିନିଧିତ୍ୱକୁ ଆହୁରି ସୁଦୃଢ଼ କରିବ। ଏହା ପୂର୍ବରୁ ମଧ୍ୟ ଓଡ଼ିଶା କ୍ୟାଡରର ଅନେକ ଆଇପିଏସ ଅଧିକାରୀ କେନ୍ଦ୍ରରେ ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ କରି ରାଜ୍ୟର ଗୌରବ ବୃଦ୍ଧି କରିଛନ୍ତି।

## ଗଛ ନ ଲଗାଇବାରୁ ୧୧ ବିଇଓଙ୍କ ଦରମା ବନ୍ଦ

**ବଲାଙ୍ଗୀର,୩୦।୭(ସଂଚାର ବ୍ୟୁରୋ):** ୧୧ ଜଣ ବ୍ଲକ ଶିକ୍ଷା ଅଧିକାରୀ (ବିଇଓ)ଙ୍କ ଦରମା ବନ୍ଦ କରାଯାଇଛି। ଚଳିତ ମାସର ଦରମା ବନ୍ଦ କରିଛନ୍ତି ଜିଲ୍ଲା ଶିକ୍ଷାଧିକାରୀ (ଡିଇଓ)। 'ମା ପାଇଁ ଗଛଟିଏ' ଯୋଜନାରେ ଗଛ ନ ଲଗାଇବା ଯୋଗୁଁ ସେମାନଙ୍କ ବିରୋଧରେ ଏପରି ପଦକ୍ଷେପ ନିଆଯାଇଛି। ଗଛ ଲଗାଇବା ସକାଶେ ସେମାନଙ୍କୁ ଟାର୍ଗେଟ୍ ଦିଆଯାଇଥିଲେ ହେଁ ସେମାନେ ଏହା ପୂରଣ କରିନଥିବାରୁ ସେମାନଙ୍କ ଜୁଲାଇ ଦରମା ବନ୍ଦ କରାଯାଇଛି। ସମ୍ପୃକ୍ତ ଅଧିକାରୀଙ୍କ ଜୁଲାଇ ଦରମା ବନ୍ଦ କରାଯାଇଥିବା ବେଳେ ପରବର୍ତ୍ତୀ ନିର୍ଦ୍ଦେଶ କିମ୍ବା କାର୍ଯ୍ୟକ୍ରମରେ ଶତପ୍ରତିଶତ ସଫଳତା ହାସଲ ପରେ ହିଁ ଦରମା ପ୍ରଦାନ କରାଯିବ ବୋଲି କୁହାଯାଇଛି। ଏନେଇ ଡିଇଓ ସମ୍ପୃକ୍ତ ବିଇଓମାନେ ଦରମା ପାଉଥିବା ଜିଲ୍ଲା କୋଷାଗାର ଓ ଉପକୋଷାଗାର ଅଧିକାରୀଙ୍କୁ ପତ୍ର ମାଧ୍ୟମରେ ସୂଚନା ଦେଇଛନ୍ତି। କର୍ତ୍ତୃପକ୍ଷଙ୍କ ଅନୁମତି ନ ମିଳିବା ପର୍ଯ୍ୟନ୍ତ ସମ୍ପୃକ୍ତ ବିଇଓଙ୍କ ଦରମା ବିଲ୍‌କୁ ଗୁରୁତ୍ୱ ନ ଦେବାକୁ ଡିଇଓଙ୍କ କାର୍ଯ୍ୟାଳୟ ପକ୍ଷରୁ ତାଗିଦ୍ କରାଯାଇଛି।

### ଆୟୁଷ ଡାକ୍ତରଙ୍କ ମହାନତା

## ବନ୍ୟାପାଣିରେ ଗର୍ଭବତୀଙ୍କୁ ହସ୍ପିଟାଲ୍‌ରେ ପହଞ୍ଚାଇଲେ



**କେନ୍ଦ୍ରାପଡ଼ା,୩୦।୭(ସଂଚାର ବ୍ୟୁରୋ):** ରାସ୍ତାର ଉପରେ ଲହଡି ଭାଙ୍ଗୁଥାଏ ବନ୍ୟା ଜଳ। ଗାଁ ଚାରିପଟେ ଖାଲି ପାଣି ହିଁ ପାଣି। ରାସ୍ତାଘାଟ ସବୁକୁ କବଳିତ କରି ରଖିଥାଏ ବନ୍ୟା ଜଳ। ମୁଖ୍ୟ ରାସ୍ତାଠାରୁ ବିଚ୍ଛିନ୍ନ ହୋଇ ରହିଥାଏ ଗାଁ। ଏଣେ ଗାଁରେ ଜଣେ ମହିଳା ପ୍ରସବ ଯନ୍ତ୍ରଣା ସହ ଯୁଝୁଥାଆନ୍ତି। ମହିଳାଙ୍କ ଗର୍ଭ ଯନ୍ତ୍ରଣା ନେଇ ଡାକ୍ତରଙ୍କ ପାଖକୁ ଆସିଥିଲା ଫୋନ। ବନ୍ୟା ପାଣିକୁ ଖାତିର ନ କରି ପାଖାପାଖି ଏକ କିମି ପାଣିଭରା ରାସ୍ତା ଅତିକ୍ରମ କରି ଗାଁରେ ପହଞ୍ଚିଥିଲେ ଡାକ୍ତର। ହେଲେ ମହିଳାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଡାକ୍ତରଖାନା ନେବା ଜରୁରୀ ଥିଲା। କିନ୍ତୁ ଗାଁରୁ ବାହାର କରି ଡାକ୍ତରଖାନା ନେବା ପାଇଁ କୌଣସି ସୁବିଧା ନଥିଲା। ନିଜେ ଡାକ୍ତର ଏକ ଟ୍ରଲିରେ ମହିଳାଙ୍କୁ ବସାଇ ବନ୍ୟା ପାଣି ପାର କରି ହସ୍ପିଟାଲରେ ପହଞ୍ଚାଇଥିଲେ। କୁହାଯାଏ ଯେ ଡାକ୍ତର ହେଉଛନ୍ତି ରକ୍ତମାଂସ ଶରୀରରେ ଦେବତା। ସେ ହେଉଛନ୍ତି ଦ୍ୱିତୀୟ ଭଗବାନ, ଯାହାଙ୍କ ପାଇଁ ସେବା ହିଁ ପରମଧର୍ମ। ଯାହାର ଉଦାହରଣ ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ଜିଲ୍ଲାରେ। ଜିଲ୍ଲାର ୩ଟି ବ୍ଲକରେ ବନ୍ୟା ଜଳ ଯୋଗୁଁ ନାନାଦି ସମସ୍ୟାର ସମ୍ମୁଖୀନ ହେଉଛନ୍ତି ୧୧ ପଞ୍ଚାୟତର ଲୋକେ। ଆଜି ମେଡିକାଲ ଟିମ୍ ସହ ବନ୍ୟାଞ୍ଚଳକୁ ଗସ୍ତ କରିବା ସମୟରେ ଏକ ଫୋନ କଲ ପାଇ ଗର୍ଭବତୀ ମହିଳାଙ୍କୁ ସହଯୋଗ କରିବା ଉଦ୍ଦେଶ୍ୟରେ ସାଙ୍ଗରେ ଜଣେ ଆୟୁଷ ଡାକ୍ତରଙ୍କୁ ଧରି ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମେଡିକାଲ ଅଫିସର ରଶ୍ମିରଞ୍ଜନ ମହାନ୍ତି ପହଞ୍ଚିଥିଲେ। ଗର୍ଭବତୀଙ୍କୁ ଟ୍ରଲିରେ ବନ୍ୟା ପାଣି ପାରଇବାକୁ ନେଇ ମେଡ଼ିକାଲ ଅଫିସର ଆୟୁଷ ଡାକ୍ତରଙ୍କୁ ବିଭିନ୍ନ ମହଲରୁ ପ୍ରଶଂସା ଛୁଟୁଛି ।

### ସରକାରୀ ବାବୁଙ୍କ ଦାଦାଗିରି

# ଘରୁ ଉଠାଇନେବାକୁ ଧମକ ଦେଲେ

**ଉଦଳା, ୩୦।୭ (ସଂଚାର ବ୍ୟୁରୋ):** ସର୍ବସାଧାରଣରେ ସରକାର ବାବୁ ଖୋଲାଖୋଲି ଧମକ ଦେଇଛନ୍ତି। ଘରୁ ଉଠାଇ ନେବାକୁ ଜଣେ ସ୍ଥାନୀୟ ବାସିନ୍ଦାଙ୍କୁ ଧମକ ଦେଇଛନ୍ତି ବାବୁ ଜଣଙ୍କ। ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକ ମାଙ୍କଡ଼ପଡା ପଞ୍ଚାୟତର ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ (ପିଇଓ) ପ୍ରଶାନ୍ତ ପଟ୍ଟନାୟକଙ୍କ ବିରୋଧରେ ଏପରି ସାଙ୍ଘାତିକ ଅଭିଯୋଗ ଆସିଛି। ମିଳିଥିବା ସୂଚନାନୁଯାୟୀ, ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବିକାଶ ବାହନ ରଥ ଉଦଘାଟନ ଦିନ ଏପରି କିଛି ଅଘଟଣ ଘଟିଥିଲା। ଅଚାନକ ନୋଡାଲ ଅଫିସର ଦାୟିତ୍ୱରେ ଥିବା ପିଇଓ ଶ୍ରୀ ପଟ୍ଟନାୟକ ଜଣେ ବ୍ୟକ୍ତିଙ୍କୁ ଅସମ୍ମାନିତ କରିଥିବା ଅଭିଯୋଗ ହୋଇଛି। ସେ ଉକ୍ତ ବ୍ୟକ୍ତିଙ୍କୁ 'ମୋତେ ଚିହ୍ନିନାହୁଁ, ମୋ ସହ ଲାଗନି, ମୁଁ ବହୁତ ଖରାପ। ଦରକାର ପଡ଼ିଲେ ତୋତେ ଘରୁ ଉଠାଇନେବି' ବୋଲି କହି ଖୁଲମଖୁଲ୍ଲା ଧମକ ଦେଇଥିଲେ। ତାଙ୍କର ଏହି ସମୟର ଭିଡିଓ ସ୍ଥାନୀୟ ବେଶ୍ ଭାଇରାଲ୍ ମଧ୍ୟ ହୋଇଛି। ତେବେ ଏନେଇ ସମ୍ପୃକ୍ତ ପିଇଓ ଜଣଙ୍କ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି। କିନ୍ତୁ ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ବେଶ୍ ଚର୍ଚ୍ଚାର ବିଷୟ ହୋଇଛି।



# ପୁରୀ-ରାଉରକେଲା-ପୁରୀ ବନ୍ଦେ ଭାରତରେ ଅଧିକ କୋଚ୍ ସଂଯୋଗ

**ଭୁବନେଶ୍ୱର,୩୦।୭(ସଂଚାର ବ୍ୟୁରୋ):** ପୁରୀ ଓ ରାଉରକେଲା ମଧ୍ୟରେ ଦ୍ରୁତ ଏବଂ ଅଧିକ ଆରାମଦାୟକ ରେଳ ଯାତ୍ରା ଉପଲବ୍ଧ କରାଇବା ପାଇଁ ବର୍ଦ୍ଧିତ ଚାହିଦାକୁ ଦୃଷ୍ଟିରେ ରଖି ଭାରତୀୟ ରେଳବାଇ ୨୦୮୩୬/୨୦୮୩୫ ପୁରୀ-ରାଉରକେଲା-ପୁରୀ ବନ୍ଦେ ଭାରତ ଏକ୍ସପ୍ରେସରେ ୫୦ ପ୍ରତିଶତ କୋଚ୍ ବୃଦ୍ଧି ପାଇଁ ଘୋଷଣା କରିଛି। ଏହି ଟ୍ରେନଟି ଆସନ୍ତା ୭ରୁ ପୂର୍ବ ତୁଳନାରେ ୮ଟି ବଦଳରେ ୧୬ଟି କୋଚ୍ ସହ ଚଳାଚଳ କରିବ। ଏହି କୋଚ ସଂଯୋଗରେ ୮ଟି ଏସି ଚେୟାର କାର୍ କୋଚ୍ ଯୋଡ଼ାଯାଇଛି। ଏହାର ଲକ୍ଷ୍ୟ ହେଉଛି ଯାତ୍ରୀଙ୍କ ୱେଟିଂ ଲିଷ୍ଟକୁ ହ୍ରାସ କରିବା, ଯାତ୍ରୀ ସଂଖ୍ୟାକୁ ବୃଦ୍ଧି କରିବା ଓ ସମଗ୍ର ଓଡ଼ିଶାରେ ଏହି ପ୍ରତିଷ୍ଠିତ ସେମି-ହାଇ-ସ୍ପିଡ୍ ଟ୍ରେନ୍ ସେବାକୁ ଆହୁରି ପ୍ରୋତ୍ସାହିତ କରିବା। ଅପଗ୍ରେଡ୍ ରେକ୍ କମ୍ପୋଜିସନ୍‌ରେ ଏବେ ୧୨ଟି ଏସି ଚେୟାର କାର୍ କୋଚ୍, ୨ଟି ଏକଜିକ୍ୟୁଟିଭ୍ ଚେୟାର କାର୍ କୋଚ୍ ଓ ୨ଟି କ୍ରିୟୁ ଏବଂ ଏସି ଚେୟାର କାର୍ କୋଚ୍ ରହିବ। ପୁରୀ-ରାଉରକେଲା ବନ୍ଦେ ଭାରତ ଏକ୍ସପ୍ରେସ୍ ଯାତ୍ରାରମ୍ଭ କରିବା ପରଠାରୁ ଯାତ୍ରୀମାନେ ଏହାକୁ ବେଶ୍ ଗ୍ରହଣ କରିଛନ୍ତି। ଏହି ଟ୍ରେନ୍‌ଟି ଏବେ ୧୧୦ ପ୍ରତିଶତରୁ ଅଧିକ କ୍ଷମତାରେ ଚଳାଚଳ କରୁଛି, ଯାହା ଏହାର ଲୋକପ୍ରିୟତାକୁ ଦର୍ଶାଉଛି। ଟ୍ରେନ୍ ନମ୍ବର ୨୦୮୩୬ (ପୁରୀ-ରାଉରକେଲା) ୧୧୨.୭୬ ଚାହିଦା ରେକର୍ଡ କରିଥିବା ବେଳେ ଟ୍ରେନ୍ ନମ୍ବର ୨୦୮୩୫ (ରାଉରକେଲା-ପୁରୀ)ର ୧୨୭.୬୪ ପ୍ରତିଶତ ଚାହିଦା ରହିଛି। ଏହା ଦୈନନ୍ଦିନ ଯାତ୍ରୀ, ବ୍ୟବସାୟୀ ଓ ପର୍ଯ୍ୟଟକଙ୍କ ମଧ୍ୟରେ ବର୍ଦ୍ଧିତ ଲୋକପ୍ରିୟତାକୁ ପ୍ରତିଫଳିତ କରୁଛି। ଯାତ୍ରୀଙ୍କ ପସନ୍ଦ ଓ ଯାତ୍ରା ଚାହିଦାର ସମୀକ୍ଷା ପରେ ପୁରୀ-ରାଉରକେଲା-ପୁରୀ ବନ୍ଦେ ଭାରତ ଏକ୍ସପ୍ରେସରେ କୋଚ ସଂଯୋଗ ବୃଦ୍ଧି ପାଇଁ ନିଷ୍ପତ୍ତି ହୋଇଛି। ବର୍ଦ୍ଧିତ କୋଚ ସଂଯୋଗ ଦ୍ୱାରା ଅଧିକ ଯାତ୍ରୀ ଏକ ଦ୍ରୁତ, ଆରାମଦାୟକ ଓ ପ୍ରଯୁକ୍ତିବିଦ୍ୟା ଦୃଷ୍ଟିରୁ ଉନ୍ନତ ପରିବହନ ପଦ୍ଧତିର ଅଭିଜ୍ଞତା ପାଇବେ। ଏହି ପଦକ୍ଷେପ ରାଜ୍ୟର ଆଞ୍ଚଳିକ ସଂଯୋଗୀକରଣ, ପର୍ଯ୍ୟଟନ ଓ ଅର୍ଥନୈତିକ ବୃଦ୍ଧିରେ ସାହାଯ୍ୟ କରିବ ବୋଲି ପୂର୍ବତଟ ରେଳବାଇ ପକ୍ଷରୁ ଆଶା ପ୍ରକାଶ ପାଇଛି। ପୁରୀ-ରାଉରକେଲା ବନ୍ଦେ ଭାରତ ଏକ୍ସପ୍ରେସ୍ ଏକ ସେମି-ହାଇ-ସ୍ପିଡ୍ ଟ୍ରେନ୍ ଯାହାକି ଓଡ଼ିଶାର ପୁରୀକୁ ରାଉରକେଲା ସହ ସଂଯୋଗ କରୁଛି। ଏହି ଟ୍ରେନ ପ୍ରାୟ ସାଢ଼େ ୭ ଘଣ୍ଟାରେ ୫୦୫ କିମି ଦୂରତା ଅତିକ୍ରମ କରୁଛି। ଏହା ସପ୍ତାହର ମଙ୍ଗଳବାର ବ୍ୟତୀତ ଅନ୍ୟ ୬ ଦିନ ଚଳାଚଳ କରୁଥିବା ବେଳେ ପୁରୀରୁ ସକାଳ ୫ଟାରୁ ଓ ରାଉରକେଲାରୁ ଅପରାହ୍ନ ୨ଟା ୧୦ ମିନିଟ୍‌ରେ ଯାତାୟାତ ଆରମ୍ଭ କରୁଛି। ଏହା ଯାତ୍ରା ସମୟରେ ୯ଟି ଷ୍ଟେସନରେ ରହଣି କରୁଛି।

# ବରଗଡ଼ ଓ ବଣାଇରେ ହାତୀ ଆତଙ୍କ



**ବରଗଡ଼,୩୦।୭(ସଂଚାର ବ୍ୟୁରୋ):** ବରଗଡ଼ ପାଇକମାଳରେ ହାତୀ ଆତଙ୍କ ଦେଖାଦେଇଛି। ହାତୀ କେତେକ ଲୋକଙ୍କ ଘର ଭାଙ୍ଗିବା ସହ ଧାନ ଚାଉଳ ଖାଇଦେଇଛି। ମୋତିପାଲି ଗାଁର ଧନିରାମ ବଛାଙ୍କ ଘରେ ପଶି ଉକ୍ତ ହାତୀଟି ବ୍ୟାପକ ଭଙ୍ଗାରୁଜା କରିଛି। ଗତକାଲି ରାତିରେ ହାତୀଟି ଏପରି ଉପଦ୍ରବ କରିଛି। ଫଳରେ ଗାଁ ଲୋକେ ଆତଙ୍କିତ ହୋଇ ଏ ସମ୍ପର୍କରେ ବନ ବିଭାଗକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ବନ ବିଭାଗ କର୍ମଚାରୀମାନେ ପହଞ୍ଚି ମୋତିପାଲି ଜଙ୍ଗଲକୁ ଲାଗି ରହିଥିବା ଗାଁର ଲୋକମାନଙ୍କୁ ସତର୍କ ରହିବା ସକାଶେ ଡାକବାଜି ଯନ୍ତ୍ର ମାଧ୍ୟମରେ ସଚେତନ କରାଇଥିଲେ। ଏଥିସହ ସେମାନେ ଉକ୍ତ ହାତୀର ଗତିବିଧି ଉପରେ ମଧ୍ୟ ନଜର ରଖିଥିବା ଜଣାପଡ଼ିଛି। ସେହିପରି ସୁନ୍ଦରଗଡ଼ ଜିଲ୍ଲା ବଣାଇ ରେଞ୍ଜ ଅନ୍ତର୍ଗତ ବଡପୋଷ ଗାଁରେ ମଧ୍ୟ ୨ଟି ଗୋଠଛଡ଼ା ଦନ୍ତା ବ୍ୟାପକ ଉତ୍ପାତ କରିଛନ୍ତି। ଉକ୍ତ ହାତୀ ଦୁଇଟି ଗାଁରେ ପଶି ଲୋକଙ୍କ ଘର ଭାଙ୍ଗିବା ସହ ଧାନ ଚାଉଳ ଖାଇ ନଷ୍ଟ କରିଦେଇଛନ୍ତି। ହାତୀମାନଙ୍କୁ ଘଉଡ଼ାଇବାକୁ ବନ ବିଭାଗ କର୍ମଚାରୀମାନେ ଉଦ୍ୟମ କରିଥିଲେ ହେଁ ସେମାନଙ୍କୁ ନାକେଦମ୍ ହେବାକୁ ପଡ଼ିଛି। ଗତକାଲି ରାତିରେ ଏକ ଦନ୍ତା ନଦୀ ପାର ହୋଇ ବଡ଼ପୋଷ ଗାଁରେ ପଶିଥିଲା। ଗାଁର ଶଙ୍କର କିଷାନଙ୍କ ଘର କାନ୍ଥ ଭାଙ୍ଗିବା ସହ ଉକ୍ତ ହାତୀଟି ଚାଉଳ ଖାଇଦେଇଛି। ସୌଭାଗ୍ୟକ୍ରମେ ପରିବାର ଲୋକେ ଉକ୍ତ ହାତୀ ଆକ୍ରମଣରୁ ବର୍ତ୍ତିଯାଇଛନ୍ତି। ସେହିପରି ଧରଣୀଧର ପାଲିରେ ଏକ ଦନ୍ତା ରାତି ହେଲେ ଉତ୍ପାତ କରୁଛି। ଉଭୟ ହାତୀଙ୍କୁ ତୁରନ୍ତ ସ୍ଥାନୀୟ ଅଞ୍ଚଳରୁ ତଡ଼ିଦେବା ଦିଗରେ ବନ ବିଭାଗ କର୍ମଚାରୀମାନେ ଅଧିକ ଠୋସ୍ ପଦକ୍ଷେପ ନେବା ସକାଶେ ଗ୍ରାମବାସୀ ଦାବି କରିଛନ୍ତି।

### ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀଙ୍କ ସମୀକ୍ଷା ବୈଠକ ଅନୁଷ୍ଠିତ

# ମାଛ, କ୍ଷୀର, ଅଣ୍ଡା ଉତ୍ପାଦନରେ ରାଜ୍ୟ ହେବ ଆତ୍ମନିର୍ଭରଶୀଳ: ମନ୍ତ୍ରୀ

**ଭୁବନେଶ୍ୱର,୩୦।୭(ସଂଚାର ବ୍ୟୁରୋ):** ଆଜି ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀଙ୍କ ସମୀକ୍ଷା ବୈଠକ ସ୍ଥାନୀୟ କୃଷି ଭବନ ଅଡିଟୋରିୟମରେ ଅନୁଷ୍ଠିତ ହୋଇଛି। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ତଥା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ବୈଠକରେ ଅଧ୍ୟକ୍ଷତା କରିବା ସହ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଥିଲେ। ମାଛ, କ୍ଷୀର, ଅଣ୍ଡା ଉତ୍ପାଦନରେ ରାଜ୍ୟକୁ ଆତ୍ମନିର୍ଭରଶୀଳ କରିବା ପାଇଁ ନିଷ୍ଠାପର ଉଦ୍ୟମ ସକାଶେ ସେ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ବିକଶିତ ଓଡ଼ିଶା ୨୦୩୬ ସ୍ୱପ୍ନ ସାକାର କରିବା ପାଇଁ ଆମକୁ ଆତ୍ମନିର୍ଭରଶୀଳ ସହ ମାଛ, ମାଂସ, କ୍ଷୀର, ଅଣ୍ଡା ବିଦେଶକୁ ରପ୍ତାନୀ କରି ଆର୍ଥିକ ଭାବେ ସଶକ୍ତ ହେବାକୁ ପଡ଼ିବ ବୋଲି ମନ୍ତ୍ରୀ କହିଥିଲେ।

ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାର କାର୍ଯ୍ୟାଦେଶପତ୍ର ବଣ୍ଟନ ଓ ସେଗୁଡ଼ିକର ସ୍ଥିତି ଉପରେ ମନ୍ତ୍ରୀ ବିଶଦ ସମୀକ୍ଷା କରିଥିଲେ। ଯୋଜନାର ସହାୟତା ଯଥା ସମୟରେ ହିତାଧିକାରୀଙ୍କ ପାଖରେ ପହଞ୍ଚାଇବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ସୂଚନାଯୋଗ୍ୟ ଯେ ରାଜ୍ୟରେ ଦୈନିକ ପ୍ରାୟ ୭୨ ଲକ୍ଷ ଲିଟର ଦୁଗ୍ଧ ଉତ୍ପାଦିତ ହେଉଥିବା ବେଳେ ଆସନ୍ତା ୫ ବର୍ଷରେ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ମାଧ୍ୟମରେ ଏହାକୁ ଦୁଇ ଗୁଣ କରିବାର ଲକ୍ଷ୍ୟ ରହିଛି। ଏହି ଯୋଜନାରେ ଅଦ୍ୟାବଧି ୬୪ ହଜାରରୁ ଅଧିକ ହିତାଧିକାରୀ ହେବା ସକାଶେ ଆବେଦନ କରିସାରିଛନ୍ତି।



ରାଜ୍ୟର ପ୍ରାଣୀ ପାଳକଙ୍କ ଆୟ ବୃଦ୍ଧି ପାଇଁ ବିଭାଗ ପକ୍ଷରୁ କୁକୁଡ଼ା ପାଳନ, ଗୋ-ପାଳନ ଓ ଦୁଗ୍ଧ ଉତ୍ପାଦନ, ଛେଳି ପାଳନ, ଘୁଷୁରୀ ପାଳନ, ଘାସ ଚାଷ ଆଦି କାର୍ଯ୍ୟକ୍ରମ କରାଯାଉଛି। ଏହିସବୁ କାର୍ଯ୍ୟକ୍ରମରେ ଚାଷୀଙ୍କୁ ଠିକ ସମୟରେ ଉଚିତ ପରିମାଣର ରିହାତି ଯୋଗାଇଦେଇ ଯୋଜନାକୁ ସଫଳ କରିବା ସହ ସେମାନଙ୍କ ଅର୍ଥନୈତିକ ବିକାଶ ଦିଗରେ ତତ୍ପର ହେବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ବିଭିନ୍ନ ସରକାରୀ ଯୋଜନାକୁ ଅଧିକ ଲୋକାଭିମୁଖୀ କରିବାକୁ ମଧ୍ୟ ସେ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ପ୍ରାଣୀମାନଙ୍କ ଟୀକାକରଣ, କୃତ୍ରିମ ପ୍ରଜନନ, ୯୦ ପ୍ରତିଶତ ପର୍ଯ୍ୟନ୍ତ ମାଈ ବାଛୁରୀ ପାଇବା ପାଇଁ ଲିଙ୍ଗ ନିରୂପିତ ଶୁକ୍ର ମାଧ୍ୟମରେ କୃତ୍ରିମ ପ୍ରଜନନ, କୁକୁଡ଼ା ପାଳନ, ଛେଳି ପାଳନ, ଗୋ-ପାଳନ, ବୁଲା ଓ ଅସହାୟ ପ୍ରାଣୀଙ୍କୁ ଜରୁରୀକାଳୀନ ଚିକିତ୍ସା ଆଦି ବିଷୟରେ ମଧ୍ୟ ମନ୍ତ୍ରୀ ସମୀକ୍ଷା କରିଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ସୁଫଳ ରାଜ୍ୟର ଗ୍ରାମାଞ୍ଚଳରେ ଥିବା ଗୋପାଳକ ଓ ପ୍ରାଣୀ ପାଳକଙ୍କ ନିକଟରେ ପହଞ୍ଚାଇବାକୁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

୨୦୨୪-୨୫ ଆର୍ଥିକ ବର୍ଷରେ ଦେଢ଼ କୋଟି ପ୍ରାଣୀଙ୍କ ଚିକିତ୍ସା କରାଯାଇଥିବା ବେଳେ ୫ କୋଟିରୁ ଉର୍ଦ୍ଧ୍ୱ ଟୀକାକରଣ କରାଯାଇଛି। ସେହିପରି ପ୍ରାଣୀ ସ୍ୱାସ୍ଥ୍ୟ ଓ ରୋଗ ନିୟନ୍ତ୍ରଣ ସମ୍ବନ୍ଧୀୟ ସେବା ଯୋଗାଇଦେବା ପାଇଁ ରାଜ୍ୟରେ ୫୪୧ଟି ପ୍ରାଣୀ ଚିକିତ୍ସାଳୟ, ୩୧୪ଟି ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ୟୁନିଟ, ୩୨୩୯ଟି ପ୍ରାଣୀ ସମ୍ପଦ ସହାୟତା କେନ୍ଦ୍ର କାର୍ଯ୍ୟ କରୁଛି। ଗାଁ ଗାଁ ବୁଲି ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ୟୁନିଟ ଦ୍ୱାରା ଲୋକଙ୍କ ନିକଟରେ ପ୍ରାଣୀ ସେବା ପହଞ୍ଚାଇବା ଉପରେ ମଧ୍ୟ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ପ୍ରାଣୀ ପାଳକଙ୍କ ଆୟ ବୃଦ୍ଧି ଦିଗରେ ବିହିତ ପଦକ୍ଷେପ ଗ୍ରହଣ ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ବୁଲା ଓ ଅସହାୟ ପ୍ରାଣୀଙ୍କୁ ଜରୁରୀକାଳୀନ ଚିକିତ୍ସା ସେବା ଯୋଗାଇଦେବା ପାଇଁ ରାଜ୍ୟରେ ୧୪ଟି ପ୍ରାଣୀ ଆମ୍ବୁଲାନ୍ସ କାର୍ଯ୍ୟ କରୁଥିବା ବେଳେ ଏ ଦିଗରେ ୨୪ ଘଣ୍ଟିଆ ଆନିମଲ ହେଲ୍ପଲାଇନ ସହଯୋଗ କରୁଛି। ଏହାକୁ ଆହୁରି ବ୍ୟାପକ କରି ରାଜ୍ୟର ସବୁ ଜିଲ୍ଲାର ସହରାଞ୍ଚଳରେ ପ୍ରାଣୀ ଆମ୍ବୁଲାନ୍ସ ଯୋଗାଇଦେବା ସରକାର ଲକ୍ଷ୍ୟ ରଖିଥିବା ମନ୍ତ୍ରୀ କହିଛନ୍ତି।

ସମୀକ୍ଷା ବୈଠକରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ପ୍ରାଣୀ ପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶକ ରୀନା ମହାପାତ୍ର, ଏପିକଲ ପରିଚାଳନା ନିର୍ଦ୍ଦେଶକ ଶୁଭ୍ରାଂଶୁ ମିଶ୍ର, ସିୱାର ନିର୍ଦ୍ଦେଶକ ମୃଦୁଳା ଦେବୀ, ସମସ୍ତ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଓ ବିଭାଗୀୟ ବରିଷ୍ଠ ଅଧିକାରୀ ଯୋଗଦେଇଥିଲେ।


ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ବଢ଼ିଲେ ୭୩,୨୪୦ ମୋବାଇଲ ଗ୍ରାହକ

**ଭୁବନେଶ୍ୱର, ୩୦।୭:** ଜୁନ୍ ମାସରେ ରାଜ୍ୟରେ ୭୩୨୪୦ ନୂଆ ମୋବାଇଲ ଫୋନ୍ ଗ୍ରାହକ ଯୋଡ଼ି ହୋଇଛନ୍ତି। ଏଥିଯୋଗୁ ଓଡ଼ିଶାରେ ମୋଟ ମୋବାଇଲ ଫୋନ ଗ୍ରାହକଙ୍କ ସଂଖ୍ୟା ୩ କୋଟି ୫୩ ଲକ୍ଷ ୨୧ ହଜାର ୨୩୬ରେ ପହଞ୍ଚିଛି। ମେ ମାସ ସୁଦ୍ଧା ଏମାନଙ୍କ ସଂଖ୍ୟା ୩ କୋଟି ୫୨ ଲକ୍ଷ ୪୭ ହଜାର ୯୯୬ ରହିଥିଲା। ଓଡ଼ିଶାରେ ସଂପ୍ରତି ୪ଟି କମ୍ପାନି ମୋବାଇଲ ଫୋନ ସେବା ପ୍ରଦାନ କରୁଛନ୍ତି। ସେଗୁଡ଼ିକ ମଧ୍ୟରେ ଗୋଟିଏ ରାଷ୍ଟ୍ରାୟତ୍ତ କମ୍ପାନି ବିଏସ୍ଏନ୍ଏଲ୍ ଥିବାବେଳେ ଅନ୍ୟ ୩ଟି ଘରୋଇ କମ୍ପାନି ଯଥା ରିଲାଏନ୍ସ ଜିଓ, ଭାରତୀ ଏୟାରଟେଲ୍ ଏବଂ ଭୋଡାଫୋନ ଆଇଡିଆ ରହିଛନ୍ତି। ଜୁନ ମାସରେ ରିଲାଏନ୍ସ ଜିଓର ଗ୍ରାହକ ସଂଖ୍ୟା ସର୍ବାଧିକ ବା ୧ କୋଟି ୬୩ ଲକ୍ଷ ୬୧ ହଜାର ୧୬୨ରେ ପହଞ୍ଚିଛି। ମେ ମାସରେ ଏହି କମ୍ପାନିର ଗ୍ରାହକ ସଂଖ୍ୟା ୧ କୋଟି ୬୨ ଲକ୍ଷ ୬୩ ହଜାର ୮୭୩ ରହିଥିଲା। ଅର୍ଥାତ ଜୁନ୍‌ରେ ଏହି କମ୍ପାନି ୯୭, ୨୮୯ ଜଣ ନୂଆ ମୋବାଇଲ ଗ୍ରାହକ ଓଡ଼ିଶାରେ ଯୋଡ଼ିଛି। ଏହା ପଛକୁ ଭାରତୀ ଏୟାରଟେଲ ରହିଛି। ଜୁନ୍‌ରେ କିନ୍ତୁ ଏହି କମ୍ପାନିର ଗ୍ରାହକ ସଂଖ୍ୟା ୧୨ ହଜାର ୩୪୧ ହ୍ରାସ ପାଇ ୧ କୋଟି ୧୯ ଲକ୍ଷ ୯୧ ହଜାର ୪୦୩ ରହିଛି। ମେ ମାସରେ ଏହାର ଗ୍ରାହକ ସଂଖ୍ୟା ୧ କୋଟି ୨୦ ଲକ୍ଷ ୩ ହଜାର ୭୪୪ ରହିଥିଲା। ରାଷ୍ଟ୍ରାୟତ୍ତ ବିଏସ୍ଏନ୍ଏଲ୍‌ର ଗ୍ରାହକ ସଂଖ୍ୟା ଜୁନ୍ ମାସରେ ୫୫ ଲକ୍ଷ ୪୦ ହଜାର ୬୨୨କୁ ହ୍ରାସ ପାଇଛି। ମେ ମାସରେ ଏହାର ମୋବାଇଲ ଫୋନ ଗ୍ରାହକ ସଂଖ୍ୟା ୫୫ ଲକ୍ଷ ୫୬ ହଜାର ୯୦୬ ରହିଥିଲା। ଅର୍ଥାତ୍ କମ୍ପାନି ଜୁନ ମାସରେ ୧୬ ହଜାର ୨୮୪ ଗ୍ରାହକ ହରାଇଛି। ଭୋଡାଫୋନ ଆଇଡିଆର ଗ୍ରାହକ ସଂଖ୍ୟା ଜୁନ ମାସରେ ୧୪ ଲକ୍ଷ ୨୮ ହଜାର ୪୯ ରହିଛି। ମେ ମାସରେ ଏହାର ଗ୍ରାହକଙ୍କ ସଂଖ୍ୟା ୧୪ ଲକ୍ଷ ୨୩ ହଜାର ୪୭୩ ରହିଥିଲା। ଅର୍ଥାତ ଏହାର ଗ୍ରାହକଙ୍କ ସଂଖ୍ୟାରେ ୪ ହଜାର ୫୭୬ ବୃଦ୍ଧି ଘଟିଛି। ଅର୍ଥାତ ରାଜ୍ୟରେ ଜୁନ ମାସରେ ଦୁଇଟି କମ୍ପାନି ନୂଆ ଗ୍ରାହକ ଯୋଡ଼ିଥିବାବେଳେ ଦୁଇଟି କମ୍ପାନି ଗ୍ରାହକ ହରାଇଥିବା ଭାରତୀୟ ଦୂରସଂଚାର ନିୟାମକ କର୍ତ୍ତୃପକ୍ଷ(ଟ୍ରାଇ) ପକ୍ଷରୁ ପ୍ରକାଶିତ ରିପୋର୍ଟରୁ ଜଣାଯାଇଛି। ଅନ୍ୟପକ୍ଷରେ ଜୁନ ମାସରେ ଦେଶରେ ୨୦ ଲକ୍ଷ ୧୩ ଜଣ ନୂଆ ମୋବାଇଲ ଗ୍ରାହକ ସାମିଲ ହୋଇଛନ୍ତି। ଫଳରେ ଦେଶରେ ମୋଟ ମୋବାଇଲ ଫୋନ ଗ୍ରାହକଙ୍କ ସଂଖ୍ୟା ୧୧୬ କୋଟି ୩୦ ଲକ୍ଷ ୨୬ ହଜାର ୩୯୩ରେ ପହଞ୍ଚିଛି। ମେ ମାସରେ ଏମାନଙ୍କ ସଂଖ୍ୟା ୧୧୬ କୋଟି ୧୦ ଲକ୍ଷ ୨୬ ହଜାର ୩୮୦ ରହିଥିଲା।



## ଆଜିର ସୁନା ଦର



ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୦୦, ୪୮୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୯୨ ,୧୦୦ ଟଙ୍କା ଛୁଇଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୦୦,୪୮୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୯୨ ହଜାର ୧୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୦୦,୪୮୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୯୨ ହଜାର ୧୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୦୦,୬୩୦ ଟଙ୍କା ଓ ୨୨ କ୍ୟାରେଟ୍ ୯୨,୨୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୦୦,୪୮୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୯୨ ହଜାର ୧୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୦୦,୪୮୦ ଓ ୯୨ ହଜାର ୧୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୧୭ ,୦୦୦ ଟଙ୍କା ହୋଇଛି।

# ଆଇଟି ଶିଳ୍ପରେ ଅଧିକ ଛଟେଇ ଆଶଙ୍କା

### ଚିନ୍ତା ପ୍ରକଟ କଲା ଶିଳ୍ପସଂଘ 'ନାସ୍‌କମ୍'

ନୂଆଦିଲ୍ଲୀ, ୩୦।୭: ଦେଶର ଅଗ୍ରଣୀ ସୂଚନା ପ୍ରଯୁକ୍ତି (ଆଇଟି) କମ୍ପାନି ଟାଟା କନ୍‌ସଲ୍‌ଟାନ୍ସି ସର୍ଭିସେସ୍ (ଟିସିଏସ୍) ୧୨ ହଜାରରୁ ଅଧିକ କର୍ମଚାରୀଙ୍କୁ ଛଟେଇ ଘୋଷଣା କରିବା ପରେ ଭାରତୀୟ ଆଇଟି ଶିଳ୍ପର ବାସ୍ତବ ସ୍ଥିତି ପଦାକୁ ଆସିଛି। ଆଗାମୀ ମାସଗୁଡ଼ିକରେ ଆହୁରି ଅଧିକ ଛଟେଇ ଆଶଙ୍କା ରହିଥିବା ଆଇଟି ଶିଳ୍ପ ଜଗତର ସଂଘ 'ନାସ୍‌କମ୍' ପୂର୍ବାନୁମାନ କରିଛି। ନାସ୍‌କମ୍ ପକ୍ଷରୁ କୁହାଯାଇଛି ଯେ ଆଇଟି ଶିଳ୍ପ ବର୍ତ୍ତମାନ ପରିବର୍ତ୍ତନ ସମୟ ଦେଇ ଗତି କରୁଛି। ସମଗ୍ର ବିଶ୍ୱର କ୍ଲାଏଣ୍ଟମାନେ ଅଧିକ ଦ୍ରୁତ ଗତିରେ, ନମନୀୟ ଓ ନବସୃଜନ ଆଧାରିତ କାମ ଦାବି କରୁଛନ୍ତି। କିଭଳି ସେମାନଙ୍କ ଆବଶ୍ୟକତା ପୂରଣ କରାଯିବ ଏବଂ ସେଥିପାଇଁ କେଉଁ ଧରଣର ପ୍ରତିଭାବାନ କର୍ମଚାରୀ ଦରକାର, ତାହା ଉପରେ କମ୍ପାନିଗୁଡ଼ିକ ଭାବିବା ଆରମ୍ଭ କରିଛନ୍ତି। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଓ ଅଟୋମେସନ୍ ଏବେ ବ୍ୟବସାୟ ପରିଚାଳନାର ପ୍ରମୁଖ ଅଂଶ ପାଲଟିଛି। ସେଥିପାଇଁ ପୁରୁଣା ଦକ୍ଷତା ଆଧାରିତ ଭୂମିକାଗୁଡ଼ିରକ ଆବଶ୍ୟକତା କ'ଣ, ତାହାର ସମୀକ୍ଷା ଆରମ୍ଭ ହୋଇଛି। ଏଭଳି ଚିନ୍ତାଜନକ ସମୟରେ ନାସ୍‌କମ୍ ଆଶାର ବାଣୀ ମଧ ଶୁଣାଇଛି। ଏହା କହିଛି ଯେ ପ୍ରଯୁକ୍ତି ସଦାସର୍ବଦା ଅଭିବୃଦ୍ଧିକୁ ବଢ଼ାଇବାର କାରକ ହୋଇରହିଛି। ପ୍ରତିଥର ନୂଆ ପ୍ରଯୁକ୍ତି ଆଗମନରେ ନୂଆ ଚାକିରି ଓ ସୁଯୋଗ ସୃଷ୍ଟି ହୁଏ। ତାହାର ଲାଭ ପାଇବା ଲାଗି ପ୍ରଫେସନାଲମାନଙ୍କୁ ସେହି ଦକ୍ଷତା ଶିଖିବାକୁ ପଡ଼ିବ। ଆଇଟି ଶିଳ୍ପ ଠିକ୍ ଦିଗରେ ଅଗ୍ରସର ହେଉଛି। ୨୦୨୪-୨୫ ସୁଦ୍ଧା ୧୫ ଲକ୍ଷ ଲୋକଙ୍କୁ ଏଆଇ ଓ ଜେନେରେଟିଭ୍ ଏଆଇ ଦକ୍ଷତା ପ୍ରଦାନ କରାଯାଇଛି। ସେଥିରୁ ୯୫ ହଜାର କର୍ମଚାରୀ ବଡ଼ ବଡ଼ ଆଇଟି କମ୍ପାନିରେ କାମ କରୁଛନ୍ତି। ଅନ୍ୟପକ୍ଷରେ, ଆଉ ଏକ ଘଟଣାକ୍ରମରେ ଟିସିଏସ୍ ପକ୍ଷରୁ ବରିଷ୍ଠ ଭୂମିକାରେ ନିଯୁକ୍ତିକୁ ସମ୍ପୂର୍ଣ୍ଣ ବନ୍ଦ କରିଦିଆଯାଇଛି। ସେମାନଙ୍କ ଦରମା ବୃଦ୍ଧିକୁ ମଧ ଅଟକାଇ ଦିଆଯାଇଛି।



# ଏନଟିଓଆରକ୍ୟୁ ୧୨୫ର ନୂଆ ଏଡିସନ୍ ଲଞ୍ଚ କଲା ଟିଭିଏସ

**ନୂଆଦିଲ୍ଲୀ, ୩୦।୭:** ଟିଭିଏସ ମୋଟର କମ୍ପାନୀ ଏହାର ପପୁଲାର୍ ସ୍କୁଟର ଏନଟିଓଆରକ୍ୟୁ ୧୨୫ ର ଏକ ନୂଆ ସୁପର ସୋଲଜର ଏଡିସନ ଲଞ୍ଚ କରିଛି। ଯାହା ସମ୍ପୂର୍ଣ୍ଣ ଭାବରେ କ୍ୟାପଟେନ୍ ଆମେରିକା ଉପରେ ବେସ୍ଡ। ଏହି ଖାସ୍ ଏଡିସନର ଏକ୍ସ-ଶୋରୁମ୍ ପ୍ରାଇସ୍ ରହିଛି ମୂଲ୍ୟ ୯୮,୧୧୭ ଟଙ୍କା। ଏଥି ସହ ଏହି ନୂଆ ଭାରିଆଣ୍ଟ ଟିଭିଏସ୍ ର ସୁପର ସ୍କ୍ୱାଡ୍ ସିରିଜରେ ସାମିଲ ହୋଇଛି, ଯେଉଁଥିରେ ପୂର୍ବରୁ ଆଇରନ୍ ମ୍ୟାନ୍, ଥର୍ ଏବଂ ସ୍ପାଇଡର-ମ୍ୟାନ୍ ଭଳି ମାର୍ଭେଲ୍ ଥିମ୍ ଭ୍ୟାରିଆଣ୍ଟ ରହିଛି। ଟିଭିଏସ ଏନଟିଓଆରକ୍ୟୁ ୧୨୫ ସୁପର ସୋଲଜର ଏଡିସନର ଡିଜାଇନ୍ ସମ୍ପୂର୍ଣ୍ଣ ଭାବରେ କ୍ୟାପ୍ଟେନ୍ ଆମେରିକା ଥିମ୍ ଉପରେ ବେସ୍ଡ, ଯାହା ସ୍କୁଟରକୁ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରେ। ଏଥିରେ କ୍ୟାମୋଫ୍ଲାଜ ପ୍ୟାଟର୍ନ ବଡି ଗ୍ରାଫିକ୍ସ, ଷ୍ଟାର ସିମ୍ବଲ୍ ଏବଂ ଗ୍ରୀନ୍-ରେଡ୍ କଲର ପ୍ଲାନ୍ ଅଛି। ଏହାର ମସ୍କୁଲର ଷ୍ଟାଇଲିଂ ଏବଂ ଆଗ୍ରେସିଭ୍ ବଡିୱାର୍କ ଏହାକୁ ଏକ ରୁଫ୍-ଏଣ୍ଡ ଟଫ୍ ଲୁକ୍ ଦେଇଥାଏ। ଏହି ଡିଜାଇନ୍ ବିଶେଷ ଭାବରେ ଯୁବ ଏବଂ ଜେନ ଜେଡ୍ ରାଇଡର୍ସଙ୍କ ପାଇଁ ଆକର୍ଷଣୀୟ କରାଯାଇଛି ଯେଉଁମାନେ ପପ୍-କଲ୍ଚର ଏବଂ ହାଇ ପରଫରମାନ୍ସର ମିଶ୍ରଣକୁ ପସନ୍ଦ କରନ୍ତି। ଟିଭିଏସ ଏନଟିଓଆରକ୍ୟୁ ୧୨୫ ସୁପର ସୋଲଜର ଏଡିସନ୍ ସମାନ ୧୨୪.୮CC, ୩-ଭାଲ୍ଭ, ସିଙ୍ଗଲ୍ ସିଲିଣ୍ଡର ଇଞ୍ଜିନ୍ ଦ୍ୱାରା ପରିଚାଳିତ ଯାହା ଏହାର ପାୱାର ପରଫରମାନ୍ସ ପାଇଁ ଜଣାଶୁଣା। ଏହି ଇଞ୍ଜିନ୍ ୭୦୦୦ ଆରପିଏମରେ ୯.୩୯ ବିଏଚପି ପାୱାର ଏବଂ ୫୫୦୦ ଆରପିଏମରେ ୧୦.୬ ଏନଏମ ଟର୍କ ଜେନେରେଟ୍ କରେ। ଏହି ସ୍କୁଟର ମାତ୍ର ୮.୯ ସେକେଣ୍ଡରେ ୦ ରୁ ୬୦ କିଲୋମିଟର ପ୍ରତି ଘଣ୍ଟା ବେଗକୁ ଗତି କରେ, ଯାହା ଏହାକୁ ଏହାର ସେଗମେଣ୍ଟର ସବୁଠାରୁ ଫାଷ୍ଟ ଏବଂ ସ୍ପୋର୍ଟି ସ୍କୁଟର ମଧ୍ୟରୁ ଗୋଟିଏ କରିଥାଏ। ଟିଭିଏସ ଏନଟିଓଆରକ୍ୟୁ ୧୨୫ ସୁପର ସୋଲଜର ଏଡିସନରେ ଅନେକ ସ୍ମାର୍ଟ ଏବଂ ଦମଦାର୍ ଫିଚର୍ସ ରହିଛି। ଯାହା ଏହାକୁ ଦୈନନ୍ଦିନ ଚଲାଇବା ପାଇଁ ବହୁତ ସୁବିଧାଜନକ କରିଥାଏ। ଏଥିରେ ଟର୍ନ-ବାଇ-ଟର୍ନ ନେଭିଗେସନ୍ ଏବଂ କଲର୍ ID ଡିସପ୍ଲେ ଭଳି ଫିଚର୍ସ ମଧ ଅଛି। ଏଥି ସହ ଯାହା ରାଇଡ୍‌କୁ ଆହୁରି ସ୍ମାର୍ଟ କରିଥାଏ। ଏଥି ସହ ଜାଣିରଖନ୍ତୁ ଯେ, ପ୍ରୋଟେକ୍ସନ ପାଇଁ, ଏଥିରେ ୨୨୦mm ଫ୍ରଣ୍ଟ ଡିସ୍କ ବ୍ରେକ୍ ଅଛି, ଯାହା ଭଲ ବ୍ରେକିଂ କଣ୍ଟ୍ରୋଲ୍ ପ୍ରଦାନ କରେ। ଏହା ସହିତ, ଡାଇମଣ୍ଡ କଟ୍ ଆଲୟ ହୁଇଲ୍ ସ୍କୁଟରକୁ ଏକ ପ୍ରିମିୟମ୍ ଲୁକ୍ ଦେଇଥାଏ। ୨୦-ଲିଟର ତଳେ ସିଟ୍ ଷ୍ଟୋରେଜ୍ ସ୍ପେସ୍ ଏହାକୁ ଉପଯୋଗୀ କରିଥାଏ, ଯେଉଁଥିରେ ଆପଣ ସହଜରେ ଆପଣଙ୍କର ଲଗେଜ୍ ରଖିପାରିବେ। ଏହା ବ୍ୟତୀତ, ଏଥିରେ ଏକ ୟୁଏସବି ଚାର୍ଜିଂ ପୋର୍ଟ ମଧ ଅଛି, ଯାହା ଯାତ୍ରା ସମୟରେ ଫୋନକୁ ଚାର୍ଜ କରିବାକୁ ବହୁତ ସହଜ କରିଥାଏ। ଆପଣଙ୍କୁ ଜଣାଇ ଦେଉଛୁ ଯେ ଭାରତରେ ଏପର୍ଯ୍ୟନ୍ତ ୨୦ ଲକ୍ଷରୁ ଅଧିକ ୟୁନିଟ୍ ଟିଭିଏସ ଏନଟିଓଆରକ୍ୟୁ ୧୨୫ ବିକ୍ରି ହୋଇସାରିଛି, ଏବଂ ଏହା ୧୯ ଟି ଦେଶକୁ ୩ ଲକ୍ଷରୁ ଅଧିକ ୟୁନିଟ୍ ଏକ୍ସପୋର୍ଟ କରି ଟିଭିଏସ ର ସବୁଠାରୁ ସଫଳ ଇଣ୍ଟରନ୍ୟାସନାଲ୍ ମଡେଲ୍ ପାଲଟିଛି। ଯଦି ଆପଣ ଏକ ପାୱାରପୁଲ୍ ସ୍କୁଟର ଆଣିବାକୁ ପ୍ଲାନ୍ କରୁଛନ୍ତି, ତେବେ ଏହି ସ୍କୁଟରଟି ଆପଣଙ୍କ ପାଇଁ ବେଷ୍ଟ ହୋଇପାରିବ।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨ . ୬୯ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ସ୍ଥିର ରହିଛି। ତେବେ ଭୁବନେଶ୍ୱରରେ ବଢ଼ିଛି ପେଟ୍ରୋଲ-ଡିଜେଲ ଦାମ୍। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୨ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୦ ପଇସା ରହିଛି।



# ଭାରତ ଉପରେ ଟାରିଫ ବୋମା ଫିଙ୍ଗିଲେ ଟ୍ରମ୍ପ

ନୂଆଦିଲ୍ଲୀ, ୩୦।୭: ବନ୍ଧୁ ବୋଲି କହୁଛନ୍ତି ହେଲେ ଶତ୍ରୁର ଭାଷା ବ୍ୟବହାର କରୁଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ଭାରତ ଉପରେ ୨୫ ପ୍ରତିଶତ ଶୁଳ୍କ ଲଗାଇବାକୁ ପୁଣି ଧମକ ଦେଇଛନ୍ତି ଆମେରିକା ରାଷ୍ଟ୍ରପତି। ବାଣିଜ୍ୟ ଚୁକ୍ତିର ସମୟ ସୀମା ଅଗଷ୍ଟ ପହିଲାରୁ ଶେଷ ହେଉଥିବାରୁ ଭାରତ ଉପରେ ଶୁଳ୍କ ଲାଗିବ ବୋଲି ସିଏନଏନକୁ ସାକ୍ଷାତକାର ଦେଇ କହିଛନ୍ତି ଟ୍ରମ୍ପ। ଏନେଇ ସିଏନଏନ ଟ୍ରମ୍ପଙ୍କୁ ପ୍ରଶ୍ନ କରିଥିଲା। ଭାରତ ସହ ବାଣିଜ୍ୟ ଚୁକ୍ତି ଫାଇନାଲ ହୋଇ ନାହିଁ। ଭାରତ ଉପରେ ୨୦-୨୫ ପ୍ରତିଶତ ଶୁଳ୍କ ଲାଗୁ ହେବ କି? ଜବାବ ଦେଇ ଟ୍ରମ୍ପ କହିଥିଲେ ହଁ... ମୁଁ ସେୟା ଭାବୁଛି.... ତେବେ ଭାରତ ମୋ ବନ୍ଧୁ। ସେମାନେ ମୋ ଅନୁରୋଧ ରଖି ପାକିସ୍ତାନ ସହ ଯୁଦ୍ଧ ବନ୍ଦ କରିଛନ୍ତି। ଭାରତ ସହ ଡିଲ ଫାଇନାଲ ହୋଇ ନାହିଁ। ଭାରତ ଗୋଟେ ଭଲ ବନ୍ଧୁ ହୋଇ ରହି ଆସିଛି, ହେଲେ କିନ୍ତୁ ଭାରତ ପ୍ରାୟ ଅନ୍ୟ ଯେକୌଣସି ଦେଶ ତୁଳନାରେ ମୂଳତଃ ଅଧିକ ଶୁଳ୍କ ଆଦାୟ କରେ।" ବାଣିଜ୍ୟ ଡିଲ ନେଇ ଟ୍ରମ୍ପ ଦେଇଥିବା ସମୟ ସୀମା ଅଗଷ୍ଟ ପହିଲାରୁ ଶେଷ ହେଉଥିବାରୁ ପହିଲାରୁ ହିଁ ଡିଲ୍ ହୋଇ ନଥିବା ଦେଶଗୁଡ଼ିକ ଉପରେ ଜବାବୀ ଶୁଳ୍କ ଲାଗୁ ହୋଇଯିବ। ଯେଉଁଥିରେ ଭାରତ ବି ରହିଛି। ଏପଟେ ବାଣିଜ୍ୟ ଚୁକ୍ତି ନେଇ ଅଗଷ୍ଟ ୨୫ ତାରିଖରେ ଆମେରିକା ପ୍ରତିନିଧି ଦଳ ଭାରତ ଗସ୍ତରେ ଆସୁଛନ୍ତି। ଦୁଇ ଦେଶ ମଧ୍ୟରେ ଏନେଇ ଷଷ୍ଠ ରାଉଣ୍ଡ ବୈଠକ ହେବ। ସୂଚନା ଥାଉକି, ଆମେରିକାର ବାଣିଜ୍ୟ କ୍ଷତିର ମୁକାବିଲା କରିବା ପାଇଁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପାର୍ଟନର ଦେଶମାନଙ୍କୁ ବାଣିଜ୍ୟ ଚୁକ୍ତି କରିବାକୁ ଆହ୍ୱାନ ଦେଇଥିଲେ। ଏହାର ଜବାବରେ ସେ ଚଳିତ ବର୍ଷ ଏପ୍ରିଲ ୨ ତାରିଖରେ ବିଭିନ୍ନ ଦେଶଗୁଡ଼ିକ ଉପରେ ଶୁଳ୍କ ଲଗାଇଥିଲେ। ସେତେବେଳେ ଭାରତ ଉପରେ ୨୬ ପ୍ରତିଶତ ଶୁଳ୍କ ଲଗାଇଥିଲେ ଟ୍ରମ୍ପ। ଏହାର କିଛି ସମୟ ପରେ ଶୁଳ୍କକୁ ସ୍ଥଗିତ ରଖା ଯାଇଥିଲା। ତେବେ ବଡ଼ କଥା ହେଲା ଟ୍ରମ୍ପ ଯେପରି ଅନ୍ୟ ଦେଶଗୁଡ଼ିକ ପାଇଁ ନୂଆ ଟାରିଫ ଫର୍ମାଲ ଲେଟର ଜାରି କରୁଛନ୍ତି ସେମିତି ଭାରତ ପାଇଁ ଏପର୍ଯ୍ୟନ୍ତ ଜାରି କରି ନାହାନ୍ତି।



# ଭାରତରେ ବାର୍ଷିକ ସୁନା ବ୍ୟବହାର ୮ ଶହ ଟନରେ ପହଞ୍ଚିଛି



ନୂଆଦିଲ୍ଲୀ, ୩୦।୭: ସୁନା ମୂଲ୍ୟ ବେଳକୁ ବେଳ ଏବେ ଦ୍ରୁତ ଗତିରେ ବୃଦ୍ଧି ପାଇବାରେ ଲାଗିଛି, କିନ୍ତୁ ଏହା ସତ୍ତ୍ୱେ ବି, ଭାରତରେ ସୁନା ବ୍ୟବହାର ବୃଦ୍ଧି ପାଉଛି। ଭାରତରେ ବାର୍ଷିକ ସୁନା ବ୍ୟବହାର ୮ଶହ ଟନରେ ପହଞ୍ଚିଛି, ଯାହା ଚୀନରେ ବ୍ୟବହାରର ଦୁଇଗୁଣ ବୋଲି ଜଣାପଡିଛି। ଭାରତ ଏବଂ ଚୀନରେ ସୁନା ବ୍ୟବହାର ବିପରୀତ ଦିଗରେ ଗତି କରୁଥିବା ପରି ମନେ ହେଉଛି। ୨୦୧୩ ତୁଳନାରେ,ଚୀନରେ ସୁନା ବ୍ୟବହାର ୪୯ ପ୍ରତିଶତ ହ୍ରାସ ପାଇଛି। ସୁନାର ଉଚ୍ଚ ମୂଲ୍ୟ ଯୋଗୁଁ ଚୀନରେ ସୁନା ବ୍ୟବହାର ହ୍ରାସ ପାଇଛି। ଏହା ବ୍ୟତୀତ, ମନ୍ଥର ଅର୍ଥନୀତି ଯୋଗୁଁ ଚୀନରେ ସୁନା ବ୍ୟବହାର ମଧ ହ୍ରାସ ପାଇଛି। ୱାର୍ଲ୍ଡ ଗୋଲ୍ଡ କାଉନସିଲ୍ (ଚୀନ୍) ର ଗବେଷଣା ମୁଖ୍ୟ ରେ ଜିଆ କହିଛନ୍ତି ଯେ, ଭାରତର ପଡ଼ୋଶୀ ଦେଶରେ ସୁନାର ଚାହିଦା ହ୍ରାସ ପାଇଛି, କିନ୍ତୁ ମୂଲ୍ୟ ଦୃଷ୍ଟିରୁ, ଅଳଙ୍କାର ବ୍ୟବହାରରେ ବୃଦ୍ଧି ଘଟିଛି।୨୦୦୧ ରୁ ୨୦୧୩ ମଧ୍ୟରେ ଚୀନରେ ସୁନା ବ୍ୟବହାରରେ ୩୬୨ ପ୍ରତିଶତ ବୃଦ୍ଧି ଦେଖାଯାଇଛି। କିନ୍ତୁ ଯଦି ପରିମାଣ ଅର୍ଥାତ୍ ଓଜନ ଦୃଷ୍ଟିରୁ ଦେଖାଯାଏ, ତେବେ ୨୦୧୩ ମସିହାରୁ ଚୀନରେ ସୁନା ବ୍ୟବହାର ନିରନ୍ତର ହ୍ରାସ ପାଉଛି। ୨୦୧୩ ମସିହାରେ ଚୀନରେ ସୁନା ବ୍ୟବହାର ୯୩୯ ଟନ୍ ଥିଲା,ଯାହା ୨୦୨୪ ମସିହାରେ ମାତ୍ର ୪୭୯ ଟନରେ ସିମିତ ରହିଥିଲା। ଅନ୍ୟପକ୍ଷରେ, ଭାରତରେ ଗତ ବର୍ଷ ସୁନା ଚାହିଦା ୮୦୦ ଟନ୍ ଅତିକ୍ରମ କରିଥିଲା। ବିଶେଷ କଥା ହେଉଛି ଯେ ଭାରତରେ ମୂଲ୍ୟ ବୃଦ୍ଧି ସତ୍ତ୍ୱେ, ସୁନାର ଚାହିଦା ବୃଦ୍ଧି ପାଉଥିବା ବେଳେ ଚୀନରେ ସୁନା ବ୍ୟବହାର ହ୍ରାସ ପାଉଛି। ୨୦୨୪ ମସିହାରେ, ଭାରତରେ ସୁନା ବ୍ୟବହାର ଅର୍ଥାତ୍ ଚାହିଦା ୮୦୦ ଟନ୍ ଅତିକ୍ରମ କରିଥିଲା। ୱାର୍ଲଡ ଗୋଲ୍ଡ କାଉନସିଲ୍ ଅନୁଯାୟୀ,୨୦୨୫ ମସିହାର ପ୍ରଥମ ତ୍ରୈମାସିକରେ ଚୀନର ଗ୍ରାହକ ମାନେ ପ୍ରାୟ ୧ ଲକ୍ଷ କୋଟି ଟଙ୍କାର ସୁନା ଅଳଙ୍କାର କିଣିଥିଲେ। ଏହା ପୂର୍ବ ତ୍ରୈମାସିକ ତୁଳନାରେ ୨୯% ଅଧିକ, କିନ୍ତୁ ୨୦୨୪ ମସିହାର ପ୍ରଥମ ତ୍ରୈମାସିକ ତୁଳନାରେ କମ୍।

## ଟ୍ୟାକ୍ସ ଅଧିକ ହେବା କାରଣରୁ ଛାଡିଦେଲେ ୭୫ଲକ୍ଷ ଟଙ୍କାର ଚାକିରି ଅଫର




ନୂଆଦିଲ୍ଲୀ ୩୦।୭: ଜଣେ 'ରେଡିଟ୍' ୟୁଜରଙ୍କ ମାର୍ମିକ କଥା ସୋସିଆଲ ମିଡିଆରେ ବିତର୍କର କାରଣ ପାଲଟିଛି। ପ୍ରସଙ୍ଗ ଏକ ହାଇପ୍ରୋଫାଇଲ ଚାକିରୀର, ଯେଉଁଥିରେ ବାର୍ଷିକ ପ୍ୟାକେଜ୍ ୭୫ ଲକ୍ଷ ଟଙ୍କା ଅଫର ଥିଲା, କିନ୍ତୁ ୟୁଜର ଏଥିରେ ଖୁସି ନୁହନ୍ତି। କାରଣ ବର୍ଦ୍ଧିତ ଟ୍ୟାକ୍ସ ବୋଝ। ଏହି ୟୁଜରଙ୍କ ଏବେକା ବେତନ ବାର୍ଷିକ ୪୮ ଲକ୍ଷ ଟଙ୍କା, ଯାହା ଉପରେ ତାଙ୍କୁ ବାର୍ଷିକ ୧୨ ଲକ୍ଷଟଙ୍କା ଶୁଳ୍କ ଦେବାକୁ ପଡୁଛି। ଏଥିରେ ଯଦି ୟୁଜର ନୂଆ ପଦବୀରେ ଯୋଗ ଦିଅନ୍ତି ତେବେ ତାଙ୍କର ଏହି ଟ୍ୟାକ୍ସ ସିଧା ୨୨ଲକ୍ଷ ଟଙ୍କାକୁ ପହଞ୍ଚିଯିବ। ଅର୍ଥାତ ଦରମା ତ ବଢ଼ିବ ହେଲେ ହାତରେ ସଞ୍ଚୟ ହେଉଥିବା ପଇସାରେ ତାଙ୍କର ମାତ୍ର ୫୦% ପର୍ଯ୍ୟନ୍ତ ବଢ଼ିବ। ଏଣୁ ସେ ଉଚ୍ଚବେତନର ନୂତନ ନିଯୁକ୍ତିକୁ ଅଗ୍ରାହ୍ୟ କରିଦେଇଛନ୍ତି। ଏ ନେଇ ୟୁଜର କରିଥିବା ପୋଷ୍ଟରେ ଲେଖିଛନ୍ତି ଯେ ନୂଆ ପ୍ୟାକେଜରେ ଏପରି କୌଣସି ଆଲାଉନ୍ସ ଅଥବା ଟ୍ୟାକ୍ସ ବେନିଫିଟ ନାହିଁ ଯାହା ଦ୍ୱାରା ଟ୍ୟାକ୍ସ ହ୍ରାସ କରାଯାଇ ପାରିବ। ଏଣୁ ପରିଶ୍ରମ ତ ବଢ଼ିବ ତା ବଦଳେ ସେଭିଂସ କମ ହୋଇଯିବ। ୟୁଜର ପ୍ରଶ୍ନ କରିଛନ୍ତି ମୁଁ ଏତେ ପରିଶ୍ରମ କରିବି କାହିଁକି, ଯଦି ମୋତେ କୌଣସି ସରକାରୀ ସୁବିଧା ସୁଯୋଗ ନମିଳେ? ଏହି କାହାଣୀ ଏବେ ହଜାର ହଜାର ଲୋକଙ୍କୁ ସେମାନଙ୍କ ବ୍ୟଥା ସେୟାର କରିବାକୁ ବାଧ କରିଛି। ଅନେକ ଲୋକେ ଉଲ୍ଲେଖ କରିଛନ୍ତି ସେମାନେ ମଧ ଏହିପରି ଦ୍ୱିବିଧାରେ ଅଛନ୍ତି। ଏହି ପୋଷ୍ଟ ଏବେ ଭାରତର ଟ୍ୟାକ୍ସ ଷ୍ଟ୍ରକ୍ଚର ଉପରେ ପ୍ରଶ୍ନ ଚିହ୍ନ ଲଗାଇଛି। ଖାସ କରି ବୃତ୍ତିଯିବିଙ୍କ ଲାଗି ଯେଉଁମାନଙ୍କ ନିକଟରେ ଟ୍ୟାକ୍ସ ବଞ୍ଚାଇବାର ସୁବିଧା ସୀମିତ। ୟୁଜର ପ୍ରଶ୍ନ କରୁଛନ୍ତି ଯେତେବେଳେ ଭଲ ସ୍ୱାସ୍ଥ୍ୟ ସେବା, ଭଲ ଭିତ୍ତିଭୂମି ଓ ଉନ୍ନତ ସୁରକ୍ଷା ମିଳିପାରୁ ନାହିଁ ସେତେବେଳେ ଏତେ ଟ୍ୟାକ୍ସ ଦେବାର ମୂଲ୍ୟ କ'ଣ? ଏଥିରେ ଅନେକ ଲୋକେ ଏପରି ଅଫର ଗ୍ରହଣ କରିବା ବେଳେ ଷ୍ଟକ୍ ଅପସନ, ବୋନସ ଅଥବା ଅନ୍ୟ ସୁବିଧା ନେଇ ମଧ ନେଗୋସିଏସନ କରିବା ଦରକାର ବୋଲି ପରାମର୍ଶରେ କହିଛନ୍ତି। ଏଥିରେ କେତେକ ୟୁଜର ସଫାସଫା କହିଛନ୍ତି ଯେ ଯେଉଁଠି କାମ ଓ ଟ୍ୟାକ୍ସ ବୋଝ ଅଧିକ ସେଠାରେ ଏପରି ଅଫର ଛାଡିଦେବା ହିଁ ଭଲ। ଏବେ ଏହି ଚର୍ଚ୍ଚା କେବଳ ରିଡିଟ ପର୍ଯ୍ୟନ୍ତ ସୀମିତ ନାହିଁ। ଲୋକେ ପଚାରୁଛନ୍ତି ଯେତେବେଳେ ବେତନ ସହିତ ଟ୍ୟାକ୍ସ ବୋଝ ଅସମାନ୍ତର ଭାବେ ବଢେ ସେତେବେଳେ କ୍ୟାରିୟରରେ ଆଗକୁ ବଢ଼ିବା କଣ ସତରେ ଲାଭଜନକ?

## ବାୟୋମେଟ୍ରିକ୍‌ରେ ହେବ ୟୁପିଆଇ ପେମେଣ୍ଟ




ନୂଆଦିଲ୍ଲୀ, ୩୦।୭: ୟୁପିଆଇ ପେମେଣ୍ଟକୁ ଅଧିକ ସୁରକ୍ଷିତ ଓ ନିରାପଦ କରିବା ଲାଗି ଖୁବ୍‌ଶୀଘ୍ର ବାୟୋମେଟ୍ରିକ୍ ତଥ୍ୟ ଆଧାରିତ ସୁବିଧା ପ୍ରଦାନ କରାଯିବ। ବ୍ୟବହାରକାରୀମାନେ ନିଜ ଫିଙ୍ଗରପ୍ରିଣ୍ଟ (ଟିପଚିହ୍ନ) କିମ୍ବା ମୁଖମଣ୍ଡଳର ଫଟୋ ଭଳି ବାୟୋମେଟ୍ରିକ୍ ତଥ୍ୟ ଜରିଆରେ ପେମେଣ୍ଟ କରିପାରିବେ। ବର୍ତ୍ତମାନ ୟୁପିଆଇ ପେମେଣ୍ଟ ଲାଗି ବ୍ୟବହାରକାରୀମାନଙ୍କୁ ବ୍ୟକ୍ତିଗତ ପରିଚୟ ସଂଖ୍ୟା (ପିନ୍) ଦାଖଲ କରିବାକୁ ପଡୁଛି। ଆଗାମୀ ଦିନରେ ତାହା ଏକ ଅତିରିକ୍ତ ବିକଳ୍ପ ହୋଇରହିବ। ଅର୍ଥାତ ଯେଉଁମାନେ ଚାହିବେ, ସେମାନେ ପିନ୍ ବ୍ୟବହାର କରିପାରିବେ।

## କୋଲ ୱାସେରୀ ଖୋଲିବା ପାଇଁ ପ୍ରଶାସନ ତରଫରୁ ଜନଶୁଣାଣି କାର୍ଯ୍ୟକ୍ରମ




**ସୁନ୍ଦରଗଡ଼,୩୦।୭ (ସଂଚାର ବ୍ୟୁରୋ):** ସୁନ୍ଦରଗଡ଼ ଜିଲ୍ଲା ଲେଫ୍ରୀପଡଋ ବ୍ଲକ ଦେଉଳି ଗ୍ରାମରେ କୋଲ ୱାସେରୀ ଖୋଲିବା ପାଇଁ ପ୍ରଶାସନ ତରଫରୁ ବୁଧବାର ଦିନ ଗ୍ରାମବାସୀଙ୍କୁ ନେଇ ଏକ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଖଣି ଖୋଲିବା ସମୟରେ ଲୋକଙ୍କୁ ମିଳିଥାଏ ବିଭିନ୍ନ ପ୍ରକାରର ପ୍ରତିଶ୍ରୁତି, ନିଯୁକ୍ତି, ଅଞ୍ଚଳର ସମସ୍ୟା ସମାଧାନ ସହ ଉପଯୁକ୍ତ କ୍ଷତିପୁରଣ ଦେବାକୁ କମ୍ପାନୀ କର୍ତ୍ତୃପକ୍ଷ ଦେଇଥାନ୍ତି ପ୍ରତିଶ୍ରୁତି ମାତ୍ର ପରେ ଲୋକଙ୍କ ସମସ୍ୟା ବଢ଼ିବାରେ ଲାଗିଥାଏ, ଆଉ ଯେତେବେଳେ ନୂଆଁ କମ୍ପାନୀ ଖୋଲିବା ପାଇଁ ଜନଶୁଣାଣି ହେଉଛି ସେତେବେଳେ ଲୋକେ କହିଛନ୍ତି ସମସ୍ତ ସମସ୍ୟାର ସମାଧାନ କଲେ କମ୍ପାନୀ ଖୋଲିବାକୁ ଦେବେ ବୋଲି କହିଛନ୍ତି ଲୋକେ। ଦେଉଳି ଗ୍ରାମରେ ଗାଙ୍ଗପୁର ଉଦ୍ୟୋଗ ପ୍ରାଇଭେଟ ଲିମିଟେଡ ପକ୍ଷରୁ ଖୋଲିବାକୁ ଥିବା ଏକ କୋଲ ୱାସେରୀ ପାଇଁ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ପ୍ରଦୁଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଜନଶୁଣାଣୀ ଅତିରିକ୍ତ ଜିଲ୍ଲାପାଳ ଅଭିମନ୍ୟୁ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ତେବେ କମ୍ପାନୀ ଖୋଲିବା ସମୟରେ ମିଳିଥିବା ପ୍ରତିଶ୍ରୁତି ପରେ କାର୍ଯ୍ୟକାରୀ ହେଉ ନ ଥିବାରୁ ଲୋକେ କହିଥିଲେ, ସ୍ଥାନୀୟ ଯୁବକଙ୍କୁ ନିଯୁକ୍ତି ସହ ଉପଯୁକ୍ତ କ୍ଷତି ପୁରଣ ଦେଲେ କମ୍ପାନୀ ଖୋଲିଲେ କୌଣସି ଅସୁବିଧା ନାହିଁ ବୋଲି ଗ୍ରାମବାସୀ ମାନେ କହିଥିଲେ। ସେହି ଭଳି ଅତିରିକ୍ତ ଜିଲ୍ଲାପାଳ କହିଛନ୍ତି କମ୍ପାନୀ ଖୋଲିବା ପୁର୍ବରୁ ଆମେ ଲୋକଙ୍କ ମତାମତ ଲିଖିତ ଓ ମୌଖିକ ଭାବରେ ନେଇଛୁ, ଲୋକେ ରାଜି ହୋଇଛନ୍ତି ଏହାର ରିପୋର୍ଟ ରାଜ୍ୟ ସରକାରଙ୍କୁ ପଠାଇବୁ ବୋଲି କହିଥିବା ବେଳେ ଆଞ୍ଚଳିକ ପ୍ରଦୁଷଣ ଅଧିକାରୀ କହିଛନ୍ତି ଅନେକ ଲୋକ ବିଭିନ୍ନ ମତ ଦେଇଛନ୍ତି କମ୍ପାନୀ ଖୋଲିବା ପାଇଁ, ହେଲେ ସମସ୍ୟାର ସମାଧାନ କଲେ କୌଣସି ଅସୁବିଧା ନାହିଁ ବୋଲି କହିଛନ୍ତି ପ୍ରଦୁଷଣ ଅଧିକାରୀ ।

## ସାପ କାମୁଡ଼ାରେ ଦୁଇଜଣ ମୃତ

**ଫୁଲବାଣୀ,୩୦।୭ (ସଂଚାର ବ୍ୟୁରୋ):** ବିଷାକ୍ତ ସପା କାମୁଡ଼ାରେ ଦୁଇଜଣଙ୍କ ମୃତ୍ୟୁ ଘଟିଛି। କନ୍ଧମାଳ ଜିଲ୍ଲା ଗୋଛାପଡା ଥାନା ଏବଂ ଖଜୁରୀପଡା ଥାନା ଅଞ୍ଚଳର ଦୁଇଜଣଙ୍କୁ ଗତ ରାତିରେ ବିଷାକ୍ତ ସାପ କାମୁଡି ଦେଇଥିଲା। ଆଜି ସେମାନଙ୍କ ମୃତ୍ୟୁ ହୋଇଥିବା ଜଣା ପଡ଼ିଛି। ଗୋଛାପଡା ଥାନା ପଲ୍ଲାବୁଡ଼ି ପଞ୍ଚାୟତ ଶ୍ରୀଗୁଣି ଗାଁ ର ଲିମା ବିନ୍ଧାଣୀ ଗତ ରାତିରେ ପରିବାର ଲୋକଙ୍କ ସହ ଘରେ ଶୋଇଥିବା ବେଳେ ଏକ ବିଷାକ୍ତ ସାପ ତାଙ୍କ ମୁଣ୍ଡକୁ କାମୁଡି ଦେଇଥିଲା। ପରିବାର ଲୋକେ ତାଙ୍କୁ ପ୍ରଥମେ ଗୋଛାପଡା ମେଡିକାଲ ନେଇଥିଲେ ସେଠାରୁ ଆଜି ସକାଳୁ ଫୁଲବାଣୀ ମେଡିକାଲ ଅଣାଯାଇଥିଲା ମେଡିକାଲ ରେ ତାଙ୍କର ମୃତ୍ୟୁ ଘଟିଛି। ସେହିଭଳି ଖଜୁରୀପଡା ଥାନା ନୂଆଁ ଗାଁ ପଞ୍ଚାୟତ ଖଲିବେରେଣା ଗାଁ ର ମାନସା ହଂସ ଙ୍କୁ ଗତ ରାତିରେ ବିଷାକ୍ତ ସାପ କାମୁଡିବାରୁ ତାଙ୍କୁ ଫୁଲବାଣୀ ମେଡିକାଲ ଅଣା ଯାଇଥିଲା ତାଙ୍କର ମଧ୍ୟ ଚିକିତ୍ସାଧୀନ ଅବସ୍ଥାରେ ଆଜି ମୃତ୍ୟୁ ଘଟିଛି।

## ଜଳିଆପଡ଼ା ଗ୍ରାମ୍ୟ ବିବାଦ ଆପସ ସମାଧାନ



**କଣାସ,୩୦।୭(ସଂଚାର ବ୍ୟୁରୋ):** କଣାସ ବ୍ଲକ କଣାସ ଗ୍ରାମପଞ୍ଚାୟତର ଜଳିଆପଡ଼ା ଗ୍ରାମରେ କିଛିଦିନ ହେଲା ଏକ ପୋଖରୀ ପୋତାକୁ ନେଇ ବିବାଦ ଲାଗିରହିବା ତାହା ଉତେଜନା ପ୍ରକାଶ ପାଇବା ଜଣେ ଯୁବକର କାରକୁ ପୋଡିଦେବା, ପାନୀୟଜଳ ଯୋଗାଣ ହେଉଥିବା ପାଇପିକୁ କାଟିଦେବାକୁ ନେଇ ଧିରେ ଧିରେ ଗ୍ରାମରେ ଉତେଜନା ବଢ଼ିବାକୁ ଲାଗିଥିଲା। ପ୍ରକାଶ ଥାଉକି ଉକ୍ତ ଗ୍ରାମରେ ଥିବା ମା ମଙ୍ଗଳାଙ୍କ ପୀଠ ରାଜ୍ୟର ପର୍ଯ୍ୟଟନସ୍ଥଳ ଭାବେ ମାନ୍ୟତା ପାଇବା ପ୍ରତେକ ପୂଜାପାର୍ବଣ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ପାନ୍ତରରୁ ହଜାର ହଜାର ଭକ୍ତ ସମାଗମ ହେଉଥିବା ଗ୍ରାମବାସୀ ଚଳିବା ପାଇଁ ରାସ୍ତା ନ ଥିବା, ପୋଖରୀ ନ ଥିବାକୁ ନେଇ ତିବ୍ର ବିବାଦ ଲାଗିରହିଥିଲା। ଆଜି କଣାସ ତହସିଲଦାର ହେମାଂଶୁଶେଖର ଗିରିଙ୍କ ଅଧ୍ୟକ୍ଷତାରେ ତହଲିସି କାର୍ଯ୍ୟାଳୟ ସଭାଗୃହରେ ଏକ ବୈଠକ ବସିଥିଲା। ଏହି ବୈଠକରେ କଣାସ ଥାନା ଭାରପ୍ରାପ୍ତ ଅଧିକାରୀ ଦେବୀପ୍ରସାଦ ଲେଙ୍କା, କଣାସ ସରପଞ୍ଚ ଭଗବାନ ସୁବୁଦ୍ଧି, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଅଭିମନ୍ୟୁ ଜୟସିଂହ, କଣାସ ଅଞ୍ଚଳର ସମାଜସେବୀ ହାଡିବନ୍ଧୁ ପାଢ଼ୀ, ଶ୍ରୀକାନ୍ତ ପଟ୍ଟଯୋଷୀ, ସାମ୍ବାଦିକ ବିଭୂତି ଭୂଷଣ ତ୍ରିପାଠୀ, ସଞ୍ଜୟ କୁମାର ଭୋଳ, ସମାଜସେବୀ ହରିବନ୍ଧୁ ଭୋଳ, କାହ୍ନୁ ଜୟସିଂହ, ଜଳିଆପଡ଼ା ମା ମଙ୍ଗଳାଙ୍କ କାଳେସୀ ସୁରେନ୍ଦ୍ର ପଣ୍ଡା, ଜଳିଆପଡ଼ା ୱାର୍ଡ ସଭ୍ୟ ଶ୍ୟାମସୁନ୍ଦର ମହାରଣା ଓ ଗ୍ରାମବାସୀମାନେ ଉପସ୍ଥିତ ରହିଥିଲେ। ଉଭୟ ପକ୍ଷଙ୍କ ବୟାନ ଶୁଣିବା ପରେ କାଳେସୀ ଶ୍ରୀପଣ୍ଡା ଓ ଗ୍ରାମବାସୀମାନେ ଏକତ୍ରିତ ଗ୍ରାମରେ ବସି ଗ୍ରାମର କିପରି ଉନ୍ନତି ହେବ ଓ ମା ମଙ୍ଗଳାଙ୍କ ପୀଠ କିପରି ଚଳଚଞ୍ଚଳ ହୋଇ ଉଠିବ ସେଥିପାଇଁ ଆଲୋଚନା କରିବାକୁ ସରକାରୀ ଅଧିକାରୀ ଓ ଭଦ୍ରବ୍ୟକ୍ତିମାନେ କହିବାପରେ କାଳେସୀ ଗ୍ରାମବାସୀଙ୍କ ସହିତ ବସି ଆଲୋଚନା କରି ସମସ୍ତ କାର୍ଯ୍ୟ ସହମତୀ ରେ କରିବାପାଇଁ ସୂଚନା ଦେବାପରେ ଉଭୟ ପକ୍ଷଙ୍କ ମଧ୍ୟରେ ମିଳାମିଶା ହୋଇଥିଲା।

# ଅବ୍ୟବସ୍ଥାରେ ବସଷ୍ଟାଣ୍ଡ: ଧସିଲାଣି ପେଭର ବ୍ଲକ, ପଙ୍ଖା ଅଚଳ

- ବର୍ଷ କେଇଟାରେ ପରିସର କାଦୁଅ ପଚ ପଚ
- ସିସି କ୍ୟାମେରା ଲଗାଇବା ପାଇଁ ଦାବି




**ହିଞ୍ଜିଳିକାଟୁ,୩୦।୭ (ସଂଚାର ବ୍ୟୁରୋ):** ସହରକୁ ସରସ ସୁନ୍ଦର ଭାବେ ଗଢ଼ି ତୋଳିବା ପାଇଁ ତଥା ଯାତ୍ରୀ ମାନଙ୍କୁ ସୁବିଧା ପ୍ରଦାନ ପାଇଁ ହିଞ୍ଜିଳି ବିଧାୟକ ତଥା ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜ ନିର୍ବାଚନ ମଣ୍ଡଳୀ ପାଇଁ ପୌରପରିଷଦ ହିଞ୍ଜିଳିକାଟୁରେ ୩.୨୧ କୋଟି ଟଙ୍କା ବ୍ୟୟରେ ଏକ ବସ ଟର୍ମିନାଲ ନିର୍ମାଣ କରିଥିଲେ। ତେବେ ଏହା ଅବ୍ୟବସ୍ଥା ଘେରରେ ଗତି କରୁଛି। ବର୍ଷାଜଳ ନିଷ୍କାସନ ବ୍ୟବସ୍ଥା ନ ଥିବାରୁ ସାମାନ୍ୟ ବର୍ଷା ହେଲେ ବସଷ୍ଟାଣ୍ଡ ପରିସର ପୋଖରୀ ଭ୍ରମ ସୃଷ୍ଟି ହେଉଛି। କେଉଁଟି ପଙ୍ଖା ବୁଲୁନି ତ ଆଉ କେଉଁଟି ପେଭର ବ୍ଲକ ଧସିଲାଣି। ରାତ୍ର ସମୟରେ ଗାଈଗୋରୁ ଶୋଇ ଗୁହାଳ ପାଲଟିଯାଉଛି।ସକାଳୁ ସକାଳୁ ଯାତ୍ରୀ ମାନେ ପ୍ରବେଶ କରିବା ମାତ୍ରେ ଦୁର୍ଗନ୍ଧରେ ନାକ ଫାଟୁଛି।ବିଭିନ୍ନ ଆଡୁ ବହୁ ବହୁ ମହିଳା ଛୋଟ ପିଲା ଯିବା ଆସିବା କରୁଥିବା ବେଳେ ସେମାନଙ୍କ ସୁରକ୍ଷା ପାଇଁ ବସଷ୍ଟାଣ୍ଡ ମଧ୍ୟରେ ଆବଶ୍ୟକୀୟ ସଂଖ୍ୟକ ସିସିଟିଭି ନାହିଁ ଯାହାଦ୍ୱାରା ରୋଡ଼ ରୋମିଓଙ୍କ ଉତ୍ପାତ ଦିନକୁ ଦିନ ବଢୁଛି। ତେବେ ଗତ କିଛି ଦିନ ତଳେ ହିଞ୍ଜିଳିକାଟୁରେ ଲଗାଣ ବର୍ଷା ହୋଇଥିବା ବେଳେ ବସଷ୍ଟାଣ୍ଡ ପରିସର କୃତ୍ରିମ ପୋଖରୀର ଭ୍ରମ ସୃଷ୍ଟି ହୋଇଥିଲା। ପରେ ବସ ଟର୍ମିନାଲ ପରିସରକୁ ପ୍ରବେଶ କରିଥିଲା ଶହ ଶହ ବସ ଓ ପ୍ରବେଶ ବେଳେ ପରିସର ଆହୁରି ସନ୍ତସନ୍ତିଆ ହୋଇଯାଇଥିଲା ଓ ଏନେଇ ଜୁନ ୧୭ ତାରିଖରେ ଦୈନିକ ସଂଚାର ଖବର କାଗଜରେ ପ୍ରକାଶିତ ହୋଇଥିଲା ଉକ୍ତ ଖବର। ଖବର ପ୍ରକାଶିତ ହେବା ପରେ ପ୍ରଶାସନ ତତ୍ପରତା ଦେଖାଇ ସିମେଣ୍ଟ ଡଷ୍ଟ ପକାଇ ସମତୁଲ କରିଥିଲେ। କିନ୍ତୁ ଆଗାମୀ ଦିନରେ ବର୍ଷାଜଳ ନିଷ୍କାସନର ବ୍ୟବସ୍ଥାର ସ୍ଥାୟୀ ସମାଧାନ ସହ ଡ୍ରେନେଜ ବ୍ୟବସ୍ଥା କରିବାକୁ ସହରବାସୀ ଦାବି କରିଛନ୍ତି। ତେବେ ବସ ଟର୍ମିନାଲ ନିକଟରେ ରହିଛି ପୌରପରିଷଦ କାର୍ଯ୍ୟାଳୟ କିନ୍ତୁ ବାରମ୍ବାର ଏହି ସମସ୍ୟା ଅଧିକାରୀ ଠାରୁ ଆରମ୍ଭ କରି ଯାତ୍ରୀ ମାନେ ଆଖିରେ ଦେଖୁଥିଲେ ମଧ୍ୟ ସ୍ଥାୟୀ ସମାଧାନ କେମିତି ହୋଇପାରୁନି ତାହା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରୁଛି।

## ଅଗଷ୍ଟ ୨ରେ ସମସ୍ତ ଡାକଘର ସେବା ବନ୍ଦ

**ଭବାନୀପାଟଣା,୩୦।୭ (ସଂଚାର ବ୍ୟୁରୋ):** ଆସନ୍ତା ଅଗଷ୍ଟ ୨ ତାରିଖରେ ଭବାନୀପାଟଣା ପ୍ରଧାନ ଡାକଘର, ନୂଆପଡ଼ା ମୁଖ୍ୟ ଡାକଘର ଏବଂ କଳାହାଣ୍ଡି ଓ ନୂଆପଡ଼ା ଜିଲ୍ଲା ଅଧିନସ୍ଥ ସମସ୍ତ ଉପଡାକଘର ଓ ଶାଖା ଡାକଘରରେ ଡାକସେବା ବନ୍ଦରହିବ। ଡାକବିଭାଗ ଦ୍ୱାରା ବର୍ତ୍ତମାନ ବ୍ୟବହୃତ ଏସ୍‌ଏପି (ଝଇଚ (ଏସ ଏ ପି ) ସଫ୍ଟୱେୟାର୍ ବଦଳରେ ନିଜସ୍ୱ ଜ୍ଞାନ କୌଶଳରେ ନିର୍ମିତ ଆଧୁନିକ ଡ଼ାକବ୍ୟବସ୍ଥା ଓ ପ୍ରଯୁକ୍ତି (ଆଇଟି ୨.୦ ସଫ୍ଟୱେୟାର୍) ପ୍ରଚଳିତ ହେବାକୁ ଯାଉଛି। ଭବାନୀପାଟଣା ପ୍ରଧାନ ଡାକଘର, ନୂଆପଡ଼ା ମୁଖ୍ୟ ଡାକଘର ଓ ଏହାର ଅଧିନସ୍ଥ ସମସ୍ତ ଉପଡାକଘର ଓ ଏମାନଙ୍କ ଅଧିନସ୍ଥ ସମସ୍ତ ଶାଖା ଡାକଘରରେ ଆସନ୍ତା ମାସ ଅଗଷ୍ଟ ୪ ତାରିଖରୁ ଏହି ସଫ୍ଟୱେୟାର୍ ପ୍ରଚଳନ ଦ୍ୱାରା ଡାକସେବା ଅଧିକ ତ୍ୱରାନ୍ୱିତ ହେବା ସଙ୍ଗେ ସଙ୍ଗେ ନେଟ୍‌ୱାର୍କ ସମସ୍ୟାର ସମାଧାନ ହୋଇପାରିବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷହୋଇଛି। ଏଣୁ ବିଭାଗୀୟ ନିର୍ଦ୍ଦେଶ ଅନୁସାରେ ବୈଷୟିକ କାରଣରୁ ଡାକସେବା ବନ୍ଦରହିବ ବୋଲି କଳାହାଣ୍ଡି ଡାକମଣ୍ଡଳ ଡାକ ଅଧୀକ୍ଷକ ସୁଶାନ୍ତ କୁମାର ପାଣିଗ୍ରାହୀ ସୂଚନା ଦେଇଛନ୍ତି।

# 'ଆରୋଗ୍ୟ ପଥେ'ରେ ତାଲିମ ନେଲେ ୧୬୫ ଆଶା କର୍ମୀ



**ଫୁଲବାଣୀ,୩୦।୭ (ସଂଚାର ବ୍ୟୁରୋ):** ରାଜ୍ୟରେ ଗ୍ରାମାଂଚଳ ରେ ଦିଆଯାଉଥିବା ସ୍ୱାସ୍ଥ୍ୟ ସେବା ର ବ୍ୟବସ୍ଥାକୁ ସୁଦୃଢ଼ି କରଣ ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ଜାରି ଥିବା ବେଳେ ସରକାର ଆଗଧାଡିର ସ୍ୱାସ୍ଥ୍ୟ କର୍ମୀ ମାନଙ୍କୁ ତାଲିମ ମାଧ୍ୟମରେ ଶସକ୍ତ କରିବାକୁ ଚେଷ୍ଟା ଜାରି ରଖିଛନ୍ତି। ଏହି ପରିପ୍ରେକ୍ଷୀ ରେ "ଆରୋଗ୍ୟ ପଥେ" ଶିର୍ଷକ ଅଂଶଗ୍ରହଣମୂଳକ ପ୍ରଶିକ୍ଷଣ ପଦ୍ଧତି ରେ ଫିରିଙ୍ଗିଆ ବ୍ଲକ୍ ଆଶା କର୍ମୀ ମାନଙ୍କୁ ତାଲିମ ଦିଆଯାଇଛି। ଜୁଲାଇ ୧୦ ତାରିଖ ଠାରୁ ଆରମ୍ଭ ହୋଇ ଜୁଲାଇ ୩୦ ତାରିଖରେ ଶେଷ ହିଇଥିବା ତାଲିମ୍ କାର୍ଯ୍ୟକ୍ରମରେ ଫିରିଙ୍ଗିଆ ର ବିଭିନ୍ନ ପଞ୍ଚାୟତ ରୁ ୦୫ ଗୋଟି ବ୍ୟାଚ୍ ରେ ୧୬୫ ଜଣ ଆଶା ଯୋଗ ଦେଇ ତାଲିମ୍ ନେଇଥିଲେ। ବନ୍ଧଗଡ଼ ସ୍ଥିତ ସ୍ୱାତୀ ଅନୁଷ୍ଠାନ ଙ୍କ ତାଲିମ୍ କେନ୍ଦ୍ର ଠାରେ ଅନୁଷ୍ଠିତ ଏହି ତାଲିମ୍ ଗୁଡିକରେ ତାଲିମ ଦାତା ଭାବେ ଡାକ୍ତର. ରମାକାନ୍ତ ଧାଉଣ୍ଡିଆ, ଡାକ୍ତର. ଦେବପ୍ରିୟ ଦଳାଇ ଓ ଫିରିଙ୍ଗିଆ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରର ଜନ ସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀ ସଜନୀ ପ୍ରଧାନ ଉପସ୍ଥିତ ରହି ବିଭିନ୍ନ କୌଶଳରେ ତାଲିମ୍ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ର ମୂଖ୍ୟ ଲକ୍ଷ୍ୟ ଥିଲା ଆଶା କର୍ମୀ ମାନଙ୍କର ଦକ୍ଷତା ବୃଦ୍ଧି କରି ବିଭିନ୍ନ ଗ୍ରାମ୍ୟ ସ୍ତରୀୟ ବୈଠକ ମାଧ୍ୟମରେ ଜନସାଧାରଣ ଙ୍କୁ ସ୍ୱାସ୍ଥ୍ୟ ସଚେତନତା ବାର୍ତା ଦେଇ ସଚେତନ କରିବା ଓ ସମସ୍ତଙ୍କୁ ସୁସ୍ଥ ଓ ନିରୋଗୀ ରଖିବା। ଫିରିଙ୍ଗିଆ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ର ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରବୋଧ କୁମାର ପ୍ରଧାନ ଙ୍କ ସହାୟତା ଓ ଜିଲ୍ଲା କମ୍ୟୁନିଟି ପ୍ରୋସେସ୍ ର ସହାୟକ ପରିଚାଳକ ଯସୋଶ୍ୱିନି ସାହାଣୀ ଙ୍କ ତତ୍ୱାବଧାନରେ ଆନୁଷ୍ଠିତ ଏହି ତାଲିମ୍ ଗୁଡିକରେ ବିଭିନ୍ନ ଦିବସରେ ଜାତୀୟ ସ୍ୱାସ୍ଥ୍ୟ ମିଶନ୍ ଜିଲ୍ଲା ପରିଚାଳକ ଗୀତାଞ୍ଜଳୀ ଦାସ, ସହରାଂଚଳ ସ୍ୱାସ୍ଥ୍ୟ ଅତିରିକ୍ତ କାର୍ଯ୍ୟକ୍ରମ ପରିଚାଳକ ନରେନ୍ଦ୍ର କୁମାର ପାଲୋ, ଜିଲ୍ଲା ଅଣ ସଂକ୍ରାମକ ରୋଗ ସହାୟକ ପରିଚାଳକ ଅଶୋକ କୁମାର ସାହୁ ଉପସ୍ଥିତ ରହି ଆଶା ମାନଙ୍କୁ ଉତ୍ସାହିତ କରିବା ସହିତ ସ୍ୱାସ୍ଥ୍ୟ ସେବାରେ ଗ୍ରାମାଂଚଳ ପାଇଁ ଥିବା ସୁଯୋଗ ଓ ପରିଚାଳନା ଗତ ସୁବିଧା ବିଷୟରେ ସୂଚନା ଦେଇଥିଲେ। ତତ୍‌ସହିତ ରାଜ୍ୟ ସ୍ତରରୁ ମଧ୍ୟ କମ୍ୟୁନିଟି ପ୍ରୋସେସ୍ ସଂଯୋଜକ ବିମଳେନ୍ଦୁ ପଟ୍ଟନାୟକ ସଂପୂର୍ଣ୍ଣ ତାଲିମ୍ ରୁ ଦୁଇଦିନ ଯୋଗ ଦେଇ ଆଶା ମାନଙ୍କୁ ଗାଁରେ ବୈଠକ ପରିଚାଳନା କରିବାର ବିଭିନ୍ନ ପ୍ରକ୍ରିୟା ଗୁଡିକ ବିଷୟରେ ଶିଖାଇ ଥିଲେ। ଜାତୀୟ ସ୍ୱାସ୍ଥ୍ୟ ମିଶନ୍ ବ୍ଲକ୍ ପରିଚାଳନା ୟୁନିଟ୍ ତରଫରୁ କାର୍ଯ୍ୟକ୍ରମ ପରିଚାଳକ ହରଗୋବିନ୍ଦ ଜାନୀ ପରିଚାଳନା ରେ ସଂପୂର୍ଣ୍ଣ ସହଯୋଗ କରିଥିବା ବେଳେ ସ୍ୱାତୀ ଅନୁଷ୍ଠାନ ତରଫରୁ ନିରୁପମା କହଁର, ସ୍ନେହଲତା ପ୍ରଧାନ ଓ ସିବାନୀ କହଁର ପ୍ରମୁଖ ସହାୟତା କରିଥିଲେ।

# କଂଗ୍ରେସ ଓ ବିଜେଡି ନେତାଙ୍କ ରେକର୍ଡ ବଳାତ୍କାର

## ପ୍ରତିବାଦରେ ବିଜେପି କାର୍ଯ୍ୟକର୍ତ୍ତାଙ୍କ ବିକ୍ଷୋଭ ପ୍ରଦର୍ଶନ




**ସୁବର୍ଣ୍ଣପୁର,୩୦।୭(ସଂଚାର ବ୍ୟୁରୋ):** ପୂର୍ବତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଦାସ ଙ୍କ କୁଶ ପୁତ୍ତଳିକା ଦାହ କରିଛି ସୁବର୍ଣ୍ଣପୁର ବିଜେପି। ଆଜି ସନ୍ଧ୍ୟାରେ ସୋନପୁର ଭାଜପା ତରଫରୁ ସଦର ବିଜୁ ପଟ୍ଟନାୟକ ଛକ ଠାରେ କଂଗ୍ରେସ ଓ ବିଜେଡି ଦଳ ର ଶାସନ ସମୟ ରେ ହୋଇଥିବା ନାରୀ ନିର୍ଯ୍ୟାତନା ଓ ଅସଂଖ୍ୟ ବଳାତ୍କାର ଘଟଣା ପ୍ରତିବାଦ ରେ ବିଜେଡି ସଭାପତି ନବୀନ ପଟ୍ଟନାୟକ ଓ ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଦାସ ଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି। ଏହି ସମୟ ରେ ନବୀନ ପଟ୍ଟନାୟକ ଙ୍କ ନେତୃତ୍ୱାଧୀନ ୨୫ ବର୍ଷ ରେ ହୋଇଥିବା ନାରୀ ନିର୍ଯ୍ୟାତନା କୁ ମନେ ପକେଇ ଓ ଧର୍ଷଣ ଅଭିଯୋଗରେ ନିକଟ ରେ ଜେଲ୍ ଯାଇଥିବା ରାଜଧାନୀ ର ବି ଜେ ଡି କର୍ପୋରେଟର ଅମରେଶ ଜେନା ଓ କଟକ ଛାତ୍ର କଂଗ୍ରେସ ସଭାପତି ଉଦିତ ପଧାନ ଙ୍କୁ ବିରୋଧ କରି ବିଜେପି କର୍ମୀ ବିଭିନ୍ନ ନାରା ଦେବା ସହ ସ୍ଲୋଗାନ ମାନ ଦେଇଥିବା ଦେଖିବାକୁ ମିଳିଥିଲା। ବଳାତ୍କାର ପ୍ରତିଯୋଗିତା ଲେଖାଥିବା ଏକ ବ୍ୟାନର କୁ ହାତ ରେ ଧରି ଉଭୟ ବିଜେଡି ଓ କଂଗ୍ରେସ ବିରୋଧରେ ଗର୍ଜିଥିଲେ ସୁବର୍ଣ୍ଣପୁର ଜିଲ୍ଲାର ବିଜେପି କାର୍ଯ୍ୟକର୍ତ୍ତା। ଓ ନବୀନ ପଟ୍ଟନାୟକ ଓ ଭକ୍ତ ଦାସ ଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। ଜିଲ୍ଲା ବିଜେପି ସଭାପତି ବେଣୁଧର ଦାସ ଙ୍କ ନେତୃତ୍ୱ ରେ ବିଧାୟକ ପ୍ରାର୍ଥୀ ପ୍ରମୋଦ ମହାପାତ୍ର, ପ୍ରାକ୍ତନ ଜିଲ୍ଲା ପରିଷଦ ଅଧକ୍ଷା ଉଷା କୁମାରୀ, ଯୁବ ମୋର୍ଚ୍ଚା ସଭାପତି ସ୍ୱରୂପ ପାତ୍ର, ନଗର ମଣ୍ଡଳ ସଭାପତି ସୁରେଶ ବିଶ୍ୱାଳ, କାଉନସିଲର ଗଙ୍ଗା ତରିଆ, ଗଣେଶ ସାହୁ, ତ୍ରିଲୋଚନ ତରିଆ ପ୍ରମୁଖ ଶତାଧିକ ବିଜେପି ନେତା କର୍ମୀ ଯୋଗ ଦେଇଥିଲେ ।

## ଚନ୍ଦନ ଜୁଏଲାର୍ସ ପକ୍ଷରୁ ବୀର ଯବାନ ମାନଙ୍କ ପାଇଁ ରାକ୍ଷୀ ପଠାଇ ଯୋଡ଼ିଲା ସମ୍ପର୍କ



**ଯାଜପୁର ରୋଡ଼,୩୦।୭(ସଂଚାର ବ୍ୟୁରୋ):** ଆଗାମୀ ରାକ୍ଷୀପୂର୍ଣ୍ଣିମା ଉତ୍ସବ ଅବସରରେ ବ୍ୟାସନଗର ପୌରାଅଞ୍ଚଳ ସହରରେ ଥିବା ଚନ୍ଦନ ଜୁଏଲାର୍ସ ତରଫରୁ ଭାରତ ଦେଶର ସିମାରେ ଦେଶବାସୀଙ୍କୁ ସୁରକ୍ଷା ଯୋଗାଉଥିବା ବିର ଜବାନ ମାନଙ୍କ ପାଖକୁ ରାକ୍ଷୀ ପୂର୍ଣ୍ଣିମା ଉପଲକ୍ଷେ ରାକ୍ଷୀ ପଠାଇ ସହରବାସୀଙ୍କୁ ଦେଇଅଛି ଏକ ନିଆରା ଅନୁଭୂତି। ଏହି ସହରର ଗ୍ରାହକ ମାନଙ୍କ ପାଇଁ ଚନ୍ଦନ ଜୁଏଲାର୍ସ ସାଜିଛି ଭାଇ-ଭୋଉଣି ସମ୍ପର୍କର ମାନେ ବୁଝାଉଥୁବା ଏକ ପ୍ରେରଣାର ଉତ୍ସ। ରକ୍ଷାବନ୍ଧନ ଉପଲକ୍ଷେ ଚନ୍ଦନ ଜୁଏଲାର୍ସରେ କାର୍ଯ୍ୟରତ ସମସ୍ତ ଭଉଣୀ ମାନେ ସିମାର ବୀର ସୈନିକ ମାନଙ୍କୁ ରାକ୍ଷୀ ପ୍ରେରଣ କରି ନିଜେ ଖୁସି ଅନୁଭବ କରିବା ସହିତ ଅନ୍ୟ ମାନଙ୍କ ପାଇଁ ପ୍ରେରଣାର ଉତ୍ସ ସାଜିଥିବା କହିଛନ୍ତି। ନିଜ ପରିବାର ଛାଡି ଆମ ପାଇଁ ନିଜକୁ ଉତ୍ସର୍ଗ କରି ଆମକୁ ସୁରକ୍ଷା ଦେଉଥିବା ବୀର ଯବାନଙ୍କ ପାଇଁ ଏ ହେଉଛି ଚନ୍ଦନ ଜୁଏଲାର୍ସର ଏକ ନିଆରା ପ୍ରୟାସ। ଏଭଳି ପ୍ରୟାସକୁ ସାଧାରଣରେ ପ୍ରଶଂସା କରାଯାଉଥିବା ଦେଖିବାକୁ ମିଳୁଛି।ଏଥିସହିତ ଚନ୍ଦନ ଜୁଏଲାର୍ସ ତାର ଗ୍ରାହକ ମାନଙ୍କ ପାଇଁ ରକ୍ଷାବନ୍ଧନ ଉପଲକ୍ଷେ ସୁନାରେ ନିର୍ମିତ ଏକ ନୂତନ ଆକର୍ଷଣୀୟ ରାକ୍ଷୀ ଯାହାର ସର୍ବନିମ୍ନ ମୂଲ୍ୟ ୧୫ ହଜାର ଟଙ୍କାରୁ ଆରମ୍ଭ ହୋଇଥିବା କଥା ଅନୁଷ୍ଠାନର ସ୍ୱତାଧିକାରୀ ଶ୍ରୀ ରଞ୍ଜନ କୁମାର କର୍ମାକର ସୂଚନା ଦେଇଥିଲେ। ଏଥିସହିତ ଚନ୍ଦନ ଜୁଏଲାର୍ସ ତାର କିଛି ସ୍ଥାଇ ଗ୍ରାହକ ମାନଙ୍କୁ ନେଇ ଏଇ ପରିପ୍ରେକ୍ଷୀରେ ଏକ ବନ୍ଧୁ ମିଳନର କାର୍ଯ୍ୟକ୍ରମର ଆୟୋଜନ କରିଥିବା ଦେଖିବାକୁ ମିଳିଥିଲା। ଆଜିର ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନ ତରଫରୁ ସେମାନଙ୍କୁ କିଛି ଉପହାର ଦେବା ସହିତ ତାର ନୂତନ ପ୍ରଡ଼କ୍ଟ ବିକ୍ରୟର ଶୁଭାରମ୍ଭ କରାଯାଇଥିଲା।

## ଗ୍ୟାସ ଲିକ୍‌ରୁ ଅଘଟଣ, ୪ ଆହତ



**ହିଞ୍ଜିଳିକାଟୁ,୩୦।୭ (ସଂଚାର ବ୍ୟୁର):** ହିଞ୍ଜିଳିକାଟୁ ପୌରାଞ୍ଚଳସ୍ଥିତ ୧୧ନଂ ୱାର୍ଡରେ ସନ୍ଧ୍ୟା ସମୟରେ ଗ୍ୟାସ ଲିକରୁ ଦୁର୍ଘଟଣା ଘଟି ଗୋଟିଏ ପରିବାରର ୪ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ବିପ୍ଳବ ମହାରଣା (୬୦), ସଂଯୁକ୍ତା ମହାରଣା(୪୫), ପ୍ରାଚୀ ମହାରଣା (୧୬) ଓ ପ୍ରିୟା ମହାରଣା (୧୪)। ଘଟଣାସ୍ଥଳରେ ହିଞ୍ଜିଳି ଦମକଳବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା।ସ୍ଥାନୀୟ ଲୋକେ ଆହତଙ୍କୁ ପ୍ରଥମେ ହିଞ୍ଜିଳି ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଦୁଇ ଝିଅଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ଥିବା ବେଳେ ବାପା ଓ ମା' ଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।

## ସ୍ୱାତୀ ତରଫରୁ ବିଭିନ୍ନ ବିଦ୍ୟାଳୟରେ ଫଳ ଚାରା ରୋପଣ




**ଫୁଲବାଣୀ,୩୦।୭ (ସଂଚାର ବ୍ୟୁରୋ):** ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ଦୁନିଆରେ ସବୁ କିଛି ଅନିୟମିତତା ଭିତରେ ଗତିକରୁଥିବା ବେଳେ ବର୍ତମାନ ଅଧିକରୁ ଅଧିକ ଗଛ ଲଗାଇବା ଆବଶ୍ୟକତା ଅଛି। ଏଣୁ ଜଙ୍ଗଲ ବିଭାଗ ତରଫରୁ ଜୁଲାଇ ମାସରେ ବନ ସୁରକ୍ଷା ସପ୍ତାହ ପାଳନ କରାଯାଉଛି। ଏହାକୁ ଆଖିଆଗରେ ରଖି ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଟିକାବାଲି ବ୍ଲକ୍ ର ବିଭିନ୍ନ ବିଦ୍ୟାଳୟରେ ଚାରା ରୋପଣ କାର୍ଯ୍ୟକ୍ରମ ଆୟୋଜିତ କରିଛନ୍ତି। ଗୁଞ୍ଜ୍ ଅନୁଷ୍ଠାନ ଙ୍କ ଅନୁରୋଧ ଓ ଜିଲ୍ଲା ଜଙ୍ଗଲ ବିଭାଗ ଙ୍କ ଜରିଆରେ ବିଭିନ୍ନ ଯଥା- ପିଜୁଳି, ପଣସ, ଅଁଳା, ଅମୃତଭଣ୍ଡା ଓ ଜାମୁ ଇତ୍ୟାଦି ଚାରା ବିଦ୍ୟାଳୟ ରେ ଲଗାଇବା ପାଇଁ ଦିଆ ଯାଇଥିଲା। ଏହି କାର୍ଯ୍ୟକ୍ରମ ର ମୂଖ୍ୟ ଉଦ୍ଦେଶ୍ୟ ବିଦ୍ୟାଳୟରେ ଚାରା ରୋପଣ କରି ବିଦ୍ୟାଳୟ ପରିବେଶ କୁ ଶୌନ୍ଦର୍ଯ୍ୟ କରିବା ସହିତ ଜୈବ ବିଭିଦତା ର ସନ୍ତୁଳନ ରକ୍ଷା କରିବା ଏବଂ ଜଳବାୟୁ ପରିବର୍ତନ ଦ୍ୱାରା ସମାଜ ରେ ପଡୁଥିବା କୁ ପ୍ରଭାବ କୁ ରୋକିବା। ସୂଚନା ଅନୁସାରେ ଆଜି ବଡିମୁଣ୍ଡା, ପିକରଡି ଓ କଟିମାହା ଉଚ୍ଚ ବିଦ୍ୟାଳୟ ଗୁଡିକରେ ୨୦୦ ରୁ ଅଧିକ ଚାରା ଗଛ ରିପଣ କରିବା ସହିତ ଏହାର ରକ୍ଷଣା ବେକ୍ଷଣ ଦାୟିତ୍ୱ ବିଦ୍ୟାଳୟର ଛାତ୍ର/ଛାତ୍ରୀ ମାନଙ୍କୁ ଅର୍ପଣ କରିବା ଉଦ୍ଦେଶ୍ୟରେ ଗୁଞ୍ଜ୍ ଅନୁଷ୍ଠାନ ତରଫରୁ କିଛି ବିଦ୍ୟାଳୟ କିଟ୍ ପିଲାମାନଙ୍କୁ ବଂଟା ଯାଇଥିଲା।

## ମାଲଦା ପଞ୍ଚାୟତରେ ଡାଇରିଆ ସ୍ଥିତି ନିୟନ୍ତ୍ରଣାଧୀନ ପ୍ରଶାସନ ପକ୍ଷରୁ ବ୍ୟାପକ ପଦେକ୍ଷେପ



**ବୋରିଗୁମ୍ମା,୩୦।୭ (ସଂଚାର ବ୍ୟୁର):** କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ମାଲଦା ପଞ୍ଚାୟତରେ ଡାଇରିଆ ସଂକ୍ରମଣ ନିୟନ୍ତ୍ରଣାଧୀନ ରହିଛି। ଏହି ସଂକ୍ରମଣ ଯେପରି ନ ବ୍ୟାପିବ, ସେଥିପାଇଁ ବ୍ଲକ ପ୍ରଶାସନ ଓ ବୋରିଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ବିଭିନ୍ନ ପ୍ରତିଷେଧମୂଳକ ପଦେକ୍ଷେପ ଗ୍ରହଣ କରାଯାଇଛି। ଏବଂ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ଦ୍ୱାରା ଲୋକଙ୍କୁ ସଚେତନ କରାଯାଉଛି ଏଥିସହିତ ପ୍ରଶାସନ ପକ୍ଷରୁ ପ୍ରାଥମିକ ତଦନ୍ତରେ ଦୂଷିତ ପାନୀୟ ଜଳ ଯୋଗୁଁ ଡ଼ାଇରିଆ ବ୍ୟାପିବା ଆଶଙ୍କା କରି ବୋରିଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡା. ଶ୍ରୀକାନ୍ତ କୁମାର ଶତପଥୀ ଙ୍କ ଉପସ୍ଥିତିରେ କୂପ, ନଳକୂପ ରୁ ଜଳର ନମୁନା ସଂଗ୍ରହ କରି ଜୟପୁର ସ୍ଥିତ ଆଇପିଏଚଏଲ ଲ୍ୟାବକୁ ପଠା ଯାଇଥିବା କହିଛନ୍ତିଜ୍ଝ୍ ଏବଂ ଜଳରେ ହାଲୋଜିନ ବଟିକା ପକାଇ ପାନୀୟ ଜଳ ଭାବେ ବ୍ୟବହାର କରିବା ଭଳି ବ୍ୟାପକ ବିଶୋଧନ ପଦକ୍ଷେପ ଗ୍ରହଣ କରାଯାଇଛି। କୂପ, ଗଭୀର ନଳକୂପ ଓ ଜଳଉତ୍ସ ମାନଙ୍କରେ ବିଶୋଧନ କରାଯାଇଛି ଓ ନିୟମିତ ବଜାରରେ ମିଳୁଥିବା ଖାଦ୍ୟ ପଦାର୍ଥର ଯାଞ୍ଚ ହେବା ସହିତ ଯେଉଁମାନେ ବାସି ଖାଦ୍ୟ ବିକୁଛନ୍ତି ସେମାନଙ୍କୁ ନ ବିକିବାକୁ ତାଗିଦ କରାଯାଇଛିଜ୍ଝ୍ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ଦ୍ୱାରା ଲୋକଙ୍କୁ ସଚେତନତା କରାଯାଇଛି। ଏଥିସହିତ ଡାଇରିଆର ମୁକାବିଲା ପାଇଁ ପ୍ରାଥମିକ ଆରୋଗ୍ୟ ସ୍ୱାସ୍ଥ୍ୟକେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଧିକ ଡାକ୍ତରଙ୍କୁ ନିୟୋଜିତ କରିବା ସହ ଆବଶ୍ୟକୀୟ ଔଷଧ ଗଚ୍ଛିତ ରଖାଯାଇଛି। ତେବେ ଜିଲ୍ଲାର ବୋରିଗୁମ୍ମା ବ୍ଲକର ମାଲଦା ଗ୍ରାମରେ ୩ ରୁ ୫ ଜଣ ଡାଇରିଆରେ ସଂକ୍ରମିତ ହୋଇଥିବା ନେଇ ଖବର ପ୍ରକାଶ ପାଇଥିଲା। ପୂର୍ବାହ୍ନରେ ବ୍ଲକ ମୁଖ୍ୟ ଚିକିତ୍ସାଧିକାରୀ ଶ୍ରୀକାନ୍ତ ଶତପଥୀ, ଡାକ୍ତର ଦିଲିପ କୁମାର ନାଥ, ଓ କୋଟପାଡ଼ ବିଧାୟକ ରୁପୁ ଭତ୍ରା, ବିନାୟକ ଆଚାର୍ଯ୍ୟ, ରାମକୃଷ୍ଣ ଭତ୍ରା, ଓ ବୋରିଗୁମ୍ମା ବ୍ଲକ ପ୍ରଶାସନ ପ୍ରମୁଖ ସେହି ଅଞ୍ଚଳର ମାଲଦା ଗ୍ରାମର ଆରୋଗ୍ୟ ସ୍ୱାସ୍ଥ୍ୟକେନ୍ଦ୍ର ଯାଇ ସେଠାରେ ବାସ୍ତବିକ ସ୍ଥିତି ଅନୁଧ୍ୟାନ କରିଥିଲେ।

## ଜିଲ୍ଲାପାଳ ବିଭିନ୍ନ ସ୍ଥାନ ବୁଲିବା ସହ ଉନ୍ନୟନ ପ୍ରସ୍ତାବ ଦେଲେ



**ସୁବର୍ଣ୍ଣପୁର,୩୦।୭(ସଂଚାର ବ୍ୟୁରୋ):** ଆଜି ସୁବର୍ଣ୍ଣପୁର ନୂତନ ଜିଲ୍ଲାପାଳ ଡଃ ନୃପରାଜ ସାହୁ ପ୍ରଥମେ ସଦର ମହକୁମା ସୁବର୍ଣ୍ଣପୁର ସହର କୁ ସବୁଜ ସୁନ୍ଦର କରିବାକୁ ବିଭିନ୍ନ ଅଧିକାରୀ ଙ୍କ ସହିତ ଅଚାନକ ପରିଦର୍ଶନ ରେ ପ୍ରଥମେ ବ୍ଲକ ଛକ ପହଞ୍ଚି ଥିଲେ। ବ୍ଲକ ଛକ ରୁ ସହର ପ୍ରବେଶ ପାଇଁ ଉଭୟ ପାର୍ଶ୍ୱ ରାସ୍ତା ରେ ବସିଥିବା ପନିପରିବା ବିକାଳୀ ଙ୍କୁ ତାଙ୍କ ପାଇଁ ନିର୍ମାଣ କରିଥିବା ସ୍ୱତନ୍ତ୍ର ଭେଣ୍ଡିଙ୍ଗ ଜୋନ କୁ ସ୍ଥାନାନ୍ତର ପାଇଁ ପରାମର୍ଶ କରିଥିଲେ। ଭେଣ୍ଡିଂ ଜୋନ ରେ ଥିବା ଆବଶ୍ୟକୀୟ ସୁବିଧା ଯୋଗାଇଦେବା କୁ ବେପାରୀ ମାନେ ଜିଲ୍ଲାପାଳ ଙ୍କୁ ଗୁହାରି କରି ଥିବା ବେଳେ ସେ ସବୁ ର ତୁରନ୍ତ ସମାଧାନ ପାଇଁ ପୌର ପରିଷଦ ଓ ବିଭିନ୍ନ ଅଧିକାରୀ ଙ୍କୁ ନିର୍ଦ୍ଦେଶ କରିଥିଲେ। ଉକ୍ତ ଛକ ରେ ଥିବା ଡିଭାଇଡ଼ର ଗୁଡ଼ିକୁ ଭାଙ୍ଗି ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ ଛକ ଭଳି ନୂତନ ଛକ ନିର୍ମାଣ ଓ ସୌନ୍ଦର୍ଯ୍ୟ ବୃଦ୍ଧି ଉପରେ ଗୁରୁତ୍ୱ ଦେବା କୁ ଅଧିକାରୀ ମାନଙ୍କୁ ପ୍ରସ୍ତାବ ଆଗତ କରିଥିଲେ। ଓ ଖରା ବର୍ଷା ରୁ ରକ୍ଷା ପାଇବା ପାଇଁ ଟ୍ରାଫିକ ପୋଲିସ ଙ୍କ ପାଇଁ ଏକ ସେଡ୍ ନିର୍ମାଣ ପାଇଁ ନିର୍ଦ୍ଦେଶ ଦେଇଥିଲେ କ୍ଷସେହିପରି ସୁବର୍ଣ୍ଣପୁର ନୂତନ ଜିଲ୍ଲାପାଳ ଡଃ ନୃପରାଜ୍ ସାହୁ ନୂଆ ଡେଲି ମାର୍କେଟ କୁ ପରିଦର୍ଶନ ରେ ଯାଇ ମାଛ ବଜାର ଓ ପନିପରିବା ବିକାଳୀ ଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ମାଛ ବଜାର ଓ ସାପ୍ତାହିକ ବଜାର ଦିନ ବସୁଥିବା ଜାଗାରେ ଆଣ୍ଠେ ପାଣି କାଦୁଅ ଜମୁଥିବା ଦୃଶ୍ୟ ଓ ବିଭିନ୍ନ ସମସ୍ୟା ଦେଖି ପୌର ଅଧିକାରୀ ଙ୍କ ଆଗରେ ବିରକ୍ତି ପ୍ରକାଶ କରିଛନ୍ତି। ଓ ତୁରନ୍ତ ଏ ଅଳିଆ ଆବର୍ଜ୍ଜନା କୁ ସଫା କରି ଏଠାରେ ପେଣ୍ଡୀ ସବୁ କରି ଫେବର୍ ବ୍ଲକ ପକାଇ ବାକୁ ନିର୍ଦ୍ଦେଶ ଦେଇଥିଲେ। ବ୍ୟବସାୟୀ ମାନେ ସ୍ଥାୟୀ ସୁବିଧା ପାଇଁ ଏକ ଶେଡ ନିର୍ମାଣ ପାଇଁ ଜିଲ୍ଲାପାଳ ଙ୍କୁ ଦାବୀ କରିଛନ୍ତି ।

# ରେଖା-ଜୟାଙ୍କ ପୂର୍ବରୁ ମାୟା ଅମିତାଭଙ୍କ ପ୍ରଥମ ପ୍ରେମ



ଅମିତାଭ ବଚ୍ଚନଙ୍କ ନାମ ଅନେକ ପ୍ରସିଦ୍ଧ ଅଭିନେତ୍ରୀଙ୍କ ସହ ମଧ ଜଡିତ ଥିଲା। ରେଖାଙ୍କ ସହ ତାଙ୍କ ପ୍ରେମର କାହାଣୀ ବେଶ୍ ରୋଚକ। କିନ୍ତୁ ବହୁତ କମ୍ ଲୋକ ଜାଣନ୍ତି ଯେ, ଅମିତାଭଙ୍କ ପ୍ରଥମ ବ୍ରେକଅପ୍ କେବେ ହୋଇଥିଲା। ନିଜ କ୍ୟାରିଅର ଏବଂ ପରିବାର ପାଇଁ, ବିଗ୍ ବି ତାଙ୍କ ପ୍ରଥମ ପ୍ରେମଠାରୁ ନିଜକୁ ଦୂରେଇ ରଖିଥିଲେ। ଫିଲ୍ମରେ ପ୍ରବେଶ କରିବା ପୂର୍ବରୁ ଅମିତାଭ ତାଙ୍କର ପ୍ରଥମ ପ୍ରେମ ପାଇଯାଇଥିଲେ। ସେହି ସୁନ୍ଦରୀ ମଧ ତାଙ୍କୁ ବହୁତ ଭଲ ପାଉଥିଲେ। ମେଗାଷ୍ଟାର ଅମିତାଭ ବଚ୍ଚନ ୮୨ ବର୍ଷ ବୟସରେ ପାଦ ଦେଇଛନ୍ତି। କିନ୍ତୁ ତାଙ୍କ ବ୍ୟକ୍ତିଗତ ଜୀବନ ପ୍ରତି ଲୋକଙ୍କ ଆଗ୍ରହ କମି ନାହିଁ। ଆଜି ମଧ ପ୍ରଶଂସକମାନେ ଏହି ବରିଷ୍ଠ ଅଭିନେତାଙ୍କ ପ୍ରେମ ଜୀବନ ଏବଂ ବ୍ରେକଅପ୍ କାହାଣୀ ଜାଣିବା ଏବଂ ଶୁଣିବାକୁ ଭଲ ପାଆନ୍ତି। ତାଙ୍କ ନାମ ବରିଷ୍ଠ ଅଭିନେତ୍ରୀ ରେଖାଙ୍କ ସହିତ ଜଡ଼ିତଥିଲା। ବଲିଉଡର କରିଡରରେ ସେମାନଙ୍କ ପ୍ରେମ ବିଷୟରେ ଆଲୋଚନା ଏବେ ବି ଥମିନି। ଦୁହେଁ କିପରି ପରସ୍ପରର ନିକଟତର ହେଲେ ଏବଂ ତା'ପରେ ଅଲଗା ହେଲେ ସେ ବିଷୟରେ ବିଭିନ୍ନ ଲୋକଙ୍କର ଭିନ୍ନ ଭିନ୍ନ ମତ ଅଛି। କିନ୍ତୁ ଅମିତାଭ ବଚ୍ଚନଙ୍କ ପ୍ରଥମ ବ୍ରେକଅପ୍ ବିଷୟରେ ବହୁତ କମ୍ ଲୋକ ଜାଣନ୍ତି। ତାଙ୍କର ପ୍ରଥମ ବ୍ରେକଅପ୍ କେବେ ଏବଂ କାହା ସହିତ ହୋଇଥିଲା ତାହା ଅନେକଙ୍କୁ ହୁଏତ ଜଣା ନଥିବ। ଅମିତାଭଙ୍କ ପ୍ରଥମ ବ୍ରେକଅପ୍ ୫୬ ବର୍ଷ ପୂର୍ବେ ହୋଇଥିଲା।

ଅମିତାଭଙ୍କ ପ୍ରଥମ ପ୍ରେମ ରେଖା କିମ୍ବା ତାଙ୍କ ପତ୍ନୀ ଜୟା ଜୟା ନୁହନ୍ତି। ବିଗ୍ ବିଙ୍କ ପ୍ରଥମ ପ୍ରେମ ସେ ସିନେମାରେ ପ୍ରବେଶ କରିବା ପୂର୍ବରୁ ଥିଲା। ସେତେବେଳେ ଅମିତାଭ ନା ଜଣେ ଅଭିନେତା ଥିଲେ ନା ତାଙ୍କର ବଡ଼ ନାମ ଥିଲା। କିନ୍ତୁ ତାଙ୍କର ପ୍ରେମ ସତ ଥିଲା ଏବଂ ସେ ଜଣେ ଝିଅଙ୍କ ପ୍ରେମରେ ପଡ଼ିଯାଇଥିଲେ। ସେତେବେଳକୁ ମେଗାଷ୍ଟାର କୋଲକାତାରେ କାମ କରୁଥିଲେ। ମନରେ ହିରୋ ହେବାର ସ୍ୱପ୍ନ ଥିଲା। ହନିଫ୍ ଜାଭେରୀ 'ମେରି ସହେଲି ପଡକାଷ୍ଟ'ରେ ଅମିତାଭ ବଚ୍ଚନଙ୍କ ପ୍ରଥମ ପ୍ରେମିକା ଏବଂ ପ୍ରଥମ ବ୍ରେକଅପ୍ ବିଷୟରେ କହିଥିଲେ। ତାଙ୍କୁ ତାଙ୍କର ପ୍ରଥମ ପ୍ରେମ କୋଲକାତାରେ ମିଳିଥିଲା। ସେହି ସମୟରେ ଅମିତାଭ ଏକ କମ୍ପାନିରେ କାମ କରୁଥିଲେ। ସେ ମାସକୁ ୨୫୦ ରୁ ୩୦୦ ଟଙ୍କା ଦରମା ପାଉଥିଲେ। ସେହି ସମୟରେ, ମାୟା ନାମକ ଜଣେ ଝିଅ ବିଗ୍ ବି'ଙ୍କ ଜୀବନରେ ପ୍ରବେଶ କରିଥିଲେ। ମାୟା ବ୍ରିଟିଶ ଏୟାରୱେଜରେ ଫ୍ଲାଇଟ୍ ଆଟେଣ୍ଡାଣ୍ଟ ଭାବରେ କାମ କରୁଥିଲେ।

ମାୟା ଏବଂ ଅମିତାଭ ପରସ୍ପରକୁ ବହୁତ ଭଲ ପାଉଥିଲେ। ଦୁହେଁ ପ୍ରାୟତଃ ଦେଖା କରୁଥିଲେ ଏବଂ ଏକାଠି ସମୟ ବିତାଉଥିଲେ। କିନ୍ତୁ ଅମିତାଭଙ୍କ ଅଭିନେତା ହେବାର ଇଚ୍ଛା ତାଙ୍କୁ ମୁମ୍ବାଇ ନେଇ ଆସିଥିଲା। କୋଲକାତାରୁ ମୁମ୍ବାଇ ଆସିବା ପରେ, ମାୟା ଏବଂ ଅମିତାଭଙ୍କ ମଧରେ ଦୂରତା ବଢ଼ିଥିଲା। ବିଗ୍ ବି' ଚାହୁଁ ନଥିଲେ ଯେ, ତାଙ୍କ ମାଆ କିମ୍ବା ତାଙ୍କ ପରିବାର ମାୟାଙ୍କ ବିଷୟରେ ଜାଣନ୍ତୁ। ମୁମ୍ବାଇରେ ସେ ତାଙ୍କ ମାଆ ତେଜି ବଚ୍ଚନଙ୍କ ଜଣେ ପରିଚିତଙ୍କ ବଙ୍ଗଳାରେ ରହୁଥିଲେ। ମାୟା ତାଙ୍କୁ ପ୍ରାୟତଃ ଭେଟିବାକୁ ସେଠାକୁ ଯାଉଥିଲେ। ତାଙ୍କ ପରିବାର ଭୟରେ ଅମିତାଭ ସେହି ଘର ଛାଡି ମେହମୁଦଙ୍କ ଘରେ ରହିବା ଆରମ୍ଭ କରିଥିଲେ। ସେହି ସମୟରେ ଅମିତାଭ ବଚ୍ଚନଙ୍କୁ 'ସାତ ହିନ୍ଦୁସ୍ତାନୀ' ଫିଲ୍ମ ମିଳିଥିଲା ଏବଂ ସେ ଏଥିରେ କାମ କରୁଥିଲେ। ମାୟା ଏବଂ ଅମିତାଭଙ୍କ ସମ୍ପର୍କ ବହୁତ ମଜବୁତ ଥିଲା। କିନ୍ତୁ ଅନୱର ଅଲ୍ଲୀ ବିଗ୍ ବି'ଙ୍କୁ ମାୟାଙ୍କ ସହ ସମ୍ପର୍କ ଭାଙ୍ଗିବାକୁ ପରାମର୍ଶ ଦେଇଥିଲେ। ମାୟା ଜଣେ ବହୁତ ସାହସୀ ମହିଳା ଥିଲେ। ଅନୱର ଅଲ୍ଲୀ ବିଶ୍ୱାସ କରୁଥିଲେ ଯେ, ମାୟା ବଚ୍ଚନ ପରିବାରରେ ଫିଟ୍ ହୋଇପାରିବ ନାହିଁ। ଏପରି ପରିସ୍ଥିତିରେ, ଅମିତାଭଙ୍କ ପାଇଁ ମାୟାଙ୍କ ସହ ସମ୍ପର୍କ ଶେଷ କରିବା ଭଲ ହେବ। ବିଗ୍ ବି' ମଧ ମାୟାଙ୍କଠାରୁ ଦୂରେଇ ରହିବା ଆରମ୍ଭ କରିଥିଲେ ଏବଂ ବଢୁଥିବା ଦୂରତା ଯୋଗୁ ଉଭୟଙ୍କ ମଧରେ ବ୍ରେକ୍ ଅପ୍ ହୋଇଯାଇଥିଲା।



# ଆଜି ମୁକ୍ତିଲାଭ କଲା 'କିଙ୍ଗଡମ୍'

ଆଗକୁ ଶୁଭମୁକ୍ତି ହେବାକୁ ଯାଉଥିବା ଏକ ଦକ୍ଷିଣ ଭାରତୀୟ ଫିଲ୍ମ ବିଷୟରେ ସମ୍ପ୍ରତି ଆଲୋଚନା ହେଉଛି। ଏହାର ନାମ ହେଉଛି 'କିଙ୍ଗଡମ'। ଫିଲ୍ମରେ ସୁପରଷ୍ଟାର ବିଜୟ ଦେବରକୋଣ୍ଡା ମୁଖ୍ୟ ଭୂମିକାରେ ନଜର ଆସିବେ। ପ୍ରଶଂସକମାନେ ଏହି ଫିଲ୍ମ ପାଇଁ ବହୁତ ଦିନ ଧରି ଅପେକ୍ଷା କରିଥିଲେ। ଏବେ ସେମାନଙ୍କର ପ୍ରତୀକ୍ଷାର ଅନ୍ତ ଖୁବ୍ ଶୀଘ୍ର ସମାପ୍ତ ହେବାକୁ ଯାଉଛି। 'କିଙ୍ଗଡମ' ସେନ୍ସର ବୋର୍ଡ ଦ୍ୱାରା ପାସ୍ ହୋଇଯାଇଛି। ଫିଲ୍ମର ପ୍ରଯୋଜନା କମ୍ପାନ ସୀତାରା ଏଣ୍ଟରଟେନମେଣ୍ଟ ସିଆଲ ମିଡିଆ ମାଧମରେ ଏହି ସୂଚନା ଦେଇଛି। କମ୍ପାନିଜୁଲାଇ ୨୬ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ପୋଷ୍ଟ କରି ସେନ୍ସର ସାର୍ଟିଫିକେଟ୍ ପାଇବା ବିଷୟରେ ସୂଚନା ଦେଇଛି କେନ୍ଦ୍ରୀୟ ଚଳଚ୍ଚିତ୍ର ପ୍ରମାଣନ ବୋର୍ଡ (ସିବିଏଫସି) ଏହାକୁ ୟୁ/ଏ ପ୍ରମାଣପତ୍ର ଦେଇଛି। ଏହି ପ୍ରମାଣପତ୍ରର ଅର୍ଥ ହେଉଛି ଏହି ଚଳଚ୍ଚିତ୍ରଟି ସମସ୍ତ ବୟସର ଲୋକଙ୍କ ପାଇଁ ତିଆରି। କିନ୍ତୁ ୧୨ବର୍ଷରୁ କମ୍ ବୟସର ପିଲାମାନଙ୍କ ପାଇଁ ପିତାମାତାଙ୍କ ମାର୍ଗଦର୍ଶନ ଆବଶ୍ୟକ। ନିର୍ମାତାମାନେ ସେନ୍ସର ସାର୍ଟିଫିକେଟ୍ ବିଷୟରେ ସୂଚନା ସୋସିଆଲ ମିଡିଆରେ ସେୟାର କରିବା ମାତ୍ରେ ପ୍ରଶଂସକମାନେ ଆହୁରି ଉତ୍ସାହିତ ହୋଇଯାଇଛନ୍ତି।ବିଶେଷ କଥା ହେଉଛି ଏହି ଫିଲ୍ମର ଟ୍ରେଲର ୨୬ ଜୁଲାଇ ସନ୍ଧ୍ୟାରେ ଲଞ୍ଚ ହେବା ପୂର୍ବରୁ ସେନ୍ସର ବୋର୍ଡ ଦ୍ୱାରା ଫିଲ୍ମ ପାସ୍ ହେବା ବିଷୟରେ ସୂଚନା ସେୟାର କରାଯାଇଛି। ଫିଲ୍ମରେ ବିଜୟଙ୍କୁ ଆକ୍ସନ ଅବତାର ଦେଖିବାକୁ ମିଳିବ। ଗୌତମ ତିନ୍ନାନୁରୀଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ବିଜୟ ଦେବରକୋଣ୍ଡାଙ୍କ ସହ ଭାଗ୍ୟଶ୍ରୀ ବୋର୍ସେ ନଜର ଆସିବେ। ବିଜୟ ଯେତେବେଳେ ବି ପରଦାକୁ ଆସନ୍ତି, ନିଜର ଚମତ୍କାର ଅଭିନୟ ଏବଂ ସ୍ୱତନ୍ତ୍ର ଶୈଳୀରେ ଲୋକଙ୍କ ହୃଦୟ ଜିତିଥାନ୍ତି। ଲୋକମାନେ ତାଙ୍କର ଆକ୍ସନ୍ ଅବତାରକୁ ମଧ ବହୁତ ପସନ୍ଦ କରନ୍ତି। ବିଜୟ 'କିଙ୍ଗଡମ୍'ରେ ମଧ ଆକ୍ସନ୍ କରୁଥିବାର ଦେଖାଯିବେ। ଏହି ଫିଲ୍ମର ଆଉ ଏକ ବିଶେଷ କଥା ହେଉଛି ଅନିରୁଦ୍ଧ ରବିଚନ୍ଦର ଏଥିରେ ସଙ୍ଗୀତ ଦେଇଛନ୍ତି। 'କିଙ୍ଗଡମ୍' ରିଲିଜ୍ ହେବାକୁ ଆଉ ବହୁତ ସମୟ ବାକି ନାହିଁ। ଏହି ଫିଲ୍ମଟି ୩୧ ଜୁଲାଇରେ ରିଲିଜ୍ ହେବାକୁ ଯାଉଛି। ଏହି ଫିଲ୍ମଟି ତେଲୁଗୁ, ତାମିଲ ଏବଂ ହିନ୍ଦୀ ଭାଷାରେ ରିଲିଜ୍ ହେବ। ଅର୍ଥାତ୍ ଏହା ଏକ ପ୍ୟାନ୍ ଇଣ୍ଡିଆ ଫିଲ୍ମ। ହିନ୍ଦୀରେ ଏହାକୁ 'ସାମ୍ରାଜ୍ୟ' ନାମରେ ରିଲିଜ୍ କରାଯିବ।

# ଷଷ୍ଠ ଶ୍ରେଣୀରୁ ମୋ ମୁହଁରୁ ହସ ଲିଭିନି



୧୯୮୮ ମସିହାରେ ଶ୍ରୀରାମ ପଣ୍ଡାଙ୍କ ନିର୍ଦ୍ଦେଶିତ ଏକମାତ୍ର ସିନେମା 'କୁରୁକ୍ଷେତ୍ର' ଜରିଆରେ ଅଭିନୟ ଦୁନିଆରେ ପାଦ ଥାପିଥିଲେ ସେ। ଏହାପରେ ଆଉ ତାଙ୍କ ପାଦ ଅଟକି ନାହିଁ। ଇତିମଧରେ ୨୦୦ରୁ ଅଧିକ ଓଡ଼ିଆ ସିନେମାରେ ଭିନ୍ନ ଭିନ୍ନ ଭୂମିକାରେ ମନଛୁଆଁ ଅଭିନୟ କରି ଦର୍ଶକଙ୍କ ହୃଦୟରେ ନିଜ ପାଇଁ ସ୍ୱତନ୍ତ୍ର ସ୍ଥାନଟିଏ ତିଆରି କରିଛନ୍ତି ଅଶ୍ରୁମୋଚନ ମହାନ୍ତି। ଉତ୍କଳ ସଂଗୀତ ମହାବିଦ୍ୟାଳୟରେ ଅଧ୍ୟୟନ କରୁଥିବା ସମୟରୁ ତାଙ୍କର କଳାକାର ଜୀବନ ଆରମ୍ଭ। କେବଳ ସିନେମା ନୁହେଁ, ନାଟକ, ଧାରାବାହିକ ଓ ଯାତ୍ରା; ମନୋରଞ୍ଜନର ସବୁ ମଞ୍ଚରେ ସେ ସକ୍ରିୟ। ଅଭିନୟ ସାଥିରେ ଯାତ୍ରା ନାଟକ ନିର୍ଦ୍ଦେଶନା ବି ଦେଇଛନ୍ତି ସେ। ଓଲିଉଡ୍‌ର ଖ୍ୟାତନାମା କଳାକାର ଅଶ୍ରୁମୋଚନ ବଖାଣିଛନ୍ତି ତାଙ୍କ ଜୀବନର ଏକ ଅଭୁଲା ସ୍ମୃତି।

"ମୋ ବାପାମାଆ ଥିଲେ ସ୍ୱାଧୀନତା ସଂଗ୍ରାମୀ। ଭାଇମାନେ ଭାରତୀୟ ସେନାରେ କାର୍ଯ୍ୟରତ ଥିବା ବେଳେ ଆମ ପରିବାରର ମୁଁ ଏକମାତ୍ର ସଦସ୍ୟ, ଯିଏକି ଅଭିନୟ ଜଗତରେ ପଶିଛି। ଆପଣ ଜାଣିଲେ ଆଶ୍ଚର୍ଯ୍ୟ ହେବେ, ମୁଁ ବିଜ୍ଞାନ ପାଠ ପଢ଼ିବା ପରେ କଳାକାର ବୃତ୍ତି ଆପଣେଇଥିଲି। କଳାକାର ତ ବହୁତ ପଛରେ ହେଲି। ହେଲେ ଅଭିନୟକୁ ନେଇ ମୋର ପିଲାଦିନର ଏକ ସ୍ମୃତି ମୁଁ ଆଜି କହିବାକୁ ଚାହିଁବି। ସେତେବେଳେ ମୁଁ ଆନନ୍ଦପୁରର ବି.ଏନ୍. ସ୍କୁଲ୍‌ରେ ଷଷ୍ଠ ଶ୍ରେଣୀରେ ପଢୁଥାଏ। ଆମ ସ୍କୁଲ୍‌ରେ ଡ୍ରାମା ହେଉଥାଏ। ସେଥିରେ ବିଷ୍ଣୁଙ୍କ ଚରିତ୍ରରେ କିଏ ଅଭିନୟ କରିବ ସେଥିପାଇଁ ପିଲା ଖୋଜା ଚାଲିଥାଏ। ସେହି ସମୟରେ ଜଣେ ସାଙ୍ଗର ନଜର ମୋ ଉପରେ ପଡ଼ିଲା। ସେ ଯାଇ ସାର୍‌ଙ୍କୁ ଜଣେଇଲା। ଯେହେତୁ ମୋ ବର୍ଣ୍ଣ କଳା ଏବଂ ମୁଁ ଟିକେ ଦରହସା ସ୍ୱଭାବର ତ ବିଷ୍ଣୁଙ୍କ ଚରିତ୍ର ମୁଁ ଭଲ କରିପାରିବି ବୋଲି ସାର୍ ଭାବିଲେ। ସମସ୍ତଙ୍କ ପସନ୍ଦକ୍ରମେ ମୋତେ ନାଟକରେ ଭଗବାନ ବିଷ୍ଣୁଙ୍କ ଚରିତ୍ର ତୁଲାଇବା ସୁଯୋଗ ମିଳିଲା। ମୁଁ ଅଭିନୟ କଲି ଓ ବହୁତ ଭଲ କଲି ମଧ୍ୟ। ମୋ ହସ ସମସ୍ତଙ୍କୁ ବହୁତ ଭଲ ଲାଗିଲା। ସାର୍ ତା'ପରେ ମୋତେ ପାଖକୁ ଡାକି କହିଲେ, 'ତୋ ନାଁକୁ ତୋ ଚରିତ୍ର ପୂରା ମେଳଖାଉଛି। ଅଶ୍ରୁମୋଚନ ମାନେ ଅନ୍ୟର ଲୁହ ଯିଏ ହରଣକରେ ବା ଦୁଃଖ ଦୂରକରେ। ଆଉ ତୋ ହସ ଏତେ ସୁନ୍ଦର ଯେ ତାକୁ ଦେଖିଲେ ଯେ କେହି ବି ଖୁସି ହୋଇଯିବ। ତୋ ମୁହଁର ଏ ହସ କେବେ ଲିଭିବାକୁ ଦେବୁନି।' ଏମିତିରେ ସବୁବେଳେ ମୁଁ ହସୁଥାଏ। ମୋତେ ଆସି ଏତେ ବୟସ ହେଲାଣି, ସେବେଠାରୁ ମୁଁ କେବେ ମୁହଁରୁ ହସକୁ ଲିଭିବାକୁ ଦେଇନି। ପରିସ୍ଥିତି ଯେମିତି ବି ହୋଇଥାଉ, ହସ ହସ ମୁହଁରେ ରହିବା ମୋର ଅଭ୍ୟାସରେ ପଡ଼ିଯାଇଛି।"



# 'ୱାର ୨'ରେ କିଏ ନେଲେ ଅଧିକ ଫି ହ୍ରିତିକ ନା ଜୁନିୟର

ଅୟାନ ମୁଖାର୍ଜୀଙ୍କ ନିର୍ଦ୍ଦେଶିତ ଆଗାମୀ ଆକ୍ସନ ଫିଲ୍ମ 'ୱାର ୨'ର ଟ୍ରେଲର ଗତକାଲି ରିଲିଜ ହୋଇଥିବାବେଳେ ଏଥିରେ ୨ ସୁପରଷ୍ଟାରଙ୍କ ଦମଦାର ଆକ୍ସନ ଦେଖିବାକୁ ମିଳିଛି। ଟ୍ରେଲରରେ ଦୁଇ ସୁପରଷ୍ଟାର ହ୍ରିତିକ୍ ରୋଶନ ଏବଂ ଜୁନିଅର ଏନଟିଆରଙ୍କ ମଧ୍ୟରେ ଭୟଙ୍କର ଲଢ଼େଇ ଦେଖିବା ପରେ ପ୍ରଶଂସକମାନେ ଫିଲ୍ମ ରିଲିଜ୍‌କୁ ନେଇ ଅଧିକ ଉତ୍ସାହିତ ହୋଇପଡ଼ିଛନ୍ତି। 'ୱାର ୨'ର ଟ୍ରେଲରରେ ଦମଦାର ଆକ୍ସନ ସହ ରୋମାନ୍ସ ମଧ ଦେଖିବାକୁ ମିଳିଛି। ତେବେ ଏହି ଫିଲ୍ମରେ ହ୍ରିତିକ ନା ଜୁନିୟର ଏନ୍ଟିଆର କିଏ ଅଧିକ ପାରିଶ୍ରମିକ ପାଇଛନ୍ତି ତାହା ଆପଣ ଜାଣିଛନ୍ତି କି? ଆଜି ଆମେ ଆପଣଙ୍କୁ ସେ ବାବଦରେ ସୂଚନା ଦେବୁ। ଯଶରାଜ ଫିଲ୍ମସ୍ ନିର୍ମିତ, "ୱାର ୨" କେବଳ ଏକ ଆକ୍ସନ୍-ଭରା ମନୋରଞ୍ଜନପୂର୍ଣ୍ଣ ଫିଲ୍ମ ନୁହେଁ ବରଂ ଏହା ଏକ ମୋଟା ବଜେଟରେ ମଧ ନିର୍ମିତ ହୋଇଛି। ବଲିଉଡରେ ନିଜର ବହୁ ପ୍ରତୀକ୍ଷିତ ଡେବ୍ୟୁ କରୁଥିବା ଜୁନିଅର ଏନ୍ଟିଆର ଏହି ଫିଲ୍ମ ପାଇଁ ସର୍ବାଧିକ ପାରିଶ୍ରମିକ ପାଇଥିବା ଜଣାପଡ଼ିଛି। ରିପୋର୍ଟ ଅନୁଯାୟୀ, ଜୁନିଅର ଏନ୍ଟିଆର ୱାର ୨ ସହିତ ତାଙ୍କର ବଲିଉଡ ଡେବ୍ୟୁ ପାଇଁ ୬୦ କୋଟି ଟଙ୍କା ନେଇଛନ୍ତି। 'ୱାର 2'ରେ ହ୍ରିତିକ୍ ରୋଶନ ପୁଣି ଥରେ କବୀର ଢାଲିୱାଲଙ୍କ ଭୂମିକାରେ ନଜର ଆସିବେ। 'ୱାର ୨' ପାଇଁ ହ୍ରିତିକ୍ ରୋଶନଙ୍କୁ ୪୮ କୋଟି ଟଙ୍କା ଫି ଦିଆଯାଇଛି। ଅନ୍ୟପକ୍ଷରେ, ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିବା କିଆରା ଆଡଭାନୀ ତାଙ୍କ ଭୂମିକା ପାଇଁ ୧୫ କୋଟି ଟଙ୍କା ନେଇଥିବା ଜଣାପଡ଼ିଛି। ୱେକ୍ ଅପ୍ ସିଡ୍, ୟେ ଜୱାନି ହୈ ଦିୱାନି ଏବଂ ବ୍ରହ୍ମାସ୍ତ୍ରଃ ପାର୍ଟ ୱାନ୍ - ଶିବା ପରେ ଅୟାନ୍ ମୁଖାର୍ଜୀଙ୍କ ନିର୍ଦ୍ଦେଶିତ ଚତୁର୍ଥ ଫିଲ୍ମ ହେଉଛି ୱାର୍ ୨। ଏହି ପ୍ରୋଜେକ୍ଟ ନିର୍ଦ୍ଦେଶନା ପାଇଁ ସେ ୩୨ କୋଟି ଟଙ୍କାର ପାରିଶ୍ରମିକ ପାଇଛନ୍ତି।

# ପ୍ରଭାସଙ୍କ ଚାହିଦା ଆକାଶଛୁଆଁ

ସାଉଥ୍ ସୁପର୍‌ଷ୍ଟାର୍ ପ୍ରଭାସ ଏବେ ତାଙ୍କର ବହୁ ପ୍ରତୀକ୍ଷିତ ଫିଲ୍ମ 'ଦି ରାଜା ସାବ୍' ପାଇଁ ଶିରୋନାମାରେ ଅଛନ୍ତି। ଫିଲ୍ମକୁ ନେଇ ପ୍ରଶଂସକଙ୍କ ମଧ୍ୟରେ ଢେର୍ ଚର୍ଚ୍ଚା। 'ଦି ରାଜା ସାବ୍' ଚଳିତ ବର୍ଷ ଡିସେମ୍ବର ୫ ତାରିଖରେ ରିଲିଜ୍ ହେବ ବୋଲି ପୂର୍ବରୁ ଘୋଷଣା କରାଯାଇଥିଲା। ହେଲେ ଏବେ ସେହି ତାରିଖ ବଦଳି ଯାଇଛି। କିନ୍ତୁ ରିଲିଜ୍ ପୂର୍ବରୁ ନିଜର ଦମ୍ ଦେଖାଇଛନ୍ତି ରାଜା ସାବ୍ ପ୍ରଭାସ। ରିଲିଜ୍ ନହେଉଣୁ ଫିଲ୍ମଟି ୧୦୦କୋଟି ଟଙ୍କା ଆୟ କରିବାରେ ସଫଳ ହୋଇଛି। ଏହା କିଭଳି ସମ୍ଭବ ବୋଲି ଆପଣ ଭାବୁଥିବେ। ଖବରଟି ଟିକେ ଆଶ୍ଚର୍ଯ୍ୟ କରୁଥିଲେ ବି ସତ। ପ୍ରଯୋଜନା ସଂସ୍ଥାର ସୂଚନା ମୁତାବକ, ଫିଲ୍ମର ଓଟିଟି ରାଇଟ୍‌ସ୍ କିଣିଛି ନେଟ୍‌ଫ୍ଲିକ୍ସ। ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବା ପରେ ଦର୍ଶକ ଏହାକୁ ନେଟ୍‌ଫ୍ଲିକ୍ସରେ ଦେଖିପାରିବେ। 'ଦି ରାଜା ସାବ୍'ର ଓଟିଟି ରାଇଟ୍‌ସ୍ ବାବଦକୁ ନେଟ୍‌ଫ୍ଲିକ୍ସ ନିର୍ମାତାଙ୍କୁ ୧୦୦କୋଟି ଟଙ୍କା ଦେଇଥିବା ଜଣାଯାଇଛି। ତେବେ ଏହା ପ୍ରଥମ ନୁହେଁ। ଏହା ପୂର୍ବରୁ ପ୍ରଭାସଙ୍କ ଫିଲ୍ମ 'କଲ୍‌କୀ ୨୮୯୮ ଏଡି'ର ହିନ୍ଦୀ ସଂସ୍କରଣର ଓଟିଟି ରାଇଟ୍‌ସ୍ ୧୭୫ କୋଟି ଟଙ୍କାରେ ବିକ୍ରି ହୋଇଥିଲା। ଏହା ପୂର୍ବରୁ 'ସାଲାର୍'ର ଓଟିଟି ରାଇଟ୍‌ସ୍ ୨୦୦ କୋଟିରେ, 'ଆଦିପୁରୁଷ' ୨୫୦ କୋଟିରେ, 'ରାଧେ ଶ୍ୟାମ୍' ୨୫୦ କୋଟିରେ ଏବଂ 'ବାହୁବଳୀ-୨' ୨୫.୫ କୋଟି ଟଙ୍କାରେ ବିକ୍ରି ହୋଇଥିଲା। 'ଦି ରାଜା ସାବ୍' ମୂଳ ତେଲୁଗୁ ଓ ହିନ୍ଦୀ ଭାଷାରେ ଭଲ ଓପନିଂ କରିବ। ଫିଲ୍ମଟି ଭାରତୀୟ ବକ୍ସ ଅଫିସ୍‌ରେ ପ୍ରଥମ ଦିନରେ ୫୦ କୋଟି ସଂଗ୍ରହ କରିବ ବୋଲି ଅନେକ ଫିଲ୍ମ ସମୀକ୍ଷକ ଆକଳନ କରିଛନ୍ତି। ଯଦି ଏହା ସତ ହୁଏ, ତେବେ ପ୍ରଥମ ଦିନରେ ୫୦ କୋଟିରୁ ଅଧିକ ଆୟ କରିବାରେ ଏହା ପ୍ରଭାସଙ୍କର ଚତୁର୍ଥ ଫିଲ୍ମ ହେବ। ଏହା ପୂର୍ବରୁ ପ୍ରଭାସ ଭାରତୀୟ ବକ୍ସ ଅଫିସ୍‌ରେ ୫୦ କୋଟିରୁ ଅଧିକ ଓପନିଂର ହ୍ୟାଟ୍ରିକ୍ ହାସଲ କରିସାରିଛନ୍ତି। ସେ ଫିଲ୍ମଗୁଡ଼ିକ ହେଲା 'ଆଦିପୁରୁଷ' (୮୯କୋଟି), 'ସାଲାର୍'(୯୨କୋଟି), 'କଲ୍‌କୀ ୨୮୯୮ ଏଡି'(୯୩କୋଟି)।



### ରାସ୍ତା ସାରା ଖାଲଖମାରେ ଭର୍ତ୍ତି

# ବର୍ଷା ଦିନରେ ପାଣି ଜମି ଘଟୁଛି ଦୁର୍ଘଟଣା



ଭୁବନେଶ୍ୱର,୩୦।୭ (ସଂଚାର ବ୍ୟୁରୋ): ଯୁଆଡ଼େ ଚାହିଁବ ଖାଲ ଆଉ ଖାଲ । ମୁନ୍ଦାଏ ବର୍ଷାରେ ବେହାଲ ସ୍ଥିତି । ଏପରି ଅବସ୍ଥା ବରୀ ରାସ୍ତାର । ଖାଲ ଖମାରେ ପାଣି ଭର୍ତ୍ତି ହୋଇଥିବା ବେଳେ ଯାତ୍ରୀ ମାନେ କିଭଳି ଦୟନୀୟ ଅବସ୍ଥାରେ ଯାଉଛନ୍ତି । ରାସ୍ତାଟି ବରୀ ମାଉଣ୍ଡ ଠାରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ବରୀ ଥାନାକୁ ଯାତାୟାତର ମୁଖ୍ୟ ରାସ୍ତା। ପ୍ରତିଦିନ ହଜାର ହଜାର ଲୋକ ଯାତାୟାତ କରିଥାନ୍ତି ।

ହେଲେ ରାସ୍ତା ଭଲ ନଥିବାରୁ ଲୋକେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଲୋକଙ୍କ ଅଭିଯୋଗ ପାଇ ୨୪ କୋଟି ବ୍ୟୟ ଅଟକଳରେ ରାସ୍ତା ନିର୍ମାଣ ଆରମ୍ଭ ହୋଇଛି । ହେଲେ କିଛି ମାସ ହେବ ରାସ୍ତାରୁ ପୁରୁଣା ପିଚୁ ଖୋଳି ଦେଇ ଠିକାଦାର ଛୁ' ମାରିଛି । ବ୍ଲକର ମୁଖ୍ୟ ରାସ୍ତା ହୋଇଥିଲେ ମଧ୍ୟ ଲୋକେ ଯିବାକୁ ଭୟ କରୁଛନ୍ତି। ଆମ୍ବୁଲାନ୍ସ ସେବା ଓ ଅଗ୍ନିଶମ ବିଭାଗ ଗାଡ଼ି ଯାତାୟାତରେ ବାଧା ସୃଷ୍ଟି ହେଉଛି । ରାସ୍ତା ନିର୍ମାଣ ଅତି ନିମ୍ନମାନର ହୋଇଥିବାରୁ ଖୁବ୍ ଜଲଦି ପିଚୁ ଉଠିଯାଉଛି । ପଡ଼ଳା ବାଲି ମାଟି ପକା ଯାଉଥିବାର ଲୋକେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ବିଭାଗୀୟ ଅଧିକାରୀ ଶୁଣିନଥିଲେ । ଏବେ ବର୍ଷାରେ ସବୁ ବାଲି ମାଟି ରାସ୍ତା ଧୋଇଯାଉଛି। ସବୁଠୁ ବଡ଼କଥା ହେଲା ରାସ୍ତାକାମ ବେଳେ କୌଣସି ସୂଚନା ଫଳକ ମଧ୍ୟ ଲାଗିନି । ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ରାସ୍ତା ତିଆରି କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ରାସ୍ତା କାମ ଅଧାରେ ପଡ଼ିଥିବା ବେଳେ ଖୁବଶୀଘ୍ର ଏହାର ମରାମତି କରାଯାଇପାରିଲେ ବହୁ ଲୋକ ଉପକୃତ ହୋଇପାରିବେ ।

## ସଂରକ୍ଷିତ ଜାଗାରୁ ଗଛ କାଟିନେଲେ ଦୁର୍ବୃତ୍ତ !



ତିର୍ତ୍ତୋଲ,୩୦।୭ (ସଂଚାର ବ୍ୟୁରୋ): ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ କୋଷ୍ଟିଲ୍ଲାକାପୁର ପଞ୍ଚାୟତର ଚିନପଡା ଗ୍ରାମରୁ ସରକ୍ଷିତ ଜାଗାରୁ ଗଛ କାଟି ନେଲେ ଦୁର୍ବୃତ୍ତ।ଉକ୍ତ ଜାଗାଟି ରାଜ୍ୟ ସରକାରଙ୍କ ଖାତା ନଂ-୧୯୨, ପ୍ଲଟ ନଂ-୪୧୭ ବସ୍ତି ସମ୍ପ୍ରସାରଣ ପାଇଁ ସଂରକ୍ଷିତ ରହିଅଛି ସେହି ଜାଗାରେ ପାଞ୍ଚ ରୁ ଛଅ ଟି ବିରାଟକାୟ ଚାଖୁଣ୍ଡା ଗଛ ଥିବା ଦେଖିବାକୁ ମିଳିଥିଲା। ଗତ ସୋମବାର ଦିନ ଚିନପଡା ଗ୍ରାମର ଅଭିରାମ ଦାସ ପିତା ବଳରାମ ଦାସ ନାମକ ବେକ୍ତି ଦୁଇ ରୁ ତିନିଟି ଚାଖୁଣ୍ଡା ଗଛ କଟୁ ଥିବା ଦେଖିଁ ସ୍ଥାନୀୟ ସରପଞ୍ଚ, ତିର୍ତ୍ତୋଲ ତହସିଲଦାର ଓ କନକପୁର ରାଜସ୍ୱ ନିରୀକ୍ଷକ ଙ୍କୁ ଅଭିଯୋଗ କରାଯାଇ ଥିଲା। କିନ୍ତୁ ରାଜସ୍ୱ ନିରୀକ୍ଷକ ରବିବାର ଦିନ ନ ଯାଇ ସୋମବାର ଦିନ ଯିବା ବେଳେ ଦୃଢ଼ ଯୁକ୍ତି ସଂଗତ। ସରକାରୀ ଜାଗାରୁ ଗଛ କାଟିବା ଏକ ଧର୍ତ୍ତବ୍ୟ ଅପରାଧ ଅଟେ। କାହା ସାହସରେ ଚିନପଡା ଗ୍ରାମର ଅଭିରାମ ଦାସ ପଚିଶ ରୁ ତିରିଶି ହଜାର ମୂଲ୍ୟର ଗଛ କୁ କାଟିଲେ ତାହା ବୁଝାପଡୁ ନାହିଁ। ଗଛ ମଣିଷ ସମାଜର ଜୀବନ ବୋଲି ବର୍ତ୍ତମାନ ବିଜେପି ସରକାର ରାଜ୍ୟ ର ବିଭିନ୍ନ ଅଞ୍ଚଳରେ ମା ପାଇଁ ଗଛ ଟିଏ କାର୍ଯ୍ୟକ୍ରମ ମାଧ୍ୟମରେ ଚାରା ରୋପଣ କରୁଥିବା ବେଳେ ଏପଟେ କିନ୍ତୁ ବିରାଟ ଗଛ କାଟି ମାଟିରେ ମିଶେଇ ଦେଉଛନ୍ତି। କନକପୁର ରାଜସ୍ୱ ନିରୀକ୍ଷକ ଛୁଟିରେ ଥିବା ବେଳେ ତରଙ୍ଗଣ୍ଡା ରାଜସ୍ୱ ନିରୀକ୍ଷକଙ୍କୁ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରା ଯାଇଅଛି। ଏହାର ସୁଯୋଗ ନେଇଁ ରାଜସ୍ୱ ନିରୀକ୍ଷକ ମୋଟା ଅଙ୍କର ଅର୍ଥରାଶି ନେଇଁ ଉକ୍ତ କେସ କୁ ରଫାଦଫା କରିବା ପାଇଁ ଉଦ୍ୟମ ଚଲାଉ ଥିବା ଶୁଣିବାକୁ ମିଳୁଛି। ଏଥି ପାଇଁ ଉଚ୍ଚ କର୍ତ୍ତୃ ପକ୍ଷ୍ୟ ଦୃଷ୍ଟି ଦେବା ପାଇଁ ସାଧାରଣ ରେ ଦାବି ହେଉଛି।

## ବିଜେପି ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କୁଶପୁତ୍ତଳିକା ଦାହ



ବଲାଙ୍ଗିର,୩୦।୭ (ସଂଚାର ବ୍ୟୁରୋ): ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବଲାଙ୍ଗିର ବିଜେପି ଦଳର ଜିଲ୍ଲା ସଭାପତି ଶ୍ରୀବସ୍ତ ବେହେରାଙ୍କ ନେତୃତ୍ୱରେ କଂଗ୍ରେସ ଓ ବିଜେପି ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ବିଜେପି କର୍ମକର୍ତ୍ତା କଂଗ୍ରସ ଓ ବିଜେଡିର ୫ଜଣ ନେତାଙ୍କ କୁଶପୁତ୍ତଳିକା ଦାହ କରିଛନ୍ତି। ବିଜେଡି କପୋରେଟର ଅବରେଶ ଜେନା ଓ କଂଗ୍ରେସ ଛାତ୍ରନେତା ଉଦିତ ପ୍ରଧାନ ମହିଳାଙ୍କ ପ୍ରତି ଅସଦାଚାରଣ ଓ ବଳତ୍କାର ଭଳି କାର୍ଯ୍ୟକଳାପକୁ ନେଇ ବିକ୍ଷୋଭ ପ୍ରଦର୍ଶନ ସହ କଂଗ୍ରେସ ନେତା ରାହୁଲ ଗାନ୍ଧୀ, ଭକ୍ତଚରଣ ଦାସ, ଉଦିତ ପ୍ରଧାନ ଏବଂ ବିଜେଡି ନେତା ନବୀନ ପଟ୍ଟନାୟକ ଓ ଅମରେଶ ଜେନାଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଆଜିର କାର୍ଯ୍ୟକ୍ରମରେ ସଭାପତି ଶ୍ରୀ ବେହାରଙ୍କ ସମେତ ବିଜେପି ନେତା ଗୋପାଳଜୀ ପାଣିଗ୍ରାହୀ, ମହିଳା ମୋର୍ଚ୍ଚାର ପଙ୍କଜିନୀ ପଣ୍ଡା, ରଞ୍ଜିତା ପାଣିଗ୍ରାହୀ, ଶରିତା ଯୋଶୀ, ଆରତୀ ଗୁରୁଙ୍କ ସମେତ ବହୁ ସଂଖ୍ୟାରେ ବିଜେପି କର୍ମୀ ଉପସ୍ଥିତ ଥିଲେ।

## ସୂଚନା ଓ ଲୋକସମ୍ପର୍କ ବିଭାଗ ଉପନିର୍ଦ୍ଦେଶକଙ୍କ ବଲାଙ୍ଗିର ଗସ୍ତ

ବଲାଙ୍ଗିର,୩୦।୭ (ସଂଚାର ବ୍ୟୁରୋ): ଉତ୍ତରାଚଂଳ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଉତ୍ତରାଚଂଲ ନିର୍ଦ୍ଦେଶକ କଲ୍ୟାଣୀ ଦାସ ଆଜି ଦିନିକିଆ ବଲାଙ୍ଗିର ଗସ୍ତରେ ଆସିଥିଲେ। ଏହି ଅବସରରେ ବଲାଙ୍ଗିର ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରାଜେନ୍ଦ୍ର କୁମାର ମାଝି, କନିଷ୍ଠ ରାଜସ୍ୱ ସହାୟକ ପୁରୁଷୋତ୍ତମ ମୁନା, ସୁରେଶ ଚନ୍ଦ୍ର ପଟେଲ ଓ କେଶବ ବାଗ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। କାର୍ଯ୍ୟାଳୟ ପରିଦର୍ଶନ ତଥା ନିରୀକ୍ଷଣ ପରିପ୍ରେକ୍ଷୀରେ ଉପନିର୍ଦ୍ଦେଶକ ଶ୍ରୀମତୀ ଦାସ କାର୍ଯ୍ୟାଳୟ ସମ୍ପର୍କିତ ବିଭିନ୍ନ ନଥିପତ୍ର, ଫାଇଲ ଓ ରକର୍ଡସ ଇତ୍ୟାଦି ତନଖି କରିବା ସହ ବିଭିନ୍ନ ବିଷୟରେ ପଚାରି ବୁଝିଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ମାଝି ଟିଟିଲାଗଡ଼, ପାଟଣାଗଡ଼ ତଥା କଣ୍ଟାବାଂଜି କାର୍ଯ୍ୟାଳୟରେ ଖାଲି ପଡ଼ିଥିବା ବଦବୀ ଗୁଡିକ ପୂରଣ ନିମନ୍ତେ, ସେଠାରେ ଚାଲୁଥିବା କାର୍ଯ୍ୟାଳୟ ତଥା ପାଠାଗାର ସମ୍ବନ୍ଧରେ ଏବଂ ଅନ୍ୟାନ୍ୟ ବିଷୟରେ ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଉପନିର୍ଦ୍ଦେଶକ ଏହାର ସମାଧାନ ଦିଗରେ ଉଚ୍ଚ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ ପୂର୍ବକ ଆବଶ୍ୟକୀୟ ପଦକ୍ଷେପ ନେବେ ବୋଲି କହିଥିଲେ।

## ସ୍ୱାଧୀନତା ଦିବସ ଉପଲକ୍ଷେ ପ୍ରସ୍ତୁତ ବୈଠକ



ବେତନଟୀ,୩୦।୭ (ସଂଚାର ବ୍ୟୁରୋ): ବେତନଟୀ ଜାତୀୟ ଦିବସ ପାଳନ କମିଟି ଆନୁକୂଲ୍ୟରେ ବେତନଟୀ ବ୍ଲକ୍ସ୍ତରୀୟ ୭୮ତମ ସ୍ୱାଧୀନତା ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି। ଏମପିସି ହାଇସ୍କୁଲ ସଭାଗୃହ ରେ ଆୟୋଜିତ ସଭାରେ କମିଟି ର ସଭାପତି ଜୟନ୍ତ କୁମାର ପଟ୍ଟନାୟକ ଙ୍କ ସଭାପତିତ୍ୱ ଅନୁଷ୍ଠିତ ବୈଠକରେ ପ୍ରାରମ୍ଭରେ ସାଧାରଣତନ୍ତ୍ର ଦିବସ ପାଳନର ଆୟ ଓ ବ୍ୟୟର ବିବରଣୀ ଉପସ୍ଥାପନ କରାଯାଇଥିଲା। ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ବେତନଟୀ ବ୍ଲକ ର ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ନେଇ ଅଗଷ୍ଟ ୮ ରେ ଏମପିସି ହାଇସ୍କୁଲ ରେ ବିଭିନ୍ନ ପ୍ରତିଯୋଗିତା ଓ ଅଗଷ୍ଟ ୧୨ ଓ ୧୩ ପ୍ୟାରେଡ ଅଭ୍ୟାସ କରାଯିବାର ସ୍ଥିର ହୋଇଥିଲା। ଏହି କାର୍ଯ୍ୟକ୍ରମ ରେ ଏମପିସି ହାଇସ୍କୁଲ ର ପ୍ରଧାନ ଶିକ୍ଷକ ଅର୍ଜୁନ ସିଂ, ସହ ସମ୍ପାଦକ ମନୋଜ କୁମାର ପଣ୍ଡା, ଉପଦେଷ୍ଟା ଜନମୋନ ବେହେରା, ସୁଶାନ୍ତ ବଳା, ଅନୁପ କୁମାର ଦଣ୍ଡପାଟ, ପ୍ରଭାତୀ ମହାନ୍ତି, କୋଷାଧ୍ୟକ୍ଷ ଉଦିତ ପରିଡ଼ା, ଯୁବ ନେତା ସଞ୍ଜୀବ ଜେନା, ୩୫ ନମ୍ବର ମଣ୍ଡଳ ସଭାପତି ଜୀବନ କୁମାର ପରିଡା, ସାମ୍ବାଦିକ ହରିଶ ଚନ୍ଦ୍ର ସାମଲ, ଶିକ୍ଷକ ସଞ୍ଜୟ ମଢୁଆଳ, ପ୍ରଶାନ୍ତ ନାଥ, ସମାଜସେବୀ ପ୍ରକାଶ ବେହେରା, ଅରୁପ ଲେଙ୍କା, ରଞ୍ଜିତା କର ପ୍ରମୁଖ ଉପସ୍ଥିତ ଥିବା ବେଳେ ବ୍ଲକ ର ସମସ୍ତ ବିଦ୍ୟାଳୟ ରୁ ଆସିଥିବା ଶିକ୍ଷକ ମାନେ ଉପସ୍ଥିତ ଥିଲେ। ଶେଷରେ କମିଟି ର ସମ୍ପାଦକ ଚନ୍ଦ୍ର ଶେଖର ବେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଅନୁଗୁଳ ଟ୍ରିପଲ୍ ମର୍ଡର ମାମଲାରେ; ଅଭିଯୁକ୍ତ ନିର୍ଦ୍ଦୋଷ ରାୟରେ ଅସନ୍ତୋଷ

ଅନୁଗୁଳ,୩୦।୭ (ସଂଚାର ବ୍ୟୁରୋ): ବେକରେ ଫଟୋ ଝୁଲାଇ ପ୍ରତିବାଦ । ଅନୁଗୁଳ ଟ୍ରିପଲ୍ ମର୍ଡର ମାମଲାରେ ଦୁଇ ଅଭିଯୁକ୍ତଙ୍କୁ ମୃତ୍ୟୁ ଦଣ୍ଡାଦେଶ ପରେ ନିର୍ଦ୍ଦୋଷରେ ଖଲାସ ପରେ ଆଇନ୍ ବାଟବଣାକୁ ନେଇ ପରିବାର ପକ୍ଷରୁ ବେକରେ ଫଟୋ ଝୁଲାଇ ପ୍ରତିବାଦ କରାଯାଇଛି । ୨୦୧୭ ମସିହାରେ ଅନୁଗୁଳ ଜିଲ୍ଲା କିଶୋରନଗର ଗମ୍ଭାରୀ ମଳିଆ ଗାଁରେ ଏସ୍ଏଚ୍‌ଜି ଗ୍ରୁପ୍ ଟଙ୍କା ବଣ୍ଟନକୁ ନେଇ ହତ୍ୟାକାଣ୍ଡ ଘଟିଥିଲା । ଗୋଟିଏ ପରିବାରର ସ୍ୱାମୀ, ସ୍ତ୍ରୀ ଓ ନାବାଳକ ପୁଅକୁ ହତ୍ୟା କରିଥିଲେ । ବିରଞ୍ଚି ନାୟକ, ତାଙ୍କ ତରୁଣୀ ନାୟକ ଓ ସାତ ବର୍ଷର ନାବାଳକ ପୁଅ ନବ ନାୟକଙ୍କୁ ତଣ୍ଟି କାଟି ଅତି ନୃଶଂସ ଭାବେ ହତ୍ୟା କରାଯାଇଥିଲା । ସେହି ହତ୍ୟାକାଣ୍ଡ ଘଟଣାରେ ଅଭିଯୁକ୍ତ ନନ୍ଦ କିଶୋର ଓ ପ୍ରକାଶକୁ ଫାଶୀ ଦଣ୍ଡାଦେଶ ଦେଇଥିଲେ ଆଠମଲ୍ଲିକ ଜିଲ୍ଲା ଦୌରା ଜଜ୍ ଓ ଏଡିଜେ କୋର୍ଟ । ହେଲେ ଉପର କୋର୍ଟରୁ ନିର୍ଦ୍ଦୋଷରେ ଖଲାସ ହେବା ପରେ ଆଇନ ବାଟବଣା ହୋଇଥିବା ଅଭିଯୋଗ କରିଛନ୍ତି ମୃତକଙ୍କ ସଂପର୍କୀୟ । ପରିବାର ପକ୍ଷରୁ ବେକରେ ଫଟୋ ଝୁଲାଇ ପ୍ରତିବାଦ କରାଯାଇଛି। ଯଦି ସେମାନେ ନିର୍ଦ୍ଦୋଷ ତେବେ ଅପରାଧୀ କିଏ ବୋଲି ପ୍ରଶ୍ନ କରିଛନ୍ତି । ପୁଲିସର ତଦନ୍ତକୁ ନେଇ ପ୍ରଶ୍ନ ଉଠାଇଛନ୍ତି ।

## ସମ୍ବଲପୁରୀ ଦିନ୍ ପାଳନ ପାଇଁ ପ୍ରସ୍ତୁତି ବୈଠକ

ସୁବର୍ଣ୍ଣପୁର,୩୦।୭ (ସଂଚାର ବ୍ୟୁରୋ): ବରିଷ୍ଠ ନାଗରିକ ସଂଗଠନ କାର୍ଯ୍ୟାଳୟ, ବୀରମହାରାଜପୁର ଠାରେ ଆସନ୍ତା ଅଗଷ୍ଟ ୧ତାରିଖରେ ସମ୍ବଲପୁରୀ ଦିନ୍ ପାଳନ କରାଯିବ।ଏ ସଂକ୍ରାନ୍ତରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠାନ ର ସଭାପତି ଡକ୍ଟର ପ୍ରଫୁଲ୍ଲ କୁମାର ରଥଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ହୋଇ ଯାଇଛି। ଭାଷା ସାହିତ୍ୟର ପୁରୋଧା ସତ୍ୟନାରାୟଣ ବହିଦାରଙ୍କ ଜନ୍ମଦିନକୁ ସମ୍ବଲପୁରୀ ଦିନ ଭାବରେ ପାଳନ କରନ୍ତି ସମଗ୍ର ପଶ୍ଚିମ ଓଡ଼ିଶାବାସୀ। ତେଣୁ ଏହିଦିନ ଅନୁଷ୍ଠାନ ର ସମସ୍ତ ସଦସ୍ୟ ସଦସ୍ୟା ସମ୍ବଲପୁରୀ ପୋଷାକ ପରିଧାନ ସହ ଦିବସ ବ୍ୟାପୀ ସମ୍ବଲପୁରୀ କବିତା ଆସର ଓ ଆଲୋଚନା ଚକ୍ର ପାଇଁ ବୈଠକରେ ନିଷ୍ପତ୍ତି ଗ୍ରହଣ କରା ଯାଇଥିବା ପ୍ରକାଶ। ପୁନଶ୍ଚ ଆସନ୍ତା ଅଗଷ୍ଟ ୨ତାରିଖରେ ବରିଷ୍ଠ ନାଗରିକ ମାନଙ୍କୁ ପରିଚୟ ପତ୍ର ପ୍ରଦାନ କରା ଯିବାର ବ୍ୟବସ୍ଥା କରା ଯାଇ ଥିବାରୁ ସେ ସଂକ୍ରାନ୍ତରେ ମଧ୍ୟ ଆଲୋଚନା କରାଯାଇଥିଲା। ଅନୁଷ୍ଠାନ ପକ୍ଷରୁ ପାଳନ କରାଯାଉଥିବା ସ୍ୱଭାବ କବି ଗଙ୍ଗାଧର ମେହେର ଜୟନ୍ତୀ ଓ ନୂଆଁ ଖାଇ ଭେଟ୍‌ଘାଟ୍ ସଂପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା।

## ବର୍ଷାରେ ଭାଙ୍ଗିଗଲା ଘର; ସାହାରା ଖୋଜୁଛନ୍ତି ଅସହାୟ ପରିବାର

କୁଚିଣ୍ଡା,୩୦।୭ (ସଂଚାର ବ୍ୟୁରୋ): ଚଳିତ ଥର ହୋଇଥିବା ଲଗାଣ ବର୍ଷା ଆଣିଦେଇଛି ଅନେକଙ୍କୁ ଦୁଃଖ । ବନ୍ୟା ଆସିଲା, ଛାଡ଼ି ବି ଗଲା ହେଲେ ଅନେକଙ୍କୁ ବେସାହାରା କରିଦେଲା । କାହାର ଘର ଭାଙ୍ଗି ଯାଇଛି ତ ଆଉ କାହାର ସର୍ବସ୍ୱ ମାଟିତଳେ ରହିଯାଇଛି । ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଉପଖଣ୍ଡରେ ବ୍ୟାପକ କ୍ଷତି କରିଛି ବର୍ଷା । କୁଚିଣ୍ଡା ଓ ବାମରା ବ୍ଲକରେ ଭାଙ୍ଗିଛି ଶହଶହ କଚ୍ଚା ଘର। ବାସହରା ହୋଇ କିଏ ପଲିଥିନ ତଳେ ରହୁଛି ତ ଆଉ କିଏ ବାର ଦୁଆର ବୁଲୁଛନ୍ତି। ସାହାରା ଖୋଜୁଛନ୍ତି କୁଚିଣ୍ଡା ବ୍ଲକ ବକ୍ସମା ପଞ୍ଚାୟତର ବୃଦ୍ଧ ଦମ୍ପତି। ବର୍ଷାରେ ଘର ଭାଙ୍ଗି ଯାଇଛି । ପ୍ରଶାସନ ସେମାନଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରାଇଛି । ସେହିଭଳି ଦୟନୀୟ ସ୍ଥିତିରେ ଅଛନ୍ତି ହାଲକାପଡ଼ାର ଏହି ବୃଦ୍ଧ ଦମ୍ପତି । ଘର ଭାଙ୍ଗିଯିବା ପରେ ପରଘରେ ଆଶ୍ରୟ ନେଇଛନ୍ତି। ଆଉ ପ୍ରାଶାସନିକ ସହାୟତାକୁ ଚାହିଁ ବସିଛନ୍ତି ।

## ଦୋକାନୀଙ୍କ କବ୍‌ଜାରେ ଫୁଟପାଥ୍

● ପ୍ରଶାସନ ନୀରବଦ୍ରଷ୍ଟା



ମ. ରାମପୁର,୩୦।୭ (ସଂଚାର ବ୍ୟୁରୋ): ପଥଚାରୀ ଙ୍କ ଗମନା ଗମନ କୁ ସୁଦୃଢ଼ କରିବା ପାଇଁ ସରକାର ଆପ୍ରାଣ ଉଦ୍ୟମ କରୁଥିବା ବେଳେ ବିଭିନ୍ନ ସମୟରେ କିଛି ଦୋକାନୀ ମାନେ ଅବାଧରେ ରାସ୍ତା କଡ ଗୁଡ଼ିକରେ ନିଜସ୍ୱ ବ୍ୟବସାୟ ପ୍ରତିଷ୍ଠାନ ବଢ଼େଇ ବେପାର ବୃଦ୍ଧି କରିବାରେ ଲାଗିଛନ୍ତି। ସେହିପରି ଭବାନୀପାଟଣା ରୁ ମ.ରାମପୁର ଚାରିଛକ ଜାତୀୟ ରାଜପଥ ୫୯ ନଂ ଯାଏଁ ସଂଯୋଗ ଥିବା ରାମପୁର ସହର ମଧ୍ୟ ଭାଗରେ ଥିବା ପୂର୍ତ୍ତ ବିଭାଗ ରାସ୍ତାର ଫୁଟପାଥ୍ ପାଦଚଲା ପଥଚାରୀ ଙ୍କ ପାଇଁ ଉଦ୍ଦିଷ୍ଟ ଥିବା ବେଳେ ମ. ରାମପୁର ସହରରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି।ଏଥିରେ କେତେକାଂଶ ଅସ୍ଥାୟୀ ବେପାରୀ ବିଭିନ୍ନ ପର୍ବ ପର୍ବାଣୀ ଗୁଡିକରେ ବ୍ୟବସାୟ ପାଇଁ ଫସରା ମେଲେଇ ଥିବା ବେଳେ କିଛି ସ୍ଥାୟୀ ଦୋକାନୀ ମାନେ ନିଜ ଦୋକାନ ବଢ଼େଇ ଫୁଟପାଥ ଉପରେ ବେଆଇନ ଭାବେ ସାମଗ୍ରୀ ରଖି ବର୍ଷ ବର୍ଷ ଧରି ବିକ୍ରି କରୁଥିବା ନଜିର ରହିଛି। ତେବେ ସହରରେ ଦିନକୁ ଦିନ ପଥଚାରୀ, ବାଇକ୍ ଆରୋହୀ, ହାଲୁକା ଯାନ, ଭାରିଯାନ ଚଳାଚଲା କରିବା ସହ ସ୍କୁଲ, କଲେଜ, ଛାତ୍ର ଛାତ୍ରୀ ଙ୍କ ଗମନା ଗମନ ଫଳରେ ରାସ୍ତା ପ୍ରାୟତ ସମୟରେ ଭିଡ଼ ରହୁଛି। ଏପରିକି ସ୍ଥାନୀୟ ବସଷ୍ଟାଣ୍ଡ ସହ ରାସ୍ତା କଡ଼ରେ ଏକ ସାପ୍ତାହିକ ହାଟ ପ୍ରତି ମଙ୍ଗଳବାର ଚାଲୁଥିବାରୁ ସେଦିନ ନାହିଁ ନଥିବା ଭିଡ଼ ସହ୍ ରାସ୍ତା ଜାମ୍ ହେଇଥାଏ ଫଳ ସ୍ୱରୂପ ବିଗତ ଦିନ ମାନଙ୍କରେ ଅନେକ ଦୁର୍ଘଟଣା ଘଟି ଲୋକଙ୍କ ଜୀବନ ଯାଇଛି। କିନ୍ତୁ ଏଥିପ୍ରତି କାହାରି ନିଘା ନାହିଁ।

## ୭ ଲୁଟେରା ଗିରଫ

ବଲାଙ୍ଗିର,୨୯।୭ (ସଂଚାର ବ୍ୟୁରୋ): ବଲାଙ୍ଗିର ସଦର ଥାନା ମାଧିଆପାଲି ନିକଟରେ ଗତ ୧୭ ତାରିଖ ରାତିର ଲୁଟ୍ ଘଟଣାରେ ସଦର ପୁଲିସ ୭ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ବଲାଙ୍ଗିର ଲକ୍ଷ୍ମୀନଗର ପଡ଼ାର ଶିବୁ ସ୍ୱାଇଁ, କନ୍ଦପାଲିପଡ଼ାର ବିଶ୍ୱରଞ୍ଜନ ତାଣ୍ଡି, ଚିମନିଭାଟିପଡ଼ାର ନରେଶ ସାହୁ, ବରପାଲିପଡ଼ାର ରିତେଶ ବେହେରା, ସୌମରଞ୍ଜନ କବାଟ, ରାମେଶ୍ୱର ନଗରର ସୁମନ୍ତ ପଣ୍ଡା ଓ ସୁବର୍ଣ୍ଣପୁର ଜିଲ୍ଲା ତରଭାର ଶକ୍ତି ଦାସକୁ ଗିରଫ କରି କୋର୍ଟ ଚାଲଣ କରିଛି। ଅଭିଯୋଗ ଅନୁସାରେ ଗତ ୧୭ ତାରିଖ ଦୁର୍ବୃତମାନେ ଟାଟା ଏସି ଗାଡି ଚାଳକ କେଶରକେଲାର ରାଜେଶ ପଧାନ, କନ୍ଧପାଲି ପଡ଼ାର ଅମର ଦୀପ ଓ ରାଣୀପାଲିର ରିଙ୍କୁ ନାଏକଙ୍କୁ ବାଇକରେ ଆସି ଅଟକାଇବା ସହ ମାଡ ମାରି ନଗଦ ଟଙ୍କା, ମୋବାଇଲ ଛଡାଇ ନେଇଥିଲେ। ଏନେଇ ରାଜେଶ ପଧାନଙ୍କ ଅଭିଯୋଗ ପରେ ସଦର ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଆଜି ୭ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲଣ କରିଥିବା ସଦର ପୁଲିସ ସୂଚନା ଦେଇଛି।

## ହାତୀ ଉତ୍ପାତ: ଜଣଙ୍କ ଜୀବନ ଗଲା, ଲୋକେ ଭୟଭୀତ

ଫିରିଙ୍ଗିଆ,୩୦।୭ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ଘୁମୁସର ଉଦୟଗିରିରେ ହାତୀ ଉପଦ୍ରବ ଜାରି ରହିଛି। ଦୁଇଦିନ ପରେ ହାତୀ ପୁଣି ରକ୍ତମୁଖା ହୋଇଛି। ଆଜି ଦନ୍ତା ଆକ୍ରମଣରେ ଜଣେ ଲୋକଙ୍କର ମୃତ୍ୟୁ ଘଟିଛି। ମୃତବ୍ୟକ୍ତି ହେଲେ ପ୍ରଶାନ୍ତ ନାୟକ। ଏହି ଘଟଣା ପରେ ସ୍ଥାନୀୟ ଲୋକେ ମୃତକଙ୍କ ଶବକୁ ବନାଞ୍ଚଳ କାର୍ଯ୍ୟାଳୟ ସମ୍ମୁଖରେ ରଖି ପ୍ରତିବାଦ କରିଛନ୍ତି। ଗ୍ରାମାଞ୍ଚଳ ଛାଡ଼ି ସହର ଭିତରେ ପଶି ବାରମ୍ବାର କ୍ଷୟକ୍ଷତି କରିଚାଲିଛନ୍ତି ଦୁଇ ଦନ୍ତା। ଦନ୍ତା ଭୟରେ ଲୋକ ରାତି ଉଜାଗର ରହିବାକୁ ପଡୁଛି। ସାରା ରାତି ଉଜାଗର ରହି ଦିନରେ କାର୍ଯ୍ୟ କରିବା ଅସମ୍ଭବ ହୋଇପଡ଼ିଛି ଗରିବ ଲୋକଙ୍କ ପାଇଁ। ଗୋଟିଏ ପଟେ ହାତୀ ଭୟ, ଫସଲ ନଷ୍ଟ ଅନ୍ୟ ପଟେ ଦିନର ରୋଜଗାର ବନ୍ଦ! ଧନହାନି ପ୍ରାଣ ପୀଡା ଦେଉଛି ଦୁଇ ଦନ୍ତା! ରାତି ପାହିଲେ ହାତୀ ଭୟ ! ଦୀର୍ଘ ମାସ ହେଲା କୁରୁମିଙ୍ଗିଆ, ସୁଜେଲି, ମାଲିକପଡ଼ି, ପଦାସାହି, ରାଇପଦା, ନନ୍ଦଗିରି, ପିଡିକାମହା, ରେଟୁଡ଼ି, ଗ୍ରେସଙ୍ଗିଆ, ରୁଦାଙ୍ଗିଆ, ମାଲାନସୁଗା, ଆଦି ବିଭିନ୍ନ ସ୍ଥାନରେ ହାତୀ ଉପଦ୍ରପ କରୁଛନ୍ତି। ନିକଟରେ ହାତୀମାନେ ପ୍ରଦୀପ ନାୟକ ଏବଂ ତାଙ୍କ ପୁଅ ପ୍ରକାଶ ନାୟକଙ୍କ ଘରେ ପଶି ତିନି ବଖରା ଘର ଭାଙ୍ଗି ଥିବା ବେଳେ ବହୁ ଆସବାବପତ୍ର ନଷ୍ଟ କରିବା ସହିତ ଗଛ ପତ୍ର ନଷ୍ଟ କରିଛନ୍ତି। ଗୋବର୍ଦ୍ଧନ ପ୍ରଧାନଙ୍କ ମକା ଫସଲ ନଷ୍ଟ କରିଥିଲେ। ହାତୀ ଘର ଭାଙ୍ଗିବା ଶବ୍ଦ ଶୁଣି ପ୍ରକାଶ ନାୟକ ତାଙ୍କ ପୁଅ ସ୍ତ୍ରୀ ଏବଂ ପରିବାର ର ପାଞ୍ଚ ଜଣ ପଡ଼ିଉଠି ମୁଖ୍ୟ ରାସ୍ତା କୁ ଦୌଡ଼ି ପଳାଇ ଜୀବନ ରକ୍ଷା କରିଥିଲେ।

## ଭଗବତୀ ମନ୍ଦିରରେ ପଶିଲା ନର୍ଦ୍ଦମା ପାଣି, ଭକ୍ତ ମହଲରେ ଅସନ୍ତୋଷ



ସୁବର୍ଣ୍ଣପୁର,୩୦।୭ (ସଂଚାର ବ୍ୟୁରୋ): ସାମାନ୍ୟ ବର୍ଷା ହେଲେ ଭଗବତୀ ମନ୍ଦିର ଭିତରକୁ ପଶୁଛି ରାସ୍ତାର ନର୍ଦ୍ଦମା ପାଣି ଏ ନେଇ ଭକ୍ତ ମହଲରେ ବ୍ୟାପକ ଅସନ୍ତୋଷ ବୃଦ୍ଧି ପାଉଛି। ବଡ଼ବଜାର ସ୍କୁଲ୍ ଛକ ଠାରୁ ଭଗବତୀ କଲ୍ୟାଣ ମଣ୍ଡପ ଛକ ପର୍ଯ୍ୟନ୍ତ ନୂତନ ନିର୍ମାଣଧିନ କଂକ୍ରିଟ ରାସ୍ତା କାମ ପ୍ରାୟ ୨ ମାସ ହେଲା ଚାଲିଥିବା ବେଳେ ତ୍ରୃଟି ପୂର୍ଣ୍ଣ ରାସ୍ତା କାମ ଯୋଗୁଁ ସାମାନ୍ୟ ବର୍ଷାରେ ରାସ୍ତା ର ସବୁ ପାଣି ମନ୍ଦିର ଭିତରକୁ ପଶୁଛି। ରାସ୍ତା କାମ ଶୀଘ୍ର ସାରିବା ନେଇ ଜନସାଧାରଣ ଦାବୀ କରୁଥିବା ବେଳେ ଆବଶ୍ୟକ ସ୍ଥାନରେ ନୂତନ ଡ୍ରେନ ନ କରି କେମିତି ରାସ୍ତା କାମ ହେଉଛି ବୋଲି ପ୍ରଶ୍ନ କରିଛନ୍ତି ଅଞ୍ଚଳ ବାସୀ। ଏ ନେଇ ମନ୍ଦିର କୁ ଦୈନିକ ଆସୁଥିବା ଶହ ଶହ ଭକ୍ତ ମହଲ ରେ ବ୍ୟାପକ ଅସନ୍ତୋଷ ଦେଖାଦେଇ ଥିବା ବେଳେ ପୌର ପ୍ରଶାସନକୁ ଦାୟୀ କରୁଛନ୍ତି ଜନସାଧାରଣ ତଥା ସ୍ଥାନୀୟ ଲୋକେ। ସେପଟେ ନିର୍ମାଣାଧୀନ ନୂତନ ରାସ୍ତାରେ ମଧ୍ୟ ପାଣି ଜମୁଥିବା ଏବଂ ରାସ୍ତା କାମ ଠିକ୍ ଭାବରେ ହେଉ ନ ଥିବା ଏବଂ ବାରମ୍ବାର ପୌର ପରିଷଦ ଯନ୍ତ୍ରୀ ଙ୍କୁ ଅଭିଯୋଗ କଲେ ମଧ୍ୟ କିଛି ସୁଫଳ ମିଳୁ ନ ଥିବା ନେଇ ଅଞ୍ଚଳ ର ବ୍ୟକ୍ତି ମାନେ ଲିଖିତ ଅଭିଯୋଗ ପୌର ଅଧିକାରୀ ଙ୍କ ପାଖରେ କରିଥିବା ସୂଚନା ଦେଇଛନ୍ତି। ଏ ନେଇ ତୁରନ୍ତ ପୌର ନିର୍ବାହୀ ଅଧିକାରୀ ଦୃଷ୍ଟି ଦେବାକୁ ଜନସାଧାରଣରେ ଦାବୀ ହେଉଛି।

## ବିପଦସଙ୍କୁଳ ପ୍ରକୋଷ୍ଠରେ ଚାଲିଛି ପାଠପଢ଼ା

କଳାହାଣ୍ଡି,୩୦।୭(ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲ୍ଲା କଲମପୁର ଗୋଷ୍ଠୀଶିକ୍ଷା ଅଧିକାରୀଙ୍କ ଅଧିନସ୍ତ ହାରାମାଲ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ବିପଦ ସଙ୍କୁଳ ପ୍ରକୋଷ୍ଠରେ ପାଠପଢୁଛନ୍ତି ଛାତ୍ରଛାତ୍ରୀ। ସୂଚନାଅନୁସାରେ ଏଠାରେ ପ୍ରଥମ ରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୭୦ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ସେମାନଙ୍କ ପାଇଁ ମାତ୍ର ଦୁଇଟି ଶ୍ରେଣୀ ଗୃହ ରହିଛି ସେ ଦୁଇ ଶ୍ରେଣୀ ଗୃହ ମଧ୍ୟ ବିପଦ ସଂକୁଳ ଅବସ୍ଥାରେ ରହିଛି। କେତେବେଳେ କଣ ଅଘଟଣ ଘଟିବ କିଛି କହି ହେଉନାହିଁ। ଏଭଳି ପରିସ୍ଥିତି ଯୋଗୁ ଶିକ୍ଷକମାନେ ବାଧ୍ୟହୋଇ କିଛି ଛାତ୍ରଛାତ୍ରୀଙ୍କୁ ବାରଣ୍ଡାରେ ବସାଇ ଶିକ୍ଷାଦାନ କରୁଛନ୍ତି। ଏହି ବିଦ୍ୟାଳୟ ୧୯୫୮ ମସିହାରୁ ସ୍ଥାପିତ ହୋଇଥିବା ବେଳେ ଦୀର୍ଘ ୬୬ବର୍ଷ ହେଲା ଛାତ୍ରଛାତ୍ରୀ ମାନଙ୍କ ଅଧ୍ୟୟନ କଲାଭଳି ପରିବେଶ ସୃଷ୍ଟି ହୋଇ ନପାରିବା ପରିତାପର ବିଷୟ। ଏହାର ପ୍ରମୁଖ କାରଣ ଜମିବିବାଦ ବୋଲି ଜଣାପଡିଛି। ଉକ୍ତ ବିଦ୍ୟାଳୟଟି ମହାଜନୀ ଜମିରେ ରହିଥିବା ନେଇ ଜମି ମାଲିକଙ୍କ ଉତ୍ତରାଧିକାରୀ ସ୍କୁଲ ସ୍ଥାନାନ୍ତର ପାଇଁ ଦାବି କରିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଏନେଇ ପରିଚାଳନା କମିଟି ବିଇଓଙ୍କୁ ଲିଖିତ ଭାବେ ଜଣାଇଥିଲେ। ବିଇଓ ସୁଶ୍ରୀ ମଧୁସ୍ମିତା ନାଏକ ବିଦ୍ୟାଳୟ ପାଇଁ ସରକାରୀ ଜମି ଯୋଗାଇ ଦେବାକୁ ତହସିଲଦାର ସ୍ମରଣିକା ତୁଳଙ୍କୁ ପତ୍ର ପ୍ରେରଣ କରିଥିଲେ । ତହସିଲଦାର ରାଜସ୍ୱ ନିରୀକ୍ଷକଙ୍କୁ ଜମି ଚିହ୍ନଟ ପାଇଁ ପ୍ରେରଣ କରିଥିଲେ ମଧ୍ୟ ସେଠାରେ ସରକାରୀ ଜମିନଥିବା ଦର୍ଶାଇ ରିପୋର୍ଟ ଦେଇଥିଲେ। ଫଳରେ ଏ ବିଦ୍ୟାଳୟ ଭବିଷ୍ୟତ କେଉଁ ରୂପ ନେବ ତାହା ଜଣାପଡୁନାହିଁ ।

# ୪ କ୍ୱିଣ୍ଟାଲ ଗଞ୍ଜେଇ ସହ ଟ୍ରକ ଓ କାର୍ ଜବତ: ୫ ଗିରଫ



ସୁବର୍ଣ୍ଣପୁର,୩୦।୭ (ସଂଚାର ବ୍ୟୁରୋ): ସୋନପୁର ଜିଲ୍ଲା ପୋଲିସ ତଥା ଉଲୁଣ୍ଡା ପୋଲିସ କୁ ମିଳିଛି ଏକ ବଡ ସଫଳତା। ଦିନକୁ ଦିନ ମାଫିଆ ମାନେ ବିଭିନ୍ନ ଉପାୟରେ ଗଞ୍ଜେଇ ଚାଲାଣ କରୁଥିବା ବେଳେ ଏପରି ଏକ ଘଟଣା ଦେଖିବାକୁ ମିଳିଛି ସୋନପୁର ଜିଲ୍ଲାରେ। ବୌଦ୍ଧ ଜିଲାରୁ ସୋନପୁର ରାସ୍ତା ଦେଇ ଟ୍ରକ୍‌ରେ ଦିଲ୍ଲୀ କୁ ଗଞ୍ଜେଇ ଚାଲାଣ ହେଉଥିଲା ବେଳେ ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ପୋଲିସ ଏହାକୁ ଧରିଛି। ମାଫିଆ ମାନେ ଗଞ୍ଜେଇ ଚାଲାଣ କରିବା ପାଇଁ ଟ୍ରକରେ ପ୍ରଥମେ କାଜୁ ଚୋପା ବୋଝେଇ କରିବା ପରେ ବୌଦ୍ଧ ଜିଲାକୁ ଆସି କାଜୁ ଚୋପା ଭିତରେ ଗଞ୍ଜେଇ ବସ୍ତାରେ ଭର୍ତ୍ତି କରି ଫୁଲବାଣୀ ପଟରୁ ବୌଦ୍ଧ ଜିଲ୍ଲା ମନମୁଣ୍ଡା ବାଟ ହୋଇ ସୁବର୍ଣ୍ଣପୁର ଦେଇ ଦିଲ୍ଲୀ କୁ ଚାଲାଣ କରୁଥିବା ବେଳେ ଏକ ବ୍ରିଜା କାରରେ ନଂ ଓଡି୦୭ଏନ -୧୯୧୮ ରେ ୩ ଜଣ ଯୁବକ ଟ୍ରକ୍‌କୁ ଏସକଟ ଦେଉଥିଲେ। ସୁବର୍ଣ୍ଣପୁର ଏସପି ନାରାୟଣ ନାୟକ ବିଶ୍ୱସ୍ତ ସୂତ୍ରରୁ ଏହି ଖବର ପାଇବା ପରେ ଗଞ୍ଜେଇ ଚୋରା ଚାଲାଣକାରୀ ମାନେ ସମ୍ବଲପୁର ରାସ୍ତାରେ ଯାଉଥିବା ବେଳେ ଉଲୁଣ୍ଡା ଥାନାଧିକାରୀ ଙ୍କୁ ଧରିବା ପାଇଁ ଏସ୍‌ପି ନିର୍ଦ୍ଦେଶ ଦେବା ସହ ନିଜେ ମଧ୍ୟ ପରେ ପରେ ଗଞ୍ଜେଇ ବୋଝେଇ ଟ୍ରକ୍ ପିଛା କରିଥିଲେ। ଉଲୁଣ୍ଡା ଥାନା ଆଇଆଇସି ଲିଙ୍ଗରାଜ ସେଠୀ ଓ ଏସଆଇ ଦେବାଶିଷ ସାହୁଙ୍କ ନେତୃତ୍ୱରେ ପୋଲିସ ଟିମ୍ ଉଲୁଣ୍ଡା ଥାନା ସମ୍ମୁଖରେ ଟ୍ରକ୍ ନଂ. ବିଆର ୦୬ ଜିଡି ୩୨୨୨ କୁ ଅଟକାଇ ତନଖି କରିବା ସମୟରେ କାଜୁ ଚୋପା ଭିତରେ ଥିବା ୧୩ଟି ବଡ ବସ୍ତାରେ ଥିବା ୪କୁଇଣ୍ଟାଲ ୩୧ କିଲୋ ୬୦୦ଗ୍ରାମ ଗଞ୍ଜେଇ ମିଳିଥିଲା। ଏଥି ସହ ତାଙ୍କ ପାଖରୁ ନଗଦ ୧ ଲକ୍ଷ ୯୭ ହଜାର ଟଙ୍କା ଓ ୭ ଟି ମୋବାଇଲ ଜବତ କରିବା ସହ ଟ୍ରକ୍ ଡ୍ରାଇଭର ବିହାର ମତିହାର ଜିଲ୍ଲା ମେହେସି ର ରାଜକୁମାର ରାଏ (୩୪), ହେଲପର ମୁଜାଫରପୁର ଜିଲ୍ଲା ମାଧପୁରହାଜର ଅଞ୍ଚଳର ବିକାଶ କୁମାର(୧୯)ଙ୍କୁ ଗିରଫ କରାଯାଇଥିଲା। ଏଥି ସହ କାରରେ ଏସକଟ ଦେଉଥିବା ଗଞ୍ଜେଇ ମାଫିଆ ବୌଦ୍ଧ ଜିଲା କଣ୍ଟାମାଳ ଥାନା ରୁଣ୍ଡି ମହୁଲ ଗ୍ରାମର ଶଙ୍କର୍ଷଣ ବାରିକ (୪୪), ମନମୁଣ୍ଡା ଥାନା ଧୁଙ୍ଗିଆପଦର ଗ୍ରାମର ପରାସର ଥାଟି (୨୨) ଓ ସମ୍ବଲପୁର ଜିଲ୍ଲା ଟାଉନ ଥାନା ନନ୍ଦପଡାର ଜଗଦୀଶ ବାଗ(୩୦) ଙ୍କୁ ଗିରଫ କରିବା ସହ ପୋଲିସ କାର, ଟ୍ରକ ଓ ଗଞ୍ଜେଇ ଜବତ କରି ୫ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରିଥିବା ଏସପି ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏ ନେଇ ଏକ ମାମଲା ଉଲୁଣ୍ଡା ଥାନା କେସ ନଂ ୧୦୧/୨୮.୭.୨୫ ଟ/ସ୍ୱ-୨୦(ଭ)(୨) ଉ/ ୨୯ ଏନ୍‌ଡିପିଏସ୍ ଆକ୍ଟ ରେ ମାମଲା ରୁଜୁ ହୋଇଥିବା ସୂଚନା ଦିଆଯାଇଛି। ତେବେ ଗିରଫ ଶଙ୍କର୍ଷଣଙ୍କ ନାମରେ ପୂର୍ବରୁ ମଧ୍ୟ ବଲାଙ୍ଗୀର ଟାଉନ ଥାନାରେ ଗଞ୍ଜେଇ ଚୋରାଚାଲାଣ ସମ୍ପର୍କିତ ମାମଲା ଥିବା ପୋଲିସ କହିଛି।